# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୯/୨୦୨୪ (୧୮ ପୃଷ୍ଠା) | Bhubaneswar, Wednesday, October 9/2024 | Page 18 | ₹ 7.00 | SAMBALPUR

୫୦ଶ ଭାଗ ୩୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 316 | ମୂଲ୍ୟ ₹୭/-




## ୧୧ରୁ ଓଟିଟିରେ 'ସର୍‌ଫିରା'

ଅଭିନେତା ଅକ୍ଷୟ କୁମାରଙ୍କ 'ସର୍‌ଫିରା' ଫିଲ୍ମ ଆସନ୍ତା ୧୧ରୁ ଓଟିଟି ପ୍ଲାଟ୍‌ଫର୍ମ 'ଡିସ୍‌ନି ପ୍ଲସ୍ ହଟ୍‌ଷ୍ଟାର୍'ରେ ଷ୍ଟ୍ରିମିଂ ହେବାକୁ ଯାଉଛି।

୧୩

୧୪

## ଅର୍ପିତାଙ୍କୁ ସ୍ୱର୍ଣ୍ଣ ପଦକ

ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ବାଳିକା ଜାଭେଲିନ୍ ଥ୍ରୋରେ ପି. ଅର୍ପିତା ଅର୍ଚ୍ଚନା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



### ୧୦ ମାଓବାଦୀ ପ୍ରଭାବିତ ଜିଲା ପାଇଁ 'ଗ୍ରାମୋଦୟ'

ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

### ଦୁଇ ରାଜ୍ୟର ଭିନ୍ନ ଫଳ







## ହରିୟାଣା

# ଭାଜପାର ହ୍ୟାଟ୍ରିକ୍

ନୂଆଦିଲ୍ଲୀ,୮।୧୦

ହରିୟାଣା ଓ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ସଦ୍ୟ ଅନୁଷ୍ଠିତ ନିର୍ବାଚନର ବହୁପ୍ରତୀକ୍ଷିତ ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭାର ୪୮ ଆସନରେ ସଫଳତା ସହ ଶାସକ ଭାଜପା ହ୍ୟାଟ୍ରିକ୍ ବିଜୟ ଲାଭ କରିଛି। ଏଠାରେ ଭାଜପାଠାରୁ କ୍ଷମତା ଛଡ଼ାଇ ନେବା ପାଇଁ ଆଶାବାଦୀ ଥିବା କଂଗ୍ରେସକୁ ନିରାଶ ହେବାକୁ ପଡ଼ିଛି। ବିରୋଧୀ ଦଳ ୩୭ ଆସନରେ ସୀମିତ ହୋଇ ରହିଯାଇଛି। ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି) ମାତ୍ର ୨ ଆସନ ପାଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ୩ ଆସନ ଦଖଲ କରିଛନ୍ତି। କିଙ୍ଗମେକର ହେବାକୁ ଆଶା ବାନ୍ଧିଥିବା ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏବଂ ଲୋକ ସଭା ନିର୍ବାଚନ ବେଳେ ଅଧିକ ଆସନ ଦାବିକରି ☞ପୃଷ୍ଠା-୨

| ମୋଟ ଆସନ: ୯୦ | |
|---|---|
| ଭାଜପା | ୪୮ |
| କଂଗ୍ରେସ | ୩୭ |
| ଆଇଏନ୍‌ଏଲ୍‌ଡି | ୨ |
| ସ୍ୱାଧୀନ | ୩ |



ନାଏବ ସିଂ ସାଇନି

## ଜମ୍ମୁ-କଶ୍ମୀର

# ଏନ୍‌ସି-କଂଗ୍ରେସକୁ ବହୁମତ



ଓମାର ଅବଦୁଲ୍ଲା

| ମୋଟ ଆସନ: ୯୦ | |
|---|---|
| ଏନ୍‌ସି | ୪୨ |
| କଂଗ୍ରେସ | ୬ |
| ଭାଜପା | ୨୯ |
| ପିଡିପି | ୩ |
| ଏଏପି | ୧ |
| ସିପିଏମ୍ | ୧ |
| ଜେପିସି | ୧ |
| ସ୍ୱାଧୀନ | ୭ |

ଶ୍ରୀନଗର,୮।୧୦

୧ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି କେନ୍ଦ୍ରୀୟ ଶାସନ ଚାଲିଥିବା ଜମ୍ମୁ-କଶ୍ମୀରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଛି। ଭାଜପା ଦ୍ୱିତୀୟରେ ଥିବାବେଳେ କଂଗ୍ରେସ ୩ ନମ୍ବର ସ୍ଥାନ ପାଇଛି। ୨୦୧୪ରେ ଭାଜପା ସହ ମିଶି ମେଣ୍ଟ ସରକାର ଗଢ଼ିଥିବା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି)କୁ ଏଥର ମାତ୍ର ୩ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏପରି କି ପିଡିପି ମୁଖ୍ୟ ମେହବୁବା ମୁଫ୍‌ତିଙ୍କ ଝିଅ ଇଲ୍‌ତିଜା ମଧ୍ୟ ନିର୍ବାଚନରେ ହାରିଯାଇଛନ୍ତି। ସେହିପରି ଏନ୍‌ସି-କଂଗ୍ରେସର ଆସନ ହ୍ରାସ କରିବାରେ ଇଞ୍ଜିନିୟର ରାଶିଦ୍ ଓ ଗୁଲାମନବୀ ଆଜାଦ ବଡ଼ ଭୂମିକା ନେବେ ବୋଲି ଅନେକେ ଆକଳନ କରିଥିଲେ। ଏହାକୁ ରଣନୀତି ଭାବେ ପ୍ରୟୋଗ କରାଯାଇଥିଲେ ମଧ୍ୟ ନିର୍ବାଚନରେ ଏହି ଫ୍ୟାକ୍ଟର କାମ ଦେଇନାହିଁ। ଭୋଟର ନକାରାତ୍ମକ ☞ପୃଷ୍ଠା-୨

ଏକ୍‌ଜିଟ୍ ପୋଲ୍ ଯେ ଏକ୍‌ଜାଟ୍ ପୋଲ୍ ନୁହେଁ, ତାହା ମଙ୍ଗଳବାର ହରିୟାଣାର ୯୦ ଏବଂ ଜମ୍ମୁ-କଶ୍ମୀରର ୯୦ ଆସନର ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। ହରିୟାଣାରେ ଭାଜପାକୁ ହରାଇ କଂଗ୍ରେସ କ୍ଷମତା ଛଡ଼ାଇ ନେବ ବୋଲି ଅଧିକାଂଶ ସର୍ବେକ୍ଷଣ ସଂସ୍ଥା ପୂର୍ବାନୁମାନ କରିଥିଲେ। କିନ୍ତୁ ଶାସକ ଦଳ ସ୍ପଷ୍ଟ ଜନାଦେଶ ପାଇ ତୃତୀୟ ଥର ସରକାର ଗଢ଼ିବାକୁ ଯାଉଛି। ୨୦୧୯ରେ ଭାଜପା ୪୦ ଆସନ ଜିତିଥିବାବେଳେ ଏଥର ୪୮ ଆସନରେ ବିଜୟୀ ହୋଇଛି। ସେହିପରି ଏକ ଦଶନ୍ଧି ପରେ ସରକାର ବାଛିବା ପାଇଁ ସୁଯୋଗ ପାଇଥିବା ଜମ୍ମୁ-କଶ୍ମୀର ଭୋଟର ଫାରୁକ୍ ଅବଦୁଲ୍ଲାଙ୍କ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପରେ ଭରସା କରିଛନ୍ତି। ଉପତ୍ୟକାରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠୁ ଉନ୍ନୟନମୂଳକ କାର୍ଯ୍ୟ ଆଧାରରେ ଭାଜପା ବିଜୟ ଆଡ଼କୁ ମୁହାଁଇପାରେ ବୋଲି କେତେକେ ଅନୁମାନ କରୁଥିଲେ। କିନ୍ତୁ ଏକ୍‌ଜିଟ୍ ପୋଲ୍‌ର ଆକଳନ ପ୍ରାୟତଃ ଏନ୍‌ସି ଏବଂ କଂଗ୍ରେସ ମେଣ୍ଟ ସପକ୍ଷରେ ରହିଥିଲେ ମଧ୍ୟ ସେଥିରୁ ଝୁଲା ସ୍ଥିତିର ସଙ୍କେତ ମିଳିଥିଲା। ଭୋଟ ଗଣତି ପରେ ୪୨ ଆସନରେ ବିଜୟୀ ହୋଇଥିବା ଏନ୍‌ସି ତା'ର ସହଯୋଗୀ କଂଗ୍ରେସ ସହ ମିଶି ସରକାର ଗଢ଼ିବାକୁ ଯାଉଛି। ଭାଜପା ଜମ୍ମୁରେ ଉନ୍ନତ ପ୍ରଦର୍ଶନ କରିଥିବାବେଳେ କଶ୍ମୀରରେ ଦଳକୁ ନିରାଶ ହେବାକୁ ପଡ଼ିଛି। କଂଗ୍ରେସ ଅପେକ୍ଷାକୃତ ଖରାପ ପ୍ରଦର୍ଶନ କରିଛି। ୩୮ ଆସନରେ ଲଢ଼ି ଦଳ ମାତ୍ର ୬ ଆସନରେ ବିଜୟୀ ହୋଇଛି। ଏହା ମଧ୍ୟ ଏକ୍‌ଜିଟ୍ ପୋଲ୍ ପଣ୍ଡିତଙ୍କୁ ଭୁଲ୍ ପ୍ରମାଣିତ କରିଛି।


**ପ୍ରଥମ ଶ୍ରାଦ୍ଧବାର୍ଷିକ**

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟର୍ଥେ ନ ତ୍ୱଂ ଶୋଚିତୁ ମହର୍ଷି । ।



**୰ଘନଶ୍ୟାମ ଜେନା** — ତିରୋଧାନ: ୦୯.୧୦.୨୦୨୩

**୰ହେମଲତା ଜେନା** — ତିରୋଧାନ: ୦୮.୧୦.୨୦୨୩

ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା, ଆପଣଙ୍କ ଅାବର୍ତ୍ତମାନରେ ସୃଷ୍ଟି ହୋଇଥିବା ଶୂନ୍ୟତାର ଅନୁଭୂତି ଭାଷାରେ ପ୍ରକାଶ କରିବା କଷ୍ଟକର । ଆପଣ ଦୁଇଜଣ ପରସ୍ପରର ପରିପୁରକ ଥିଲେ । ମାତ୍ର ଗୋଟିଏ ଦିନର ବ୍ୟବଧାନରେ ପରସ୍ପର ଡକାଡକି ହୋଇ ଆରପାରିକୁ ଚାଲିଗଲେ, ପଛରେ ଛାଡିଗଲେ ବିରାଟ ଶୂନ୍ୟତା । ଆପଣଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଅନୁଷ୍ଠାନମାନଙ୍କର କର୍ମକର୍ତ୍ତା ଓ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ପରିବାର ଲୋକଙ୍କ ଯାଏଁ ସମସ୍ତଙ୍କୁ ସ୍ୱର୍ଗରେ ରହି ଆଶିର୍ବାଦ କରୁଥାନ୍ତୁ । ଆପଣ ଦୁହିଙ୍କ ପବିତ୍ର ଆତ୍ମା ଚିର ମୁକ୍ତି ଲାଭକରୁ ଏହା ହିଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

Founder of FCI Workers' Union, All India Food and Allied Workers' Union, Paradeep Port & Dock Mazdoor Workers' Union, Ghanashyam Hemalata Vidya Mandir Society, FCI Workers' Credit Co-operative Society, IFFCO Karmachari & Shramik Union, Petroleum Products Handling & Carriers Employees Union

**ଶୋକସନ୍ତପ୍ତ :**

ପରିବାରବର୍ଗ, ବନ୍ଧୁ, ଆତ୍ମୀୟସ୍ୱଜନ, ଅନୁଷ୍ଠାନର କର୍ମକର୍ତ୍ତା ଓ କର୍ମଚାରୀବୃନ୍ଦ





# ମୁଖ୍ୟ ତୋରଣରେ ଭାଇ ଜିଉନ୍ତିଆ ଝଲକ

ସମ୍ବଲପୁର,୮।୧୦(ବି.ଶଙ୍କର)

ସମ୍ବଲପୁରର ବିଭିନ୍ନ ଶକ୍ତି ପୀଠରେ ମଙ୍ଗଳବାର ରୀତିନୀତି ଅନୁସାରେ ଶାରଦୀୟ ଷଷ୍ଠୀ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଛି। ବିଭିନ୍ନ ଦୁର୍ଗ ପୂଜା କମିଟି କର୍ମକର୍ତ୍ତମାନେ ଦେବୀଙ୍କୁ ଆବାହନ କରିବାକୁ ସୁସଜ୍ଜିତ ପୂଜା ମଣ୍ଡପ ତିଆରି କରିଛନ୍ତି। ଏଥିସହ ପଶ୍ଚିମଓଡ଼ିଶାର ନିଆରା ଭାଇ ଜିଉନ୍ତିଆ ବ୍ରତ ଲାଗି ଭଉଣୀମାନେ ମା'ବାପାଙ୍କ ଘରକୁ ଆସିଛନ୍ତି । ଦିନକ ପରେ ଭାଇ ଜିଉନ୍ତିଆ ପର୍ବ। ଏହିକ୍ରମରେ ସମ୍ବଲପୁର ସହର ଧୁଚୁରାପଡା ଦୁର୍ଗାପୂଜା ଚଳିତ ବର୍ଷ ୬୧ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ମୁଖ୍ୟ ତୋରଣରେ ଭାଇ ଜିଉନ୍ତିଆ ବ୍ରତ ଝଲକ୍ ସ୍ଥାନ ପାଇଛି। ବିରାଟ କଳସ ଉପରେ ତମ୍ବା ପାତ୍ର (ପରାତ) ରହିଛି। ପରାତ ଉପରେ ଭାଇଜିଉନ୍ତିଆ ସମାଗ୍ରୀ ସ୍ଥାନିତ କରଯାଇଛି । ପୂଜା ସକାଶେ ୪ ଲକ୍ଷରୁ ଅଧିକ ଟଙ୍କାର ବ୍ୟୟ ବରାଦ ହୋଇଛି । ମୁଖ୍ୟ ତୋରଣ ପାଇଁ ୨ଲକ୍ଷ ୮୦ ହଜାର, ମୂର୍ତ୍ତି ୩୦ ହଜାର, ଆଲୋକ ସାଜସଜ୍ଜା ୮୦ ହଜାର ଏବଂ ଭସାଣୀ ଉତ୍ସବରେ ୮୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କମିଟି ପକ୍ଷରୁ ସୂଚିତ



ସମ୍ବଲପୁର ଧୁଚୁରାପଡା ମୁଖ୍ୟ ତୋରଣରେ ଭାଇ ଜିଉନ୍ତିଆ ବ୍ରତ ଝଲକ ।

କରାଯାଇଛି। କମିଟି ସଭାପତି ବୁଲୁ ପୂଜାରୀ, ବିଶ୍ୱନାଥ ମୁଣ୍ଡା, ସଚିନ ସର୍ଡା ଏବଂ ସୁଶାନ୍ତ ମହାକୁଡ, ସଞ୍ଜୀବ ସୁନାରି ଏବଂ ଜିତୁ ଗିଡି କ୍ଷିରୋଦ ତାଣ୍ଡିଆ ଏବଂ ଅବିନାଶ କେରକେଟା କର୍ମକର୍ତ୍ତା ରହିଛନ୍ତି।

ସେହିପରି ଫାର୍ମ ରୋଡ ଚେରୁଆ ପଡ଼ା ଦୁର୍ଗା ପୂଜା ୪୦ ବର୍ଷ ଉପଲକ୍ଷେ ଭସାଣୀ ଶୋଭାଯାତ୍ରାକୁ ଗୁରୁତ୍ୱ

**୬୧ ବର୍ଷରେ ଧୁଚୁରାପଡା ଦୁର୍ଗାପୂଜା**

- ଚେରୁଆପଡା ଦୁର୍ଗାପୂଜା: ଭସାଣି ଶୋଭାଯାତ୍ରାକୁ ଗୁରୁତ୍ୱ
- ସାକ୍ଷିପଡାରେ ଦେବୀଙ୍କୁ ଛପନ ଭୋଗ ଅର୍ପଣ ହେବ

ଦେଇଛନ୍ତି। ଏଥର ୬୦ଫୁଟ ଉଚ୍ଚ ରାଜ ମହଲରେ ବିରାଜିବେ ଦେବୀ । ୧୬ ତାରିଖରେ ହେବାକୁ ଥିବା ଭସାଣୀ ଶୋଭାଯାତ୍ରାରେ ମୟୂର ନାଚ, ବାଘ ନାଚ, ସମ୍ପ୍ରଦା ଏବଂ ମେଲୋଡି ସାମିଲ ହେବେ । କମିଟି ୧୨ ଲକ୍ଷ ଟଙ୍କାର ବଜେଟ ରଖିଛନ୍ତି । ମୁଖ୍ୟ ତୋରଣ ପାଇଁ ୪ ଲକ୍ଷ, ମୂର୍ତ୍ତି ପାଇଁ ୪୫ ହଜାର, ଆଲୋକ ସାଢ଼େ ୪ ଲକ୍ଷ ଏବଂ ଭସାଣୀ ପାଇଁ ୨ ଲକ୍ଷ ୮୦ ହଜାର ଟଙ୍କା ରଖାଯାଇଛି । କମିଟି ସଭାପତି ବିଦ୍ୟାଧର ବେହେରା, ଉପସଭାପତି ବାବୁଲୁ ପଟେଲ, ସମ୍ପାଦକ ବିକାଶ ପଟ୍ଟନାୟକ, ସହ ସମ୍ପାଦକ ପ୍ରଶାନ୍ତ ମେହେର, କୋଷାଧ୍ୟକ୍ଷ ଯୁଧିଷ୍ଠିର ମେହେର ଏବଂ ସହ କୋଷାଧ୍ୟକ୍ଷ ଶଙ୍କର ସିଂଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ଆଗେଇ ଚାଲିଛି ।

ଅପରପକ୍ଷେ ୪୫ବର୍ଷରେ ପଦାର୍ପଣ କରିଥିବା ସାକ୍ଷୀ ପଡ଼ା ଦୁର୍ଗା ପୂଜା କମିଟି ଦେବୀଙ୍କଠାରେ ଛପନ ଭୋଗ ଅର୍ପଣ କରିବାକୁ ସ୍ଥିର କରିଛନ୍ତି । ଚଳିତ ବର୍ଷ ମନ୍ଦିର ଆକୃତିର ତୋରଣରେ ଭକ୍ତମାନଙ୍କୁ ଆକୃଷ୍ଟ କରିବ । ତେଣୁ ୪୦ଫୁଟ ଉଚ୍ଚର ତୋରଣ ନିର୍ମାଣ କରାଯାଇଛି । ବର୍ଷ ପୂଜା କମିଟି ପକ୍ଷରୁ ୮ଲକ୍ଷ ଟଙ୍କାର ବଜେଟ ସ୍ଥିର କରାଯାଇଛି । ମୂର୍ତ୍ତୀ ପାଇଁ ୩୦ହଜାର ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ମୁଖ୍ୟ ତୋରଣରେ ସାଢ଼େ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ଏଥିସହ ଆଲୋକ ସାଜ ସଜ୍ଜାରେ ୨ ଲକ୍ଷ ଟଙ୍କାର ବଜେଟ କରାଯାଇଥିବା କମିଟି ପକ୍ଷରୁ ସୂଚିତ କରାଯାଇଛି । ନବମୀ ତିଥିରେ ଦେବୀଙ୍କୁ ୫୬ ଭୋଗ ଅର୍ପଣ କରାଯିବ । ଆଇନ ଶୃଙ୍ଖଳା ଓ ଚୋରୀ ରାହାଜାନିରୁ ରକ୍ଷା ପାଇଁ କମିଟି ପକ୍ଷରୁ ସିସି କ୍ୟାମେରା ବ୍ୟବସ୍ଥା କରାଯାଇଛି ବୋଲି କମିଟି ସଭାପତି ପ୍ରବୀଣ ସିଂଦେଓ କହିଛନ୍ତି। ଉପସଭାପତି ନବୀନ ପଟ୍ଟନାୟକ, ସମ୍ପାଦକ ପଙ୍କଜ ରାଉତ ଏବଂ କୋଷାଧ୍ୟକ୍ଷ ପ୍ରସନ୍ନ ବେବର୍ତ୍ତାଙ୍କ ସମେତ କମିଟି ସଭ୍ୟମାନେ କାର୍ଯ୍ୟରେ ଲାଗିଛନ୍ତି।

# ଗଣିତ, ବିଜ୍ଞାନ ଓ ପରିବେଶ ମେଳା

ନାକଟୀଦେଉଳ,୮।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଡ଼ଇଁଚା ବାପୁଜୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ଗଣିତ, ବିଜ୍ଞାନ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ବିଚାରକଭାବେ ଜଗନ୍ନାଥ ପ୍ରସାଦ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଆକାଶ କୁମାର ସାହୁ, ସରାପାଲି ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ କୁସୁମ ମଞ୍ଜରୀ ଧଳ ବିଚାରକଭାବେ ଯୋଗଦେଇଥିଲେ। ଶିକ୍ଷକ ବସନ୍ତ କୁମାର ସାହୁ, ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ସାହୁ, ଶୋଭାଗିନୀ ମାଝୀ ବିଜ୍ଞାନ ପ୍ରକଳ୍ପର ମାର୍ଗଦର୍ଶକ ଥିଲେ। ଏହି ପ୍ରତିଯୋଗିତାରେ ଉଚ୍ଚବିଦ୍ୟାଳୟସ୍ତରରେ ୯ମ ଶ୍ରେଣୀ ଛାତ୍ରୀ ଚୁଲବୁଲି ସାହୁ ପ୍ରଥମ, ୧୦ମ ଶ୍ରେଣୀ ଛାତ୍ରୀ ପାୟଲ ସାହୁ ଦ୍ୱିତୀୟ ଏବଂ ପ୍ରିନସୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରରେ ୮ମ ଶ୍ରେଣୀ ଛାତ୍ରୀ ତନୁଜା ଧଳ ପ୍ରଥମ, ୭ମ ଶ୍ରେଣୀ ଛାତ୍ର ରିତେଶ ଧଳ ଦ୍ୱିତୀୟ ଏବଂ ଏବଂ ୬ଷ୍ଠ ଶ୍ରେଣୀ ଛାତ୍ରୀ ଜ୍ୟୋତିର୍ମୟୀ ରାଉଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାକଟୀଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡ଼ା. ଅମୂଲ୍ୟରତ୍ନ ମହନ୍ତ, ସମ୍ମାନୀତ ଅତିଥିଭାବେ ଡ଼ଇଁଚା ପଞ୍ଚାୟତର ସରପଞ୍ଚ ସୌଦାମିନୀ ପ୍ରଧାନ, ସମିତି ସଭ୍ୟ ତଥା ମୋ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରବୀଣ କୁମାର ପ୍ରଧାନ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶ୍ୱିନୀ କୁମାର ଧଳ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ହଳଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥି, ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

# ଚିତ୍ରକଳା ପ୍ରଦର୍ଶନୀ ଆବାହନୀ ଉଦ୍‌ଯାପିତ

ସମ୍ବଲପୁର,୮।୧୦ (ଭବାନୀ ଶଙ୍କର ଭୋଇ)

**ସାମିଲ ହେଲେ ୩୬ ଯୁବ କଳାକାର**

ସମ୍ବଲପୁର ବଡ଼ବଜାର ଗୌରୀଶଙ୍କର ସାହାଣୀ ପାର୍କସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀ ଆଞ୍ଚଳିକ ଆର୍ଟ ଗାଲେରୀରେ ଆୟୋଜିତ ୬ ଦିନିଆ ଚିତ୍ରକଳା ପ୍ରଦର୍ଶନୀ ଆବାହନୀ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ବରିଷ୍ଠ ଚିତ୍ରଶିଳ୍ପୀ ଭୋଳନାଥ ନାୟକ, ରାଧାରମଣ ମୁଦୁଲି ଏବଂ ସଞ୍ଜୟ ସାହୁ ଅତିଥି ଭାବରେ ଯୋଗଦେଇଥିଲେ। ବିଦ୍ୟାପତି ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଦର୍ଶନୀରେ ପ୍ରିତମ ବାରିକ, ଶ୍ରୀମୟ ନାୟକ, ଲୋକନାଥ ସାହାଣୀ, ଯୁଗଳ ବାରିକ, ଯତୀନ ପାଢୀ, ଆଶିଷ ମେହେର, ତନୁଶ୍ରୀ ଧର, ନମ୍ରତା ନାୟକ, ଅଭିଷେକ ବିଶ୍ୱାଳ, ବର୍ଷା ମହାକୁଡ, ଥବିର ସିଭିଲ, କମଳିନୀ ମହାଲିଙ୍ଗ, ଅପର୍ଣ୍ଣା ପଣ୍ଡା, ଖୁସି ସାହା, ପୂଜା ଜଗଦଲା ପ୍ରମୁଖଙ୍କ ଚିତ୍ର ସ୍ଥାନିତ ହୋଇଥିଲା। ଏହି ଅବସରରେ ପ୍ରଦର୍ଶନୀରେ ସାମିଲ ଯୁବ ଚିତ୍ରଶିଳ୍ପୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ପ୍ରଦର୍ଶନୀ ଅବସରରେ ଗତ ରବିବାର ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର ୧୫ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ସଞ୍ଜୟ ସାହୁ ଏବଂ ପବିତ୍ର ବେରିହା ବିଚାରକ ଦାୟିତ୍ୱ ତୁଲାଇଥିଲେ। ସୂଚନାଯୋଗ୍ୟଯେ, ସମ୍ବଲପୁରର ଯୁବ ଚିତ୍ରଶିଳ୍ପୀଙ୍କ ଉଦ୍ୟମରେ ଗତ ୩ତାରିଖରୁ ଏହି ଚିତ୍ରକଳା ପ୍ରଦର୍ଶନୀ ଆବାହନୀ ଆରମ୍ଭ ହୋଇଥିଲା। ଯୁବ ଚିତ୍ରଶିଳ୍ପୀ କୁଳଦୀପ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ।



ଚିତ୍ରକଳା ପ୍ରଦର୍ଶନୀ ଆବାହନୀର ଉଦଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ଚିତ୍ରଶିଳ୍ପୀ।

# ମରୁଡ଼ି ସ୍ଥିତି ଅନୁଧାନକଲେ ଅଧିକାରୀ



ଅଧିକାରୀମାନେ ମରୁଡି ପ୍ରଭାବିତ କ୍ଷେତ ବୁଲି ଦେଖୁଛନ୍ତି।

ନାକଟୀଦେଉଳ,୮।୧୦(ବୈକୁଣ୍ଠନାଥ ସାହୁ)

**ଗିରିଶ୍ଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ**

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅଞ୍ଚଳରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ହେବା ଫଳରେ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ଚାଷୀମାନେ ସେମାନଙ୍କ ଜମିରେ ଆଦୌ ଚାଷ କରି ନ ଥିବା ଅଭିଯୋଗ ହୋଇଛି। ବ୍ଲକ ଅନ୍ତର୍ଗତ ଗିରିଶ୍ଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚଳିତ ବର୍ଷ ଚାଷୀମାନେ ବର୍ଷା ଅଭାବରୁ ଧାନ ବୁଣା କିମ୍ବା ରୁଆ ବେଉଷଣ କରି ପାରିନାହାନ୍ତି। ଏପରିକି ଯେଉଁ କେତେକ ଜମିରେ ଚାଷ ହୋଇଥିଲା ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ତାହା ଅଧାରେ ଅଟକି ରହିଥିଲା। ଫଳରେ ଚାଷୀମାନେ ଆସନ୍ନ ମରୁଡ଼ି ପରିସ୍ଥିତିରେ ଚଳିତବର୍ଷ ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏ ସମ୍ପର୍କରେ ଗିରିଶ୍ଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ କୃଷକ ସଙ୍ଗଠନ ପକ୍ଷରୁ ନାକଟୀଦେଉଳ ତହସିଦାରଙ୍କଠାରେ ଲିଖିତ ଅଭିଯୋଗ ହୋଇଛି। ଚାଷୀମାନେ ତହସିଲଦାରଙ୍କ ନିକଟରେ କରିଥିବା ଅଭିଯୋଗ ଅନୁସାରେ ଚଳିତବର୍ଷ ବିଳମ୍ବିତ ମୌସୁମୀ ପ୍ରବାହ ଏବଂ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମରେ ଚାଷ କାମ ବାଧାପ୍ରାପ୍ତ ହୋଇଛି। ପ୍ରାୟ ୧୨୦ ହେକ୍ଟରରୁ ଅଧିକ ଚାଷଜମିରେ ବେଉଷଣ ହୋଇପାରିନାହିଁ। ଏଥିସହିତ ଅନେକ ଜମି ମଧ୍ୟ ପଡ଼ିଆ ପଡିଛି। ଗିରିଶ୍ଚନ୍ଦ୍ରପୁରଠାରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ଅଧିକ ଜଳ ଧାରଣ କରି ଚାଷ ଜମିରେ ବିନିଯୋଗ କରାଯିବା ବ୍ୟବସ୍ଥା ନ ଥିବା ବେଳେ କେନାଲରେ ଯାହା କିଛି ପାଣି ଆସୁଛି ତାହା ଚାଷୀମାନେ ପାଳି କରି ଜମିରେ ମଡ଼ାଉଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ କ୍ଷେତ୍ର ପରିଦର୍ଶନ ପୂର୍ବକ ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡ ସୁଧାରିବା ପାଇଁ ବିହିତ ପଦକ୍ଷେପ ନେବାକୁ କୃଷକ ସଙ୍ଗଠନ ପକ୍ଷରୁ ନାକଟୀଦେଉଳ ତହସିଲଦାର, ବ୍ଲକ କୃଷି ଅଧିକାରୀ ଏବଂ ଜିଲା କୃଷି ଅଧିକାରୀଙ୍କୁ ଗତ ଶନିବାର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ମଙ୍ଗଳବାର ନାକଟୀଦେଉଳ ତହସିଲଦାର ଅମର ଜେ.ଡୁଙ୍ଗଡୁଙ୍ଗ, ବ୍ଲକ କୃଷି ଅଧିକାରୀ ମଧୁମତୀ ମୁର୍ମୁ, କିସିଣ୍ଡା ରାଜସ୍ୱ ନିରୀକ୍ଷକ ଦୀପକ କୁମାର ବେହେରା ଏବଂ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତ ଗ୍ରାମ୍ୟ କୃଷି କର୍ମଚାରୀ ଶରତ କୁମାର ବାରିକ ମିଳିତଭାବେ କଞ୍ଚନପୁର, ବୁରୁବୁଡ଼ା, ପାଣିଗ୍ରାହୀପାଲି ଗ୍ରାମକୁ ଯାଇ ଅଭିଯୋଗ କରିଥିବା ଚାଷୀ ଏବଂ ଚାଷୀ ସଙ୍ଗଠନ ସମ୍ପାଦକ ସରୋଜ ବିଶିଙ୍କ ଉପସ୍ଥିତିରେ ମରୁଡି ସ୍ଥିତିର ଅନୁଧାନ କରିଥିଲେ। ଅନୁଧାନ ରିପୋର୍ଟ ଜିଲା କୃଷି ବିଭାଗକୁ ପ୍ରଦାନ କରାଯିବ ବୋଲି ତହସିଲଦାର ଅମର ଜେ.ଡୁଙ୍ଗଡୁଙ୍ଗ କହିଛନ୍ତି।

# କ୍ୱାର୍ଟରରେ ଭାଲୁବାହାଲ ଏଫ୍‌ସି

କୁଚିଣ୍ଡା,୮।୧୦(ବିରଞ୍ଚି ଦର୍କା)

**ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟ**

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ଚାଲିଥିବା ଜୟଦୁର୍ଗା ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଦିବସରେ ୩ଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ ଗୁଣ୍ଡୁରୁଟୁଆଁ ନାଏକ ବ୍ରଦର୍ସ ଓ କୁକମ ଏଫ୍‌ସି ମଧ୍ୟରେ ହୋଇଥିଲା। ଟାଇବ୍ରେକର ମାଧ୍ୟମରେ କୁକୁମ ଏଫସି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ କୁଚିଣ୍ଡା ସ୍କାଏ ଏଫସି ସହ ଭାଲୁବାହାଲ ଜୁନିୟର ଏଫସି ମଧ୍ୟରେ ହୋଇଥିଲା। ୪−୩ଗୋଲରେ ଭାଲୁବାହାଲ ଜୁନିୟର ଏଫସି ବିଜେତା ହୋଇଥିଲା। ତୃତୀୟ ମ୍ୟାଚ(ପ୍ରିକ୍ୱାର୍ଟର ଫାଇନାଲ)କୁକମ ଏଫସି ବନାମ ଭାଲୁବାହାଲ ଜୁନିୟର ଏଫସି ମଧ୍ୟରେ ହୋଇଥିଲା। ୩−୦ ଗୋଲରେ ଭାଲୁବାହାଲ ଜୁନିୟର ଏଫ୍‌ସି ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଖେଳକୁ ସରୋଜ କିଷାନ, ବାପି ବାଘ, ସରୋଜ ସାହୁ, ବୀରସିଂ କିଷାନ ଓ ରାଜକୁମାର ମହାପାତ୍ର ପରିଚାଳନା କରିଥିଲେ। ଦ୍ୱିତୀୟ ଦିବସ ଖେଳକୁ ଅତିଥିଭାବେ ବସଷ୍ଟାଣ୍ଡ ଦୁର୍ଗାପୂଜା କମିଟି ସଭାପତି ପ୍ରମୋଦ ଛୁରିଆ, ଅଶୋକ ଶର୍ମା, ସୁଶୀଲ କର, ସଞ୍ଜିତ ଶର୍ମା, ଡିଲେଶ୍ୱର ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ।

# ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର କ୍ୱାର୍ଟର୍ସ ଉଦ୍‌ଘାଟିତ

ସମ୍ବଲପୁର, ୮।୧୦(ପ୍ରମୋଦ ବହିଦାର)

ସିଆର୍‌ପିଏଫ୍) ଗ୍ରପ୍ ସେଣ୍ଟରର ଚିପିଲିମା ସ୍ଥିତ ନବ ନିର୍ମିତ ସରକାରୀ ଗୃହ(କ୍ୱାର୍ଟର୍ସ) ସହିତ କ୍ୟାମ୍ପସର ଅନ୍ୟାନ୍ୟ ଭିତ୍ତିଭୂମି ଉଦ୍‌ଘାଟିତ ହୋଇଛି। ସିଆର୍‌ପିଏଫ୍ ଓଡ଼ିଶା ସେକ୍ଟର ମହାନିରୀକ୍ଷକ ଡ. ଅର୍ଚ୍ଚନା ଶିବହରେ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପୂର୍ବରୁ ସିଆର୍‌ପିଏଫ୍ ଉପ ମହାନୀରିକ୍ଷକ ସଞ୍ଜୟ କୁମାର ସିଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଗହଣରେ ତାଙ୍କୁ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। ନବନିର୍ମିତ କ୍ୟାମ୍ପସରେ ପ୍ରାୟ ୬୮ କୋଟି ୧୮ଲକ୍ଷ ବ୍ୟୟ ଅଟକଳରେ ମୋଟ୍ ୩୪୮ଟି ପାରିବାରିକ ଗୃହ(କ୍ୱାର୍ଟର୍ସ) ନିର୍ମାଣ ହୋଇଛି। ମହାନୀରିକ୍ଷକ କ୍ୱାର୍ଟରଗୁଡ଼ିକ ଉଦ୍‌ଘାଟନ କରି ବୁଲି ଦେଖିଥିଲେ। ଏହି ଅବସରରେ ସେ ୧୦୬ ସିଆର୍‌ପିଏଫ୍ କର୍ମଚାରୀଙ୍କ ମଧ୍ୟରୁ ୫ ଜଣଙ୍କୁ ନୂତନ କ୍ୱାର୍ଟର୍ସର ଚାବି ହସ୍ତାନ୍ତର କରିଥିଲେ। ଏହାବାଦ ୧୧ କୋଟି ଟଙ୍କା ବ୍ୟୟରେ ନିର୍ମିତ କ୍ୟାମ୍ପସ ରାସ୍ତା ଓ ଷ୍ଟ୍ରିଟ୍ ଲାଇଟ୍ ସହିତ ଶିଶୁ ଓ ମହିଳାଙ୍କ ବୌଦ୍ଧିକ ଓ ବୈଷୟିକ ବିକାଶ ପାଇଁ ଗ୍ରୁପ୍ ସେଣ୍ଟର ପରିସରରେ ଥିବା ପରିବାର କଲ୍ୟାଣ କେନ୍ଦ୍ର ପାଠାଗାର ଓ କମ୍ପ୍ୟୁଟର ଲ୍ୟାବ ଉଦ୍‌ଘାଟନ କରିଥିଲେ।

# ଗୀତା ଆବୃତ୍ତି ପ୍ରତିଯୋଗିତା

ନାକଟୀଦେଉଳ,୮।୧୦(ବୈକୁଣ୍ଠନାଥ ସାହୁ)

ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ସମ୍ବଲପୁର ଜିଲା ନାକଟୀଦେଉଳ ସ୍ନାତକ ମହାବିଦ୍ୟାଳୟରେ ମଙ୍ଗଳବାର ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଅଧ୍ୟାପିକା ଡକ୍ଟର୍ ପୁଷ୍ପାଞ୍ଜଳି ରବନା, ଅଧ୍ୟାପକ ଶେଷଦେବ ବିଶ୍ୱାଳ ଓ ଅଧ୍ୟାପକ ଭଜମୋହନ ପ୍ରଧାନ ଯୋଗ ଦେଇଥିଲେ । ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଡିମ୍ପଲ ସାହୁ ୧ମ, ମୌସୁମ ସାହୁ ୨ୟ ଓ ଆଦିତ୍ୟ ପ୍ରଧାନ ୩ୟ ହୋଇଥିଲେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତର ରେ ଜମୁନା କର୍ମୀ ୧ମ, ଡାଲିମ ସାହୁ ୨ୟ ଓ କାମିନୀ ମାଝୀ ୩ୟ ସ୍ଥାନ ଅଧିକାର କରିଥିଲେ। ହାଇସ୍କୁଲ ସ୍ତର ଗୀତା ଆବୃତ୍ତି ପ୍ରତିଯୋଗୀତାରେ ଅଭିପ୍ସା ଦାଶ ୧ମ, ଝମ୍ପିରାଣୀ ବିଶ୍ୱାଳ ୨ୟ ଓ ଅମ୍ବିକା ରାଉଳ ୩ୟ ହୋଇଥିଲେ। ମହାବିଦ୍ୟାଳୟ ସ୍ତରରେ ଝମ୍ପିରାଣୀ ସାହୁ ୧ମ, ରଚନା ମାଝୀ ୨ୟ ଓ ଗୀତାଞ୍ଜଳି ମିର୍ଦ୍ଧା ୩ୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ଯୋଗଦେଇ ଗୀତାର ମହତ୍ତ୍ୱ, ବାର୍ତ୍ତା, ମହନୀୟତା ଓ ଶିକ୍ଷଣୀୟ ଉପାଦାନ ସମ୍ପର୍କତ୍ରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଲିଟିନା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିବାବେଳେ ଜୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।




ଅତିଥିଙ୍କ ସହ ଗୀତା ଆବୃତ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

# ରାବଣପୋଡ଼ି ଉତ୍ସବରେ ସମ୍ମାନିତ ହେବେ ଆଖଡ଼ା ଦଳ

ସମ୍ବଲପୁର,୮।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ସହର ଦଳେଇପଡ଼ା ଅନନ୍ତରାମ କ୍ଲବ ପକ୍ଷରୁ ରାବଣପୋଡ଼ି ଉତ୍ସବକୁ ଧୁମ୍‌ଧାମ୍‌ରେ ଆୟୋଜନ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ଥାନୀୟ ଏକ ହୋଟେଲରେ କ୍ଲବ ସଭାପତି ସିଦ୍ଧାର୍ଥ ସାହାଙ୍କ ସଭାପତିତ୍ୱରେ ମଙ୍ଗଳବାର ପୂର୍ବାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କ୍ଲବ ପକ୍ଷରୁ ରାବଣପୋଡ଼ି ଉତ୍ସବ ଅୟୋଜନର ରୂପରେଖ ସମ୍ପର୍କରେ ସୂଚନା ଦିଆଯାଇଛି। ସଭାପତି ସାହାଙ୍କ ସୂଚନା ଅନୁସାରେ ଆସନ୍ତା ୧୩ ତାରିଖ ବିଜୟା ଦଶମୀ ଅବସରରେ କ୍ଲବ ପକ୍ଷରୁ ରିଂରୋଡ଼ର ମହାନଦୀର ଦଳେଇପଡ଼ାରେ ୧୩ତମ ରାବଣପୋଡ଼ି ଉତ୍ସବ ହେବ। ଏଥିପାଇଁ ପ୍ରାୟ ୧୦ରୁ ୧୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିପାଇଁ ପ୍ରାୟ ଶହେ ଫୁଟ ଉଚ୍ଚତା ବିଶିଷ୍ଟ ରାବଣର ପ୍ରତିକୃତି ନିର୍ମାଣ କରାଯିବ। ଚଳିତ ବର୍ଷ ପରିବେଶ ଉପଯୋଗୀ ସବୁଜ ବାଣର ରଙ୍ଗବେରଙ୍ଗ ଆତସବାଜି ଅନ୍ତରାମ କ୍ଲବ ଦ୍ୱାରା ଆୟୋଜିତ ରାବଣପୋଡ଼ି ଉତ୍ସବର ମୁଖ୍ୟ ଆକର୍ଷଣ ହେବ। ରାବଣ ଦହନ ସମୟରେ ଆତସବାଜୀରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଞ୍ଜୁରୀପ୍ରାପ୍ତ ସବୁଜ ବାଣ




ଖବରଦାତା ସମ୍ମିଳନୀରେ ରାବଣପୋଡ଼ା ଉତ୍ସବ ନେଇ ଆୟୋଜକ ସୂଚନା ଦେଉଛନ୍ତି।

**ପରିବେଶ ଉପଯୋଗୀ ବାଣ ବ୍ୟବହାର ହେବ**

ବ୍ୟବହାରକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ରାବଣ ପୋଡ଼ି ଦେଖିବା ପାଇଁ ରାବଣ ଦହନ ସ୍ଥାନରୁ ପ୍ରାୟ ୨ଶହ ମିଟର ଦୂରରେ ବସିବା ବ୍ୟବସ୍ଥା କରାଯିବ। ଉତ୍ସବ ପାଇଁ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଛି। ଏଥରେ ଲୁପ୍ତପ୍ରାୟ ଅବସ୍ଥାରେ ଉପନୀତ ଆଖଡ଼ା ଖେଳକୁ ସାମିଲ କରାଯିବ। ଆଖଡ଼ା ଭଳି ପାରମ୍ପରିକ ସମରକଳାର ପୁନରୁଦ୍ଧାର ପ୍ରାୟାସ ସ୍ୱରୂପ ଚଳିତବର୍ଷ ରାବଣପୋଡ଼ି ଉତ୍ସବରେ ଅଖଡ଼ା ଖେଳର ଶୋଭାଯାତ୍ରା ଆୟୋଜନ କରାଯିବ। ଏଥିରେ ଆଖଡ଼ା ଓସ୍ତାଦମାନେ ସେମାନଙ୍କ ସମର କଳାନୈପୁଣ୍ୟକୁ ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ତେବେ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଶୋଭାଯାତ୍ରାରେ ଭାଗନେଇଥିବା ସମସ୍ତ ଆଖଡ଼ା ଦଳକୁ ରାବଣପୋଡ଼ି ଉତ୍ସବରେ ସମ୍ମାନିତ କରାଯିବ। ଏ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ସହରର ୮ଟି ଆଖଡ଼ା ଦଳ ଭାଗ ନେବା ନିଶ୍ଚିତ ହୋଇ ସାରିଛି ବୋଲି କହିଛନ୍ତି ସାହା। ରାବଣପୋଡ଼ି ଉତ୍ସବରେ ମୁଖ୍ୟଅତିଥିଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥିଭାବେ ବିଧାୟକ ଜୟନାରାୟଣ ମିଶ୍ର ଯୋଗଦେବାକୁ ସହମତି ପ୍ରକାଶ କରିଛନ୍ତି। ଉତ୍ତରାଞ୍ଚଳ ଆଇଜି, ସମ୍ବଲପୁର ଜିଲାପାଳ, ଆରକ୍ଷୀ ଅଧିକ୍ଷକ, ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀଙ୍କ ସହିତ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ମଧ୍ୟ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇ ସେମାନଙ୍କ ନିକଟରୁ ପ୍ରତିଶ୍ରୁତିକୁ ଅପେକ୍ଷା କରାଯାଇଛି। ପ୍ରାରମ୍ଭରେ ରାବଣପୋଡ଼ି ମହୋତ୍ସବ କମିଟି ସମ୍ପାଦକ ଅନୁପ ତରିଆ ପ୍ରାରମ୍ଭିକ ସୂଚନା ଦେଇଥିଲେ। କମିଟି ଉପସଭାପତି ସତ୍ୟନାରାୟଣ ବେରିହା ଧନ୍ୟବାଦ ଅର୍ପଣ କରିଥିଲେ। ଖବରଦାତା ସମ୍ମିଳନୀରେ ସମରଜିତ ପଟ୍ଟାନାୟକ, ରାହୁଲ ଠାକୁର ପ୍ରମୁଖ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଧନୁଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

କୋମନା,୮।୧୦(ସୋବିନ ଛତ୍ରିଆ)- ନୂଆପଡ଼ା ଜିଲା କୋମନା ବ୍ଲକ କାନ୍ଦେତରା ଧନୁଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଗତି ୟୁଥ କ୍ଲବ ସଭାପତି ପୁରନ୍ଦର ସତ୍‌ନାମୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉପସଭାପତି ଅସୀମ ବେଗ, ସମ୍ପାଦକ କ୍ଷମା ସାଗର ସତ୍‌ନାମୀ, ସହ ସମ୍ପାଦକ ଚୁନୁଲାଲ ସତ୍‌ନାମୀ, କୋଷାଧ୍ୟକ୍ଷ ଜ୍ଞାନେଶ୍ୱର ରଣା, ପ୍ରଦିପ କୁମାର ସତ୍‌ନାମି, ଦିଗମ ସାହୁ, ଫିରୋଜ ଖାଁ, ଦୌଲତ ସତ୍‌ନାମି, ସୁରେନ୍ଦ୍ର ସତ୍‌ନାମି, କିଶୋର ସତ୍‌ନାମି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଏ ବର୍ଷ ଧନୁଯାତ୍ରା ନଭେମ୍ବର ୧୩ରୁ ଆରମ୍ଭ ହୋଇ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ନେଇ ସ୍ଥିର କରାଯାଇଛି। କଂସ ଭୂମିକାରେ ସଲଙ୍ଗିପଡ଼ାର ଶିକ୍ଷକ ମଧୁସୂଦନ ପାଣିଗ୍ରାହୀ ଅଭିନୟ କରିବେ। ସେହିପରି ମିନାବଜାର, କଂସ ଦରବାର, ଷ୍ଟାର ନାଇଟ କାର୍ଯ୍ୟକ୍ରମ ହେବା ପାଇଁ ଆଲୋଚନା ହୋଇଛି।

### ବଜରଙ୍ଗ ଦଳ ପକ୍ଷରୁ ଅସ୍ତ୍ରଶସ୍ତ୍ର ପୂଜା

**ରିଷିଡ଼ା,୮।୧୦ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ମା' ତାରିଣୀ ଶୈବ, ଶକ୍ତିପୀଠରେ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ପ୍ରଖଣ୍ଡ ପକ୍ଷରୁ ଦଶହରା ପଞ୍ଚମୀ ମଙ୍ଗଳବାର ଅସ୍ତ୍ରଶସ୍ତ୍ର ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ବଜରଙ୍ଗ ଦଳ କର୍ଲାମୁଣ୍ଡା ବ୍ଲକ ପ୍ରଖଣ୍ଡ ସଭାପତି ସୁଶାନ୍ତ ମଲ୍ଲିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଶ୍ୱ ହିନ୍ଦୁ ପରିଷଦ କର୍ଲାମୁଣ୍ଡା ବ୍ଲକ୍ ସଂଯୋଜକ ମୁରଲୀଧର ରଣା, ରିଷିଡ଼ା ସରସ୍ୱତୀ ଶିଶୁମନ୍ଦିର ଆଚାର୍ଯ୍ୟ ମହେନ୍ଦ୍ର ବାରିକ, ବାସୁଦେବ ସେଲ୍‌ମା, ରିଷିଡ଼ା ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣା, କନ୍ଦର୍ପ ରଣା, ମହେନ୍ଦ୍ର ପ୍ରଧାନୀ, ହିମାଂଶୁ ରଣା, ଭାଜପା ମଣ୍ଡଳ ସଭାପତି ସଞ୍ଜୟ ଜୈନ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦ୍ରୋଣାଚାର୍ଯ୍ୟ ସ୍କୁଲରେ ମାତୃପିତୃ ଦିବସ

**କେସିଙ୍ଗା,୮।୧୦(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ କେନ୍ଦୁପଡ଼ା ଦ୍ରୋଣାଚାର୍ଯ୍ୟ ସ୍କୁଲରେ ଅଧ୍ୟକ୍ଷା ଅର୍ଚ୍ଚନା ଅଗ୍ରୱାଲଙ୍କ ନେତୃତ୍ୱରେ ମଙ୍ଗଳବାର ମାତୃପିତୃ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମାତାପିତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ସକ୍ଷମ ପକ୍ଷରୁ ଦିବ୍ୟାଙ୍ଗ ସଚେତନତା ଶିବିର

**ନୂଆପଡ଼ା,୮।୧୦ (ମକାରୁ ବେମାଲ):** ସ୍ଥାନୀୟ ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ଜିଲା ଦିବ୍ୟାଙ୍ଗ ସେବାକେନ୍ଦ୍ର ଓ ସକ୍ଷମ ସଂଗଠନ ମିଳିତ ଆନୁକୂଲ୍ୟରେ ଦିବ୍ୟାଙ୍ଗମାନଙ୍କୁ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ସଂଯୋଜକ ଭକ୍ତବନ୍ଧୁ ଧରୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବିଜୁ ପଟ୍ଟନାୟକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟ ଅଧ୍ୟକ୍ଷା ରାଜେଶ୍ୱରୀ ସାମନ୍ତ ମୁଖ୍ୟ ଅତିଥି, ସଂଯୋଜକ ସୁରୁ ବାଗ, ଅନିତା ମାଝି, ଦିଲିପ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଦିବ୍ୟାଙ୍ଗ ଚିହ୍ନଟିକରଣ, ଦିବ୍ୟାଙ୍ଗଙ୍କୁ ଠିକ ସମୟରେ ପ୍ରମାଣପତ୍ର ପ୍ରଦାନ, ଛାତ୍ର ବୃତ୍ତି, ଶିକ୍ଷା ଋଣ ଉପରେ ଆଲୋଚନା କରାଯାଇଥିଲା।

### ଖଡ଼ିଆଳ କଲେଜରେ ବୋର୍ଡ ଅଫ୍ ଷ୍ଟଡି ବୈଠକ

**ଖଡ଼ିଆଳ,୮।୧୦ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୋର୍ଡ ଅଫ୍ ଷ୍ଟଡି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଭାରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷା ଅଧିକାରୀ ଡ. ରଣବୀର ସିଂହ ଓ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ତରୁଣ କୁମାର ପ୍ରଧାନଙ୍କ ସମେତ ସମସ୍ତ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ୧୮ ଗୋଟି ବିଭାଗରେ ନୂଆ ଶିକ୍ଷାନୀତି ଅନୁଯାୟୀ ବାର୍ଷିକ ପାଠ୍ୟ ଖସଡ଼ା, ବିଭିନ୍ନ ବିଷୟକ ପେପର ସଂଯୋଗ କରାଯାଇଥିଲା। କାର୍ଯ୍ୟକ୍ରମରେ ମୋଟ ୯୭ ଜଣ ସଦସ୍ୟ ଉପସ୍ଥିତ ଥିଲେ।



କଳାକାରଙ୍କ ଦ୍ୱାରା ଡାଣ୍ଡିଆ ନୃତ୍ୟ ପରିବେଷଣ।

# ନବରାତ୍ର ପୂଜା: ମନମୋହୁଛି ଡାଣ୍ଡିଆ ନୃତ୍ୟ

**ନୂଆପଡ଼ା,୮।୧୦ (ମକାରୁ ବେମାଲ)**

ନୂଆପଡ଼ା ଜିଲା ମୁଖ୍ୟାଳୟ ପାର୍ବଣ ପାଇଁ ଉତ୍ସବମୁଖର ହୋଇଉଠିଛି। ତେଲିପଡ଼ା, ଶ୍ରୀରାମ ଛକ, ସିରତୋଲରେ ନବରାତ୍ର ପୂଜା ଆରମ୍ଭ ହୋଇଥିବାରୁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ରାତ୍ରିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହା ମଧ୍ୟରେ ଡାଣ୍ଡିଆ ନୃତ୍ୟ ଦର୍ଶକଙ୍କ ମନ ମୋହୁଛି। ପ୍ରତ୍ୟହ ସନ୍ଧ୍ୟାରେ ସିରତୋଲ, ତେଲିପଡ଼ା, ଶ୍ରୀରାମ ଛକ ଓ ବଦ୍ରିଧାମରେ ଡାଣ୍ଡିଆ ନୃତ୍ୟ ପରିବେଷିତ ହେଉଛି। ସ୍ଥାନୀୟ ବୟୋଜ୍ୟେଷ୍ଠଙ୍କ କହିବା ମୁତାବକ ୧୯୬୦ରେ ନୂଆପଡ଼ା ସହରର ପୁରୁଣା ବସ୍ତି ରାଜବେଢ଼ାରୁ ଦଶହରା ପର୍ବ ଆରମ୍ଭ ହୋଇଥିଲା। ୧୯୭୦ ଦଶକରେ ସହରର ମୁଖ୍ୟ ବଜାର ପ୍ରାଙ୍ଗଣରେ ଛୋଟ ଆକାରରେ ମେଢ କରି ପୂଜା କରାଯାଉଥିଲା। ପରବର୍ତ୍ତୀ ସମୟରେ ୧୯୯୪-୯୫ରେ ସିରତୋଲ ବସ୍ତିରେ ଦ୍ୱିତୀୟ ଭାବରେ ଦୁର୍ଗା ମେଢ ଓ ପୂଜା ଆରମ୍ଭ ହେଲା । ଏହି ପୂଜା ନବଦିନାତ୍ମକ ଭାବେ ହୋଇଆସୁଛି । ୨୦୧୨-୧୩ରେ ଶ୍ରୀରାମ ଛକ, ତେଲିପଡା ଛକ, ପୋଲିସ ପଡିଆ, ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଦୁର୍ଗାପୂଜା ଆରମ୍ଭ ହୋଇ ବର୍ତ୍ତମାନ ୫ ସ୍ଥାନରେ ଦୁର୍ଗା ମେଢ ସହ ଶ୍ରୀରାମ ମନ୍ଦିର, ଦୁର୍ଗା ମନ୍ଦିର, ହନୁମାନ ମନ୍ଦିରରେ ନବରାତ୍ର ପୂଜା ଅନୁଷ୍ଠିତ ହେଉଛି । ପ୍ରତ୍ୟେକ ପୂଜା କମିଟି ପକ୍ଷରୁ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଧ୍ୟାନ ଦିଆଯାଇଛି। ପୂଜା ମଣ୍ଡପ ସମ୍ମୁଖରେ ଯାତ୍ରାପାର୍ଟି, ପାଲା, ସଂକୀର୍ତ୍ତନ, ଦାସକାଠିଆ, ଅର୍କେଷ୍ଟ୍ରା ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ନୂଆପଡ଼ା ଜିଲା ଛତିଶଗଡ ରାଜ୍ୟକୁ ଲାଗି ରହିଥିବାରୁ ଛତିଶଗଡି ପରମ୍ପରା ଅନୁସାରେ ଛତିଶଗଡି ନାଚ, ମେଲୋଡି, ସୁର ଝଙ୍କାର ଆଦି ଅୟୋଜନ କରାଯାଉଛି ।

# ଚାଷୀଙ୍କ ଜମିକୁ ଜଳସେଚନ ପାଇଁ କେନାଲ କାମ ସମ୍ପୂର୍ଣ୍ଣ

**କେସିଙ୍ଗା,୮।୧୦(ତୁମେଶ୍ୱର ସାହୁ)**

ଜଳ ସମ୍ପଦ ବିଭାଗ ସେଚାଞ୍ଚଳ ଉନ୍ନୟନ ବିଭାଜନ ୬-ଭବାନୀପାଟଣା ପକ୍ଷରୁ କେସିଙ୍ଗା ବ୍ଲକ୍‌ର କାଣ୍ଡେଲ ଗ୍ରାମସ୍ଥିତ କରନାଲି କାଣ୍ଡେଲ-୨ରେ ଚାଷୀଙ୍କ ଜମିକୁ ଜଳସେଚନ ପାଇଁ କେନାଲ କାମ ଇତିମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। କାଣ୍ଡେଲ ଗ୍ରାମସ୍ଥିତ ଶିବଶକ୍ତି ପାଣି ପଞ୍ଚାୟତକୁ ବିଭାଗ ପକ୍ଷରୁ କେନାଲ କାମ ପାଇଁ ଦାୟିତ୍ୱ ଦିଆଯାଇଛି। କାଣ୍ଡେଲ ୧ ଓ ୨ରେ କେନାଲ ଦ୍ୱାରା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜମି ଜଳସେଚିତ ହୋଇପାରୁଛି। ଫଳରେ ସେମାନେ ଖରିଫ ଓ ରବିଋତୁରେ ଧାନ, ଗହମ, ପନିପରିବା ଚାଷ କରିପାରୁଛନ୍ତି। କାଣ୍ଡେଲ-୨ କରନାଲ



କାଣ୍ଡେଲ -୨ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କେନାଲ।

କେନାଲ ଦ୍ୱାରା ୧୪ଜଣ ଓ କାଣ୍ଡେଲ-୧ କେନାଲ ଦ୍ୱାରା ୩୬ଜଣ ଚାଷୀ ଉପକୃତ ହେଉଛନ୍ତି। କାଣ୍ଡେଲ ଗ୍ରାମର ଯୁବ ଚାଷୀ ଡ. ସଦାନନ୍ଦ ପୁଟେଲ ୫୦ ହେକ୍ଟର ଜମିରେ ଧାନ, କପା, ମୁଗ, ବିରି, ପନିପରିବା ଚାଷକରି ଜିଲା ତଥା ରାଜ୍ୟରେ ଜଣେ ଶ୍ରେଷ୍ଠ ଚାଷୀ ଭାବେ ପରିଚିତ ହୋଇଛନ୍ତି। ଏ ସଂକ୍ରାନ୍ତରେ ଜଳ ସମ୍ପଦ ବିଭାଗ ସେଚାଞ୍ଚଳ ଉନ୍ନୟନ ବିଭାଜନ- ୬ ଭବାନୀପାଟଣାର କନିଷ୍ଠ ଯନ୍ତ୍ରୀ ରୂପାସିକ୍ତା ବେହେରା କହନ୍ତି, କାଣ୍ଡେଲ ଗ୍ରାମପଞ୍ଚାୟତର ସଫଳ ଚାଷୀଙ୍କ ଜମିକୁ ଜଳସେଚନ କରାଯିବା ପାଇଁ ଅର୍ଥ ମଞ୍ଜୁରୀ ହୋଇଛି। ବର୍ତ୍ତମାନ ୭୫% କାମ ସମ୍ପୂର୍ଣ୍ଣ ହୋଇ ବାକି ଥିବା ଅଞ୍ଚଳରେ କେନାଲ କାମ ଚାଲିଛି ବୋଲି ପ୍ରକାଶ କରିଥିଲେ।

### ଏକକ ଅଭିଯାନରେ ଖେଳକୁଦ କାର୍ଯ୍ୟକ୍ରମ

**ବୋଡ଼େନ,୮।୧୦ (ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଆମଗୁଡା ଖେଳପଡିଆଠାରେ ଏକକ ଅଭିଯାନ ମାଧ୍ୟମରେ ଖେଳକୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟିକେଶ୍ୱର ନାଗ, ଅଧ୍ୟାପକ ଗୟାଧର ମହାନ୍ତି, ଲଇବାନ ନିଆଲ, ରଜନୀ ନିଆଲ, ଯଶୋଦା ନାଗଙ୍କ କରକମଳରେ ଏହା ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ୧୦୦ ମିଟର, ୪୦୦ମିଟର, ଦୌଡ଼, ଲମ୍ବ ଡିଆଁ, କବାଡି ଖେଳିଥିଲେ। ମୁଖ୍ୟଅତିଥି ଭାବେ ଅଭିଭା ସନ୍ଦେଇ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଖେଳକୁଦ ପ୍ରମୁଖ ଫଳିନ୍ଦ୍ର ହଂସ ଓ ସହ ପ୍ରମୁଖ କୃଷ୍ଣ ଚନ୍ଦ୍ର ନିଆଲ, ତେଜଲାଲ ନିଆଲ, ଚିତ୍ରସେନ ସଲମା, ଭୀଷ୍ମ ରାଜ କଟା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୦୭ ଛାତ୍ରୀଛାତ୍ର ଭାଗ ନେଇ ବିଜୟ ଲାଭ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଆହତ ଛାତ୍ରଙ୍କୁ ସହାୟତା ଦାବି

**ଖଡ଼ିଆଳ,୮।୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଜୁଆଝର ଗାଁର ଜକତାନନ୍ଦ ମେହେର ଓ କୁନି ମେହେରଙ୍କ ୧୬ବର୍ଷୀୟ ପୁଅ କୁନାଲ ମେହେର ତରବୋଡସ୍ଥିତ ନବୋଦୟ ବିଦ୍ୟାଳୟରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ର। ଗତ ମେ ୧୩ରେ ସେ ଘରକୁ ବୁଲି ଆସିଥିବା ବେଳେ ଘର ଉପର ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ଖଡିଆଳ ମିଶନ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ରାୟପୁରର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ବିଜୁ ସ୍ୱାସ୍ଥ୍ୟକାର୍ଡରେ ଥିବା ତିନିଲକ୍ଷ ଟଙ୍କା ଖର୍ଚ୍ଚ ହେଲା ପରେ ଚିକିତ୍ସା ପାଇଁ ମନା କରିଦେଲେ ହସ୍ପିଟାଲ କର୍ତ୍ତୃପକ୍ଷ। ଜକତା ଜମି ବାଡ଼ି, ଏପରି କି ବର୍ତ୍ତମାନ ରହୁଥିବା ଘର ମଧ୍ୟ ବିକ୍ରି କରିଦେଲେ। ଅଢେଇମାସ ରହି ଫେରିବା ପରେ ମଧ୍ୟ ଏବେ ପ୍ରତି ମାସ ଚିକିତ୍ସା ପାଇଁ



ନିଆଯାଉଛି। ଅର୍ଥାଭାବରୁ ଏହି ଦମ୍ପତି ଅସହାୟ ପଡିଛନ୍ତି। ଘର ଉପରେ ଥିବା ବିପଦସଙ୍କୁଳ ବିଦ୍ୟୁତ୍ ତାର ସ୍ଥାନାନ୍ତର ପାଇଁ ପରିବାର ଲୋକେ ଜଣାଇଥିଲେ ହେଁ ବିଭାଗର ନୀରବତା ଯୋଗୁ ଏଭଳି ଘଟଣା ଘଟିଥିବା ଅଭିଯୋଗ କରି ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ତତ୍କାଳୀନ ବିଡ଼ିଓଙ୍କ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରତିଶ୍ରୁତି ମୁତାବକ ଦୁଇ ଲକ୍ଷ ଟଙ୍କା ଦେଇଥିଲା ବିଦ୍ୟୁତ୍ ବିଭାଗ। କିନ୍ତୁ ବିଦ୍ୟୁତ୍ ତାର ସ୍ଥାନାନ୍ତର କଲା ନାହିଁ। ଚିକିତ୍ସା ଖର୍ଚ୍ଚ ମଧ୍ୟ ପ୍ରଶାସନ ବହନ କଲା ନାହିଁ। ଏ ନେଇ ପରିବାର ଲୋକେ ଜିଲାପାଳ ଅଭିଯୋଗ ଶୁଣାଣି ଶିବିରରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସଙ୍କୁ ଭେଟି ଦୁଃଖ ଜଣାଇଥିଲେ। ଜିଲାପାଳ ଖଡ଼ିଆଳ ହସ୍ପିଟାଲ ଇନ୍‌ଚାର୍ଜଙ୍କୁ କୁନାଲଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝି ରିପୋର୍ଟ ଦେବାକୁ କହିଥିଲେ। ଏ ନେଇ ଜିଲାପାଳ ଦାସଙ୍କୁ ପଚାରିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରିପୋର୍ଟ ଦେଲା ପରେ ତାଙ୍କର ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ନୂଆପଡ଼ା,୮।୧୦ (ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବାଞ୍ଜିବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ମଙ୍ଗଳବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ ଅନିତା ପଣ୍ଡା ମୁଖ୍ୟଅତିଥି, ଏବିଇଓ ରାଧାକାନ୍ତ ତାଣ୍ଡି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ସଟ୍‌ପୁଟ, ଜାଭେଲିନ ଥ୍ରୋ ଭଳି ପ୍ରତିଯୋଗିତା ହୋଇଥିଲା। କେଳ ଶିକ୍ଷକ ପରେଶ ପାଣିଗ୍ରାହୀ, ସରୋଜ କୁମାର ପ୍ରଧାନ, ଚୂଡାମଣି ନାୟକ, ସନ୍ତୋଷ ପାଣିଗ୍ରାହୀ, ନିରୁପମା ପାଣିଗ୍ରାହୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଜିଲା ସ୍ତରରେ ଅଂଶଗ୍ରହଣ କରିବେ। ଜିତେନ୍ଦ୍ର ରଣା ମଞ୍ଚ ପରିଚାଳନା କରିଥିଲେ।

# ଚିଲିଚିଲାରେ ବୁଢ଼ାରଜା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଧର୍ମଗଡ,୮।୧୦ (ଆକାଶ ଜଗତ)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଚିଲିଚିଲା ଗ୍ରାମରେ ସୋମବାର ପ୍ରଭୁ ବୁଢାରଜାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଗାଁର ଶତାଧିକ ମହିଳା ଓ ଯୁବତୀ କଳସଯାତ୍ରାରେ ସାମିଲ ହୋଇଥିଲେ। ସ୍ଥାନୀୟ ତେଲ ନଦୀରୁ ମାନସିକ ଜଳ ଆଣି ଗାଁ ପରିକ୍ରମା ପରେ ମନ୍ଦିରରେ କଳସ ସ୍ଥାପନ କରିଥିଲେ। ସବ୍ରାହ୍ମଣ ବାଘେମ୍ବର ଶତପଥି ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନରେ ଗାଁର ଝାଙ୍କର ଘରୁ ବୁଢାରଜାଙ୍କ ପ୍ରତିମୂର୍ତ୍ତିକୁ ମନ୍ଦିରକୁ ନେଇ ସ୍ଥାପନ କରାଯାଇଥିଲା। ଝାଙ୍କର ତ୍ରିଭୁବନ ମାଝି ରୀତିନୀତିରେ ପୂଜାର୍ଚ୍ଚନା କରିଥିଲେ। ଗାଁ ଗୌନ୍ତିଆ ଶ୍ରୀକାନ୍ତ ମୁଣ୍ଡ, ଗ୍ରାମରକ୍ଷୀ ସୁଶାନ୍ତ ଧଙ୍ଗଡାମାଝି, ସତ୍ୟବାନ ନାଏକ, କିଶୋର ନାଏକ, ଧର୍ମପଦ ସୁନାନୀ ସହଯୋଗ କରିଥିଲେ।



ପ୍ରଭୁ ବୁଢାରଜାଙ୍କ ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯାଉଛି।

# ଜିଲାସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତା ଉଦ୍‌ଯାପିତ

**ଭବାନୀପାଟଣା,୮।୧୦ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଓସେପା ଆନୁକୂଲ୍ୟରେ ଜିଲାସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ମାର୍ଗଦର୍ଶନ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଚାରକ ଭାବେ ପ୍ରାକ୍ତନ ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡା, ପୋଲିସ ସବ୍‌ଇନ୍ସପେକ୍ଟର ସନ୍ତୋଷ ପ୍ରଧାନ ଓ ସଂଯୋଜକ ଭାବେ ବୋର୍ଡା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ଶିକ୍ଷା




ଉଦ୍‌ଯାପନୀ ସମାରୋହରେ ଅତିଥିଗଣ।

**ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଥମ ଶ୍ରେଷ୍ଠ ଦଳ**

ଅଧିକାରୀ ରୂପ ସିଂହ ରାଉତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ସୋମନାଥ ସାହୁ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବ୍ଲକରୁ ଯୋଗ୍ୟ ବିବେଚିତ ହୋଇଥିବା ବ୍ୟାଣ୍ଡ ଦଳ ଆଭାସୀ ଜରିଆରେ ଭାଗ ନେଇଥିଲେ। ପ୍ରଥମ ଶ୍ରେଷ୍ଠ ଦଳ ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବ୍ରଜ ବିହାର ଓ ଦ୍ୱିତୀୟ ଶ୍ରେଷ୍ଠ ଦଳ ଭାବେ କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପୁରସ୍କୃତ ହୋଇଥିଲେ। ପେଡ଼ାଗୋଜୀ ସଂଯୋଜକ ଶ୍ରଦ୍ଧାଞ୍ଜଳି ଦାଶ, ପ୍ରୋଗ୍ରାମର ସୌମେନ୍ଦ୍ର ନାଥ ପଟ୍ଟନାୟକ, ବୀରେନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣ ଶିକ୍ଷକ କର୍ମଚାରୀ କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ।

# ପ୍ରାଥମିକ ବିଦ୍ୟାଳୟ ପୁନଃ ଖୋଲିବାକୁ ଦାବି

**ବେହେରା,୮।୧୦(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ବେହେରା ଗ୍ରାମପଞ୍ଚାୟତର ଗଇନ୍ତାପଡ଼ା ଗ୍ରାମରେ ବନ୍ଦ କରାଯାଇଥିବା ପ୍ରାଥମିକ ବିଦ୍ୟାଳୟ ପୁନଃ ଖୋଲିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନା ଅନୁଯାୟୀ ଏହି ଗାଁରେ ୧୯୭୯ ମସିହାରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯିବା ପରେ ଗାଁର ପିଲାମାନେ ସୁରୁଖୁରୁରେ ପାଠ ପଢ଼ିପାରୁଥିଲେ। ହେଲେ ୨୦୧୯ ମସିହାରେ ୨୫ରୁ କମ୍ ପିଲା ଥିବା ଦର୍ଶାଇ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍କୁଲ ବନ୍ଦ କରିଦିଆଗଲା। ସେବେଠାରୁ ଗାଁର ପିଲାମାନେ ୨ କି.ମି. ଦୂରରେ ଥିବା ପିପଲପଡ଼ା ସରକାରୀ ବିଦ୍ୟାଳୟକୁ ଯାଉଥିଲେ। ହେଲେ ସେହି ରାସ୍ତାରେ ବିଜୁ ଏକ୍ସପ୍ରେସ୍ ୱେ ନିର୍ମାଣ ହେବା ପରେ ଉକ୍ତ ରାସ୍ତା ପାରହୋଇ ଯିବା ପିଲାଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ଗଇନ୍ତାପଡ଼ା ଗାଁରେ ବର୍ତ୍ତମାନ ୩୦ରୁ ଊର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷା ଲାଭ କରୁଥିବା ଛାତ୍ରୀଛାତ୍ର ରହିଛନ୍ତି। ଆଉ ସେମାନଙ୍କ ମଧ୍ୟରୁ ୧୬ ଜଣ ନିକଟସ୍ଥ ପିପଲପଡ଼ା ଗାଁ ସ୍କୁଲକୁ ଯାଉଛନ୍ତି। ଏହି ପିଲାମାନଙ୍କୁ ପ୍ରତ୍ୟେକ ଦିନ ଅଭିଭାବକମାନେ ବିଜୁ ଏକ୍ସପ୍ରେସ୍ ରାସ୍ତା ପାରକରି ବିଦ୍ୟାଳୟରେ ଛାଡି ଆସନ୍ତି। ପୁଣି ସ୍କୁଲ ଛୁଟି ହେବା ସମୟରେ ନେବା ପାଇଁ ଯାଇଥାନ୍ତି। ଗାଁର ଅଧିକାଂଶ ଲୋକ ଦିନମଜୁରିଆ ଶ୍ରେଣୀର। ସେମାନେ ମଜୁରି ଲାଗି ପରିବାର ଚଳାଇଥାନ୍ତି। ତେବେ ନିଜ ଛୁଆଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଦ୍ୟାଳୟକୁ ଛାଡ଼ିବାକୁ ଯାଉଥିବାରୁ ଗୁଜୁରାଣ ମେଣ୍ଟାଇବା ପାଇଁ କାମକୁ ଯିବା ସମ୍ଭବ ହୋଇପାରୁ ନ ଥିବା ପ୍ରକାଶ କରିଛନ୍ତି। ଏହାରି ଭିତରେ ଆଶା ଆଶଙ୍କାରେ ଦିନ କାଟୁଛନ୍ତି ଗାଁ ଲୋକେ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଗାଁରେ ପୁଣି ବିଦ୍ୟାଳୟ ଖୋଲିବାକୁ ଗ୍ରାମବାସୀ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

# ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚିତ



ଅତିଥିମାନେ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ କରୁଛନ୍ତି।

**କର୍ଲାମୁଣ୍ଡା,୮।୧୦(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର କର୍ଲାମୁଣ୍ଡା ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲଠାରେ ୨୦୨୬-୨୭ ସୁଦ୍ଧା ଛାତ୍ରୀଛାତ୍ରଙ୍କ ତୃତୀୟ ଶ୍ରେଣୀ ସମାପ୍ତ ବେଳକୁ ଭାଷା ଓ ଗଣିତର ସର୍ବନିମ୍ନ ମୌଳିକ ଦକ୍ଷତା ହାସଲ କରିବା ଉଦ୍ଦେଶ୍ୟରେ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ବିଜୟଲକ୍ଷ୍ମୀ ନାଗ ମୁଖ୍ୟ ଅତିଥି ଓ ଏବିଇଓ ରାମଚନ୍ଦ୍ର ସା, ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରେଙ୍ଗାଲି ସିଆର୍‌ସିସି ଉଜ୍ଜ୍ୱଳ କୁମାର ସାହୁ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ଆୟୋଜନରେ ନୋଡାଲ ସିଆର୍‌ସିସି ପ୍ରସନ୍ନ କୁମାର ସାହୁ, ସମଗ୍ର ଶିକ୍ଷା ଅଭିଯାନ ଆକାଉଣ୍ଟାଣ୍ଟ ପ୍ରଫୁଲ୍ଲ କୁମାର ପାଠୀ, କ୍ଷୀରୋଦ ବଡ଼ମାଲି, ସିଆର୍‌ସିସି ହେମନ୍ତ ନାଏକ, ବିଶିକେସନ ସୁନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦୀପାବଳି ପର୍ବ ନେଇ ପ୍ରସ୍ତୁତି ବୈଠକ

**ଥୁଆମୂଳ ରାମପୁର, ୮।୧୦ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ସଦର ତାଲାବନ୍ଦପଡ଼ାଠାରେ ପାଳନ ହେବାକୁ ଯାଉଛି ଦୀପାବଳି ବା ମା' ବେଙ୍ଗୁଲୀ ଦେବୀ ଓ ମା' ମହାକାଳୀଙ୍କ ଝାମୁଯାତ୍ରା ପର୍ବ। ରବିବାର ଶିକ୍ଷାବିତ୍ ପରମାନନ୍ଦ ନାଏକ ଓ ନବଜୀବନ ଯୁବ ଅନୁଷ୍ଠାନର ନିର୍ଦ୍ଦେଶକ ସୁବାସ ନାଏକଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଳିତବର୍ଷ କିଭଳି ରୀତିନୀତି ଅନୁଯାୟୀ ପୂଜାବିଧି ପାଳନ ହେବ ସେ ନେଇ ଉପସ୍ଥିତ ୪ଗୋଟି ପଡ଼ା ବାସିନ୍ଦା ଆଲୋଚନା କରିଥିଲେ। ଯାତ୍ରା ପରିଚାଳନା ପାଇଁ ନୂତନ ପୂଜା କମିଟି ଚୟନ କରାଯାଇଥିଲା। ସେଥିରେ ସଭାପତି ଭାବରେ ମାଣିକ୍ୟ ଚନ୍ଦ୍ର ନାଏକ, ଉପସଭାପତି ଗୁଣନିଧି ନାଏକ, ସମ୍ପାଦକ କୃଷ୍ଣ ଚନ୍ଦ୍ର ନାଏକ, ସହ ସମ୍ପାଦକ କୈଳାସ ଛତ୍ରିଆ, କୋଷାଧ୍ୟକ୍ଷ ଗଣେଶ୍ୱର ନାଏକଙ୍କୁ ମନୋନୀତ କରାଯାଇଛି। ଆସନ୍ତା ୩୧ରେ ପାଳନ ହେବ ଦୀପାବଳି ପର୍ବ।

# ଖଡ଼ିଆଳରେ ମା'ଙ୍କ ପୀଠ ପୂଜା ସମ୍ପନ୍ନ

**ଖଡ଼ିଆଳ,୮।୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ଓ ଗଡ଼ଦେବୀ ମା' ରକ୍ତାମ୍ବରୀଙ୍କ ପୀଠ ପୂଜା ଅନୁଷ୍ଠିତ ହୋଇଯାଇଛି। ମା' ରକ୍ତାମ୍ବରୀଙ୍କ ଅମାବାସ୍ୟା ଦିନ ପୀଠ ପୂଜା ଅନୁଷ୍ଠିତ ହୋଇ ଛତର ଦେହରେ ମନ୍ଦିର ପ୍ରବେଶ କରିଛନ୍ତି। ସେହିପରି ମା' ସମଲେଶ୍ୱରୀ ପ୍ରତିପଦା ଦିନ ପୀଠ ପୂଜା ହୋଇ ଛତର ଦେହରେ ବିରାଜମାନ ହୋଇ ନିଶାର୍ଦ୍ଧରେ ମନ୍ଦିର ପ୍ରବେଶ କରିଛନ୍ତି। ନବଦିନାତ୍ମକ ପୂଜା ପରେ ପବିତ୍ର ବିଜୟା ଦଶମୀ ତିଥିରେ ବିଜୟ ଯାତ୍ରା, ଛତର ଯାତ୍ରା ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ସମଲେଶ୍ୱରୀଙ୍କ କାତ୍ୟାୟନୀ ବେଶ



ବରଗଡ଼,୮।୧୦(ପ୍ରେମାନନ୍ଦ ଖମାରୀ): ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ଶାରଦୀୟ ନବରାତ୍ର ପୂଜା ଚାଲିଛି। ଏହି କ୍ରମରେ ମଙ୍ଗଳବାର ମାଁ ସମଲେଶ୍ୱରୀ କାତ୍ୟାୟନୀ ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ କଲେ ଶୁଭଫଳ ପ୍ରାପ୍ତି ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ମାଁ ସମଲେଶ୍ୱରୀଙ୍କୁ ଦର୍ଶନ ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ଭକ୍ତମାନଙ୍କ ପାଇଁ ସୁବ୍ୟବସ୍ଥା କରାଯାଇଥିଲା।

# କର୍କଟ ରୋଗ ସଚେତନତା ପାଇଁ ଆହ୍ୱାନ

ବରଗଡ଼,୮।୧୦(ପ୍ରେମାନନ୍ଦ ଖମାରୀ)

ସଚେତନତା ଅଭାବ ଯୋଗୁ ଆମ ଦେଶରେ ବହୁ ଲୋକ କର୍କଟ ରୋଗାକ୍ରାନ୍ତ ହେଉଛନ୍ତି। ଏହି ରୋଗରେ ଅନେକ ଲୋକ ପ୍ରାଣ ହରାଉଛନ୍ତି। କେବଳ ସେତିକି ନୁହେଁ ରୋଗ ନିରୂପଣ କଲାବେଳେ ଅଧିକାଂଶ ସମୟରେ ବହୁତ ବିଳମ୍ବ ହୋଇଯାଏ ଏବଂ କେବଳ ରୋଗୀ ନୁହେଁ ତାଙ୍କ ପରିବାର ମଧ ସର୍ବସ୍ୱାନ୍ତ ହୋଇପଡନ୍ତି । ବରଗଡ ଜିଲାରେ କର୍କଟ ରୋଗ ଏକ ପ୍ରମୁଖ ଆହ୍ୱାନ ଭାବେ ମୁଣ୍ଡ ଟେକି ରହିଛି । ତେଣୁ ଲୋକଙ୍କୁ କର୍କଟ ରୋଗର ପ୍ରାଥମିକ ଚିହ୍ନଟ ଏବଂ ସହାୟତା ମାଧ୍ୟମରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲାପାଳ ଆଦିତ୍ୟ ଗୋୟଲ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଜିଲାପାଳଙ୍କ ନେତୃତ୍ୱରେ ଓଡ଼ିଶାର ପ୍ରଥମ ଜିଲା ଭାବେ ବରଗଡ ଜିଲା ପ୍ରଶାସନ ପକ୍ଷରୁ ବରଗଡ କେୟାର୍ସ ନାମକ ନିଜସ୍ୱ ଅଭିଯାନର ଶୁଭାରମ୍ଭ ହୋଇଛି ।

ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଉକ୍ତ ଅଭିଯାନର ଉଦ୍‌ଘାଟନୀ ଉତ୍ସବର ପ୍ରଥମ ସମ୍ମାନରେ ବରଗଡ଼ କେୟାର୍ସର ଲୋଗୋ ଉନ୍ମୋଚନ ପରେ ଜିଲାପାଳ ଗୋୟଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହାପରେ ଏନ୍‌ସିଡି ଅତିରିକ୍ତ ନିର୍ଦ୍ଦେଶକ




କାର୍ଯ୍ୟକ୍ରମରେ ବରଗଡ ଜିଲାପାଳ ବକ୍ତବ୍ୟ ରଖୁଛନ୍ତି।

**ବରଗଡ କେୟାର୍ସ ଅଭିଯାନର ଶୁଭାରମ୍ଭ**

ଡ. ସୁଶାନ୍ତ କୁମାର ସ୍ୱାଇଁ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡ. ଜିତେନ୍ଦ୍ର ମୋହନ ବେବର୍ତ୍ତା କର୍କଟ ରୋଗର କାରଣ ଏବଂ ନିରାକରଣ ବିଷୟରେ ବୁଝାଇବା ସହ ରୋଗକୁ ଶୀଘ୍ର ଚିହ୍ନଟ କରିବା ପାଇଁ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଯୋଗଦେଇ କର୍କଟ ରୋଗର ନିରାକରଣ ଏବଂ ଜୈବିକ କୃଷିର ପ୍ରସାର ପାଇଁ ଓଡିଶା ସରକାରଙ୍କ ବିଭିନ୍ନ ପଦକ୍ଷେପ ବିଷୟରେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୋରାଧକ୍ଷା କଳ୍ପନା ମାଝୀ ଏବଂ ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ ଯୋଗଦେଇ ଜୈବିକ ଚାଷ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ।

ଦ୍ୱିତୀୟ ସମ୍ମାନରେ ସ୍ୱାସ୍ଥ୍ୟର ଯତ୍ନ, କର୍କଟ ରୋଗର ନିରାକରଣ ଏବଂ ଜୈବିକ କୃଷି ପଦ୍ଧତି ବିଷୟବସ୍ତୁ ଆଧାରିତ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଆଲୋଚନାଚକ୍ରରେ ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ ଇନଷ୍ଟିଚ୍ୟୁଟ କଟକର ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡା. ମୋହନଲାଲ ଖଡ଼ିଆ ଏବଂ ବାଗ୍‌ଚି ଶ୍ରୀ ଶଙ୍କରା କର୍କଟ ପ୍ରତିଷ୍ଠାନ ଭୁବନେଶ୍ୱର ୟୁରୋ ଅଙ୍କୋଲୋଜିଷ୍ଟ ଡା. ରାହୁଲ ପ୍ରଧାନ କର୍କଟ ରୋଗର କାରଣ ଏବଂ ନିରାକଣର ଉପାୟ କହିଥିଲେ। ସେହିପରି ଜୈବିକ ଚାଷର ମହତ୍ତ୍ୱ ଉପରେ ବୁଝାଯାଇଥିଲା। ଏହାପରେ ଜିଲାର ଜଣେ ସଫଳ ଜୈବିକ ଚାଷୀ ସୋହେଲା ବ୍ଲକ ଅନ୍ତର୍ଗତ ଶ୍ରୀଗିଡା ଗ୍ରାମର ପୁଷ୍ପରଞ୍ଜନ ସାହୁ ନିଜ ଅନୁଭୂତି କହିଥିଲେ। ସମ୍ମାନର ଶେଷ ପର୍ଯ୍ୟାୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ଜୈବିକ କୃଷିର ମହତ୍ତ୍ୱ ବୁଝାଇଥିଲେ। ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲା ପ୍ରଶାସନ ତରଫରୁ ଫାଇଟର୍ସ ଗ୍ରୁପ୍ ଓ ନିଷ୍ଠା ପରିବାର, ଜୈବିକ କୃଷିକୁ ପ୍ରୋତ୍ସାହନ ପାଇଁ ଗାଇସିଲେଟ ବ୍ଲକର ଅହିଂସା କ୍ଲବ ଏବଂ ପଦ୍ମପୁରର ଭିତ୍ତିଭୂମି ସେବା ସଙ୍ଗଠନ ସମେତ ଜିଲାର ୨୦ଜଣ ସଫଳ ଜୈବିକ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ମଧୁଛନ୍ଦା ସାହୁ ଏବଂ ଜିଲା ମୁଖ୍ୟ ଜନସାସ୍ଥ୍ୟ ଅଧିକାରୀ ଡା. ନିରୁପମା ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଡିପିଏମ୍ ଗିରିଜା ପ୍ରସାଦ ମିଶ୍ର, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୋଶଲ ସେନା ଜିଲାପାଳଙ୍କୁ ଫେରାଦ

ବରଗଡ଼,୮।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା କୋଶଲ ସେନାର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଛନ୍ତି। ସେମାନେ ୩ଦଫା ଦାବିରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ପଦ୍ମପୁର ଉପଖଣ୍ଡରେ ରହିଥିବା ଦେବଦର୍ହା ପର୍ଯ୍ୟଟନସ୍ଥଳୀର ବିକାଶ ଏବଂ ସେଠାରେ ପାନୀୟଜଳ, ରାସ୍ତାଘାଟର ସୁବ୍ୟବସ୍ଥା କରାଯିବାକୁ ଦାବି ହୋଇଛି। ସେହିପରି ଜିଲାର ବରଗଡ଼ ସୂତାକଳ, ଚିନିକଳ ଭଳି ଅନେକ ଶିଳ୍ପାନୁଷ୍ଠାନ ବନ୍ଦ ହୋଇଯାଇଥିବା ଯୋଗୁ ସ୍ଥାନୀୟ ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଏଭଳି ସ୍ଥଳେ ଅସ୍ତିତ୍ୱ ହରାଇଥିବା ଶିଳ୍ପାନୁଷ୍ଠାନ ଗୁଡ଼ିକର ପୁନରୁଦ୍ଧାର ସହିତ ଭଟଲି ବ୍ଲକ ବାଉଲସିଂହାସ୍ଥିତ ଇଥାନଲ ପ୍ଲାଣ୍ଟରେ ବରଗଡ଼ ଜିଲାର ୭୦ପ୍ରତିଶତ ଲୋକଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଛି। ସେହିପରି ଜିଲାରେ ଅବାଧରେ ଚାଲିଥିବା ନିଶା କାରବାରକୁ ତୁରନ୍ତ ବନ୍ଦ କରିବା ପାଇଁ କୋଶଲ ସେନା ଦାବି କରିଛି। କୋଶଲ ସେନାର ବିରବଲ ମହାକୁଡ଼ଙ୍କ ନେତୃତ୍ୱରେ ସଙ୍ଗଠନର କର୍ମୀମାନେ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା କୋଶଲ ସେନାର କର୍ମୀବୃନ୍ଦ।

# କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ

ଝାରବନ୍ଧ,୮।୧୦(ଦେବେନ୍ଦ୍ର ସାହୁ)

ଝାରବନ୍ଧ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ପକ୍ଷରୁ ନୂତନ ଭାବେ ରେଡକ୍ରସରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିବା ବେଳେ କର୍କଟ ରୋଗର ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରମୋଦ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଯୁବ ରେଡକ୍ରସ କାଉନସିଲର ଚିନ୍ତାମଣି ମିଶ୍ର ଏହାର ଉଦ୍ଦେଶ୍ୟ ଜ୍ଞାପନ କରି ସମାଜ ପ୍ରତି ରେଡକ୍ରସର କାର୍ଯ୍ୟ, ସୁସ୍ଥ ଜୀବନଚର୍ଯ୍ୟା ଏବଂ କର୍କଟ ରୋଗ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ପଦ୍ମପୁର ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଡବ୍ଲୁ ସେଠ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କର୍କଟ ରୋଗର କାରଣ ଓ ନିରାକରଣ ବିଷୟରେ ବୁଝାଇବା ସହ ରୋଗୀକୁ ଶୀଘ୍ର ଚିହ୍ନଟ କରିବା ପାଇଁ ଅଧିକ ଗୁରୁତ୍ୱ ଦେବା ଲାଗି ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥି ମଧ୍ୟରେ ଡା. ପାୟଲ ଚୌଧୁରୀ, ଅଧାପିକା ସରିତା ମିଶ୍ର, ଅଧାପକ କାର୍ତ୍ତିକ ବରିହା, ଅଧାପକ ମେଘନାଦ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ସଙ୍ଗୀତା ବରିହା, ଜ୍ୟୋତି ସାହୁ, ଉମେଶ ସାହୁ, ଛତ୍ରପାଳ ଗିରି, ବେଣୁଧର ପାଣିଗ୍ରାହୀ, କୁମୁଦ ପ୍ରଧାନ, ହୃଷୀକେଶ ସିଦାର, ସୁରେନ୍ଦ୍ର ସା, ଦୟାନିଧି ବିଶ୍ୱାଳ, ଗୁଲାପି ବେହେରା ପ୍ରମୁଖ ସହଯୋଗ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବନ୍ୟପ୍ରାଣୀ ସୁରକ୍ଷା ଉପରେ ଗୁରୁତ୍ୱ



ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ।

ବରଗଡ଼,୮।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁଲ୍ତାସ୍ଥିତ ଜନତା ହାଇସ୍କୁଲରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ ପକ୍ଷରୁ ମଙ୍ଗଳବାର ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ବୈଠକରେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଲାଲ ମୋହନ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାକୃତିକ ପରିସଂସ୍ଥା ଏବଂ ବନ୍ୟଜୀବ ସୁରକ୍ଷା ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି କହିଥିଲେ। ଏହି ଅବସରରେ ବନ୍ୟଜୀବ ସଂରକ୍ଷଣ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ଅଦ୍ୟାଶା ଭୋଇ ପ୍ରଥମ, ପ୍ରିୟଦର୍ଶନୀ ବେହେରା ଦ୍ୱିତୀୟ ଏବଂ ଜିଜ୍ଞାସା ଭୋଇ ଓ ଅଙ୍କିତା ଦୁଆନ ଯୁଗ୍ମ ତୃତୀୟ ହୋଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଅନୀତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଫୁଟବଲ: ଘେଁସ ବିଜୟୀ

ସୋହେଲା, ୮।୧୦(ଅଶ୍ୱିନୀ କୁମାର ପାତ୍ର)

ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଚାଲିଥିବା ଜିଲା ସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ମଙ୍ଗଳବାର ବରଗଡ ଖେଦାପାଲି ଏବଂ ଘେଁସ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ପେନାଲ୍ଟି ସୁଟଆଉଟରେ ଘେଁସ ଖେଦାପାଲିକୁ ୪-୩ ଗୋଲରେ ହରାଇ ସେମି ଫାଇନାଲକୁ ପ୍ରବେଶ କରିଛି। ମ୍ୟାଚର ନିର୍ଦ୍ଧାରିତ ସମୟରେ ଗୋଲ ଶୂନ୍ୟ ରହିଥିଲା। ସୋହେଲା ଥାନା ଆଇଆଇସି ଶଶୀ ଭୂଷଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ମ୍ୟାଚକୁ ରେଫରି ଦିପେଶ ପଧାନ ପରିଚାଳନା କରିଥିବା ବେଳେ ରେଫରି ଶ୍ରୀନିବାସ ରାଓ ଏବଂ ନିରଞ୍ଜନ ମହାକୁଡ ଲାଇନ୍ସରେ ସହଯୋଗ କରିଥିଲେ। ସନ୍ତୋଷ ପଧାନ ଚତୁର୍ଥ ରେଫରି ଦାୟିତ୍ୱରେ ରହିଥିଲେ। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ବରଗଡ ମୁଣ୍ଡାପଡା ଏବଂ ଅଇଁଠାପାଲି ଦଳ ମଧ୍ୟରେ ଅନୁଷ୍ଠିତ ହେବ। ଏହି ଅବସରରେ ବିଲୁପ୍ତ ହେବାକୁ ବସିଥିବା ପ୍ରାଚୀନ ଛକାଖେଳ ଅନୁଷ୍ଠିତ ହୋଇଥିଲା। କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିବା ମହଲାମାନଙ୍କ ଏହି ଛକାଖେଳରେ ମୋଟ ୧୧ ମହଲା ଅଂଶ ଗ୍ରହଣ କରିଥିଲେ। ଏହି ଖେଳରେ ଅଂଶଗ୍ରହଣ କରିଥିବା ସମସ୍ତ ବୟସ୍କା ମହିଳାଙ୍କୁ ପୂଜା କମିଟି ତରଫରୁ ମାନପତ୍ର ପ୍ରଦାନ କରାଯିବ।

# ହସ୍ତତନ୍ତ ପ୍ରଦର୍ଶନୀ ଉଦ୍‌ଘାଟିତ



ଅତିଥିମାନେ ହସ୍ତତନ୍ତ ପ୍ରଦର୍ଶନୀକୁ ଫିତା କାଟି ଉଦ୍‌ଘାଟନ କରୁଛନ୍ତି।

ସୋହେଲା,୮।୧୦(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚାଲିଥିବା ନବରାତ୍ର ପୂଜା ଅବସରରେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ବରଗଡ ପକ୍ଷରୁ ସୋହେଲାରେ ହସ୍ତଶିଳ୍ପ ପ୍ରଦର୍ଶନୀ ସ୍ଥାନୀୟ ସାପ୍ତାହିକ ବଜାର ପରିସରରେ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବରଗଡ ଜିଲା ହସ୍ତତନ୍ତ ବିଭାଗ ଉପନିର୍ଦ୍ଦେଶକ ଟୁଇଙ୍କେଲ ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଏମପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦୁର୍ଗାପୂଜା କମିଟି କାର୍ଯ୍ୟକାରୀ ସଭାପତି ତଥା ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂଜା କମିଟି ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦେବତା, ସହ ସମ୍ପାଦକ ଚନ୍ଦ୍ରମଣୀ ଭଞ୍ଜ, ଅନିଲ ପଧାନ, ଅଶ୍ୱିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଦର୍ଶନୀରେ ବିଭାଗ ପକ୍ଷରୁ ମୋଟ ୨୦ଟି ଷ୍ଟଲ ଖୋଲାଯାଇଛି। ଏହି ଷ୍ଟଲ ଗୁଡିକରେ ହସ୍ତଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶୀତ କରାଯିବା ସହିତ ବିକ୍ରୟ କରାଯାଉଛି। ପ୍ରଦର୍ଶନୀ ଆୟୋଜନରେ ବିଭାଗର ସଂପ୍ରସାରଣ ଅଧିକାରୀ କ୍ଷୀରୋଦ୍ର ନାୟକ, ସଞ୍ଜୟ ମିର୍ଦ୍ଧା, ଦିଲୀପ କୁମାର ବିଶ୍ୱାଲ, ଚିନ୍ମୟ ଜଗଦେବ ଦେହୁରୀ ଏବଂ ଅନ୍ୟ କର୍ମଚାରୀ ସହେଯାଗ କରିବା ସହିତ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଝାରବନ୍ଧ,୮।୧୦(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ଡୁଙ୍ଗୁରିପାଲି ଲକ୍ଷ୍ମୀ ନାରାୟଣ ହାଇସ୍କୁଲରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ କିଶୋର ଦୀପ ପୌରୋହିତ୍ୟ କରିଥିବା ବେଳେ ବିଇଓ ଶୁଭମ ପତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏବିଇଓ ଦିବ୍ୟ କିଶୋର ପଣ୍ଡା, ମହେନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ସମିତି ସଭ୍ୟ ସତ୍ୟମ ପ୍ରଧାନ, ହରିହର ସାହୁ, ଶରଧା ନାୟକ ମଞ୍ଚାସୀନ ଥିଲେ।

# ଜଳସେଚନ ପ୍ରକଳ୍ପକୁ ହେଉନି ବିଦ୍ୟୁତ୍ ସଂଯୋଗ

ବରଗଡ଼,୮।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ବିଭିନ୍ନ ଉଠାଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଯୋଗୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଜିଲାର ବିଭିନ୍ନ ଅଞ୍ଚଳର ଚାଷୀମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ଦିଗରେ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ସୋମବାର ଜିଲାର ସୋହେଲା ବ୍ଲକ ଅନ୍ତର୍ଗତ ବାନ୍ଦେନବାହାଲ ଗ୍ରାମର ଗ୍ରାମପତି ପାଣିପଞ୍ଚାୟତ ଏବଂ ବିର୍ଜାମ ଗ୍ରାମର ମାଁ



ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ସରସ୍ୱତୀ ପାଣିପଞ୍ଚାୟତର ସଦସ୍ୟମାନେ ଜିଲାପାଳ ଗୋୟଲଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରକଳ୍ପ କାମ ଶେଷ ପର୍ଯ୍ୟାୟରେ ରହିଛି। ମାତ୍ର ବିଦ୍ୟୁତ ସଂଯୋଗ କରାଯାଉ ନ ଥିବାରୁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ପାଣି ଅଭାବରୁ ସେମାନଙ୍କ ଫସଲ ନଷ୍ଟ ହେଉଥିବା ସେମାନେ କହିଛନ୍ତି। ବାନ୍ଦେନବାହାଲ ଗ୍ରାମର ୩୦ ଏବଂ ବିର୍ଜାମ ଗ୍ରାମର ୨୬ଜଣ ଚାଷୀ ଏଭଳି ପ୍ରଭାବିତ ହୋଇଛନ୍ତି। ଫଳରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ସହିତ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି। ବାନ୍ଦେନବାହାଲ ଗ୍ରାମର ସୁକଦେବ ସାହୁ, ଅଶ୍ୱିନୀ ବାରିକ, ନରେନ୍ଦ୍ର ବରିହା, ଅର୍ଜୁନ ବାରିକ ଏବଂ ବିର୍ଜାମ ଗ୍ରାମର ହୃଦମଣି ପାତ୍ର, ଗୋଲାପ ପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

# ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ବରଗଡ଼,୮।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁଲ୍ତାସ୍ଥିତ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଭାବନା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟବକ୍ତା ଏବଂ ବିଡ଼ିଓ ଶଙ୍କର ବାଗ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଲାଲ ମୋହନ ସିଂ, ମୋହନ ଚରଣ ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିଶୁମାନେ ନିଜର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରି ଭବିଷ୍ୟତରେ ସୁନାଗରିକ ହେବା ପାଇଁ ପ୍ରୟାସ କରିବା ଉଚିତ୍ ବୋଲି ସେମାନେ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସିଆରସିସି ପୁନୀରାମ ଗଣ୍ଡ ସଭାକାର୍ଯ୍ୟ ପରିଚାଳନା ଏବଂ ଶିକ୍ଷକ ଆକୁଳ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

ଉଦ୍‌ଯାପନୀ ସମାରୋହରେ ମଧ୍ୟ ବ୍ଲକ ଶିକ୍ଷାଧିକାରୀ ସାହୁ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ମୁଖ୍ୟଅତିଥି, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ଜନକ ସେଠ, ଗଗନ ବେହେରା, ବରୁଣ କୁମ୍ଭକାର, ଜିଲା ପରିଷଦ ସଦସ୍ୟା ନୀଳକୁମାରୀ ନାଏକ, ଭୁଲ୍ତା ସରପଞ୍ଚ ବଳରାମ ବିଶର, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ମୋହନ ସିଂ ପଟେଲ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଲାଲମୋହନ ସିଂ, ମୋହନ ଚରଣ ମହାନ୍ତ ମଞ୍ଚାସୀନ ଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ସିଆରସିସି କେଦାର ନାଏକ ଏବଂ ରାମେଶ୍ୱର ଭୋଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷକ ସନ୍ତୋଷ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।




ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# କଟକଣା ବିଜ୍ଞପ୍ତି ବଦଳାଇଲେ ଆର୍‌ଟିଓ

**କାଗଜାତ ନ ଥିଲେ ଧାନ ପରିବହନ ଗାଡ଼ି ଉପରେ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗ**

ବରଗଡ଼,୮।୧୦(ପ୍ରେମାନନ୍ଦ ଖମାରୀ)

ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ପ୍ରାୟ ମାସେ ରହିଛି। ଏଭଳି ସ୍ଥଳେ ବରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ସାବୁଆ ମାଝି ସୋମବାର ଏକ ପ୍ରେସ ବିଜ୍ଞପ୍ତି (ନଂ-୨୩୮୪, ତା-୭।୧୦।୨୪) ପ୍ରକାଶ କରିଥିଲେ। ଧାନ ପରିବହନ ଗାଡ଼ିର କାଗଜାତ୍ ଠିକ୍ ନ ଥିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେଥିରେ ଉଲ୍ଲେଖ ରହିଥିଲା। ଏହା ଜାଣିବା ପରେ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କାଗଜାତ୍ ଠିକ୍ ନ ଥିବା ଅନେକ ହାଇୱା, ଟ୍ରାକ୍ଟର, ଟ୍ରକ୍ ଆଦିରେ ବାଲି, ଇଟା, ପଥର, ମୋରମ ଆଦି



ଚାଷୀ ପ୍ରତିନିଧି ଆରଟିଓଙ୍କୁ ଭେଟୁଛନ୍ତି।

ପ୍ରତିଦିନ ଚାଲାଣ ହେଉଥିବାବେଳେ ସେଥିପ୍ରତି ଆଞ୍ଚଳିକ ପରିବହନ ବିଭାଗ ଆଖିବୁଜି ଦେଇଥିବା ଚାଷୀନେତାମାନେ ଅଭିଯୋଗ କରିଥିଲେ। ଅନ୍ୟପଟେ ଧାନ ସଂଗ୍ରହ ଅବ୍ୟବହିତ ପୂର୍ବରୁ କେବଳ ଧାନ ପରିବହନ ଗାଡ଼ି ଉପରେ ସେଭଳି କାର୍ଯ୍ୟାନୁଷ୍ଠାନ ନେଇ ଆର୍‌ଟିଓଙ୍କ ପ୍ରେସ ବିଜ୍ଞପ୍ତିକୁ ଚାଷୀ ପ୍ରତିନିଧିମାନେ ନାପସନ୍ଦ କରିବା ସହିତ ସେହି ବିଜ୍ଞପ୍ତିକୁ ତୁରନ୍ତ ପ୍ରତ୍ୟାହାର କରିନେବାକୁ ଦାବି କରିଥିଲେ।

ଏହାସହିତ ଚାଷୀନେତା ସୁରେଶ ନେକାଣ୍ଡିଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ଚାଷୀ ପ୍ରତିନିଧି ଦଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଆରଟିଓ ମାଝିଙ୍କୁ ଭେଟି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାପରେ ଆରଟିଓ ମାଝି ସେହି ବିଜ୍ଞପ୍ତିର ରୂପରେଖ ବଦଳାଇଛନ୍ତି। ନୂତନ ବିଜ୍ଞପ୍ତି (ନଂ.୨୩୮୮, ତା-୮।୧୦।୨୪)ରେ ଧାନ ପରିବହନ ଗାଡ଼ିକୁ ନିର୍ଦ୍ଦିଷ୍ଟ ଭାବେ ଆଉ ଉଲ୍ଲେଖ ନ କରି ଜିଲାରେ ବିନା କାଗଜାତ୍‌ରେ ଚାଲୁଥିବା ଗାଡ଼ି ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉଲ୍ଲେଖ କରିବା ସହିତ ସମ୍ପୃକ୍ତ ଗାଡ଼ି ମାଲିକ ସେମାନଙ୍କ ଗାଡ଼ି ଗୁଡ଼ିକର କାଗଜାତ୍ ବୈଧ ତଥା ନବୀକରଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଆରଟିଓ ପ୍ରେସ ବିଜ୍ଞପ୍ତି ବଦଳାଇବା ପରେ ଆଗକୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ବ୍ୟବହୃତ ଗାଡ଼ି ଗୁଡ଼ିକର କାଗଜାତ୍ ଠିକ୍ ନ ଥିଲେ, ସେଥିପ୍ରତି ଆଞ୍ଚଳିକ ପରିବହନ ବିଭାଗର ନଜର କିଭଳି ରହିବ, ତାହା ସମୟ କହିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ସାପ କାମୁଡାରେ ଯୁବକ ମୃତ

କୁଆଁରମୁଣ୍ଡା,୮।୧୦(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରା ପୁରୁଣା ଗୀର୍ଜା ଟୋଲିର ଜଣେ ଯୁବକଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତକ ହେଲେ ସାନ୍ତିଆସ ଖେସ(୨୮)। ଏନେଇ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ଏକ ବିଷାକ୍ତ ସାପ ସାନ୍ତିଆସକୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

### ବୋଲେରୋ ଧକ୍କାରେ ଯୁବକ ମୃତ

ଲହୁଣୀପଡା,୮।୧୦(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ୧୪୩ ନମ୍ବର ଜାତୀୟ ରାଜପଥର ଶିଲପୁଞ୍ଜି ଛକ ନିକଟରେ ଏକ ବୋଲେରୋ ଧକ୍କାରେ ସୋମବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆରଓ୍ୱାଲ ଓରାମ(୩୫)। ଚାନ୍ଦିପୋଷ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣା ସ୍ଥଳରୁ ପୋଲିସ ବୋଲେରୋ ଜବତ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାରୁପ୍ରକାଶ, ଚାନ୍ଦିପୋଷ ଗ୍ରାମର ଆରଓ୍ୱଲ ଜାତୀୟ ରାଜପଥ ପାର ହେଉଥିବା ବେଳେ ରାଜାମୁଣ୍ଡା ପଟରୁ ରାଉରକେଲା ପଟକୁ ଯାଉଥିବା ଏକ ବାଲୋରୋ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସମାଜ ପାଇଁ ୱାଇଲ୍ଡ ଲାଇଫର ଆବଶ୍ୟକତା ଜରୁରୀ

ରାଉରକେଲା,୮।୧୦(ଦିନେଶ ମିଶ୍ର): ଛେଣ୍ଡସ୍ଥିତ ବିପିୟୁଟି ଏକାଡେମୀ ବିଲ୍ଡିଂ ପରିସରରେ ୭୦ତମ ୱାଇଲ୍ଡ ଲାଇଫ୍ ଉତ୍ସବ ମଙ୍ଗଳବାର ପାଳିନ ହୋଇଯାଇଛି। ଏଥିରେ ବିପିୟୁଟିର ଏନ୍‌ସେସ୍ କୋର୍ଡିନେଟର ଡକ୍ଟର ମନୋଜ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଆମ ସମାଜ ପାଇଁ ଜଙ୍ଗଲ ଓ ୱାଇଲ୍ଡ ଲାଇଫ୍ ଉଭୟ ପରସ୍ପର ପରିପୂରକ। ତେଣୁ ସମାଜ ପାଇଁ ୱାଇଲ୍ଡ ଲାଇଫର ଆବଶ୍ୟକତା ଜରୁରୀ। ପ୍ରତ୍ୟେକ ନାଗରିକ ଏ ଦିଗରେ ସଚେତନା ହେବା ଆବଶ୍ୟକ ବୋଲି କୋର୍ଡିନେଟର ସାହୁ ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। ଏହି ଅବସରରେ ବିପିୟୁଟିର ବହୁ ବିଦ୍ୟାର୍ଥୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପରିବେଶ ଓ ପାଣିପାଗ ପରିବର୍ତ୍ତନ ଦିନକୁ ଦିନ ପରିବର୍ତ୍ତନ ହେବା ଯୋଗୁ ଦିନକୁ ଦିନ ବହୁ ୱାଇଲ୍ଡ ଲାଇଫ ଜୀବ ଲୋପ ପାଇବାକୁ ବସିଲେଣି। ତେଣୁ ପରିବେଶକୁ ସନ୍ତୁଳିତ କରି ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ମତପ୍ରକାଶ ପାଇଥିଲା। ବିପିୟୁଟି ଏନ୍‌ସେସ୍‌ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

## ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଦିନିକିଆ ସୁନ୍ଦରଗଡ଼ ଗସ୍ତ

ସୁନ୍ଦରଗଡ଼,୮।୧୦(ଜୟ ନାରାୟଣ ମେଣ୍ଡୁଲି)

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ମଙ୍ଗଳବାର ଦିନିକିଆ ସୁନ୍ଦରଗଡ଼ ଗସ୍ତରେ ଆସି ବିଭିନ୍ନ ବିଭାଗ ଅଫିସ କାର୍ଯ୍ୟ ତଦାରଖ କରିବା ସହିତ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଯୋଜନା ଆଦିର ସମୀକ୍ଷା କରିଥିଲେ। ପୂର୍ବାହ୍ନରେ ଜିଲାପାଳ କାର୍ଯ୍ୟାଳୟ, ସୁନ୍ଦରଗଡ଼ ଉପ ନିବନ୍ଧକ କାର୍ଯ୍ୟାଳୟ ଏବଂ ବିଭିନ୍ନ ବିଭାଗର କାର୍ଯ୍ୟ ନିରୀକ୍ଷଣ କରିବା ସହିତ ବିଭାଗର ରେଜିଷ୍ଟର, ନଥିପତ୍ର ଆଦି ଦେଖିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନୂତନ କୋର୍ଟ କକ୍ଷର ଉଦଘାଟନ କରିଥିଲେ। ଅପରାହ୍ନରେ ସଦଭାବନା ଭବନଠାରେ ବିଭିନ୍ନ ବିଭାଗ ପକ୍ଷରୁ ଜିଲାରେ ଚାଲୁଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, କାର୍ଯ୍ୟକ୍ରମ ଆଦିର ସମୀକ୍ଷା କରିଥିଲେ। ଏହି ଅବସରରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଯାଦବ ଜିଲାର ସ୍ୱାସ୍ଥ୍ୟ ସେବା,



ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ପୋଷଣ ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ବିଭାଗ ଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜର କାର୍ଯ୍ୟ ସମ୍ପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜିଲାରେ ଥିବା ହସ୍ପିଟାଲ ଏବଂ ଏହାର ବେଡ କ୍ଷମତା, ଆଇସିୟୁ ସୁବିଧା, ଡାକ୍ତରଙ୍କ ସଂଖ୍ୟା ଆଦି ସମ୍ପର୍କରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅବଗତ କରାଯାଇଥିଲା। ଜିଲା ମଙ୍ଗଳ ବିଭାଗ ଏବଂ ସମସ୍ତ ସମ୍ବନିତ ଆଦିବାସୀ ଉନ୍ନୟନ ସଂସ୍ଥାର ସମୀକ୍ଷା କରି ବିଭିନ୍ନ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା। ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା ଆଦି ନିମନ୍ତେ ଆସୁଥିବା ଅର୍ଥ ଆଦି ସମ୍ପର୍କରେ ବୁଝିଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ, ସୁନ୍ଦରଗଡ଼ ଓ ରାଉରକେଲା ପୂର୍ତ୍ତ ବିଭାଗ, ସୁନ୍ଦରଗଡ଼ ଓ ରାଉରକେଲା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁନ୍ଦରଗଡ଼ ଓ ରାଉରକେଲା, ବୃହତ ଜଳ ସେଚନ ବିଭାଜନ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ ଆଦି ଉପରେ ଉପସ୍ଥାପନ କରିଥିଲେ। ଓମ୍ୱାଡସି ଏବଂ ଜିଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମ ଯଥା – ଶିକ୍ଷା, ବୈଷୟିକ ଶିକ୍ଷା, କୌଶଳର ବିକାଶ, ସ୍ୱାସ୍ଥ୍ୟ, ଉଦ୍ୟାନ କୃଷି, ଅଙ୍ଗନୱାଡ଼ି, ଜୀବିକା ପ୍ରୋତ୍ସାହନ, ପରିବେଶ ସୁରକ୍ଷା, ବିଭିନ୍ନ ଭିତ୍ତିଭୂମି , ଆମ୍ବୁଲାନ୍ସ ସେବା, ସ୍କୁଲ ବସ , ଡାକ୍ତର ଏବଂ ପାରାମେଡିକ ଷ୍ଟାଫ , ଅଙ୍ଗନୱାଡ଼ିରେ ରାଗି ଲଡୁ, ସ୍ପିରୁଲିନା ଚିକି ବଣ୍ଟନ ଆଦି ସମ୍ପର୍କରେ ଜିଲାପାଳ ମନୋଜ ମହାଜନ ଉପସ୍ଥାପନ କରିଥିଲେ। ଏହା ସହିତ ଜିଲାପାଳ ମହାଜନ ସମସ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗ ଅଧିନରେ ଥିବା କାର୍ଯ୍ୟକ୍ରମ ଆଦିକୁ ନିୟମିତ ଭାବେ ସମୀକ୍ଷା କରିବା ସହିତ ଏହାର ସଫଳ ରୂପାୟନ କରିବା ଆବଶ୍ୟକ ବୋଲି କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରାଉରକେଲା ଆଶୁତୋଷ କୁଲକର୍ଣ୍ଣି, ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଉପଜିଲାପାଳ ସଦର ଦାଶରଥି ସରାବୁ, ପାନପୋଷ ଉପଜିଲାପାଳ ବିଜୟ ନାୟକ, ବଣାଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ଜିଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ ଏବଂ ସୁନ୍ଦରଗଡ଼ ଏବଂ ରାଉରକେଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଜ ନିଜ ବିଭାଗର କାର୍ଯ୍ୟ ଗୁଡ଼ିକ ଉପରେ ଉପସ୍ଥାପନ କରିଥିଲେ।

### ତ୍ରୁଟି ସଂଶୋଧନ

ଧରିତ୍ରୀର ୭।୧୦।୨୦୨୪ ରାଉରକେଲା ସଂସ୍କରଣର ପୃଷ୍ଠା– ୧୧ରେ 'ଭୂୟାଁ ସମାଜକୁ ଆଦିବାସୀ ମାନ୍ୟତା ଦାବି' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ତେବେ ଏଥିରେ ଭୁଲ୍‌ବଶତଃ 'ଭୂୟାଁର ସମାଜ' ପରିବର୍ତ୍ତେ 'ଭୂୟାଁ ସମାଜ' ବୋଲି ଉଲ୍ଲେଖ ରହିଛି। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

### ବ୍ରାହ୍ମଣୀ ନଦୀରେ ଭାସି ବୃଦ୍ଧ ନିଖୋଜ

ଲହୁଣୀପଡ଼ା,୮।୧୧ (ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଖୁଟୁଗାଁ ପଞ୍ଚାୟତ ସୁଆରପାଲି ଗ୍ରାମର ଜଣେ ବୃଦ୍ଧ ମଙ୍ଗଳବାର ବ୍ରାହ୍ମଣୀ ନଦୀରେ ଭାସିଯାଇ ନିଖୋଜ ଥିବା ଜଣାପଡିଛି। ସେ ହେଲେ ଉକ୍ତ ଗ୍ରାମର ସନାତନ ନାୟକ(୬୯)। ସୂଚନାଯୋଗ୍ୟ, ସନାତନ ଅପରାହ୍ନରେ ବ୍ରାହ୍ମଣୀ ନଦୀକୁ ମାଛ ମାରିବାକୁ ଯାଇଥିଲେ। ଜାଲ ପକାଉଥିବା ବେଳେ ପାଣି ସ୍ରୋତରେ ଭାସି ଯାଇଥିଲେ। ଖବରପାଇ ଲହୁଣୀପଡ଼ା ପୋଲିସ ଓ ଦମକଳ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ନିଖୋଜ ସନାତନଙ୍କ ପତ୍ତା ମିଳି ନ ଥିଲା।

# ଲହୁଣୀପଡା ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଲହୁଣୀପଡା,୮।୧୦(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଫୁଲଝର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଅଭିଯାନ (ରା) ପକ୍ଷରୁ ବ୍ଲକ ସ୍ତରୀୟ କୁଇଜ ପ୍ରତିଯୋଗୀତା ମଙ୍ଗଳବାର ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏଡିଡବ୍ଲ୍ୟୁ ଅଜୟ କୁମାର ଜେନା, ସମ୍ମାନିତ ଅତିଥି ଏବିଇଓ ନରହରି କିସାନ, ଫୁଲଝର ପଞ୍ଚାୟତ ସରପଞ୍ଚ ରଇବାରୀ ମୁଣ୍ଡା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷେତ୍ରମୋହନ ମାହନ୍ତ, ବ୍ଲକ ବିଜ୍ଞାନ ସଂଯୋଜକ କିଶୋର ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ଲହୁଣୀପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବଙ୍କିରା ସଭାପତିତ୍ୱ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କରିଥିଲେ। ଫୁଲଝର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୁରିଶ୍ରବା ବେହେରା ପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗଣନାଥ ବାରିକ ଓ ଦୁର୍ଯ୍ୟୋଧନ ମହାରଣା ମଞ୍ଚ ପରିଚାଳନା କରିଥିଲେ। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ଭାବେ ଥିବା ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନପ୍ରତି ବିଦ୍ୟାଳୟ ଭିତରେ ଆଗ୍ରହ ଓ ବିଦ୍ୟାଳୟ ବାହାରେ ଆକର୍ଷିତ ହେବା ପାଇଁ ଏହି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ସ୍ତରରେ ବିଭକ୍ତ କରାଯାଇଥିବା ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ। ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥିଭାବେ ଜିଲାପରିଷଦ ସଦସ୍ୟା ସୁଶିଳା ନାୟକ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅଶ୍ୱିନୀ କୁମାର ବିଶ୍ୱାଳ, ସଞ୍ଜୟ କୁମାର ତ୍ରିପାଠୀ, ସତ୍ୟ ନାରାୟଣ ସେଠ, ପଦ୍ମଲୋଚନ ମାଝୀ, ଶିବ ପ୍ରସାଦ ସାହୁ, ସମେତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ଶେଷରେ ସିଆରସିସି ହରିପଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆଁଖାଇ ଭେଟ୍‌ଘାଟ୍, କ୍ରୀଡ଼ାବିତ୍ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସୁନ୍ଦରଗଡ,୮।୧୦(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଟାଉନ ରୋଟାରି କ୍ଲବ ଆନୁକୂଲ୍ୟରେ ଆମ୍ବିଆନ୍ସ ସଭାଗୃହରେ ନୂଆଁଖାଇ ଭେଟଘାଟ ଓ କ୍ରୀଡ଼ାବିତ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରୋଟାରିଆନ ଦିଲୀପ କୁମାର ପଟେଲ, ସମ୍ପାଦକ ରୋଟାରିଆନ ଶୋଭନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଦିଗ୍‌ଦର୍ଶନରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ କ୍ଲବର ସମସ୍ତ ସଭ୍ୟ ଓ ତାଙ୍କ ପରିବାରବର୍ଗ ଯୋଗଦେଇ ନୂଆଁଖାଇର ଅତୁଟ ପରମ୍ପରାର ମହତ୍ତ୍ୱ ଓ ସମାଜ ପାଇଁ ଏହାର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ସୁନ୍ଦରଗଡ ଜିଲାର ଜାତୀୟ, ଅନ୍ତର୍ଜାତୀୟ ତଥା ରାଜ୍ୟ ସ୍ତରରେ କୃତିତ୍ୱ ହାସଲ କରିଥିବା ୫ଜଣ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉସୁ, କିକ୍ ବକ୍ସିଂ, ପେନଚାକ ସିଲାଟ, ସିପକ ଟାକ୍ରୋ ତଥା ଆସପେଡୋ ଆଖଡା ଆଦି ଅଣପାରମ୍ପରିକ ଖେଳରେ ଉତ୍ତମ ପ୍ରଦର୍ଶନ ପାଇଁ ଲିପ୍ସା ଷଡଙ୍ଗୀ, ପ୍ରଦ୍ୟୁମ୍ନ ସ, ମଧୁସ୍ମିତା ଭିତ୍ରିଆ, ଲିପନ ସେଠ ଓ ପ୍ରତୀକ ପଟେଲଙ୍କୁ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଓ ପରିବେଶ ସୁରକ୍ଷା ତଥା ବକ୍ତୃତା ପ୍ରତିଯୋଗିତାର ଉପଲବ୍ଧି ପାଇଁ ସ୍ୱରିତ ଉପାଧ୍ୟାୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଡ୍‌ମିଣ୍ଟନରେ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ଜସ୍ମିନ ନାଏକ ମଧ୍ୟ ସମ୍ମାନିତ ହୋଇଥିଲେ। ରୋଟାରିଆନ ଶୁଭ୍ରେନ୍ଦୁ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ରୋଟାରିଆନ ଶୋଭନ ଦାଶ ଧନ୍ୟବାଦ ଅର୍ପଣ କରିଥଲେ।

# ସରକାରୀ କଲେଜରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ,୮।୧୦(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମଙ୍ଗଳବାର ଏଚଆଇଭି ତଥା ଏଡସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ରେଡରିବନ କ୍ଲବ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଧାପକ ଡ. ଭରତ ଚନ୍ଦ୍ର ପଟେଲ ଅତିଥିଭାବେ ଯୋଗଦେଇ ଏଡସ ରୋଗର ଲକ୍ଷଣ ଓ ନିରାକରଣ ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲ ସ୍ୱାଗତ ଅଭିଭାଷଣ ପ୍ରଦାନ




ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟାପିକା,ଅଧ୍ୟାପକଙ୍କ ସହ ଛାତ୍ରୀ।

କରିଥିଲେ। ଅଧ୍ୟାପକ ପ୍ରଭାକର ସେଠୀ ରେଡରିବନ କ୍ଲବର ଉଦ୍ଦେଶ୍ୟ ଓ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରେଡକ୍ରସର ଜିଲା ସଂଯୋଜକ ସରୋଜ କୁମାର ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାଉନସେଲର ଡ. ଶମ୍ଭୁଶଙ୍କର ଦୀପ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାଉନସେଲର ପ୍ରଜ୍ଞା ପରିମିତା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

### ଜୁଆ ଆଡ୍ଡାରେ ଚଢ଼ାଉ, ୭ ବାଇକ୍ ଜବତ

ବନ୍ଧମୁଣ୍ଡା, ୮।୧୦(ସୁବ୍ରତ ଦେ)

ବନ୍ଧମୁଣ୍ଡା ଥାନା ଅଧୀନ ଦଲପୋଶ ଗ୍ରାମରେ ପୋଲିସ ସୋମବାର ବିଳମ୍ବିତ ରାତିରେ ଗାଁରେ ଚାଲୁଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଛି। ଚଢ଼ାଉ ସମୟରେ ପୋଲିସ ୭ଟି ବାଇକ୍ ଏବଂ ୧୫୦୦ ଟଙ୍କା ଜବତ କରିଛି। ପୋଲିସକୁ ଦେଖି ଜୁଆଡୀମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଦଲପୋଶ ଗ୍ରାମରେ ଜୁଆଖେଳ ଚାଲିଥିବା ନେଇ ବନ୍ଧମୁଣ୍ଡା ଥାନାଧିକାରୀ ଚିତ୍ତରଞ୍ଜନ ନାୟକ ସୂଚନା ପାଇ ଚଢ଼ାଉ କରିଥିଲେ।

### ପୋଖରୀ ଖୋଳାରେ ଦୁର୍ନୀତି, ବିଡିଓଙ୍କୁ ଅଭିଯୋଗ

ବନ୍ଧମୁଣ୍ଡା,୮।୧୦(ସୁବ୍ରତ ଦେ)

ବିଶ୍ରା ବ୍ଲକ ଅଧୀନ ସନ୍ତୋଷପୁର ପଞ୍ଚାୟତ ଗୁଡ଼ଗୁଡ଼ଝରରେ ପୋଖରୀ ଖୋଳିବା ନାଁରେ ବ୍ୟାପକ ଦୁର୍ନୀତି ହୋଇଥିବା ସ୍ଥାନୀୟ ଲୋକେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମବାସୀ ସୋମବାର ବିଶ୍ରା ବିଡିଓ ଜଗନ୍ନାଥ ହନୁମାନ ଏବଂ ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀଙ୍କୁ ଭେଟି ଦୁର୍ନୀତି ସମ୍ପର୍କରେ ଲିଖିତ ଜଣାଇଥିଲେ। ମଙ୍ଗଳବାର ସୁନ୍ଦରଗଡ ଯାଇ ଡିଆରଡିଏ ପିଡିଙ୍କୁ ଭେଟି ସମାନ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗୁଡ଼ଗୁଡ଼ଝର ଅଞ୍ଚଳରେ ପୋଖରୀ ଖୋଳିବାକୁ ନେଇ ବ୍ୟାପକ ଦୁର୍ନୀତି ହୋଇଛି। ୨ଟି ପୋଖରୀ ଖୋଳା ହୋଇଥିବା ବେଳେ ୧୦ଟି ପୋଖରୀ ଖୋଳିବାର ବିଲ ପୈଠ ହୋଇଥିବା ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟରୁ ଜଣାପଡିଛି।

# ବୋନସ ଦାବିରେ ମିଳିତ ଶ୍ରମିକ ସଂଗଠନର ଗଣ ବିକ୍ଷୋଭ

ରାଉରକେଲା,୮।୧୦(ସଙ୍ଗୀତା ଜେନା)

୪୦ହଜାର ୫ଶହ ଟଙ୍କାରୁ ଉର୍ଦ୍ଧ୍ୱ ବୋନସ ପ୍ରଦାନ, ୩୯ମାସର ଏରିୟର ଓ ଅନ୍ୟାନ୍ୟ ଦାବିରେ ମଙ୍ଗଳବାର ରାଉରକେଲା ଇସ୍ପାତ କାରଖାନାର ସମସ୍ତ ଶ୍ରମିକ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉକ୍ତ ବିକ୍ଷୋଭରେ ରାଉରକେଲା ଶ୍ରମିକ ସଂଘ, ଆର୍‌ଆଇକେକେଏସ୍, ସିଟୁ, ଆର୍‌ଏମ୍‌ଏସ୍, ଜିଏମ୍‌ଏମ୍, ଏଆଇଟିୟୁସି, ଆର୍‌ଆଇକେଏସ୍, ଆର୍‌ଡବ୍ଲ୍ୟୁୟୁ, ସିଅର ଆଦି ଶ୍ରମ ସଙ୍ଗଠନ ଅଂଶଗ୍ରହଣ କରିଥିଲେ। ଆର୍‌ଏସ୍‌ଏସ୍‌ର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଉପସଭାପତି ଅକ୍ଷୟ ଜେନା, ଆର୍‌ଆଇକେକେଏସ୍‌ର ହିମାଂଶୁ ବଳ, କାର୍ଯ୍ୟକାରୀ ଉପସଭାପତି ସୁରେନ୍ଦ୍ର କଂସାରୀ, ସିଟୁର ବିଷ୍ଣୁ ମହାନ୍ତି, ବିମାନ ମାଇତି, ଆର୍‌ଏମ୍‌ଏସ୍‌ର ଶଶଧର ନାୟକ, ଜିଏମ୍‌ଏମ୍ ସଭାପତି ଜର୍ଜ ତିର୍କୀ, ଗୋପାଳ ଦାସଙ୍କ ସମେତ ଶ୍ରମିକ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେଲେ ଆସନ୍ତା ନଭେମ୍ବର ୧୪ ଓ ୧୫ତାରିଖରେ ଧାରଣା ଦିଆଯିବ ବୋଲି ନେତୃମଣ୍ଡଳୀ କହିଥିଲେ। ଆଜିର କାର୍ଯ୍ୟକ୍ରମରେ ସମସ୍ତ ୟୁନିୟନର ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ।




ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବାଜରା ମିଲେଟର କ୍ଷେତ୍ର ଦିବସ, ଯାନ୍ତ୍ରିକ ଅମଳ ପ୍ରଦର୍ଶନ

ସୁନ୍ଦରଗଡ,୮।୧୦(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଗମ୍ଭାରିଠାରେ ବାଜରା ମିଲେଟର କ୍ଷେତ୍ର ଦିବସ ତଥା ବାଜରା ଓ ଗଙ୍ଗେଇ ଫସଲର ଯାନ୍ତ୍ରିକ ଅମଳ ପ୍ରଦର୍ଶନ ମଙ୍ଗଳବାର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାଏକ ଶ୍ରୀ ଅନ୍ନର ଉପକାରିତା ଓ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ ବିଷୟରେ କହିବା ସହ ସୁନ୍ଦରଗଡ ଜିଲା ମିଲେଟ ଚାଷ ପାଇଁ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛି ବୋଲି କହିଥିଲେ। ଇକ୍ରିସାଟର ପରାମର୍ଶଦାତା(ଯାନ୍ତ୍ରୀକରଣ) ପ୍ରଫେସର ସଂଗ୍ରାମ କିଶୋରୀ ସାଇଁ ଏହି ପ୍ରକଳ୍ପର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଉନ୍ନତ ବିହନ ଉପଲବ୍ଧ ଓ ଉତ୍ପାଦନ, ଶ୍ରୀ ଅନ୍ନର କ୍ଷେତ୍ର ପରିଚାଳନା, ଉପଗ୍ରହରୁ ପ୍ରାପ୍ତ ସୂଚନା ଅନୁଯାୟୀ ମୃତ୍ତିକା ପରିଚାଳନା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଓୟୁଏଟି ବାଜରା ଓ ଗଙ୍ଗେଇ ଫସଲ ଅମଳ ଯନ୍ତ୍ରର ପ୍ରଦର୍ଶନ କରାଯାଇଥିଲା। ଏହି ଯନ୍ତ୍ର ଦ୍ୱାରା ଘଣ୍ଟାକୁ ୩୦ ରୁ ୩୫ କି.ଗ୍ରା. ବାଜରା ଓ ୧୦୦ ରୁ ୧୨୦ କି.ଗ୍ରା. ଗଙ୍ଗେଇ ଝଡାଇବା ସହିତ ସଫା କରାଯାଇପାରୁଛି। ଇକ୍ରିସାଟର ବରିଷ୍ଠ ବୈଜ୍ଞାନିକ ଡ. ରାମ ବିକାଶ ବର୍ମା ଏହି ମୁରୋ ପ୍ରକଳ୍ପରେ ଇକ୍ରିସାଟ–



ଓୟୁଏଟି.ସେବକର ସମ୍ମିଳିତ ଉଦ୍ୟମରେ ଶ୍ରୀ ଅନ୍ନ ଫସଲର କ୍ଷେତ୍ର ପରିଚାଳନା ଓ ଯାନ୍ତ୍ରୀକରଣ ଦ୍ୱାରା ଅଳ୍ପ ସମୟରେ ବାଜରା ଓ ଗଙ୍ଗେଇ ଫସଲର ଫସଲ ଝଡାଇବା ଓ ସଫା କରିବା ଦ୍ୱାରା ଚାଷୀ ମାନେ ଲାଭବାନ ହୋଇପାରିବେ ବୋଲି କହିଥିଲେ। ଆଞ୍ଚଳିକ କୃଷି ଗବେଷଣା ଉପକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୀବ କୁମାର ବିଶାସୀ ବାଜରା ଚାଷ କିପରି ପ୍ରତିକୂଳ ପାଣିପାଗରେ ତଥା ଢିପ ଜମିରେ ଉତ୍ତମ ଅମଳ ଦେଇଥାଏ ସେ ଉପରେ ବୁଝାଇଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ.ଲକ୍ଷ୍ମୀପ୍ରିୟା ପ୍ରଧାନ, ଡିଡିଏମ ନାବାର୍ଡ ତାପସ ବେହେରା, ଓଡିଶା କୃଷି ଶିଳ୍ପ ନିଗମର ସୁବୋଧ ପାଣିଗ୍ରାହୀ, କୃଷି ଯାନ୍ତ୍ରୀକରଣ ବିଭାଗର ଇଂ. ପରମାନନ୍ଦ ପ୍ରଧାନ, ଟାଙ୍ଗରପାଲି ବ୍ଲକ କୃଷି ଅଧିକାରୀ ସୋନିଆ ଟପ୍ପୋ, ସେବକର ଅଧ୍ୟକ୍ଷ ଅମିୟକାନ୍ତ ନାଏକ, ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ, ୱାସନର ତୁଳାନାଥ ବନଛୋର, ସେବକର କୃଷି ପରାମର୍ଶ ଦାତା ଉଦିତ କୁମାର ନାଏକ ଉପସ୍ଥିତ ରହି ଚାଷୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଟାଙ୍ଗରପାଲି ବ୍ଲକର ୭୦ରୁ ଉର୍ଦ୍ଧ୍ୱ ଚାଷୀ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ସେବକର ହେମନ୍ତ ପୃଷେଠ, ଅମୀୟରଞ୍ଜନ ଲେଙ୍କା, ଅଜୟ ସୁନ୍ୟାନି ପ୍ରମୁଖ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ, ଆନ୍ତର୍ଜାତୀୟ ଅର୍ଦ୍ଧଶୁଷ୍କ ଓ ଉଷ୍ଣଦେଶୀୟ ଫସଲ ଅନୁସନ୍ଧାନ ସଂସ୍ଥାନ (ଇକ୍ରିସାଟ), ହାଇଦ୍ରାବାଦ ଓ ଓଡ଼ିଶା କୃଷି ବିଶବିଦ୍ୟାଳୟ (ଓୟୁଏଟି)ର ମିଳିତ ଉଦ୍ୟମରେ ଓଡିଶାର ଉଚ୍ଚଜମି ଅଞ୍ଚଳରେ ମିଲେଟ ବା ଶ୍ରୀ ଅନ୍ନ ଫସଲ ପ୍ରକଳ୍ପ–୨୦୨୪ ସୁନ୍ଦରଗଡ, କେନ୍ଦୁଝର, କୋରାପୁଟ, ନବରଙ୍ଗପୁର ଓ ନୂଆପଡା ଜିଲାରେ କାର୍ଯ୍ୟକାରୀ ହେଉଛି। ଏହି ପରିପ୍ରେକ୍ଷୀରେ ଇକ୍ରିସାଟ ଦ୍ୱାରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକକୁ ଚୟନ କରି ଏହାର ପ୍ରକଳ୍ପ କାର୍ଯ୍ୟକ୍ଷେତ୍ରରେ ଶ୍ରୀ ଅନ୍ନ ଫସଲରେ ବାଜରା, କାଙ୍ଗୁ, ଗଙ୍ଗେଇ ଓ ଗୁଲଜି ଚାଷ କରାଯାଉଛି। ଇକ୍ରିସାଟ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ମିଳିତ ଭାବେ ଜିଲାର ଟାଙ୍ଗରପାଲି ଏବଂ କେନ୍ଦୁଝର ଜିଲାର ତେଲକୋଇ ବ୍ଲକରେ ଓଡିଶାରେ ଉପର ଅଞ୍ଚଳରେ ମିଲେଟ ( ମୁରୋ) ପ୍ରକଳ୍ପ ଜରିଆରେ ଅଣ ମାଣ୍ଡିଆ ଜାତୀୟ ପୁଷ୍ଟି ଶସ୍ୟ ଉପରେ କାମ କରୁଛି। ଟାଙ୍ଗରପାଲି ବ୍ଲକର ଗମ୍ଭାରି ରୂପାବାହାଲ ଏବଂ ପ୍ରଧାନପାଟ ତିନୋଟି ଗାଁ ରେ ୧୧୭ଟି ଚାଷୀଙ୍କୁ ନେଇ ବାଜରା, ସୁଆଁ, ଗଙ୍ଗେଇ ଏବଂ କାଙ୍ଗୁକୁ ନେଇ କାମ ଚାଲିଛି । ଏପ୍ରିଲରୁ ଏହି ଅଞ୍ଚଳରେ ଇକ୍ରିସାଟ ଓ ଓୟୁଏଟି ବୈଜ୍ଞାନିକଙ୍କ ଦ୍ୱାରା କ୍ଷେତ୍ର ଚୟନ ପୂର୍ବକ ଉନ୍ନତ ପ୍ରସ୍ତାବିତ ଶ୍ରୀ ଅନ୍ନ ଚାଷ, ସାର ପରିଚାଳନା, ଉନ୍ନତ ବିହନ ଉତ୍ପାଦନ, ଯନ୍ତ୍ରର ବ୍ୟବହାର ଦ୍ୱାରା କୃଷି ଓ କୃଷକର କିଭଳି ଉନ୍ନତି ହୋଇପାରିବ ସେ ଦିଗରେ କାର୍ଯ୍ୟ କରାଯାଉଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୯/୨୦୨୪ | Bhubaneswar, Wednesday, October 9/2024 | ପୃଷ୍ଠା-୧


## ରାଜ୍ୟ ସରକାରୀ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ସୀମା ୨୦ ଲକ୍ଷକୁ ବୃଦ୍ଧି

**ଭୁବନେଶ୍ୱର,୮।୧୦(ଅନିଲ ଦାସ)**

ରାଜ୍ୟର ସରକାରୀ କର୍ମଚାରୀଙ୍କ ପାଇଁ ଗ୍ରାଚ୍ୟୁଇଟି ସୀମା ୧୫ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ସରକାରୀ କର୍ମଚାରୀମାନଙ୍କ ମୃତ୍ୟୁ ତଥା ଅବସରକାଳୀନ ଗ୍ରାଚ୍ୟୁଇଟି (ଡିସିଆର୍‌ଜି)କୁ ୧୫ ଲକ୍ଷରୁ ୨୦ ଲକ୍ଷ ଟଙ୍କାକୁ ପିଛିଲା ଭାବରେ ୨୦୨୪ ଜାନୁଆରୀ ୧ ତାରିଖରୁ ଲାଗୁ କରାଯାଇଛି। ରାଜ୍ୟର ବିଭିନ୍ନ ସେବା ସଙ୍ଗଠନ ଏଥିପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଥିଲେ।

## ଆଜି ମିଳିବ ସୁଭଦ୍ରା ପ୍ରଥମ କିସ୍ତିର ୨ୟ ପର୍ଯ୍ୟାୟ

**ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)**

'ସୁଭଦ୍ରା' ଯୋଜନାରେ ହିତାଧିକାରୀଙ୍କ ଆକାଉଣ୍ଟକୁ ବୁଧବାର ମଧ୍ୟାହ୍ନ ୧୨ଟା ପୂର୍ବରୁ ଟଙ୍କା ଆସିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ପ୍ରଭାତୀ କହିଛନ୍ତି, ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଠାଇବେ। ଏନ୍‌ସିପିଆଇ କ୍ଲିୟରାନ୍ସ ଥିବା ୩୫ ଲକ୍ଷରୁ ଅଧିକ ମହିଳାଙ୍କୁ 'ସୁଭଦ୍ରା' ଟଙ୍କା ମିଳିବ। ଏ ପର୍ଯ୍ୟନ୍ତ ଏହି ଯୋଜନାରେ ସାମିଲ ହେବାକୁ ୧ କୋଟି ୨୦ ହଜାରରୁ ଅଧିକ ମହିଳା ହିତାଧିକାରୀ ପଞ୍ଜୀକରଣ କରିସାରିଲେଣି। ☞ପୃଷ୍ଠା-୨



ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ-୭ ପାରାଦୀପ ପକ୍ଷରୁ ମଙ୍ଗଳବାର ସମୁଦ୍ର ଭିତରେ କ୍ଷେତ୍ରୀୟ ସନ୍ଧାନ ଓ ଉଦ୍ଧାର ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ଏନ୍‌ଡିଆର୍‌ଏଫ୍, ଜିଲ୍ଲା ପ୍ରଶାସନ, ପାରାଦୀପ ବନ୍ଦର, କଷ୍ଟମ୍ସ, ନୌସେନା, ମେରାଇନ ପୋଲିସ, ଓଡ଼ିଶା ପୋଲିସ, ସିଆଇଏସ୍‌ଏଫ୍, ମତ୍ସ୍ୟ ବିଭାଗ, ବନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧିମାନେ ସାମିଲ ହୋଇଥିଲେ। (ଫଟୋ: ଶରତ ରାଉତ)

# ମାଟ୍ରିକ୍ ପରୀକ୍ଷା ନାମ ପଞ୍ଜୀକରଣରେ ଆଧାର ବାଧକ

**ଆଧାର କାର୍ଡରେ ତ୍ରୁଟି ପାଇଁ ଅଡୁଆରେ ପଡ଼ିଛନ୍ତି ବହୁ ମାଟ୍ରିକ ପରୀକ୍ଷାର୍ଥୀ। ତେଣୁ ପରୀକ୍ଷା ନିମନ୍ତେ ନାମ ପଞ୍ଜୀକରଣ ଅବଧି ବୃଦ୍ଧି ନ ହେଲେ ସେମାନେ ବାଦ୍‌ପଡ଼ିବା ଆଶଙ୍କା ଦେଖାଦେଇଛି। ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ସଭାପତିଙ୍କୁ ମଙ୍ଗଳବାର ଅବଗତ କରାଯାଇଛି। ପଞ୍ଜୀକରଣ ଅବଧି ଦୁଇ ସପ୍ତାହ ବୃଦ୍ଧି କରିବାକୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି।**

**ସମ୍ବଲପୁର, ୮।୧୦(ଭବାନୀ ଶଙ୍କର ଭୋଇ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ ପରୀକ୍ଷା ପାଇଁ ନବମ ଶ୍ରେଣୀଠାରୁ ଛାତ୍ରୀଛାତ୍ରଙ୍କର ପଞ୍ଜୀକରଣ କରାଯିବା ବ୍ୟବସ୍ଥା ରହିଛି। ଚଳିତବର୍ଷ ପଞ୍ଜୀକରଣ ସେପ୍ଟେମ୍ବର ୨୭ରୁ ଆରମ୍ଭ ହୋଇ ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ତେବେ ଛାତ୍ରୀଛାତ୍ରମାନଙ୍କର ନାମ ପଞ୍ଜୀକରଣ ପାଇଁ ବ୍ୟାଙ୍କ ପାସ୍‌ବୁକ ଏବଂ ଆଧାର କାର୍ଡ ଜରୁରୀ। ବର୍ତ୍ତମାନ ସୁଭଦ୍ରା ଯୋଜନା ଏବଂ ରାଶନ କାର୍ଡରେ ଆଧାର ସଂଯୋଗ ପାଇଁ ଗ୍ରାହକ ସେବା କେନ୍ଦ୍ର ଏବଂ ଜନସେବା କେନ୍ଦ୍ରଗୁଡିକରେ ଲମ୍ବା ଲାଇନ ଲାଗୁଛି। ଆଧାର କାର୍ଡ ପାଇଁ ପଞ୍ଜୀକରଣ କିମ୍ବା ତ୍ରୁଟି ସଂଶୋଧନ ପାଇଁ ଆବେଦନ କଲେ ୧୫ ଦିନରୁ ୧ ମାସ ପର୍ଯ୍ୟନ୍ତ ସମୟ ଲାଗିଯାଉଛି। ସବୁ ଛାତ୍ରୀଛାତ୍ରଙ୍କର ଅଭିଭାବକମାନେ ଏନେଇ ସଚେତନ ନ ଥିବା ବେଳେ ସ୍କୁଲରେ ପଞ୍ଜୀକରଣ ସମୟରେ ହିଁ ଆଧାର କାର୍ଡରେ ରହିଥିବା ତ୍ରୁଟି ବିଷୟରେ ଅବଗତ ହୋଇ ବହୁ ଅଭିଭାବକ ସଂଶୋଧନ ପାଇଁ ଆବେଦନ କରିଥାନ୍ତି। ପୂର୍ବ ବର୍ଷଗୁଡ଼ିକରେ ମାଟ୍ରିକ ପଞ୍ଜୀକରଣ ସମୟ ବୃଦ୍ଧି ହୋଇଆସୁଥିବା ବେଳେ ଚଳିତବର୍ଷ ପଞ୍ଜୀକରଣ ସମୟ ବୃଦ୍ଧି କରିବା ପାଇଁ କୌଣସି ବିଜ୍ଞପ୍ତି ଜାରି କରାଯାଇନାହିଁ। ଯାହାଦ୍ୱାରା ବହୁ ଛାତ୍ରୀଛାତ୍ର ତ୍ରୁଟି ଥିବା ଆଧାର କାର୍ଡରେ ☞ପୃଷ୍ଠା-୨

## ଭୁବନେଶ୍ୱର ସମେତ ୪ ସହରରେ ଚାଲିବ ୩୫୦ ଇ-ବସ୍

**ଭୁବନେଶ୍ୱର,୮।୧୦(ଅନିଲ ଦାସ)**

ବାୟୁ ଏବଂ ଶବ୍ଦ ପ୍ରଦୂଷଣକୁ ରୋକିବା ସହ ସାଧାରଣ ପରିବହନ ଖର୍ଚ୍ଚକୁ ହ୍ରାସ କରିବା ପାଇଁ ରାଜ୍ୟର ସହରାଞ୍ଚଳରେ ଇଲେକ୍ଟ୍ରିକ ବସ୍ ସେବାକୁ ତ୍ୱରାନ୍ୱିତ କରାଯିବ। ଏ ନେଇ ରାଜ୍ୟ ସରକାର ୪୦୦ ଇ-ବସ୍ ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ସେଥିରୁ ପ୍ରଥମ ପର୍ଯ୍ୟାୟରେ ୨୦୦ ବସ୍ ଯୋଗାଇବାକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଇତିମଧ୍ୟରେ ୪୫ଟି ଇ-ବସ୍ ପହଞ୍ଚିଛି। ଅବଶିଷ୍ଟ ଆସନ୍ତା ଡିସେମ୍ବର ସୁଦ୍ଧା ପହଞ୍ଚିବ ବୋଲି ଅର୍ବାନ କ୍ୟାପିଟାଲ ରିଜିଅନ ଟ୍ରାନ୍ସପୋର୍ଟ(କ୍ରୁଟ)ର ଜଣେ ଅଧିକାରୀ କହିଛନ୍ତି। ଭୁବନେଶ୍ୱର, କଟକ ଓ ରାଉରକେଲା ସହର ଓ ଏହାର ଆଖପାଖ ଅଞ୍ଚଳରେ ୧୦୦ଟି ଲେଖାଏ ଏବଂ ସମ୍ବଲପୁରରେ ୫୦ଟି ବସ୍ ଚଳାଚଳ କରିବ। ଏଥିସହିତ ରାଜ୍ୟର ଅନ୍ୟାନ୍ୟ ସହରାଞ୍ଚଳରେ ମଧ୍ୟ ଇ-ବସ୍ ସେବା ଆରମ୍ଭ କରାଯିବ। ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ଇଲେକ୍ଟ୍ରି ବସ୍‌ଗୁଡ଼ିକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଯୋଗାଇଦେବେ। ଇ-ବସ୍ ଯୋଜନାରେ ☞ପୃଷ୍ଠା-୨

## ଜନ୍ ହପ୍‌ଫିଲ୍ଡ, ଜେଫ୍ରି ହିଣ୍ଟନ୍‌ଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ

**ଷ୍ଟକ୍‌ହୋମ୍, ୮।୧୦**



ଜନ୍ ହପ୍‌ଫିଲ୍ଡ



ଜେଫ୍ରି ହିଣ୍ଟନ୍

ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ ମଙ୍ଗଳବାର ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ଘୋଷଣା କରିଛି। ଆମେରିକୀୟ ବୈଜ୍ଞାନିକ ଜନ୍ ହପ୍‌ଫିଲ୍ଡ(୯୧) ଓ ବ୍ରିଟିଶ୍ କାନାଡ଼ୀୟ ବୈଜ୍ଞାନିକ ଜେଫ୍ରି ହିଣ୍ଟନ୍ (୭୬)ଙ୍କୁ ମିଳିତ ଭାବେ ଚଳିତ ବର୍ଷର ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ମେଶିନ ଲର୍ଣ୍ଣିଂର ମୂଳଦୁଆ ପକାଇଥିବା ଆବିଷ୍କାର ଓ ଉଦ୍ଭାବନ କରିବା ପାଇଁ ନୋବେଲ କମିଟି ପକ୍ଷରୁ ଉଭୟଙ୍କ ନାମ ଘୋଷଣା କରାଯାଇଛି। ଉଭୟ ହପ୍‌ଫିଲ୍ଡ ଓ ହିଣ୍ଟନ୍ ବିଭିନ୍ନ ପରୀକ୍ଷା କରି ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ବିପନ୍ନ ସହାୟତା ସମିତି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ସମିତି ପରିସର, ପ୍ଲଟ୍ ନଂ.-୪୧, ସେକ୍ଟର-ଏ, ଜୋନ୍-ଡି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ସମୟ: ସକାଳ ୯ଟା ୩୦।
- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ଓ ଦିବ୍ୟଜ୍ୟୋତି ୟୁଥ୍ ଏବଂ ଯୋଗ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କ୍ଲବ ପରିସର, ଡୁମଡୁମା, ସମୟ: ସକାଳ ୯ଟା ୩୦।
- ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଦାବରୀଶ ମିଶ୍ର ସାହିତ୍ୟ ସଂସଦ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାସିକ ପତ୍ରିକା 'କାଦମ୍ବିନୀ'ର ଶାରଦୀୟ ବନ୍ଧୁ ମିଳନ, ସ୍ଥାନ: ଶ୍ରୀବାଣୀକ୍ଷେତ୍ର, କିସ୍ ଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ନାଗଭୂଷଣ ପଟ୍ଟନାୟକଙ୍କ ୨୬ତମ ସ୍ମୃତି ଦିବସ, ସ୍ଥାନ: ନାଗ ଭୂଷଣ ଭବନ, ଅଶୋକନଗର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜଭବନ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।
- ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଯୁବ କେନ୍ଦ୍ର ପରିସର, ନୟାପଲ୍ଲୀ, ସମୟ: ଅପରାହ୍ନ ୩ଟା।
- ନୃତ୍ୟାୟନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'କୁଆଁର ପୁନେଇଁ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ମାସିକ ସତ୍ୟବାଦୀ ସାହିତ୍ୟ ଆସର, ସ୍ଥାନ: ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ସଭାଗୃହ, ନବୀନ ନିବାସ ନିକଟ, ସମୟ: ସନ୍ଧ୍ୟା ୬ଟା ୩୦।
- ନବରାତ୍ରି ସେଲିବ୍ରେଶନ 'ରଙ୍ଗିଲୋ ରାସ', ସ୍ଥାନ: କ୍ରିଷ୍ଟାଲ କ୍ରାଉନ, ସମୟ: ସନ୍ଧ୍ୟା ୭ଟା।

## କଟକ

- କଟକ ଜିଲା ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ, ସ୍ଥାନ: କଟକ ସାରଳା ଭବନ, ସମୟ- ପୂର୍ବାହ୍ନ ୧୦ଟା ୩୦।

## ପୁରୀ

- ପୁରୀ ସେବା ସମିତି ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳନ, ସ୍ଥାନ: ସିଂହଦ୍ୱାର ନିକଟ, ପୁରୀ, ସମୟ: ସକାଳ ୭ଟା।
- ଶ୍ରୀକ୍ଷେତ୍ର ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ରାଣୀ ସତୀ ଭବନ, ପୁରୀ, ସମୟ ସକାଳ ୮ଟା।
- ସୁଆଣ୍ଡୋ ସେତୁ ସଙ୍ଗଠନ ପକ୍ଷରୁ ଉତ୍କଳମଣିଙ୍କ କାରା କବିତା ଗାନ ଓ ସତ୍ୟବାଦୀରୁ ସୁଆଣ୍ଡୋ ପଦଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ପଞ୍ଚସଖା ମଣ୍ଡପ, ସମୟ: ସକାଳ ୮ଟା।
- ଗୋପବନ୍ଧୁ ସ୍ମୃତି ପରିଷଦ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଜନ୍ମପୀଠ ସୁଆଣ୍ଡୋ, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ଗୋପବନ୍ଧୁ ମଣ୍ଡପ ଉନ୍ନୟନ ଉଦ୍‌ଘାଟନ ଓ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖ, ସମୟ: ସକାଳ ୯ଟା।
- ଲୋକକଳା ଗ୍ରାମ ସାରଙ୍ଗଯୋଡ଼ିରୁ ସୁଆଣ୍ଡୋ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: ସାରଙ୍ଗଯୋଡ଼ି ହାଟ, ସମୟ: ସକାଳ ୯ଟା।
- ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସତ୍ୟବାଦୀ ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜେଡିର ସୁଆଣ୍ଡୋ ପଦଯାତ୍ରା ଓ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବଳପୁର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ଗା ଚଳଚ୍ଚିତ୍ରର ପ୍ରିମିୟମ ଶୋ', ସ୍ଥାନ: ଟାଉନ ହଲ୍, ପୁରୀ, ସମୟ: ଅପରାହ୍ନ ୩ଟା।
- ବିଶ୍ୱରେ ଶାନ୍ତି ସ୍ଥାପନ ଓ ଯୁଦ୍ଧ ଭୟ ଦୂର ପାଇଁ ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ଦୀପଦାନ, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ପୁରୀ, ସମୟ: ଅପରାହ୍ନ ୪ଟା।
- କାକଟପୁର ଅଧିଷ୍ଠାତ୍ରୀ ମା' ମଙ୍ଗଳାଙ୍କ ମହାସପ୍ତମୀ ତିଥିରେ ଭଜନ ସମାରୋହ, ସ୍ଥାନ: କାକଟପୁର ମୁଖ୍ୟ ବଜାର, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା

- ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ଅଞ୍ଜୁଶ୍ରୀ କଲ୍ୟାଣ ମଣ୍ଡପ, ଖୋର୍ଦ୍ଧା, ସମୟ: ମଧ୍ୟାହ୍ନ ୧୨ଟା।
- ମା'ଦୁର୍ଗା ବଣିକ ସଂଘ ପକ୍ଷରୁ ଦୁର୍ଗାପୂଜା ଅବସରରେ ବିଲ୍ବବରଣ, ସ୍ଥାନ: କଣ୍ଟା ଛକ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଦୁର୍ଗାମାଧବ ମଣ୍ଡପ ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ଅବସରରେ ବିଲ୍ବବରଣ, ସ୍ଥାନ: ପୁରୁଣା ଦମକଳ ଛକ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର

- ସମ୍ବର୍ଦ୍ଧନା ସଭା,ସ୍ଥାନ: ଗିରିରୋଡ ଗୋପବନ୍ଧୁ ପ୍ରତିମୂର୍ତ୍ତି ନିକଟ, ସମୟ: ସକାଳ ୯ଟା।
- ବିଜେଡି ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ, ସ୍ଥାନ: ଆମ୍ବପୁଆ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ରାଜନୀତି ବିଜ୍ଞାନ ବିଭାଗ ତରଫରୁ ସ୍ୱାଗତ ଉତ୍ସବ,ସ୍ଥାନ: ବୁଗୁଡା ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଗଞ୍ଜାମ ଜିଲ୍ଲାପରିଷଦ ବୈଠକ, ସ୍ଥାନ: ଛତ୍ରପୁରସ୍ଥିତ ଜିଲ୍ଲାପରିଷଦ ଋଷିକୂଲ୍ୟା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ସମୟ: ସକାଳ ୮ଟା।
- ବିଜେଡିର ସଦସ୍ୟତା ଅଭିଯାନ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ପାରାଦୀପ ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଇଫ୍‌କୋ କାରଖାନା ପରିସରରେ ନବରାତ୍ର ଦାଣ୍ଡିଆ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ଇଫ୍‌କୋ ଟାଉନସିପ୍, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ନାଗଭୂଷଣ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକ ଅବସରରେ ଶୋଭାଯାତ୍ରା, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ଗୁଣପୁର,ସମୟ: ସକାଳ ୯ଟା।
- ବିଜେଡିର ସଦସ୍ୟତା ଅଭିଯାନ, ସ୍ଥାନ: ବିଜେଡି ପାର୍ଟି ଅଫିସ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।
- ଜେକେ ପେପର ମିଲ ଦୁର୍ଗା ପୂଜା କମିଟି ପକ୍ଷରୁ ମା'ଙ୍କ ଷଷ୍ଠୀ ପୂଜା ଆରମ୍ଭ, ସ୍ଥାନ: ଦୁର୍ଗା ପୂଜା ମଣ୍ଡପ, ଜେକେପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ପଞ୍ଚାୟତ ସମିତି ସାଧାରଣ ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ, ସ୍ଥାନ: କୋରାପୁଟସ୍ଥିତ ଗୋପବନ୍ଧୁ ପାର୍କ, ସମୟ : ସକାଳ ୯ ଟା ୩୦।
- ଜିଲା ରାଜସ୍ୱ ବୈଠକ, ସ୍ଥାନ: କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭା ଗୃହ, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ସମ୍ବଲପୁର

- ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ସପ୍ତମୀ ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଶାରଦୀୟ ଦଶହରା ପୂଜାର ସପ୍ତମୀ ପୂଜା, ସ୍ଥାନ : ଦାନୀପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ପୀଠ, ସମୟ : ପ୍ରାତଃ ୫ଟା।
- କାଳିବାଡି ଦୁର୍ଗାପୂଜା କମିଟି ପକ୍ଷରୁ ଷଷ୍ଠୀ ପୂଜା, ସ୍ଥାନ : କାଳିବାଡି ପରିସର, ସମୟ : ସକାଳ ୮ଟା।
- ମା' ମଙ୍ଗଳା ମନ୍ଦିର କମିଟି ପକ୍ଷରୁ ସପ୍ତମୀ ପୂଜା, ସ୍ଥାନ : ଭୁତାପଡା ସ୍ଥିତ ମନ୍ଦିର ପରିସର, ସମୟ : ସକାଳ ୯ଟା।
- ସମ୍ବଲପୁର ଆର୍ଚ୍ଚେରୀ ଆସୋସିଏଶନ ଆୟୋଜନରେ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଯୁଯୋମୁରା ହାଇସ୍କୁଲ ପଡିଆ, ସମୟ : ପୂର୍ବାହ୍ନ ୧୦ଟା।
- ବିଜୁ ଜନତା ଦଳ ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ : ନାରୀ ସେବା ସଦନ, ସମୟ : ପୂର୍ବାହ୍ନ ୧୦ଟା ୪୫।

## ବଲାଙ୍ଗୀର

- ସାର୍ବଜନୀନ ଦୁର୍ଗାପୂଜାରେ ସପ୍ତମୀ ପୂଜା ଓ କାଳରାତ୍ରୀ ପୂଜା, ସ୍ଥାନ: ରୁଗୁଡିପଡା, ଟିକ୍ରାପଡା ଗାନ୍ଧୀ ପାଠାଗାର, ପିପି ଏକାଡେମୀ, ତାଲପାଲିପଡା, ଶାନ୍ତିପଡା, ଗାନ୍ଧୀନଗରପଡା, ପେଲେସଲାଇନ୍, ବଲାଙ୍ଗୀର, ସମୟ: ସକାଳ ୮ଟା।
- ସପ୍ତବିଂଶ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ମହାସପ୍ତମୀ ପୂଜା, ସ୍ଥାନ: ବୁର୍ଡା, ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁବର୍ଣ୍ଣପୁର

- ନବରାତ୍ରିରେ ସପ୍ତମ ଦିବସୀୟ ପୂଜା, ସ୍ଥାନ: ଦୁର୍ଗା ମନ୍ଦିର,ତ୍ରିବେଣୀ ଛକ, ବୀରମହାରାଜପୁର, ସମୟ: ସକାଳ ୯ ଟା।
- ତରଭା ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: ନିବୃତ୍ତି ନଦୀରୁ ଶୁଭାରମ୍ଭ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ମା' ପାଟ ମାହେଶ୍ୱରୀ ଓ ସମଲେଶ୍ୱରୀଙ୍କ କାଳରାତ୍ରୀ ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ନବରାତ୍ର, ଘୃତଯଜ୍ଞ, ଚଣ୍ଡୀପାଠର ସପ୍ତମ ଦିବସ, ସ୍ଥାନ: କୋଟସମଲେଇ ,ଉଲୁଣ୍ଡା ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ଦୁର୍ଗା ମନ୍ଦିରରେ ସ୍ୱତନ୍ତ୍ର ପୂଜା ଓ ନବରାତ୍ରି ପାଳନ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଗୌରୀ ମଣ୍ଡପ, ନାଏକପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ମାଁ ବାଟମଙ୍ଗଳାଙ୍କ ଶାରଦୀୟ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ଭଟଲି, ସମୟ: ସକାଳ ୬ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ସୋହେଲା, ସମୟ: ସକାଳ ୭ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କଦଲୀପାଲି, ବରପାଲି, ସମୟ: ସକାଳ ୯ଟା।
- ବିଜେଡ଼ିର ସଦସ୍ୟତା ସଂଗ୍ରହ ଅଭିଯାନ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସମ୍ପର୍କ କାର୍ଯ୍ୟାଳୟ, ଖଣ୍ଡହଥା, ବରଗଡ଼, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ପେଣ୍ଡାଲରେ ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ: ରାଉରକେଲା, ସମୟ: ସକାଳ ୬ଟା ୩୦।
- ଗାୟତ୍ରୀ ପୀଠରେ ନବରାତ୍ର ଯଜ୍ଞ, ସ୍ଥାନ: ଗାୟତ୍ରୀ ପୀଠ, ସେକ୍ଟର-୨, ସମୟ: ସକାଳ ୭ଟା ୩୦।

## ଦେବଗଡ଼

- ଉନ୍ନତମାନର ଫଳ ଉତ୍ପାଦନ ବୃଦ୍ଧିନିମନ୍ତେ ୬ ଦିନିଆ ତାଲିମ ଶିବିରର ୩ୟ ଦିବସ, ସ୍ଥାନ: କୃଷି ବିଜ୍ଞାନକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତର ଅନ୍ତର୍ଜାତୀୟ ବାଳିକା ଶିଶୁ ଦିବସ-୨୦୨୪ ଉତ୍ସବ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ରର ସପ୍ତମୀ ପୂଜା ଆରମ୍ଭ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା।
- ମା' ଦକ୍ଷିଣକାଳୀ ପୀଠରେ ନବରାତ୍ରର ସପ୍ତମୀ ପୂଜା ଆରମ୍ଭ, ସ୍ଥାନ: ଶନି ମନ୍ଦିର, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୧ଟା।
- ଦଶହରା ଖେଳ ପ୍ରତିଯୋଗିତା, ସ୍ଥାନ: ତଳଭିତିରିଆ ସାହି, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ବାବୁ ସାହି, ଦୁର୍ଗାପୂଜା କମିଟି ପକ୍ଷରୁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ପ୍ରଧାନପାଟ ଜଳପ୍ରପାତରୁ ବାବୁ ସାହି ପୂଜା ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଶାସନ ସାହି, ଦୁର୍ଗାପୂଜା କମିଟି ପକ୍ଷରୁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ପ୍ରଧାନପାଟ ଜଳପ୍ରପାତରୁ ଶାସନ ସାହି ପୂଜା ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ କଳସ ଯାତ୍ରା ଓ ଅଧିବାସ ସ୍ଥାନ: ପ୍ରଧାନପାଟ ଜଳପ୍ରପାତରୁ ମୁଖ୍ୟ ମାର୍କେଟ ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଆନ୍ତର୍ଜାତୀୟ ଶିଶୁକନ୍ୟା ଦିବସ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳମଣି ସେବା ସଂସ୍ଥାର ୧୬ତମ ବାର୍ଷିକ ଉତ୍ସବ, ସ୍ଥାନ: ଜୁନାଗଡ଼ ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ନବରାତ୍ର ଦୁର୍ଗା ପୂଜାରେ ମହାଆଳତି, ସ୍ଥାନ: ଶ୍ରୀରାମ ଛକ ଦୁର୍ଗାମଣ୍ଡପ ନୂଆପଡ଼ା, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ବ୍ଲକ ସାରାବଙ୍ଗ ପଞ୍ଚାୟତ ଭୈଇଁଷିପାଟ ମନ୍ଦିର ପ୍ରାଙ୍ଗଣ, ସମୟ: ରାତ୍ର ୯ଟା।
- ମହାଆଳତି, କାତ୍ୟାୟନୀ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ଦୁର୍ଗାମଣ୍ଡପ, ସମୟ: ଅପରାହ୍ନ ୩ଟା ୦୫।
- ନବରାତ୍ର ଦୁର୍ଗା ପୂଜା ଉପଲକ୍ଷେ ଦାଣ୍ଡିଆ ନୃତ୍ୟ, ସ୍ଥାନ: ତେଲିପଡ଼ା ଦୁର୍ଗାମଣ୍ଡପ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।
- ମହାଆଳତି ଓ ଦାଣ୍ଡିଆ ନୃତ୍ୟ, ସ୍ଥାନ: ବଦ୍ରିଧାମ ମଣ୍ଡପ ନୂଆପଡ଼ା, ସମୟ: ରାତି ୯ଟା।
- ଗ୍ରାମ୍ୟ ଦେବଦେବୀଙ୍କ ବଏଲ ଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ, ସମୟ: ଅପରାହ୍ନ ୫ଟା।
- ଦୁର୍ଗାପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ସିନାପାଲି ବ୍ଲକ ବଣ୍ଡାବାହାଲି ଗାଁ, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ

- ଜିଲାସ୍ତରୀୟ ଆନ୍ତର୍ଜାତିକ ବାଳିକା ଦିବସ ପାଳନ ସମାରୋହ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ ବୌଦ୍ଧ, ସମୟ: ମଧ୍ୟାହ୍ନ ୧୨ଟା।
- ମା'ଦୁର୍ଗାଙ୍କ ନବ ଦିନାତ୍ମକ ପୂଜା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାମଲୀଳା ପଡ଼ିଆ, ମା'ଦୁର୍ଗାଙ୍କ ମନ୍ଦିର, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଭାଗ୍ୟ ସ୍ଥାନରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ଧର୍ମକାର୍ଯ୍ୟର ଆଲୋଚନା ପ୍ରୀତିପଦ ରହିବ। ପାରିବାରିକ ଅବ୍ୟବସ୍ଥା ଦୂରେଇଯିବା ସହ ବନ୍ଧୁମିଳନର ଆୟୋଜନ କରିବେ। ଶାରୀରିକ ସ୍ୱାସ୍ଥ୍ୟର ବିଷମତା ଦୂର ହେବାରୁ ମାନସିକ ଆଶ୍ୱସ୍ତି ଅନୁଭବ କରିବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିଲେ ବି କିଛି ଅସୁବିଧା ହେବନି।

**ବୃଷ**
ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ଭ୍ରାତୃ ସମ୍ପର୍କକୁ କ୍ଷୁଣ୍ଣ କରିପାରେ। କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜିର ଯାତ୍ରା ଓ କାମରେ ସଫଳତା ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିବେ ସତ, କିନ୍ତୁ ଅବହେଳାଜନିତ କୌଣସି ଉପଚାର କରି ନ ପାରନ୍ତି। ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡ଼ିପାରେ।

**ମିଥୁନ**
ଧନାଧିପ ସପ୍ତମସ୍ଥ ଯୋଗୁ ଆର୍ଥିକ ଆବଶ୍ୟକତା ଅପୂରଣ ରହିବ ନାହିଁ। କଥାରେ ସଂଯମତା ହରାଇ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି। ଆନୁଷ୍ଠାନିକ କାମ, ପୂଜାପାର୍ବଣ, କ୍ରୀଡ଼ା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମ୍ମାନ ପାଇବେ। ଗୃହ ସମସ୍ୟାକୁ ସଜାଡ଼ିବାକୁ ଯାଇ ବହୁତ ହଇରାଣ ହେବାକୁ ପଡ଼ିପାରେ।

**କର୍କଟ**
ଚନ୍ଦ୍ରଙ୍କ ସୁପ୍ରଭାବ ଯାତ୍ରାକାଳୀନ ସମସ୍ୟାକୁ ପ୍ରତିହତ କଲେ ମଧ୍ୟ ମାନସିକ ସ୍ଥିତିକୁ ହଲ୍‌ଚଲ୍ କରିପାରେ। କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାକୁ ସାମ୍ନା କରିବାର ସାହସ ଜୁଟିଯିବ। ସହକର୍ମୀଙ୍କ ସହ ତିକ୍ତତା ସଙ୍ଗକୁ କରଜଦାତାଙ୍କ ଚାପ ବୃଦ୍ଧି ପାଇବ। କଚେରି ମାମଲାର ଆଶୁ ଶୁଣାଣି ହେବ କିନ୍ତୁ ତାହା ସନ୍ତୋଷଜନକ ନ ହୋଇପାରେ।

**ସିଂହ**
ଦ୍ୱିତୀୟସ୍ଥ ବୁଧାଦିତ୍ୟ ଯୋଗ ପ୍ରଭାବରେ ଅର୍ଥର ପ୍ରାଚୁର୍ଯ୍ୟ, ସାମାଜିକ ସମ୍ମାନ ସହିତ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ଅଭାବରୁ ସୁସମ୍ପର୍କ ରହି ନ ପାରେ। କଳା, ସାହିତ୍ୟ, ସାମ୍ବାଦିକତା, ଶିଳ୍ପ, ବାଣିଜ୍ୟ କ୍ଷେତ୍ର ଭଲ ରହିବ। ମଘା ନକ୍ଷତ୍ରର ମାନସିକ ସ୍ଥିତି ବିଶେଷ ଭଲ ରହିବନାହିଁ।

**କନ୍ୟା**
ରାଶିରେ ଏକାଧିକଗ୍ରହ ଅବସ୍ଥାନ କରିଥିବାରୁ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିବେ। ପରିବାର ଭିତରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ପରିସରରେ ପିଲାମାନଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ଗୃହୋପକରଣ କିମ୍ବା ମୂଲ୍ୟବାନ୍ ସାମଗ୍ରୀ କ୍ରୟ କରିପାରନ୍ତି।

**ତୁଳା**
କର୍ମାଧିପତିଙ୍କୁ ଧନସପ୍ତମାଧିପତି ଦେଖୁଥିବାରୁ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବଢ଼ିବ ଏବଂ ଅର୍ଥସଂକଟ ଦୂରହେବ। ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଓ କୂଟନୀତି ପ୍ରୟୋଗ କରି କାମ ହାସଲ କରିବେ। କର୍ମକ୍ଷେତ୍ରରେ ବହୁତ କାମ ହାତକୁ ନେଇ ବ୍ୟଥିତ ହେବେ। ଅପ୍ରିୟ ସତ୍ୟ କହିବା ଦ୍ୱାରା ଶତ୍ରୁତା ସୃଷ୍ଟି ହେବାର ସୂଚନା ରହିଛି।

**ବିଛା**
ନୀଚସ୍ଥ ଚନ୍ଦ୍ରଜନିତ ଶାରୀରିକ ସୁସ୍ଥତା ପୂର୍ବପରି ଅକ୍ଷୁଣ୍ଣ ରହିବ କିନ୍ତୁ ମାନସିକ ଅସ୍ଥିରତା କାମକୁ ବିଶୃଙ୍ଖଳିତ କରିପାରେ। କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ଆପଣେଇ ନେବେ। ଏଜେନ୍ସି, ସାହିତ୍ୟ, ସାମ୍ବାଦିକତା, ରାଜନୀତି, କର୍ମାରମ୍ଭ ପ୍ରଭୃତିରୁ ସୁଫଳ ପାଇବେ। କାର୍ଯ୍ୟଭାର ବୃଦ୍ଧି ପାଉଥିବାରୁ ମାନସିକ ଅସ୍ଥିରତା ଲାଗିରହିବ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ବୁଦ୍ଧିମତ୍ତାର ଉପଯୋଗ କରି କୃତିତ୍ୱ ଅର୍ଜନ କରିବେ। ଅଷ୍ଟମାଧିପତିଙ୍କ ପ୍ରଭାବରେ ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇ ପାରନ୍ତି। କର୍ମ କ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ଖୋଜିବାରେ ସମର୍ଥ ହେବେ। ଯାତ୍ରା, ବାଣିଜ୍ୟ, ସାଂସ୍କୃତିକ କାମ ଓ ମନୋରଞ୍ଜନରେ ନିଜକୁ ସାମିଲ୍ କରିପାରନ୍ତି।

**ମକର**
ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡା ଲାଗିପାରେ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ। ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିବେ।

**କୁମ୍ଭ**
ମୁଖଭାବସ୍ଥ ଶନିଙ୍କ ଯୋଗୁ ପାରିବାରିକ କ୍ଷେତ୍ରରେ ସବୁ ଜାଣି ନୀରବତା ଅବଲମ୍ବନ କରିବେ। ସାମାଜିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କାରେ ମନ ଅସ୍ଥିର ରହିବ। ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ନିକଟ ସମ୍ପର୍କୀୟଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ବିଚଳିତ ବୋଧ କରିପାରନ୍ତି।

**ମୀନ**
ଦୀର୍ଘଦିନ ହେଲା ଯାହା ଆଶା କରୁଥିଲେ ଆଜି ତାହା ସହଜରେ ପାଇପାରିବେ। ଆନୁଷ୍ଠାନିକ କାମରୁ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ ଦୂରେଇ ଯିବ। ରାଶିରେ ରାହୁଜନିତ ସାମୟିକ ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଅକ୍ଟୋବର ୯ ତାରିଖ, ବିଶ୍ୱ ଡାକ ଦିବସ, ରାଷ୍ଟ୍ରୀୟ ଡାକ ସପ୍ତାହ, ଆଶ୍ୱିନଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ବୁଧବାର, ଉତ୍କଳମଣିଙ୍କ ଜୟନ୍ତୀ, ଶ୍ରୀମନ୍ଦିରରେ ମହାସପ୍ତମୀ, ନବପତ୍ରିକା ପ୍ରବେଶ ଓ ତ୍ରିଦିନ ପୂଜାରମ୍ଭ, ଦିବା ଘ.୦୫.୪୩ମି. ଗତେ ଘ. ୦୮.୦୩ମି. ମଧ୍ୟେ, ଘ.୧୦.୨୩ମି. ଗତେ ଘ.୧୧.୨୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୩ମି. ଗତେ ଘ.୦୧.୦୧ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଭାଜପାର ହ୍ୟାଟ୍ରିକ୍...

ସରକାରରୁ ବିଦା ହୋଇଥିବା ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ଦୁଷ୍ୟନ୍ତ ଚୌତାଲାଙ୍କ ଜନନାୟକ ଜନତା ପାର୍ଟି (ଜେଜେପି) ଖାତା ଖୋଲିପାରି ନାହିଁ ଏଥିସହ ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ପୁନର୍ବାର ହରିୟାଣାର ଶାସନ ମଙ୍ଗ ଧରିବାକୁ ଯାଉଛନ୍ତି। ଅକ୍ଟୋବର ୫ରେ ହରିୟାଣା ବିଧାନସଭାର ୯୦ ଆସନରେ ଭୋଟ ଗ୍ରହଣ କରାଯାଇଥିଲା। ଅଧିକାଂଶ ଏକ୍ଜିଟ୍ ପୋଲ୍ ରାଜ୍ୟରେ କଂଗ୍ରେସ କ୍ଷମତା ହାସଲ କରିବ ବୋଲି ପୂର୍ବାନୁମାନ କରିଥିଲେ। ମଙ୍ଗଳବାର ସକାଳ ୮ଟାରେ ଭୋଟ ଗଣତି ଆରମ୍ଭ ହେବାବେଳେ ପ୍ରାରମ୍ଭିକ କେତୋଟି ରାଉଣ୍ଡରେ ଏକ୍ଜିଟ୍ ପୋଲ୍‌ର ଆକଳନ ପ୍ରାୟତଃ ନିର୍ଭୁଲ୍ ମନେହେଉଥିଲା। କିନ୍ତୁ ସମୟ ଅତିକ୍ରାନ୍ତ ହେବା ସହ କଂଗ୍ରେସ ତଳମୁହାଁ ହେବାରେ ଲାଗିଲା। ଏହି ଟ୍ରେଣ୍ଡ୍ ଶେଷ ବେଳକୁ ମଧ ଆପାତତଃ ବଳବତ୍ତର ରହିଲା। ଶାସକ ୯୦ ଆସନରୁ ଭାଜପା ୪୮ଟି ଦଖଲ କରିବାରେ ସକ୍ଷମ ହୋଇଛି, ଯାହାକି ୨୦୧୯ ଅକ୍ଟୋବର ୨୧ ନିର୍ବାଚନ ତୁଳନାରେ ୮ ଅଧିକ। ଗତ ନିର୍ବାଚନରେ କଂଗ୍ରେସ ୩୧ ଆସନରେ ବିଜୟୀ ହୋଇଥିଲା, ଯାହାକି ଚଳିତ ଥରଠାରୁ ୬ କମ୍। ଅର୍ଥାତ୍ ଏଥର ଭାଜପା ବିଜୟୀ ହୋଇଥିବା ବଳକା ଆସନଗୁଡ଼ିକ ଆଞ୍ଚଳିକ ଦଳ ଜେଜେପିର ପରାଜୟ ଯୋଗୁ ସମ୍ଭବ ହୋଇଥିବା କୁହାଯାଇପାରେ। ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ଲଡ଼ୱା ଆସନରେ କଂଗ୍ରେସର ମେୱା ସିଂଙ୍କୁ ୧୬,୦୫୪ ଭୋଟ ବ୍ୟବଧାନରେ ହରାଇଥିବା ନିର୍ବାଚନ କମିଶନ (ଇସି)ଙ୍କ ସୂତ୍ରରୁ ପ୍ରକାଶ। କୁରୁକ୍ଷେତ୍ର ଲୋକ ସଭା ଆସନର ପୂର୍ବତନ ଏମ୍‌ପି ସାଇନିଙ୍କୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କୁ ଲୋକ ସଭା ନିର୍ବାଚନ ଲଢ଼ାଇ ପରେ କେନ୍ଦ୍ରମନ୍ତ୍ରୀ କରାଯାଇଥିଲା। ରାଜ୍ୟରେ କ୍ଷମତା ବିରୋଧୀ ପବନ ବହୁଥିବାବେଳେ ତାକୁ ପ୍ରତିହତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ଶୀର୍ଷ ନେତୃତ୍ୱଙ୍କ ଏହି ରଣନୈତିକ ସରପ୍ରାଇଜ୍ ଫର୍ମୁଲା ଭଲ କାମ ଦେଇଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ସାଇନି ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ମୋଦିଙ୍କ ନେତୃତ୍ୱରେ ସରକାରୀ ନୀତି ଓ ଯୋଜନାଗୁଡ଼ିକ ଉପରେ ମୋହର ଦେଇଥିବାରୁ ୫୪ ବର୍ଷୀୟ ସାଇନି ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଖଟ୍ଟର ବିଜୟର ଶ୍ରେୟ ପ୍ରଧାନମନ୍ତ୍ରୀଙ୍କୁ ଦେଇଛନ୍ତି।

ଅନ୍ୟପକ୍ଷେ କଂଗ୍ରେସ ଫଳାଫଳ ଉପରେ ସନ୍ଦେହ ବ୍ୟକ୍ତ କରି ଜନାଦେଶକୁ ଗ୍ରହଣ କରିବାକୁ ମନା କରିଦେଇଛି। ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ପରିଣାମ ଆସିବା ପୂର୍ବରୁ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଥିଲା। ଭୋଟ ଗଣତି ଚାଲିଥିବାବେଳେ ଗଣତି କେନ୍ଦ୍ରରେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଏପରି କରାଯାଇଥିବା ସେ ଅଭିଯୋଗ ଆଣିଛନ୍ତି। କମିଶନ ଏହାକୁ ଭିତ୍ତିହୀନ ଓ ଅମୂଳକ କହି ଖଣ୍ଡନ କରିଛନ୍ତି। ଅପ୍ରତ୍ୟାଶିତ ଦୁର୍ବଳ ପ୍ରଦର୍ଶନ ପାଇଁ ପରାଜିତ କଂଗ୍ରେସ ନିଜ ଦୋଷ ଛଡ଼ାଇବାକୁ ବାହାନା ଖୋଜୁଛି ବୋଲି ଭାଜପା ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ସମାଲୋଚନା କରିଛନ୍ତି। ଏହି ନିର୍ବାଚନର ଅନ୍ୟତମ ଚର୍ଚ୍ଚିତ ଚେହେରା ଥିଲେ ମହିଳା କୁସ୍ତିଯୋଦ୍ଧା ଭିନେଶ ଫୋଗଟ୍। ଅଲିମ୍ପିକ୍‌ରେ ଅଯୋଗ୍ୟ ଘୋଷିତ ହେବାର ମାସକ ପରେ ରାଜନୀତିକୁ ଆସି କଂଗ୍ରେସ ଟିକେଟରେ ଲଢ଼ିଥିବା ରେସ୍‌ଲର ଭିନେଶ ଜୁଲାନା ଆସନରେ ଭାଜପା ପ୍ରତିଦ୍ୱନ୍ଦ୍ୱୀ ଯୋଗେଶ କୁମାରଙ୍କୁ ୬,୦୧୫ ଭୋଟରେ ହରାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭୂପିନ୍ଦର ସିଂ ହୁଡ୍ଡା ଗଢ଼ି ସାମ୍ପ୍ଲା-କିଲୋଇ ଆସନରେ ଭାଜପାର ମଞ୍ଜୁ ହୁଡ୍ଡାଙ୍କଠାରୁ ଅଧିକ ୭୧,୪୬୫ ଭୋଟ ପାଇ ବିଜୟୀ ହୋଇଛନ୍ତି। କିନ୍ତୁ ୧୦ ବର୍ଷର ବ୍ୟବଧାନ ପରେ ପୁଣି କ୍ଷମତାକୁ ଫେରିବା ପାଇଁ ଭୂପିନ୍ଦରଙ୍କ ସ୍ୱପ୍ନ ଚୂରମାର ହୋଇଯାଇଛି। କଂଗ୍ରେସ ଏମ୍‌ପି ରଣଦୀପ ସୁର୍ଜେୱାଲାଙ୍କ ୨୫ ବର୍ଷୀୟ ପୁଅ ଆଦିତ୍ୟ ସୁର୍ଜେୱାଲା କୈଥାଲ ଆସନରୁ ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଆଦିତ୍ୟ ଗତ ୨୫ ବର୍ଷ ମଧ୍ୟରେ ରାଜ୍ୟର ସର୍ବକନିଷ୍ଠ ବିଧାୟକ ହେବାର ସୌଭାଗ୍ୟ ଲାଭ କରିଛନ୍ତି। କଂଗ୍ରେସର ଅନ୍ୟତମ ମୁଖ୍ୟମନ୍ତ୍ରୀ ଆଶାୟୀ ସେଲ୍‌ଜା କୁମାରୀ ଦଳର ପରାଜୟ ପାଇଁ ପରୋକ୍ଷରେ ହୁଡ୍ଡାଙ୍କୁ ଟାର୍ଗେଟ କରିଛନ୍ତି। ଟିକେଟ ବଣ୍ଟନରେ ଅନିୟମିତତା ଯୋଗୁ ଏଭଳି ପରିଣାମ ଆସିଲା। କଂଗ୍ରେସ ହାଇକମାଣ୍ଡ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସେଲ୍‌ଜା କହିଛନ୍ତି। ଜେଜେପି ନେତା ଦୁଷ୍ୟନ୍ତ ଚୌତାଲା ଉଚାନା କଲାଂ ଆସନରେ ଅମାନତ ହରାଇଛନ୍ତି। ଏଠାରେ ଭାଜପା ପ୍ରାର୍ଥୀ ଦେବେନ୍ଦ୍ର ଚତୁର୍ଭୁଜ ଅତ୍ରି କଂଗ୍ରେସ ଚ୍ୟାଲେଞ୍ଜର ବୃଜେଶ ସିଂଙ୍କଠାରୁ ମାତ୍ର ୩୨ ଖଣ୍ଡ ଅଧିକ ଭୋଟ ପାଇ ଜିତିଛନ୍ତି। ଦୁଷ୍ୟନ୍ତ ଦଳ ଗୋଟିଏ ହେଲେ ଆସନ ଜିତିପାରି ନାହିଁ। ସେହିପରି ଆଇଏନ୍‌ଏଲ୍‌ଡି ନେତା ଅଭୟ ସିଂ ଚୌତାଲା କଂଗ୍ରେସର ଭରତ ସିଂ ବେନିୱାଲଙ୍କଠାରୁ ୧୫,୦୦୦ ଭୋଟରେ ହାରିଯାଇଛନ୍ତି। କୁରୁକ୍ଷେତ୍ରର ଭାଜପା ଏମ୍‌ପି ନବୀନ ଜିନ୍ଦଲଙ୍କ ମା' ସାବିତ୍ରୀ ଜିନ୍ଦଲ ଏଥର ହିସାର ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। କଂଗ୍ରେସର ରାମ ନିବାସ ରାଣାଙ୍କୁ ସେ ୧୮,୯୪୧ ଭୋଟରେ ହରାଇଛନ୍ତି। ଅନ୍ୟପକ୍ଷେ ତିହାର ଜେଲରୁ ଜାମିନରେ ମୁକୁଳିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଅରବିନ୍ଦ କେଜ୍‌ରିୱାଲଙ୍କ ନିଜ ଗୃହରାଜ୍ୟ ହରିୟାଣାରେ ଶେଷ ମୁହୂର୍ତ୍ତରେ ଯାଦୁ ଦେଖାଇ କିଙ୍ଗମେକର ହେବେ ବୋଲି ଖୋଲାଖୋଲି ଭାବେ କହିଆସୁଥିଲେ। ତାଙ୍କ ଆମ୍ ଆଦ୍‌ମୀ ପାର୍ଟି ଗୋଟିଏ ବି ଆସନ ଜିତିପାରି ନାହିଁ। ଦଳୀୟ ନେତା ଓ କର୍ମୀ ଅତ୍ୟଧିକ ଆତ୍ମବିଶ୍ୱାସୀ ହୋଇପଡ଼ିବାରୁ ଏପରି ବିଫଳତାର ସ୍ୱାଦ ଚାଖିବାକୁ ପଡ଼ିଲା ବୋଲି କେଜ୍‌ରିୱାଲ କହିଛନ୍ତି।

## ଏନ୍‌ସି-କଂଗ୍ରେସକୁ...

ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଥିବା କେନ୍ଦ୍ରଶାସିତ ଅଞ୍ଚଳର ସଦ୍ୟ ଜନାଦେଶ ସ୍ପଷ୍ଟ କରିଛି। ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୧ ମଧ୍ୟରେ ଜମ୍ମୁ-କଶ୍ମୀରର ୯୦ ଆସନରେ ୩ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏନ୍‌ସି ଏବଂ କଂଗ୍ରେସ ମେଣ୍ଟ ସଂଖ୍ୟାଗରିଷ୍ଠତା ଦିଗରେ ଅଗ୍ରସର ହେବେ ବୋଲି ଅଧିକାଂଶ ଏକ୍ଜିଟ୍ ପୋଲ୍ ଆକଳନ କରିଥିଲେ। କିନ୍ତୁ କଂଗ୍ରେସଠାରୁ ଯେପରି ପ୍ରଦର୍ଶନ ଆଶା କରାଯାଉଥିଲା, ଦଳ ସେପରି ସଫଳତା ପାଇନାହିଁ। କଂଗ୍ରେସ ୩୮ ଆସନରେ ଲଢ଼ି ମାତ୍ର ୬ ଆସନରେ ବିଜୟୀ ହୋଇଛି। ଏହି ପରିଣାମ ପରେ ଏନ୍‌ସି ଉପାଧ୍ୟକ୍ଷ ଓମାର ଅବ୍ଦୁଲ୍ଲା ମୁଖ୍ୟମନ୍ତ୍ରୀ ହେବେ ବୋଲି ତାଙ୍କ ବାପା ତଥା ଦଳର ଅଧ୍ୟକ୍ଷ ଫାରୁକ୍ ଅବ୍ଦୁଲ୍ଲା ସ୍ପଷ୍ଟ କରିଛନ୍ତି।

୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟିବା ପରେ ସିନିୟର ଅବ୍ଦୁଲ୍ଲା ବୟସାଧିକ କାରଣରୁ ସକ୍ରିୟ ରାଜନୀତିରୁ ଓହରି ପରବର୍ତ୍ତୀ ପିଢ଼ି ପାଇଁ ସୁଯୋଗ ସୃଷ୍ଟି କରିବେ ବୋଲି ମନେକରାଯାଉଥିଲା। ଏନ୍‌ସି କ୍ଷମତାକୁ ଆସିଲେ ୩୭୦କୁ ପୁନଃ ଅବସ୍ଥାପିତ କରାଯିବ ବୋଲି ଦଳୀୟ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଏହାକୁ ବଡ଼ ପ୍ରସଙ୍ଗ କରିଥିଲେ। ସେ ଚଳିତ ନିର୍ବାଚନରେ ଲଢ଼ିଥିଲେ। ଓମାର ବଡ଼ଗାମ (୧୮,୦୦୦) ଓ ଗନ୍ଦେରବଲ (୧୦,୦୦୦) ଆସନରେ ବିଜୟୀ ହେବା ପରେ ଫାରୁକ୍ କହିଛନ୍ତି, 'ଓମାର ଅବ୍ଦୁଲ୍ଲା ବନେଗା ଜେକେ ସିଏମ୍। ଜମ୍ମୁ-କଶ୍ମୀର ଜନାଦେଶ ୩୭୦ ଉଚ୍ଛେଦ ବିରୋଧରେ ଆସିଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି।' ଓମାର ନିଜ ପ୍ରତିକ୍ରିୟାରେ କହିଛନ୍ତି, ଗତ ୫ ବର୍ଷରେ କେତୋଟି ନୂଆ ଦଳ ଗଢ଼ାଯାଇ ତାଙ୍କ କ୍ୟାରିୟରକୁ ଧ୍ୱଂସ କରିବାକୁ ଉଦ୍ୟମ ହୋଇଥିଲା। ପୁନର୍ବାର ଜମ୍ମୁ-କଶ୍ମୀରର ସେବା କରିବା ପାଇଁ ସୁଯୋଗ ଦେଇଥିବାରୁ ସେ ଲୋକଙ୍କୁ ଧନ୍ୟବାଦ ଦେଇଛନ୍ତି।

୨୦୧୪ ବିଧାନସଭା ନିର୍ବାଚନରେ ୧୨ ସିଟ୍ (୧୮% ଭୋଟ) ପାଇଥିବା କଂଗ୍ରେସ ଏଥର ୧୨% ଭୋଟ ସହ ୬ ଆସନ ଦଖଲ କରିଛି। ସେତେବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମନବୀ ଆଜାଦଙ୍କ ନେତୃତ୍ୱରେ ଦଳ ନିର୍ବାଚନ ଲଢ଼ିଥିଲା। ଇତିମଧ୍ୟରେ ଗୁଲାମନବୀ କଂଗ୍ରେସରୁ ଅଲଗା ହୋଇ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି ଗଢ଼ିଥିଲେ। ତାଙ୍କ ଦଳ ଗତ ଲୋକ ସଭା ନିର୍ବାଚନରେ ଲଢ଼ିଥିବା ୩ ଆସନରେ ହାରିଯାଇଥିଲା। ଏହି ଦଳ ବିଧାନସଭା ନିର୍ବାଚନରେ ମଧ୍ୟ କୌଣସି ଚମତ୍କାରିତା ଦେଖାଇପାରି ନାହିଁ। ଗତ ଲୋକ ସଭା ନିର୍ବାଚନରେ ଓମାରଙ୍କୁ ବାରମୁଲା ଆସନରେ ପରାସ୍ତ କରିଥିବା ଟେରର୍ ଫଣ୍ଡିଂ ଅଭିଯୁକ୍ତ ଇଞ୍ଜିନିୟର ରାଶିଦଙ୍କୁ ବିଧାନସଭା ନିର୍ବାଚନ ପୂର୍ବରୁ ଜେଲରୁ ବାହାର କରାଯାଇଥିଲା। ରାଶିଦଙ୍କ ଆୱାମୀ ଇତେହାଦ ପାର୍ଟି (ଏଆଇପି) ଏନ୍‌ସି ଭୋଟ ହାର ହ୍ରାସ କରିବାରେ ସକ୍ଷମ ହେବ ବୋଲି କୁହାଯାଉଥିଲା। କିନ୍ତୁ ଏଆଇପି ଲଢ଼ିଥିବା ୩୪ ଆସନରୁ ମାତ୍ର ଗୋଟିଏ ଜିତିଛି। ଡୋଡା ଆସନରେ ଆପ୍ ପ୍ରାର୍ଥୀ ମେହରାଜ ମଲିକ୍ ଭାଜପାର ଗଜୟ ସିଂ ରାଣାଙ୍କୁ ହରାଇ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳର ଭାଜପା ସଭାପତି ରବୀନ୍ଦ୍ର ରୈନା ନୌଶେରା ଆସନରେ ହାରିଯାଇଛନ୍ତି। ଜମ୍ମୁ ସେକ୍ଟରରେ ଭାଜପା ମୋଟ ୨୯ ଆସନ ଜିତିଛି। ୩ ଆସନରେ ସୀମିତ ହୋଇଯାଇଥିବା ପିଡିପି ସୁପ୍ରିମୋ ମେହବୁବା ମୁଫ୍ତି କହିଛନ୍ତି, ଜମ୍ମୁ-କଶ୍ମୀରର ନିର୍ଣ୍ଣାୟକ ଜନାଦେଶରୁ ଭାଜପା ଶିକ୍ଷାଲାଭ କରିବା ଉଚିତ। ଏନ୍‌ସି-କଂଗ୍ରେସ ଗଢ଼ିବାକୁ ଥିବା ମେଣ୍ଟ ସରକାରରେ ଭାଜପା ହସ୍ତକ୍ଷେପ କରିବା ଅନୁଚିତ। ଏହି ଅବସରରେ ସେ ଏନ୍‌ସି ନେତୃତ୍ୱଙ୍କୁ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

## ମାଟ୍ରିକ ପରୀକ୍ଷା ନାମ...

ହିଁ ପଞ୍ଜୀକରଣ କରିବାକୁ ବାଧ ହେବେ ନଚେତ ପଞ୍ଜୀକରଣରୁ ବାଦ୍‌ପଡିବେ। ଅନ୍ୟପକ୍ଷରେ ସୁଭଦ୍ରା ଯୋଜନା ଆବେଦନ ଆରମ୍ଭ ହେବା ପରଠାରୁ ନୂତନ ଆଧାର କାର୍ଡ ଆବେଦନ କରିବାକୁ ବହୁ ଜନସେବା କେନ୍ଦ୍ର ମନା କରୁଛନ୍ତି। ଯାହାଦ୍ୱାରା ବହୁ ନବମ ଶ୍ରେଣୀ ଛାତ୍ରୀଛାତ୍ର ଆଧାର କାର୍ଡ ମଧ୍ୟ ଆବେଦନ କରି ପାରିନାହାନ୍ତି, କିମ୍ବା ଆବେଦନ କରିଥିବା ସତ୍ତ୍ୱେ ନମ୍ବର ମିଳି ନ ଥିବାରୁ ସେମାନେ ମଧ୍ୟ ପଞ୍ଜୀକରଣରୁ ବାଦ୍‌ପଡିବା ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ସମସ୍ୟା ନେଇ ସମ୍ବଲପୁର ଜିଲାପାଳଙ୍କୁ ଜଣାଇବା ପରେ ସେ ନବମ ଶ୍ରେଣୀ ଛାତ୍ରଙ୍କ ଆଧାର କାର୍ଡ ଶୀଘ୍ର ଉପଲବ୍ଧ କରାଇବାକୁ ଆଧାର(ୟୁଆଇଡିଏଆଇ) ଅଧିକାରୀଙ୍କୁ ନିବେଦନ କରିଛନ୍ତି। ଏନେଇ ରାଜ୍ୟ ଶିକ୍ଷା ବିଭାଗକୁ ବହୁ ଅଭିଭାବକ ମାଟ୍ରିକ ପଞ୍ଜୀକରଣ ସମୟ ବୃଦ୍ଧି କରିବାକୁ ସାମାଜିକ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି। ଓଷ୍ଟା ପକ୍ଷରୁ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ସଭାପତିଙ୍କୁ ଚିଠି ଲେଖି ସମସ୍ୟା ବିଷୟରେ ଅବଗତ କରିଛନ୍ତି। ଏଥିରେ ଦିଆଯାଇଥିବା ସମୟ କମ୍ ରହିଥିବାରୁ ଛାତ୍ରୀଛାତ୍ରଙ୍କ ନିର୍ଭୁଲ ପଞ୍ଜୀକରଣରେ ସମସ୍ୟା ଉପୁଜୁଥିବା ନେଇ ସେ ଅବଗତ କରିଛନ୍ତି। ବ୍ୟାଙ୍କଗୁଡ଼ିକରେ ବିନା ଆଧାର କାର୍ଡରେ ଆକାଉଣ୍ଟ ଖୋଲାଯାଉନାହିଁ। ଫଳରେ ଛାତ୍ରୀଛାତ୍ରମାନେ ପ୍ରଥମେ ଆଧାର କାର୍ଡ ଏବଂ ତା' ପରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିସ୍ଥିତିରେ ପୂର୍ବ ବର୍ଷଗୁଡ଼ିକ ଭଳି ପଞ୍ଜୀକରଣ ସମୟ ଅବଧି ବୃଦ୍ଧି କରିବାକୁ ଦାସ ଅନୁରୋଧ କରିଛନ୍ତି।

## ଭୁବନେଶ୍ୱର ସମେତ...

ଦେଶର ୧୬୯ ସହରରେ ୧୦ ହଜାର ଇ-ବସ୍ ଚଳାଚଳ କରିବ। ଏହି ଯୋଜନାରେ କେନ୍ଦ୍ର ସରକାର ୨୦ରୁ ୪୦ ଲକ୍ଷ ଜନସଂଖ୍ୟା ଥିବା ସହର ପାଇଁ ୧୫୦, ୧୦ରୁ ୨୦ ଲକ୍ଷ ଜନସଂଖ୍ୟା ପାଇଁ ୧୦୦, ୫ରୁ ୧୦ ଲକ୍ଷ ଜନସଂଖ୍ୟା ପାଇଁ ୧୦୦ ଏବଂ ୫ ଲକ୍ଷ ଓ ଏହାଠାରୁ କମ୍ ଜନସଂଖ୍ୟା ସହର ପାଇଁ ୫୦ଟି ଇ-ବସ୍ ଯୋଗାଇଦେବ। ଜନସଂଖ୍ୟା ଦୃଷ୍ଟିରୁ ଭୁବନେଶ୍ୱର, କଟକ ଓ ରାଉରକେଲା ସହର ଜନସଂଖ୍ୟା ୫ରୁ ୧୦ ଲକ୍ଷ ମଧ୍ୟରେ ରହିଛି। ଏହି ସହର ପାଇଁ ୧୦୦ଟି ଲେଖାଏ ଇ-ବସ୍ କେନ୍ଦ୍ର ସରକାର ଯୋଗାଇ ଦେବ। ଏଥିସହିତ ରାଜ୍ୟର ୫ ଲକ୍ଷ ଓ ଏହାଠାରୁ କମ୍ ଜନସଂଖ୍ୟା ସହରକୁ ୫୦ ଲେଖାଏ ଯୋଗାଇ ଦେବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୪୦୦ ବସ୍ ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟର ଅନ୍ୟ ସହରଗୁଡ଼ିକରେ କେତେ ବସ୍ ଆବଶ୍ୟକ ସେ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆକଳନ ପରେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି।

## ଜନ୍ ହପ୍‌ଫିଲ୍ଡ, ଜେଫ୍ରି ହିଣ୍ଟନଙ୍କୁ...

ମେଶିନ୍ ଲର୍ନିଂର ମୂଳଦୁଆ ପକାଇଛନ୍ତି ବୋଲି ନୋବେଲ କମିଟି ପକ୍ଷରୁ କୁହାଯାଇଛି। ହପ୍‌ଫିଲ୍ଡ ପ୍ରିନ୍‌ସ୍ଟନ ବିଶ୍ୱବିଦ୍ୟାଳୟ ଓ ହିଣ୍ଟନ ଟରଣ୍ଟୋର ଏମେରିଟସ୍ ବିଶ୍ୱବିଦ୍ୟାଳୟରେ ସମ୍ପ୍ରତି ଗବେଷଣା କରୁଛନ୍ତି। ହପ୍‌ଫିଲ୍ଡ ଏକ ଆସୋସିଏଟିଭ୍ ମେମୋରି ସୃଷ୍ଟି କରିଛନ୍ତି, ଯାହା ଚିତ୍ର ସାହାଯ୍ୟରେ ବିଭିନ୍ନ ତଥ୍ୟକୁ ସଂରକ୍ଷଣ ଏବଂ ପୁନଃ ନିର୍ମାଣ କରିପାରିବ। ସେହିପରି ହିଣ୍ଟନ ଏକ ଏପରି ପଦ୍ଧତି ଉଦ୍ଭାବନ କରିଛନ୍ତି, ଯାହା ସ୍ୱତଃସ୍ଫୂର୍ତ୍ତ ଭାବରେ ତଥ୍ୟର ଗୁଣ ଖୋଜିପାରିବା ସହ ଚିତ୍ରରେ ନିର୍ଦ୍ଦିଷ୍ଟ ଉପାଦାନଗୁଡ଼ିକୁ ଚିହ୍ନଟ କରିପାରିବ ବୋଲି ନୋବେଲ କମିଟି କହିଛି। ଏହି ୨ ବୈଜ୍ଞାନିକ ପଦାର୍ଥ ବିଜ୍ଞାନର ଉପକରଣକୁ ବ୍ୟବହାରକରି ଶକ୍ତିଶାଳୀ ମେଶିନ ଲର୍ନିଂର ମୂଳଦୁଆ ପକାଇଥିବା ନେଇ ନୋବେଲ କମିଟି ପକ୍ଷରୁ କୁହାଯାଇଛି। ଆର୍ଟିଫିସିଆଲ ନ୍ୟୁରାଲ ନେଟୱର୍କ ଉପରେ ଆଧାରିତ ମେଶିନ ଲର୍ନିଂ ସମ୍ପ୍ରତି ବିଜ୍ଞାନ, ଇଞ୍ଜିନିୟରିଂ ଓ ଦୈନନ୍ଦିନ ଜୀବନରେ ପରିବର୍ତ୍ତନ ଆଣୁଛି ବୋଲି ନୋବେଲ କମିଟି କହିଛି। ସୂଚନାଯୋଗ୍ୟ, ସୋମବାର ମାଇକ୍ରୋ ଆର୍‌ଏନ୍‌ଏର ଉଦ୍ଭାବନ ପାଇଁ ୨ ଆମେରିକୀୟ ବୈଜ୍ଞାନିକ ଭିକ୍ଟର ଆମ୍ବ୍ରୋସ୍ ଏବଂ ଗାରି ରୁଭ୍‌କୁନ୍‌ଙ୍କୁ ଚଳିତ ବର୍ଷର ମେଡିସିନ୍ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା।

## ଆଜି ମିଳିବ ସୁଭଦ୍ରା...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନାରେ କୋଟିଏରୁ ଅଧିକ ହିତାଧିକାରୀଙ୍କୁ ପଞ୍ଜୀକୃତ କରିବା ଏକ ବଡ଼ ଉପଲବ୍ଧି ହେବ ବୋଲି ପ୍ରଭାତୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ବାରିପଦାର ଛଉ ପଡ଼ିଆଠାରେ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥରାଶି ବଣ୍ଟନ କରିବେ। ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ସମସ୍ତ ଖବର ପାଇଁ ପ୍ରସ୍ତୁତ ଅଫିସିଆଲ ୱେବ୍‌ସାଇଟ କିମ୍ବା ଅଫିସିଆଲ ସୋସିଆଲ ମିଡିଆକୁ ଅନୁସରଣ କରନ୍ତୁ କିମ୍ବା ଟୋଲ ଫ୍ରି ନମ୍ବର(୧୪୬୭୮)କୁ କଲ୍ କରନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ସୂଚନା ଦେଇଛନ୍ତି।

# ‘ଦମନ’କୁ ଜାତୀୟ ପୁରସ୍କାର





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ନିର୍ଦ୍ଦେଶକ ଦେବୀପ୍ରସାଦ ଲେଙ୍କା ଓ ସାଉଣ୍ଡ ଡିଜାଇନର ମାନସ ଚୌଧୁରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୮।୧୦ (ବନ୍ଦନା ସେଠୀ)

ଜାତୀୟସ୍ତରରେ ଚମକିଲା ଓଡ଼ିଆ ଚଳଚ୍ଚିତ୍ର ‘ଦମନ’। ମଙ୍ଗଳବାର ଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହରେ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ‘ଦମନ’କୁ ଜାତୀୟ ପୁରସ୍କାର ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଚଳଚ୍ଚିତ୍ର ପ୍ରଯୋଜକ ଦୀପେନ୍ଦ୍ର ସାମଲ ଓ ଦୁଇ ନିର୍ଦ୍ଦେଶକ ବିଶାଳ ମୌର୍ଯ୍ୟ ଓ ଦେବୀପ୍ରସାଦ ଲେଙ୍କା ପୁରସ୍କାର ଗ୍ରହଣ କରିଛନ୍ତି। ବିଭିନ୍ନ ବର୍ଗରେ ମନୋନୀତ ଫିଲ୍ମ, ଅଭିନେତା, ଅଭିନେତ୍ରୀ, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର, ପ୍ରଚ୍ଛଦ କଣ୍ଠଶିଳ୍ପୀଙ୍କୁ ରାଷ୍ଟ୍ରପତି ସମ୍ମାନିତ କରିଛନ୍ତି। ସେହିପରି ଶ୍ରେଷ୍ଠ ସାଉଣ୍ଡ ଡିଜାଇନର୍ ଭାବେ ମାନସ ଚୌଧୁରୀଙ୍କୁ ପୁରସ୍କୃତ କରାଯାଇଛି। ହିନ୍ଦୀ ଚଳଚ୍ଚିତ୍ର ଜଗତରେ ତାଙ୍କର ୩୦ବର୍ଷର ଅଭିଜ୍ଞତା ରହିଛି। ସେ ୭୦ରୁ ଊର୍ଦ୍ଧ୍ୱ ଫିଚର ଫିଲ୍ମରେ କାମ କରିଛନ୍ତି। ତନ୍ମଧ୍ୟରେ ‘ପଠାନ୍’, ‘ଚକ୍ ଦେ ଇଣ୍ଡିଆ’, ‘ଧମାକା’ ସହିତ ପୋର୍ଟଫୋଲିଓ ଯଥା ‘ମୁଜିବ୍– ଦି ମେକିଂ ଅଫ୍ ଏ ନେଶନ୍’, ‘ତିନ୍ ଦିୱାରେଁ’, ‘ଫିରାକ୍’, ‘ତେରେ ବିନ୍ ଲାଦେନ୍’ ଆଦି ରହିଛି। ସେ ପୂର୍ବରୁ ଆଇଫା ଆୱାର୍ଡ, ଫିଲ୍ମ ଫେୟାର ଆୱାର୍ଡ ଭଳି ଅନେକ ପୁରସ୍କାର ପାଇଛନ୍ତି। ସିନେମା ‘ଦମନ’ର କଥାବସ୍ତୁ ଏକ ସତ୍ୟ ଘଟଣା ଉପରେ ଆଧାରିତ। ଦୁର୍ଗମ ଅଞ୍ଚଳରେ ‘ଦମନ’ ନାମରେ ଏକ ଯୋଜନା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇ ସ୍ୱତନ୍ତ୍ର ଭାବେ ମ୍ୟାଲେରିଆ ଶିବିର କରାଯାଇ ଏହାର ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ଜଣେ ଯୁବ ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଚେଷ୍ଟା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। ଚଳଚ୍ଚିତ୍ରର ଲୋକପ୍ରିୟତାକୁ ଦେଖି ପୂର୍ବରୁ ରାଜ୍ୟ ସରକାର ‘ଦମନ’କୁ ଟିକସମୁକ୍ତ କରିଥିଲେ। ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ବାବୁସାନ ମହାନ୍ତି ଓ ଦ୍ୱୀପାନ୍ୱିତ ଦାଶମହାପାତ୍ର ଅଭିନୟ କରିଛନ୍ତି। ପୁରସ୍କାର ପାଇବା ପରେ ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା କହିଛନ୍ତି, ଜାତୀୟ ପୁରସ୍କାର ପାଇବା ପରେ ବହୁତ ଖୁସି ଲାଗୁଛି। ଆଜିର ଏହି ସଫଳତାର ଶ୍ରେୟ ସମ୍ପୂର୍ଣ୍ଣ ଓଡ଼ିଶାବାସୀଙ୍କୁ ଦେବାକୁ ଚାହିଁବି, ଯେଉଁମାନେ ସମୟ ଦେଇ ଚଳଚ୍ଚିତ୍ରକୁ ଦେଖିଛନ୍ତି ଏବଂ ଏତେ ଭଲପାଇବା ଦେଇଛନ୍ତି। ଏଥିସହ ମୋର ପୂରା କ୍ରୁ, କାଷ୍ଟ, ପରିବାର ଲୋକଙ୍କୁ ଶ୍ରେୟ ଦେବାକୁ ଚାହିଁବି। ନବାଗତ ନିର୍ଦ୍ଦେଶକମାନଙ୍କୁ ଏତିକି କହିବି ଯେ, ସମାଜକୁ ଯାହା ବାର୍ତ୍ତା ଦେବାକୁ ଚାହୁଁଛନ୍ତି ତାହା ପ୍ରଥମେ ପ୍ଲାନ୍ କରନ୍ତୁ। ବଜେଟ କମ୍ ଥାଉ ନା କାହିଁକି, ଫିଲ୍ମକୁ ନିଷ୍ଠାର ସହ ନିର୍ମାଣ କରନ୍ତୁ।

## ମାନସ ଚୌଧୁରୀ ‘ବେଷ୍ଟ ସାଉଣ୍ଡ ଡିଜାଇନର’

## ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ

ଓଡ଼ିଆ ଚଳଚ୍ଚିତ୍ର ‘ଦମନ’ ଜାତୀୟ ପୁରସ୍କାର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ନିଜ ‘ଏକ୍ସ’ ଆକାଉଣ୍ଟରେ ପୋଷ୍ଟ କରି ସେ ଏହି ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି। ଏଥିସହ ଜାତୀୟ ସ୍ତରରେ ‘ଦମନ’ର ଏହି ସଫଳତା ଆଗାମୀ ଦିନରେ ଆମ ଓଡ଼ିଆ ସିନେମା ଜଗତକୁ ନିଶ୍ଚୟ ଉତ୍ସାହିତ କରିବ ବୋଲି ସେ ଉଲ୍ଲେଖ କରିଛନ୍ତି। ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଏକ୍ସ ଆକାଉଣ୍ଟରେ ଏ ନେଇ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି। ଏହି ସିନେମା ଓଡ଼ିଆ ସିନେ ଶିଳ୍ପ ଜଗତକୁ ସମୃଦ୍ଧ କରିବା ସହ ସାମାଜିକ ଓ ସଚେତନତାଧର୍ମୀ ଫିଲ୍ମ ନିର୍ମାଣ କରିବା ପାଇଁ ପ୍ରୋତ୍ସାହିତ କରିବ ବୋଲି ସେ ଉଲ୍ଲେଖ କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ଏନ୍ଏଫ୍ଡିସି (ନ୍ୟାଶନାଲ୍ ଫିଲ୍ମ ଡେଭଲପ୍ମେଣ୍ଟ କର୍ପୋରେଶନ୍) ମଧ୍ୟ ଦମନର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛି।

# କେବଳ ସରକାରୀ ଚାକିରି ନୁହେଁ, ଜନସାଧାରଣଙ୍କ କାମ କରିବାର ସୁବର୍ଣ୍ଣ ସୁଯୋଗ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୮।୧୦ (ସୁନିତ୍ ମିଶ୍ର)

ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଇସ୍ପାତ ଓ ଖଣି ବିଭାଗ ଅଧୀନ ଓଡ଼ିଶା ଖଣି ନିଗମରେ ୨୮୨ଜଣ ନବନିଯୁକ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଲୋକସେବା ଭବନର କନ୍ଭେନ୍ଶନ୍ ସେଣ୍ଟରରେ ନିଯୁକ୍ତି ପ୍ରଦାନ କରାଯାଇଛି। ଏଥିରେ ଶକ୍ତି ବିଭାଗରେ ୭୯ ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତି ପାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗରେ ଭେଷଜ ନିୟନ୍ତ୍ରଣ ନିର୍ଦ୍ଦେଶକଙ୍କ ଅଧୀନରେ ୩୧ ଜଣ ଜୁନିୟର କ୍ଲର୍କ କମ୍ ଟାଇପିଷ୍ଟ, ଆୟୁଷ ନିର୍ଦ୍ଦେଶକଙ୍କ ଅଧୀନରେ ୧୯ ଜଣ ଆୟୁର୍ବେଦ ଅଧ୍ୟାପକ ଓ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟରେ ୫୪ ଜଣ କନିଷ୍ଠ ସହାୟକ ନିଯୁକ୍ତି ପାଇଛନ୍ତି। ସେହିପରି ଓଡ଼ିଶା ଖଣି ନିଗମରେ କନିଷ୍ଠ ଯନ୍ତ୍ରୀ ମେକାନିକାଲ ୧୯, କନିଷ୍ଠ ଯନ୍ତ୍ରୀ ଇଲେକ୍ଟ୍ରିକାଲ ୧୪, କନିଷ୍ଠ ଯନ୍ତ୍ରୀ ସିଭିଲ ୧୬, କନିଷ୍ଠ ଫାର୍ମାସିଷ୍ଟ ୯ ଏବଂ ଇଲେକ୍ଟ୍ରିସିଆନ ୩୦ ଜଣଙ୍କୁ ନିଯୁକ୍ତି ମିଳିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ନିଜର ପ୍ରତିଭା, ଦକ୍ଷତା, ଅଧ୍ୟବସାୟ ଓ କଠିନ ପରିଶ୍ରମ ବଳରେ ଏବଂ ନିଜର ଯୋଗ୍ୟତା ଆଧାରରେ ଏହି ସୋପାନକୁ ଆପଣମାନେ ଅତି ସଫଳତାର ସହିତ ଅତିକ୍ରମ କରିପାରିଛନ୍ତି। ଆପଣମାନଙ୍କ ଜୀବନରେ ଆଜିର ଦିନଟି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇ ସ୍ମୃତିପଟ୍ଟରେ ଅାଙ୍କି ହୋଇରହିବ। ଯେଉଁ ନିଯୁକ୍ତିପତ୍ର ଗ୍ରହଣ କରିଛନ୍ତି ତାହା କେବଳ ଏକ ସରକାରୀ ଚାକିରି ନୁହେଁ ବରଂ ଜନସାଧାରଣଙ୍କ ସହିତ ପ୍ରତ୍ୟକ୍ଷ ଭାବେ କାମ କରିବାର ଏକ ସୁବର୍ଣ୍ଣ ସୁଯୋଗ ।




ଲୋକସେବା ଭବନର କନ୍ଭେନ୍ଶନ୍ ସେଣ୍ଟରରେ ମଙ୍ଗଳବାର ଜଣେ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂଦେଓ ଏବଂ ପ୍ରଭାତୀ ପରିଡ଼ା।

## ୩ ବିଭାଗର ୨୮୨ ନବନିଯୁକ୍ତ ଅଧିକାରୀ, କର୍ମଚାରୀଙ୍କୁ ନିଯୁକ୍ତିପତ୍ର

ସେ ଆହୁରି କହିଛନ୍ତି, ଆମ ନୂଆ ସରକାର ଓଡ଼ିଶାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି। ସମସ୍ତ ସରକାରୀ ବିଭାଗରେ ସ୍ୱଚ୍ଛତା ଆଣିବାକୁ ପ୍ରତିବଦ୍ଧ ହୋଇ କାମ କରୁଛି। ସରକାରୀ କର୍ମଚାରୀ ଭାବେ ସମସ୍ତଙ୍କ କାର୍ଯ୍ୟକଳାପ ଦ୍ୱାରା ସରକାରୀ ବ୍ୟବସ୍ଥା ଓ ଅନୁଷ୍ଠାନ ଉପରେ ରହିଥିବା ଲୋକଙ୍କ ବିଶ୍ୱାସ ଯେପରି ବଜାୟ ରହିବ ସେଥିପ୍ରତି ଦୃଷ୍ଟିଦେବା ଜରୁରୀ। ପଛୁଆ, ଅବହେଳିତ, ଆଦିବାସୀ, ଦଳିତ ସମ୍ପ୍ରଦାୟକୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ସେମାନଙ୍କ ଉତ୍ଥାନ ଦିଗରେ ନିଜର ପ୍ରୟାସ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଶକ୍ତି ବିଭାଗକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଆମ ନୂଆ ସରକାର ବିଶେଷ ଗୁରୁତ୍ୱ ଦେଉଛି। ବିଦ୍ୟୁତ୍ ବିଭାଗରେ ସଂସ୍କାର ଓ ବିଭାଗକୁ କ୍ରିୟାଶୀଳ କରିବା ପାଇଁ ଦୀର୍ଘମିଆଦୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଓଡ଼ିଶାରେ ଶକ୍ତି କ୍ଷେତ୍ରର ବିକାଶ ସହିତ ବିତରଣ ଓ ସଞ୍ଚାରଣ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ୩ଟି ଗୁରୁତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକାରୀ କରାଯିବ। ଏହି ଯୋଜନା ଗୁଡ଼ିକ ହେଉଛି ‘ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ’ ଯୋଜନା, ‘ଓଡିଶା ବିତରଣ ବ୍ୟବସ୍ଥା ସୁଦୃଢ଼ୀକରଣ’ ଯୋଜନା ଏବଂ ‘ଓଡ଼ିଶା ବିଦ୍ୟୁତ୍ ସଞ୍ଚାରଣ ବ୍ୟବସ୍ଥା ସୁଦୃଢ଼ୀକରଣ’ ଯୋଜନା। ଉକ୍ତ ଯୋଜନା ପାଇଁ ଚଳିତ ବର୍ଷ ସମୁଦାୟ ୨୩୬୬ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। କାମ କଲାବେଳେ ନିଜ ଜୀବନରେ ସମ୍ମୁଖୀନ ହୋଇଥିବା ଅସୁବିଧା ଓ ସମସ୍ୟା ବିଷୟରେ ଚିନ୍ତା କରିବେ, ଯାହାଦ୍ୱାରା ସାଧାରଣ ଲୋକର କାମ କରିବା ପାଇଁ ଆପଣମାନେ ପ୍ରେରଣା ପାଇବେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ଲୋକଙ୍କ ପାଇଁ ଆପଣମାନେ ପ୍ରତିବଦ୍ଧ ହୋଇ କାମ କରନ୍ତୁ। ଆପଣମାନଙ୍କୁ ଯେତେ କଠିନ ପରିସ୍ଥିତିରେ କାମ କରିବାକୁ ପଡ଼ିଲେ ମଧ୍ୟ କେବେ ନିରାଶ ହେବେ ନାହିଁ, ନିଶ୍ଚୟ ସଫଳତା ପାଇବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଜୀବନରେ ବାଟ ଅଙ୍କାବଙ୍କା ଥିଲେ ମଧ୍ୟ ସବୁବେଳେ ସିଧା ଚାଲିବାକୁ ଚେଷ୍ଟା କରିବେ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ମୋହନ ସରକାରଙ୍କ ନେତୃତ୍ୱରେ ଓଡ଼ିଶାରେ ଏକ ସ୍ୱର୍ଣ୍ଣିମ ଯୁଗ ଆରମ୍ଭ ହେବାକୁ ଯାଉଛି। ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଆଜି ହେଉଛି ଆପଣମାନଙ୍କ କର୍ମମୟ ଜୀବନର ପ୍ରଥମ ଦିବସ। ଓଡ଼ିଶା ବିକାଶ ରଥର ଲମ୍ବା ରେସ୍‌ର ଘୋଡ଼ା ହେବେ। କାର୍ଯ୍ୟକ୍ରମରେ ତିନୋଟି ବିଭାଗର ୧୦ ଜଣଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି।

# ୧୦ ମାଓବାଦୀ ପ୍ରଭାବିତ ଜିଲା ପାଇଁ ‘ଗ୍ରାମୋଦୟ’

ଭୁବନେଶ୍ୱର,୮।୧୦(ଅନିଲ ଦାସ)

ମାଓବାଦୀ ପ୍ରଭାବିତ ୧୦ ଜିଲାର ୫୮୩ ଗ୍ରାମର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ଗ୍ରାମୋଦୟ’ ଆରମ୍ଭ କରାଯାଇଛି। ସମସ୍ତ ସରକାରୀ ଯୋଜନାର ଶତପ୍ରତିଶତ ସୁବିଧା ପହଞ୍ଚାଇବାକୁ ଏଥିରେ ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ସରକାର ସମସ୍ତ ବିଭାଗର ମିଳିତ ସହଯୋଗରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ଗ୍ରାମୋଦୟ’କୁ ଅନୁଧ୍ୟାନ କରିବା ପାଇଁ ରାଜ୍ୟ, ଜିଲା ଓ ବ୍ଲକ ସ୍ତରରେ ତଦାରଖ କମିଟି କାର୍ଯ୍ୟ କରିବ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ତଦାରଖ କମିଟି କାର୍ଯ୍ୟ କରିବ । ଏହି କମିଟିରେ ସମସ୍ତ ବିଭାଗର ଶାସନ ସଚିବ ସଦସ୍ୟ ରହିବେ।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ତଦାରଖ କମିଟି ଗଠିତ

ଜିଲା ସ୍ତରୀୟ କମିଟିରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ବ୍ଲକସ୍ତରୀୟ କମିଟିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀଙ୍କ କମିଟି ଦ୍ୱାରା ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ଗ୍ରାମୋଦୟ’ର ପର୍ଯ୍ୟବେକ୍ଷଣ କରାଯିବ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ଗ୍ରାମୋଦୟ’କୁ କାର୍ଯ୍ୟକାରୀ କରିବା ପାଇଁ ତୃଣମୂଳ ସ୍ତରରେ ଜନସମ୍ପର୍କ ଶିବିର, ସଚେତନତା ଅଭିଯାନ, ଗ୍ରାମସଭା, ଅଭିଯୋଗ ଶୁଣାଣି ବ୍ୟବସ୍ଥା ରହିଛି। ରାଜ୍ୟର ମାଓବାଦୀ ପ୍ରଭାବିତ ଅଞ୍ଚଳଗୁଡ଼ିକର ସାମଗ୍ରିକ ବିକାଶ ତଥା ସମସ୍ତ ଗ୍ରାମ ଓ ହିତାଧିକାରୀଙ୍କୁ ସରକାରୀ ଯୋଜନାର ଶତପ୍ରତିଶତ ସୁବିଧା ପହଞ୍ଚାଇବା ଲକ୍ଷ୍ୟ ନେଇ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ଗ୍ରାମୋଦୟ’ କାର୍ଯ୍ୟ କରିବ । ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡ଼ା ଆଦି ୧୦ଟି ଜିଲାର ୫୮୩ ଗ୍ରାମରେ ସମସ୍ତ ସରକାରୀ ଯୋଜନାର ଶତପ୍ରତିଶତ ସୁବିଧା ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏହି କାର୍ଯ୍ୟକ୍ରମର ନୋଡାଲ୍ ବିଭାଗ ଭାବେ କାର୍ଯ୍ୟ କରିବ । ଏହା ଅଧୀନରେ ଗ୍ରାମ କିମ୍ବା ଗୋଷ୍ଠୀକୁ ୩୧ଟି ସରକାରୀ ଯୋଜନା ଏବଂ ହିତାଧିକାରୀ କିମ୍ବା ପରିବାରକୁ ୪୪ଟି ସରକାରୀ ଯୋଜନାର ଶତପ୍ରତିଶତ ସୁବିଧା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି ।


DADLS - 39

ଓଡ଼ିଶା ସରକାର



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୯ ଅକ୍ଟୋବର, ୨୦୨୪

ସକାଳ ୮ ଘଟିକା –
ଭୁବନେଶ୍ୱର ୟୁନିଟ–୮ ସ୍ଥିତ ଗୋପବନ୍ଧୁ ଛକ ନିକଟରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ଏହି ସମାରୋହରେ

ମୁଖ୍ୟ ଅତିଥି
ଶ୍ରୀମତୀ ସୁରମା ପାଢ଼ୀ,
ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଓମ୍‌ପ୍ରକାଶ ମିଶ୍ର,
ମାନ୍ୟବର ବିଧାୟକ, ସତ୍ୟବାଦୀ

ମୁଖ୍ୟବକ୍ତା
ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ୍
ଯୋଗ ଦେବେ ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ରଚନାରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0235/2425


# ଆଜି ୧୩ ଜିଲାରେ ବର୍ଷା ସମ୍ଭାବନା

## ୧୫ ପର୍ଯ୍ୟନ୍ତ ବିଶେଷ ବଦଳିବନି ପାଣିପାଗ

ଭୁବନେଶ୍ୱର,୮।୧୦(ଅନୁରାଧା ମହାରଣା)

ରାଜ୍ୟରେ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ପୂର୍ବାଳି ବାୟୁ ପ୍ରଭାବରେ ରାଜ୍ୟକୁ କ୍ରମାଗତ ଜଳୀୟବାଷ୍ପ ପ୍ରବେଶ କରୁଛି। ଏହା ଉତ୍ତର–ପଶ୍ଚିମ ଦିଗରୁ ପ୍ରବେଶ କରୁଥିବା ଶୁଷ୍କ ବାୟୁ ଏବଂ ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସି କିଛି ଜିଲାରେ ଘଡ଼ଘଡ଼ି ସହ ବର୍ଷା ସୃଷ୍ଟି କରୁଛି। ପାଣିପାଗ ବିଶେଷଜ୍ଞ ଲକ୍ଷ୍ମୀକାନ୍ତ ଗିରି ଏନେଇ ସୂଚନା ପ୍ରଦାନ କରିଛନ୍ତି। ତେବେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ। ବୁଧବାର ଉପକୂଳ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନ ସହ କୋରାପୁଟ, ମୟୂରଭଞ୍ଜ, ଢେଙ୍କାନାଳ, ସୁନ୍ଦରଗଡ଼, ଅନୁଗୋଳ, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, କେନ୍ଦୁଝର, ମାଲକାନଗିରି, ରାୟଗଡ଼ା, କନ୍ଧମାଳ, ବୌଦ୍ଧ ଆଦି ଜିଲାର କିଛି ସ୍ଥାନରେ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ରାଜ୍ୟର ଅନ୍ୟସ୍ଥାନରେ ପାଗ ପ୍ରାୟ ଶୁଷ୍କ ରହିବ। ଅନ୍ୟପଟେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, କଟକ, ଅନୁଗୋଳ, ଢେଙ୍କାନାଳ, ଯାଜପୁର ଆଦି ୧୩ ଜିଲାକୁ ବିଜୁଳି ସହ ଘଡ଼ଘଡ଼ି ଭୟ ରହିଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।


KMR
KALAMANDIR ROYALE
ROYALE FESTIVE COLLECTION
LATEST FASHION AT CORRECT PRICES



PUJA OFFER 10%* OFF
UPTO 3RD NOV
309, DISTRICT CENTRE, CHANDRASEKHARPUR 7008 260 177
364, SAHID NAGAR, JANPATH 9437 460 950

ସବୁ ଜୀବ ପ୍ରତି କରୁଣା ରହିବା ଭଲ। କିନ୍ତୁ ତୁମେ ଯଦି ତୁମ କରୁଣାର ଦାସ ହୋଇପଡ- ତାହା ଆଦୌ ଭଲ କଥା ନୁହେଁ। କାହାର ବା କିଛିର ଦାସ ହେବ ନାହିଁ – ଏକମାତ୍ର ଭଗବାନଙ୍କ ବ୍ୟତୀତ। ଏପରି କି ତାଙ୍କର ସର୍ବାପେକ୍ଷା ଜ୍ୟୋତିର୍ମୟ ପ୍ରତିନିଧିଙ୍କର ବି ଦାସ ହେବ ନାହିଁ। –ଶ୍ରୀଅରବିନ୍ଦ

-ପୀଠେ ଶ୍ରୀଦୁର୍ଗାଦେବ୍ୟାଃ ତ୍ରିଦିନାତ୍ମକ ସପ୍ତମୀ ପୂଜା, ତପଃ ଷଷ୍ଠୀ ଓ ବିଲ୍ୱାଧିବାସ



# ଦୁଇ ରାଜ୍ୟର ଭିନ୍ନ ଫଳ

୨୦୨୪ ଲୋକ ସଭା ନିର୍ବାଚନ ପରେ ହରିୟାଣା ଏବଂ ଜମ୍ମୁ-କଶ୍ମୀର ବିଧାନସଭା ଲାଗି ହୋଇଥିବା ମତଦାନରେ ଏନ୍‌ଡିଏ ଏବଂ ଇଣ୍ଡିଆ ମେଣ୍ଟ ୧-୧ ପଏଣ୍ଟ ପାଇଛନ୍ତି। ଅର୍ଥାତ୍ ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭାରେ ଭାଜପା ୪୮ ଆସନ ପାଇ ତୃତୀୟ ଥର ସରକାର ଗଠନ କରିବାକୁ ଲୋକମତ ପାଇଛି। ଏକ୍‌ଜିଟ ପୋଲ୍‌ରେ ପ୍ରାୟ ସବୁ ସର୍ଭେ ସଂସ୍ଥା କଂଗ୍ରେସ ୫୦ରୁ ଅଧିକ ଆସନ ଜିତିବ ବୋଲି ଆକଳନ କରିଥିଲେ। କିନ୍ତୁ ତାହା ୩୭ରେ ସୀମିତ ରହିଲା। କୃଷକଙ୍କ ଭାଜପା ବିରୋଧୀ ଆଭିମୁଖ୍ୟ, ଅଗ୍ନିବୀର ପ୍ରସଙ୍ଗ ଓ କୁସ୍ତିଯୋଦ୍ଧାଙ୍କ ସମସ୍ୟାକୁ କଂଗ୍ରେସ ଗୁରୁତ୍ୱ ଦେଇ ପ୍ରଚାର କରୁଥିବାରୁ ତାହା ଶାସକ ଦଳ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଉଥିଲା। ସେହିଭଳି ଗତ ୧୦ ବର୍ଷ ଶାସନରେ ଥିବାରୁ ଶାସକ ବିରୋଧୀ ପବନ ବହି ଭାଜପାକୁ କ୍ଷମତାରୁ ଉଡ଼େଇ ନେବ ବୋଲି ଏକପ୍ରକାର 'ଘୋ' ମଧ୍ୟ ସୃଷ୍ଟି ହୋଇଯାଇଥିଲା। ତାହା ନ ହୋଇଲା। ଆଲୋଚନା ହେଲାଣି ୨୦୨୪ ଲୋକ ସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ପୂର୍ବାପେକ୍ଷା ଭଲ ରହିବାରୁ ଏହାର ନେତାମାନେ ଅଧିକ ଆତ୍ମବିଶ୍ୱାସୀ ହୋଇପଡ଼ିଛନ୍ତି। ଦ୍ୱିତୀୟରେ ସେଠାରେ ଭୂପିନ୍ଦର ସିଂ ହୁଡ୍ଡା ନା କୁମାରୀ ଶୈଳେଜା ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ଦଳ ଭିତରେ ଟଣାଓଟରା ଚାଲିଥିଲା। ପୁଣି ଦେଖାଯାଉଛି ଯେଉଁଠାରେ କଂଗ୍ରେସ ଏକାକୀ ନିର୍ବାଚନ ଲଢୁଛି ସେଠାରେ ସେଭଳି ସଫଳତା ପାଇପାରୁନାହିଁ। ୨୦୨୪ ସାଧାରଣ ନିର୍ବାଚନରେ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି(ଏସ୍‌ପି) ସହ ଲଢ଼ିବାରୁ କଂଗ୍ରେସକୁ ଫାଇଦା ମିଳିଥିଲା। ଏବେ ଜମ୍ମୁ ଓ କଶ୍ମୀର ଭୋଟ ଫଳାଫଳ ଦେଖିଲେ ନ୍ୟାଶନାଲ କନ୍‌ଫରେନ୍ସ(ଏନ୍‌ସି) ଓ କଂଗ୍ରେସ ମେଣ୍ଟ ସଫଳତା ପାଇଛି। ଅର୍ଥାତ୍ କଂଗ୍ରେସ ଏକାକୀ ନୁହେଁ, ଅନ୍ୟମାନଙ୍କ ସହିତ 'ବି ଟିମ୍' ଭାବେ ଖେଳିଲେ ଜିତାପଟ ପାଇପାରୁଛି। କଂଗ୍ରେସର ବଡ଼ ସମସ୍ୟା ହେଲା, ଯେହେତୁ ଏହା ସ୍ଥାନୀୟ ନେତୃତ୍ୱକୁ ବଢ଼ିବାକୁ ସୁଯୋଗ ଦେଉନାହିଁ, ସେଥିପାଇଁ ସ୍ଥାନୀୟ ସମସ୍ୟାକୁ ଲୋକେ ଭୁଲି ଯାଉଛନ୍ତି। ହରିୟାଣା ନିର୍ବାଚନରେ ଜନନାୟକ ଜନତା ପାର୍ଟି (ଜେଜେପି)ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଥିଲେ। ଗତ ସରକାରରେ ଭାଗୀଦାର ଥିବା ଜେଜେପି ମୁଖ୍ୟ ଦୁଷ୍ୟନ୍ତ ସିଂ ଚୌତାଲା ଭାଜପାଠାରୁ ଅଲଗା ହୋଇ ନିର୍ବାଚନରେ ନିଜ ଦକ୍ଷତା ପରୀକ୍ଷା କରିଥିଲେ। ଭାରତର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଦେବୀ ଲାଲଙ୍କ ଅଣନାତି ଦୁ୍ୟଷନ୍ତ ଗତ ନିର୍ବାଚନରେ ୧୦ଟି ଆସନ ଜିତି ସରକାର ଗଠନରେ କିଙ୍ଗ୍‌ମେକର ସାଜିଥିଲେ ମଧ୍ୟ ଏଥର ଖାତା ଖୋଲିପାରି ନାହାନ୍ତି।

ଜମ୍ମୁ ଓ କଶ୍ମୀରରେ ଦୀର୍ଘ ୧୦ ବର୍ଷ (୨୦୧୪ରେ ଶେଷ ନିର୍ବାଚନ ହୋଇଥିଲା) ପରେ ଏବେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୨୦୧୯ ଅଗଷ୍ଟ ୫ରେ ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ କଶ୍ମୀରବାସୀଙ୍କ ଦୁଃଖ ଓ ଯନ୍ତ୍ରଣା ବଢ଼ିଯାଇଥିଲା। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ସେଠାରେ ହୋଇଥିବା ନିର୍ବାଚନରେ ଭାଜପା ପ୍ରଦର୍ଶନ ଭଲ ହେବ ନାହିଁ ବୋଲି ଆଲୋଚନା ହୋଇଥିଲା। ୨୦୧୪ରେ ଭାଜପା ୨୫ ଆସନ ପାଇଥିବା ବେଳେ ଏଥର ୨୯ ଆସନରେ ଜିତିଛି। ହେଲେ ସର୍ବାଧିକ କ୍ଷତି ମେହବୁବା ମୁଫ୍‌ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି)କୁ ହୋଇଛି। ପୂର୍ବ ନିର୍ବାଚନରେ ୨୮ ଆସନ ପାଇଥିବା ବେଳେ ଏହା କମି ୩କୁ ଖସିଯାଇଛି। ଦ୍ୱିତୀୟ ଆଞ୍ଚଳିକ ଦଳ ଭାବେ ସିଟ୍ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ହେଉଛି ତାହାର ସଦସ୍ୟମାନେ ନିଜର ଆସନରେ ଲୋକପ୍ରିୟତା ହାସଲ କରିପାରିଲେ ନାହିଁ। ଅନ୍ୟପକ୍ଷରେ ନ୍ୟାଶନାଲ କନଫରେନ୍ସ ୪୨ ଆସନ ପାଇଥିବା ବେଳେ ତା' ସହ ନିର୍ବାଚନୀ ମେଣ୍ଟ କରିଥିବା କଂଗ୍ରେସକୁ ୬ଟିରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେଠାରେ ଏନ୍‌ସି ଓ କଂଗ୍ରେସ ମେଣ୍ଟ ସରକାର ଗଢ଼ିବାକୁ ଯାଉଛି। ଉଲ୍ଲେଖଯୋଗ୍ୟ, ଏନ୍‌ସିର ଭାରତ ସପକ୍ଷବାଦୀ ଚିନ୍ତାଧାରା ରହୁଥିବାରୁ ତାହା ଅଧିକ ଲୋକସମର୍ଥନ ପାଇପାରିଛି। ଅର୍ଥାତ୍ ସାଧାରଣ କଶ୍ମୀରୀ ଭୋଟର ଭାରତ ସହିତ ଜଡ଼ିତ ହେବାକୁ ଇଚ୍ଛୁକ। ସବୁ କଶ୍ମୀରୀ ମିଳିତ ଭାବେ ପାକିସ୍ତାନ ସମର୍ଥକ ବୋଲି ଭାବିବା ଅନୁଚିତ। ଦେଖିବାକୁ ଗଲେ ଭାଜପାର ଉଦ୍ଦେଶ୍ୟ ଥିଲା ଜମ୍ମୁ ଓ କଶ୍ମୀରକୁ ଅକ୍ତିଆରକୁ ଆଣି ସେଠାରେ ଶାସନ କରିବା। ହେଲେ କଶ୍ମୀରବାସୀ ଭାଜପାକୁ ପ୍ରତ୍ୟାଖ୍ୟାନ କଲେ। ଏଥିରୁ ବୁଝିବାକୁ ହେବ ଯେ କାହାର ଅଧିକାରକୁ ଛଡ଼ାଇ ନେବା ସହ ବଳ ପ୍ରୟୋଗ କରି କୌଣସି ଅଞ୍ଚଳ ଉପରେ ଶାସନ କରିବା କଷ୍ଟକର। ସମ୍ଭବତଃ ଏଇଥିପାଇଁ ଭାଜପା ଯେତେ କଳ, ବଳ ଓ କୌଶଳ ପ୍ରୟୋଗ କଲେ ମଧ୍ୟ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିଲା ନାହିଁ।

ଏହି ଦୁଇ ନିର୍ବାଚନ ଅନ୍ୟ ଏକ ଚିତ୍ରକୁ ସ୍ପଷ୍ଟ କରୁଛି। ଉତ୍ତର ଭାରତର ଏହି ଦୁଇଟି ରାଜ୍ୟରେ ଭିନ୍ନ ପ୍ରକାରର ମତଦାନ ପ୍ରମାଣ କରୁଛି ଯେ ଏହି ଦେଶରେ କେବଳ ଗଣତନ୍ତ୍ର ନୁହେଁ, ସଂଘୀୟ ଚିନ୍ତାଧାରା ମଧ୍ୟ ସଫଳତା ପାଇପାରୁଛି। 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ'ର ଚିନ୍ତାଧାରା ଭାରତର ସମସ୍ୟା ଦୂର କରିବ ନାହିଁ। ବିଭିନ୍ନ ସମୟରେ ନିର୍ବାଚନ ହେଉଥିଲେ ତାହା, ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକରେ, ଶାସକ ଗୋଷ୍ଠୀର ଲଗାମ ଧରିରଖୁଛି। ଏକସଙ୍ଗେ ଭୋଟ ହେଲେ ଖର୍ଚ୍ଚ କମିବ ନାହିଁ, ଅପରପକ୍ଷରେ ଲୋକମତ ଅଧିକ ବିଭ୍ରାନ୍ତିକର ହେବାର ସୁଯୋଗ ସୃଷ୍ଟି କରିବ।

# ସାଇବର ଠକାମିରେ ନୂଆ ଫନ୍ଦି



ଅନନ୍ତ ଚରଣ ସ୍ୱାଇଁ

ବିତ୍ତୀୟ ପରିଚାଳନାରେ ଡିଜିଟାଲ କାରବାରର ଲୋକପ୍ରିୟତା ଓ ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଇଛି। ଏହା ସହ ବଢ଼ି ଚାଲିଛି ସାଇବର ଠକେଇ। ୨୦୨୪ ମସିହାର ପ୍ରଥମ ଚାରି ମାସରେ ଆମ ଦେଶରୁ ୧୭୫୦ କୋଟି ଟଙ୍କା ସାଇବରମାନଙ୍କ ପାଖକୁ ଚାଲିଯାଇଛି। ଠକମାନେ ନୂଆ ନୂଆ ଉପାୟରେ ଅତ୍ୟନ୍ତ ଚତୁରତାର ସହ ସେମାନଙ୍କର ଲକ୍ଷ୍ୟକୁ ବଶୀଭୂତ କରିଥାଆନ୍ତି। ମିଥ୍ୟା ତଥ୍ୟକୁ ସତ୍ୟ ବୋଲି ପ୍ରମାଣ କରି ସେମାନଙ୍କ ସମ୍ପର୍କରେ ଆସୁଥିବା ବ୍ୟକ୍ତିଙ୍କର ବିଶ୍ୱାସ ଭାଜନ ହୁଅନ୍ତି ବା ସେମାନଙ୍କୁ ମିଥ୍ୟା ତଥ୍ୟ ଆଧାରରେ ଭୟଭୀତ କରିଥାଆନ୍ତି। ପରେ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧିତ ସମସ୍ତ ଗୁପ୍ତ ତଥ୍ୟ ସଂଗ୍ରହ କରି ସେଥିରୁ ସବୁତକ ଟଙ୍କା ଲୁଟି ନିଅନ୍ତି ବା ଏପରି ପରିସ୍ଥିତି ସୃଷ୍ଟି କରନ୍ତି ଯେ ଭୟରେ ସମସ୍ତ ଟଙ୍କା ଲୋକଟି ଠକମାନଙ୍କ ଖାତାକୁ ପଠାଇ ଦେଇଥାଏ। ପ୍ରକୃତ ଘଟଣା ବୁଝିଲା ବେଳକୁ ନେଡିଗୁଡ କହୁଣୀକୁ ବୋହିଯାଇଥାଏ। କଷ୍ଟାର୍ଜିତ ଧନ ଚାଲିଯାଏ ଠକମାନଙ୍କ ପାଖକୁ।

ସାଇବର ଠକମାନେ ଦିନକୁ ଦିନ ନୂଆ ନୂଆ ଉପାୟ ଅବଲମ୍ବନ କରୁଛନ୍ତି। ସେମାନଙ୍କ ଚକ୍ରାନ୍ତକୁ ସହଜରେ ବୁଝିହୁଏ ନାହିଁ। ସେହିପରି ଏକ ସାଇବର ଠକାମି ହେଉଛି ଡିଜିଟାଲ ଆରେଷ୍ଟ। ସାଇବର ଠକମାନେ ସେମାନଙ୍କର ଟାର୍ଗେଟରେ ଥିବା ଲୋକକୁ ମୋବାଇଲ ଫୋନରେ ଏକରକମ ବାନ୍ଧିରଖନ୍ତି ଓ ଫୋନ ଛାଡି ତାଙ୍କୁ କେଉଁ ଆଡେ ଯିବାକୁ ଦିଆଯାଏ ନାହିଁ। ପ୍ରଥମେ ମିଥ୍ୟା ତଥ୍ୟ ଆଧାରରେ ମନରେ ଭୟ ସୃଷ୍ଟି କରନ୍ତି। ପୋଲିସ ଓ ଯାଞ୍ଚ ଅଧିକାରୀଙ୍କ ପରିଚୟ ଦେଇ ଭିଡିଓ କଲ୍ ମାଧ୍ୟମରେ କୁହନ୍ତି, ତାଙ୍କ ମୋବାଇଲ ସିମ୍ ବ୍ୟବହାର କରାଯାଇ ଅତ୍ୟନ୍ତ ବେନିୟମ କାମ ହୋଇଥିବାର ତଦନ୍ତରୁ ଜଣାପଡିଛି। ଅନେକ ଆପରାଧିକ କାର୍ଯ୍ୟ କଲା ପରେ ତାଙ୍କର ସମ୍ପୃକ୍ତି ଅଛି। ସେଥିପାଇଁ ତାଙ୍କୁ ତୁରନ୍ତ ଦୁଇ ତିନି ଘଣ୍ଟା ଭିତରେ ପୋଲିସ ଷ୍ଟେଶନରେ ରିପୋର୍ଟ କରିବାକୁ ହେବ। ନଚେତ୍ ତାଙ୍କୁ ଗିରଫ କରାଯିବ। ଯେଉଁ ପୋଲିସ ଷ୍ଟେଶନରେ ରିପୋର୍ଟ ପାଇଁ କହିଥିବେ ତାହା ଶହ ଶହ ମାଇଲ ଦୂରରେ। ଦୁଇ ତିନି ଘଣ୍ଟାରେ ସେଠାରେ ପହଞ୍ଚିବା ସମ୍ଭବ ନୁହେଁ। କେତେକ ସ୍ଥଳେ ନକଲି ଆରେଷ୍ଟ ୱାରେଣ୍ଟ ଦେଖାଇ ଭୟକୁ ଆହୁରି ବଢାଇ ଦିଅନ୍ତି। ଗିରଫକୁ ସାମୟିକ ବିଳମ୍ବ କରିବା ପାଇଁ କେତେଗୁଡିଏ ସର୍ତ୍ତ ରଖନ୍ତି। କେବଳ ଭିଡିଓ କଲ୍‌ରେ କଥାବାର୍ତ୍ତା। ବାର୍ତ୍ତାଳାପ ସମୟରେ ପାଖରେ କେହି ନ ଥିବେ। ତାଙ୍କ ମୋବାଇଲରୁ ଅନ୍ୟ କାହାକୁ ଫୋନ କରିବେ ନାହିଁ ଏବଂ ସେଥିରେ ଆସୁଥିବା କଲ୍‌କୁ ଧରିବେ ନାହିଁ। ତଦନ୍ତ ପ୍ରକ୍ରିୟା ସରିବା ପର୍ଯ୍ୟନ୍ତ ବିଭିନ୍ନ ବ୍ୟାଙ୍କରେ ଥିବା ଜମା ରାଶିକୁ ସେମାନଙ୍କ ପାଖକୁ ପଠାଇ ଦେବେ। ସେ ସମସ୍ତ ଟଙ୍କା ସେମାନଙ୍କ ପାଖରେ ବନ୍ଧକ ଭାବେ ରହିବ। ତଦନ୍ତ



ସରିଲେ ତାହା ତାଙ୍କୁ ଫେରସ୍ତ ଦିଆଯିବ। ଏସବୁ ଶୁଣିବା ପରେ ଯେକେହି ଭୟଭୀତ ହେବା ସ୍ୱାଭାବିକ। ଥରେ ସେମାନଙ୍କ ପାଖକୁ ଟଙ୍କା ଚାଲିଗଲେ ଆଉ ଫେରିବ ନାହିଁ। ଏପରି ଭୟଭୀତ କରି ଟଙ୍କା ଠକିନେବା ସାଇବର ଠକଙ୍କ ଏକ ଅଭିନବ ଉପାୟ।

ନିକଟରେ ଜଣେ ଶିକ୍ଷିତା ମହିଳା ଠକାମିର ଶିକାର ହୋଇ ୮୩ ଲକ୍ଷ ଟଙ୍କା ହରାଇବାର ଖବର ଏକ ଘରୋଇ ଟିଭିରେ ପ୍ରସାରିତ ହେଉଥିଲା। ଅଭିନବ ଉପାୟରେ ଠକଦଳ ମହିଳାଙ୍କୁ ପ୍ରଥମେ ଧମକ ଚମକ ଦେଇ ଏକରକମ ଡିଜିଟାଲ ଆରେଷ୍ଟ କରି ତାଙ୍କ ଆକାଉଣ୍ଟରୁ ସମସ୍ତ ଟଙ୍କା ଲୁଟି ନେବାକୁ ସମର୍ଥ ହୋଇଥିଲା। ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ନିଜର ହିତାହିତ ଜ୍ଞାନ ହରାଇବା ସ୍ୱାଭାବିକ। ମହିଳା ଜଣଙ୍କ କ୍ଷେତ୍ରରେ ତାହା ହିଁ ହୋଇଥିଲା। ନିଜ ମୋବାଇଲରୁ କାହାରିକୁ ଫୋନ କରି ନ ଥିଲେ। ନିଜ ଝିଅଙ୍କ ଫୋନ ମଧ୍ୟ ଉଠାଇ ନ ଥିଲେ। ତା'ପରେ ବ୍ୟାଙ୍କକୁ ଯାଇ ନିଜର ସମସ୍ତ ସ୍ଥାୟୀ ଜମାକୁ ଭାଙ୍ଗି ସେସବୁକୁ କୁହାଯାଇଥିବା ଆକାଉଣ୍ଟକୁ ପଠାଇବା ପରେ ତାଙ୍କ ମନରେ ସନ୍ଦେହ ହେଲା। ସାଇବର ପୋଲିସକୁ ଘଟଣା ସମ୍ବନ୍ଧରେ ଜଣାଇଲେ। ସେତେବେଳକୁ ଅନେକ ବିଳମ୍ବ ହୋଇଯାଇଥିଲା। ଠକମାନଙ୍କ ପାଖକୁ ଚାଲିଯାଇଥିଲା ମହିଳାଙ୍କ କଷ୍ଟ ଅର୍ଜିତ ଧନ।

ପ୍ରତିଦିନ ଏପରି ଅନେକ ଠକାମି ଘଟି ଚାଲିଛି। ପୋଲିସ ଅଫିସର, ସିବିଆଇ, ଇଡି ଓ ଅନ୍ୟାନ୍ୟ ଯାଞ୍ଚ ଏଜେନ୍ସିର ଅଧିକାରୀ ବୋଲି ପରିଚୟ ଦେଇ ଲକ୍ଷକୁ ତାଙ୍କ ନାଁରେ କୋର୍ଟ ଓ ଅନ୍ୟ ଅଫିସରୁ ଆସିଥିବା ନକଲି ନୋଟିସ ଓ ଚିଠି ପତ୍ରକୁ ଭିଡିଓ କଲ୍ କରି ଦେଖାଇ ଥାଆନ୍ତି। ଏସବୁ ଦେଖି ଲୋକଟି ଭୟଭୀତ ହେବା ସହ ଦ୍ୱନ୍ଦ୍ୱରେ ପଡିଯାଏ। ଲୋକ ଲଜ୍ଜାରୁ ନିଜକୁ ବଞ୍ଚାଇବାକୁ ମୋବାଇଲେ ଆସୁଥିବା ସମସ୍ତ ତଥ୍ୟକୁ ସତ୍ୟ ବୋଲି ମାନିନିଏ ଏବଂ ସେମାନଙ୍କ ନିର୍ଦ୍ଦେଶକୁ ସତର୍କତାର ସହ ପାଳନ କରେ। ଠକାମିର ଶିକାର ହେବା କଥା ବୁଝିଲା ବେଳକୁ ନେଡିଗୁଡ କହୁଣୀକୁ ବହିଯାଇଥାଏ। ବର୍ଷ ବର୍ଷ ଧରି ସଞ୍ଚୟ କରିଥିବା କଷ୍ଟାର୍ଜିତ ଧନ ଠକଙ୍କ ପାଖକୁ ଚାଲିଯାଇଥାଏ। ପୋଲିସରେ ଅଭିଯୋଗ କଲେ ବି ଟଙ୍କା ଫେରି ପାଇବାର ସମ୍ଭାବନା ବହୁତ କମ୍।

ସାଇବର ଠକେଇରେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ)ର ଉପଯୋଗ ଠକାମିକୁ ଅଧିକ ବଢାଇ ଦେଇଛି। ଏବେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି କେତେକ ନକଲି ଭିଡିଓ। ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ବକ୍ତବ୍ୟକୁ ଅତି ନିଖୁଣ ଭାବେ ପ୍ରଦର୍ଶିତ କରାଯାଇଛି। ସେମାନେ କହୁଥିବା ଦେଖାଯାଉଛି ଯେ, କ୍ୱାଣ୍ଟମ ଏଆଇ ଭଳି ଉନ୍ନତ ଓ ଅତ୍ୟାଧୁନିକ ସଫ୍‌ଟୱେର ମାଧ୍ୟମରେ ଷ୍ଟକ୍ ମାର୍କେଟରୁ ଆଶାତୀତ ଲାଭ ମିଳିପାରିବ। ମାତ୍ର ୨୧,୦୦୦ ଟଙ୍କା ଖଟାଇ ମାସକ ମଧ୍ୟରେ ପାଇପାରିବ ୨ ମିଲିୟନ (୨୦ ଲକ୍ଷ) ଟଙ୍କା। ଏହାଦ୍ୱାରା ଦେଶରୁ ଦାରିଦ୍ର୍ୟ ଦୂର ହେବ। ଘରେ ବସି ସହଜରେ ହୋଇପାରିବ ଜଣେ କୋଟିପତି ବା ଅରବପତି। ବିଶିଷ୍ଟ ଅରବପତି ଓ ଉଦ୍ୟୋଗପତିମାନଙ୍କଠାରୁ ଏହା ଶୁଣିବା ପରେ ଯେ କେହି ଏହାକୁ ବିଶାସ କରିବା ସ୍ୱାଭାବିକ। ଏପରି ଭ୍ରମାତ୍ମକ ପ୍ରଲୋଭନରୁ ନିଜକୁ କ୍ଷାନ୍ତ ରଖିବା ଶ୍ରେୟସ୍କର। ଏହାର ସତ୍ୟାସତ୍ୟ ଅନୁସନ୍ଧାନ ନ କରି; ଅଧିକ ଲାଭ ଆଶାରେ ଏଥିରେ ଟଙ୍କା ଖଟେଇ, ଅନେକ ଲୋକ ଠକାମିର ଶିକାର ହେଉଛନ୍ତି। ଠକାମିରେ ନୂଆ କରି କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର କରାଯାଉଛି। କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗ କରି ଏକ ନିଖୁଣ ବିଶ୍ୱସନୀୟ ସ୍ଥିତି ସୃଷ୍ଟି କରନ୍ତି। ସେମାନଙ୍କ ଚାଲକୁ ଶିକ୍ଷିତ ଲୋକମାନେ ବି ସହଜରେ ବୁଝିପାରନ୍ତି ନାହିଁ। କୀଟଟି ଅଗ୍ନି ପ୍ରତି ଆକୃଷ୍ଟ ହୋଇ ସେଥିରେ ଝାସ ଦେଇ ମୃତ୍ୟୁମୁଖରେ ପଡିବା ଭଳି ପ୍ରଲୋଭନରେ ପଡି ନିବେଶକ ଠକଙ୍କ ଫାନ୍ଦରେ ଛନ୍ଦି ହୋଇଯାଏ ଏବଂ ନିଜର କଷ୍ଟାର୍ଜିତ ଅର୍ଥ ହରାଇ ଥାଏ।

ସାଇବର ଠକାମିରୁ ସୁରକ୍ଷିତ ରଖିବାକୁ ନିଜର ମନୋବଳ ବଢାଇବାକୁ ହେବ। ଯଦି କୌଣସି ବେନିୟମ କାମ କରିନାହାନ୍ତି, ତା'ହେଲେ ଯେତେ ମିଥ୍ୟା ଅଭିଯୋଗ ବା ଧମକଚମକକୁ ଭୟ କରିବାର ନାହିଁ। ଠକଙ୍କ ଧମକକୁ ଭୟ ନ କରି ସାଇବର ପୋଲିସ ଷ୍ଟେଶନ କିମ୍ବା ସାଇବର ପୋର୍ଟାଲରେ ଅଭିଯୋଗ କରିବା ଦରକାର। କୌଣସି ସ୍ଥିତିରେ ସେମାନଙ୍କ ଖାତାକୁ ଟଙ୍କା ପଠାଇବା ନାହିଁ। କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ମନ୍ତବ୍ୟକୁ ନିଖୁଣ ଭାବେ ନକଲ କରାଯାଇ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶନ କରାଯାଉଛି। ଏହାର କୌଣସି ସତ୍ୟାସତ୍ୟ ନାହିଁ। ଏଣୁ ଏହାକୁ ବିଶ୍ୱାସ କରି ସେମାନଙ୍କର ବକ୍ତବ୍ୟ ମାନିନେବା ଏବଂ ସେମାନଙ୍କ କହିବାନୁସାରେ ଟଙ୍କା ଖଟାଇବା ଅର୍ଥ ଠକାମିରେ ପଡିବା।

ସମସ୍ତ ସତର୍କତା ସତ୍ତ୍ୱେ ଠକାମିର ଶିକାର ହେଲେ ଭୟଭୀତ ନ ହୋଇ ଠକେଇର ସବିଶେଷ ବିବରଣୀ ଜାତୀୟ ସାଇବର କ୍ରାଇମ୍ ରିପୋର୍ଟ ପୋର୍ଟାଲ (WWW. CYBERCRIME.GOV.IN)ରେ ରିପୋର୍ଟ କରିବା ସହ ହେଲ୍ପଲାଇନ ନମ୍ବର ୧୫୫୨୬୦ କିମ୍ବା ୧୯୩୦ରେ ଅଭିଯୋଗ କଲେ ଠକାମିର ଅଧିକ ଅନୁସନ୍ଧାନ କରାଯାଇ ଠକଙ୍କୁ ଖୋଜିପାଇବାରେ ସାହାଯ୍ୟ କରିବ।

**୫୩୭,କେ-୭, କଳିଙ୍ଗନଗର**
**ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭**

# ଅଲୋଡ଼ା ନୁହନ୍ତି ବରିଷ୍ଠ ନାଗରିକ



କିଶୋର ଚନ୍ଦ୍ର ବେହେରା

ଷାଠିଏ ବର୍ଷ ପୂରିଗଲେ ବୟସ୍କ ବ୍ୟକ୍ତିଙ୍କୁ ସମ୍ମାନସୂଚକ ସମ୍ବୋଧନ ସିନିୟର ସିଟିଜେନ ବା 'ବରିଷ୍ଠ ନାଗରିକ' ମନରେ ଆତ୍ମସନ୍ତୋଷ ଭରିଦିଏ। ସିନିୟର ସିଟିଜେନ ପରିଚୟରେ ଖୁବ୍ ଗୌରବବୋଧ ଅନୁଭବ ହୁଏ। ମାତ୍ର ସ୍ୱାଭିମାନୀ ମଣିଷଟି ଜୀବନର ଅପରାହ୍ଣରେ ଯେବେ ବାସ୍ତବତାକୁ ସାମ୍ନାକରେ, ବୁଝିପାରେ ସତରେ କେତେ ଅଲୋଡ଼ା ଆଉ ମୂଲ୍ୟହୀନ। ବରିଷ୍ଠ ନାଗରିକ ହିଁ ସମାଜକୁ ପରିବର୍ତ୍ତନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। କାହିଁକି ନା ବିଭିନ୍ନ ଜିନିଷକୁ ନେଇ ସେମାନଙ୍କ ନିଖୁଣ ପାରଙ୍ଗମତା ରହିଛି। ସେମାନଙ୍କ ଉଚିତ ମାର୍ଗଦର୍ଶନ, ସୁଚିନ୍ତିତ ମତାମତ ଓ ଅଭିଜ୍ଞତା ହିଁ ସମାଜରେ ଯୁବପିଢ଼ି ପାଇଁ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିଥାଏ। ଭାରତର ପାରମ୍ପରିକ ମୂଲ୍ୟବୋଧ ବୟସ୍କ ଲୋକମାନଙ୍କୁ ସମ୍ମାନ ଦେବା ଓ ତାଙ୍କର ସେବା ଶୁଶ୍ରୂଷା କରିବା ଉପରେ ଜୋର ଦିଏ। ତେବେ ବର୍ତ୍ତମାନ ସମୟରେ ଯୌଥ ପରିବାର କମି ଯାଉଥିବା ଦେଖାଯାଉଛି। ଏହା ଫଳରେ ବହୁ ସଂଖ୍ୟାରେ ମାତା ପିତାମାନେ ସେମାନଙ୍କ ପରିବାରରୁ ଅବହେଳାର ଶିକାର ହେଉଛନ୍ତି ଓ ଭାବନାତ୍ମକ, ଶାରୀରିକ ଓ ଆର୍ଥିକ ସହାୟତାରୁ ବଞ୍ଚିତ ହେଉଛନ୍ତି। ଆବଶ୍ୟକ ସାମାଜିକ ସୁରକ୍ଷା ଅଭାବରୁ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିରୁ ସ୍ପଷ୍ଟ ଯେ ବୟସ୍କ ଲୋକମାନଙ୍କର ସମସ୍ୟା ଏକ ବଡ଼ ସାମାଜିକ ସମସ୍ୟା ଭାବେ ଠିଆ ହେଉଛି ଓ ସେମାନଙ୍କୁ ସ୍ୱାସ୍ଥ୍ୟଗତ ଓ ଆର୍ଥିକ ଆବଶ୍ୟକତା ପୂରଣ କରିବା ସହ ଏକ ସାମାଜିକ ପ୍ରତିଷ୍ଠା ତିଆରି କରିବାର ଆବଶ୍ୟକତା ରହିଛି, ଯାହା ବୟସ୍କ ଲୋକମାନଙ୍କର ଭାବନାତ୍ମକ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ଥିବ।

୧୯୫୧ ମସିହା ଏକ ସର୍ବେକ୍ଷଣରେ ଭାରତରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକମାନଙ୍କ ସଂଖ୍ୟା ୧୯.୦୮ ମିଲିୟନ ଥିବାବେଳେ ୫୦ ବର୍ଷ ପରେ ଅର୍ଥାତ ୨୦୦୧ରେ ଏହା ୭୬ ମିଲିୟନରେ ପହଞ୍ଚିଛି। ୨୦୩୦ ସୁଦ୍ଧା ଏହା ୧୯୮ ମିଲିୟନ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ବରିଷ୍ଠ ନାଗରିକଙ୍କ ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୁଗାନ୍ତକାରୀ ପଦକ୍ଷେପ ନେବା ସହ ଜନହିତକର ଯୋଜନା ମାନ କରିଛନ୍ତି। ଯୋଜନାର ଉଦ୍ଦେଶ୍ୟ ହେଲା ଯେ ବୟସ୍କ ଲୋକମାନଙ୍କୁ ରହିବା, ଖାଦ୍ୟ, ଚିକିତ୍ସା ସୁବିଧା, ମନୋରଞ୍ଜନ ସୁଯୋଗ ଦେବା ତଥା ସେମାନଙ୍କୁ ଉତ୍ପାଦକ ଓ ସକ୍ରିୟତା ପାଇଁ ପ୍ରୋତ୍ସାହନ ପ୍ରଦାନ କରି ତାଙ୍କର ଜୀବନ ଧାରଣର ମାନ ବୃଦ୍ଧି କରିବା ଏବଂ ସରକାରୀ ଓ ଅଣସରକାରୀ ସଂସ୍ଥା, ପଞ୍ଚାୟତିରାଜ ସଂସ୍ଥା ଓ ସ୍ଥାନୀୟ ସଂସ୍ଥା ତଥା ଗୋଷ୍ଠୀର ସାମର୍ଥ୍ୟ ବୃଦ୍ଧିରେ ସହାୟକ ହେବା। ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ଡାକଘର ମାସିକ ଆୟ ଯୋଜନା, ବରିଷ୍ଠ ନାଗରିକ ଫିକ୍ସଡ ଡିପୋଜିଟ, ମ୍ୟୁଚୁଆଲ ଫଣ୍ଡ ଯୋଜନା ଓ ଗୋଲ୍ଡ ଫଣ୍ଡ ବ୍ୟାଙ୍କ ଓ ଡାକଘର ମାଧ୍ୟମରେ ସଞ୍ଚୟ କରିବା ପାଇଁ ସୁବନ୍ଦୋବସ୍ତ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ବୀମା ଯୋଜନା ମାଧ୍ୟମରେ ମାଗଣା ଔଷଧ ଓ ଶରୀର



ପରୀକ୍ଷାକରି ରିହାତି ଦରରେ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥାଏ। ଯାତାୟାତ ସୁବିଧା ନିମନ୍ତେ ସରକାରୀ ବସ ଓ ରେଳ ଯୋଗେ ଯାତ୍ରା କଲେ ରିହାତି ଦରରେ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥାଏ। ଏହି ବାର୍ତ୍ତା ଦେବା ପାଇଁ ପୋଲିସ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ବିଭିନ୍ନ ଯୋଜନା ହାତକୁ ନିଆଯାଉଥିବା ବେଳେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ପୋଲିସ ଅଣ୍ଟାଭିଡ଼ିଛି। କିଛିଦିନ ଧରି ଏଥିପାଇଁ ଆରମ୍ଭ ହୋଇଛି ଏକ ଯୋଜନା। ଏହି ଯୋଜନା ମାଧ୍ୟମରେ ଥାନା ଅଧୀନରେ ବିଭିନ୍ନ ସ୍ଥାନରେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ତାଲିକା ପ୍ରସ୍ତୁତ କରାଯାଉଛି ଓ ଏହାପରେ ସେମାନଙ୍କୁ ପୋଲିସ ପକ୍ଷରୁ ପ୍ରଦାନ କରାଯାଉଛି ପରିଚୟପତ୍ର। ବରିଷ୍ଠ ନାଗରିକଙ୍କ ନିମନ୍ତେ ଜୀବନର ଶେଷଭାଗରେ ବିଭିନ୍ନ ତୀର୍ଥ କ୍ଷେତ୍ର ଭ୍ରମଣରେ ନେଇଥାନ୍ତି ରାଜ୍ୟ ସରକାର; ଯାହାଫଳରେ କି ସମସ୍ତଙ୍କ ଭିତରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ ହୋଇଥାଏ।

ଅନେକ ପରିବାରର ପାରିବାରିକ କନ୍ଦଳକୁ ନେଇ ବୃଦ୍ଧ ମାଆ ବାପା ଅଲୋଡ଼ା ଓ ବୋଝ ହୋଇଯାଆନ୍ତି ଜନ୍ମିତ ସନ୍ତାନସନ୍ତତିଙ୍କ ପାଖରେ। ଅନେକ ପରିବାରରେ ଆର୍ଥିକ ବୋଝକୁ ପାଥେୟ କରି ବିଭିନ୍ନ ଜରା ନିବାସରେ ଛାଡ଼ିଦେବା ପାଇଁ ପଛେଇ ନ ଥାନ୍ତି। ବେଳେବେଳେ ମନଭିତରେ ପ୍ରଶ୍ନ ଉଙ୍କିମାରେ ସତରେ କ'ଣ ଜନ୍ମିତ ମାଆ ବାପା ଏହି ସମାଜ ପାଇଁ ବୋଝ ଓ ଅଲୋଡ଼ା ? ସେ କ'ଣ ତା'ର ପରିବାର ପାଇଁ କିଛି କରିନି ନା ଜନ୍ମ କଲା ଝିଅ ପୁଅଙ୍କ କଠୋର ହୃଦୟ ? ଏଭଳି ଅନେକ ପ୍ରଶ୍ନବାଣରେ ଛନ୍ଦି ହୋଇଯାଇଛି ଜର୍ଜରିତ ସମାଜ। ବରିଷ୍ଠ ନାଗରିକଙ୍କ ବୟସ ସୀମା ପୃଥିବୀର ୨୨୭ ଦେଶ ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ। ଭାରତରେ ବୟସ ସୀମା ୬୦ ବର୍ଷକୁ ମାପଦଣ୍ଡ କରାଯାଇଥିଲା ବେଳେ ଏସିଆ, ୟୁରୋପ, ଜାପାନ, ଫିନ୍‌ଲାଣ୍ଡ, ପର୍ତ୍ତୁଗାଲ ଓ ଗ୍ରୀସ ରାଷ୍ଟ୍ରଗୁଡ଼ିକର ବୟସ ସୀମା ୬୫ରେ ରହିଅଛି। ବିଭିନ୍ନ ଅନ୍ତର୍ଜାତୀୟ ସର୍ବେକ୍ଷଣରେ ଜଣା ପଡିଛି ୬୫ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୧୦.୨୦% ବିଶ୍ୱରେ ହୋଇଥିଲା ବେଳେ ସର୍ବାଧିକ ୨୯.୨୨% ବରିଷ୍ଠ ନାଗରିକ ଜାପାନ ଅଧିବାସୀ ହୋଇଥିଲା ବେଳେ ସର୍ବନିମ୍ନ ୧.୪୧% କ୍ୟାଟର ଦେଶରେ ବରିଷ୍ଠ ନାଗରିକ ବସବାସ କରିଥାନ୍ତି। ଭାରତରେ ୬.୮୧% ବରିଷ୍ଠବ୍ୟକ୍ତି ବସବାସ କରିଥାନ୍ତି। ଭାରତର ଜନସଂଖ୍ୟା ଦୃଷ୍ଟିରୁ ଏହାର ପରିମାଣ ଅତି ନଗଣ୍ୟ। ବରିଷ୍ଠ ନାଗରିକ ହେଉଛନ୍ତି ଅଭିଜ୍ଞତାର ପ୍ରତୀକ। ସେମାନଙ୍କ ଉପଦେଶ ସମାଜ ପାଇଁ ମଙ୍ଗଳକାରୀ। ରାଜନୈତିକ କ୍ଷେତ୍ରରେ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉଲ୍ଲେଖନୀୟ ହୋଇଥାଏ। ବିଶ୍ୱ ମାନଚିତ୍ରରେ ୧୦ଜଣ ପ୍ରତିଷ୍ଠିତ ରାଜନେତାଙ୍କ ବୟସ ୭୦ ବର୍ଷରୁ ଉର୍ଦ୍ଧ୍ୱ ସର୍ବଜ୍ୟେଷ୍ଠ ଭାବେ ୮୧ ବର୍ଷୀୟ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଥିଲାବେଳେ ସର୍ବ କନିଷ୍ଠ ୭୦ ବର୍ଷୀୟ ମେକ୍ସିକୋ ରାଷ୍ଟ୍ରପତି ଲୋପେଜ ଆବ୍ରାଡୋର ରହିଛନ୍ତି। ଏବେ ବି ସମାଜ ପାଇଁ ଆମର ଅବଦାନର ଆବଶ୍ୟକତା ରହିଛି, କିଭଳି ନୂତନ ପିଢ଼ିକୁ ଜୀବନର ମୂଲ୍ୟବୋଧ ବିଷୟରେ ଜ୍ଞାତ କରାଯିବ ସେ ଦାୟିତ୍ୱ ହେଉଛି ଆମ୍ଭମାନଙ୍କର। ଏହା ମଧ୍ୟରେ ରହିଛି ସୁଖ ଶାନ୍ତିର ଚାବିକାଠି।

**ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ,**
**ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ, ନନ୍ଦପୁର,**
**କୋରାପୁଟ, ମୋ:୯୪୩୭୯୫୫୫୬୮**

## ଏଇ ଭାରତରେ

ଦଶହରା ପାଇଁ ସବୁଆଡେ ମା ଦୁର୍ଗାଙ୍କର ପୂଜା ଚାଲିଛି। ସୁନ୍ଦର ଆକର୍ଷଣୀୟ ମେଢରେ ଆବାହନ କରାଯାଉଛି ମାଆ ଦୁର୍ଗାଙ୍କୁ। ହେଲେ ଆମ ଦେଶରେ ଏମିତି ବି ସ୍ଥାନ ଅଛି ଯେଉଁଠି ରାବଣଙ୍କୁ ମଧ୍ୟ ମାଆ ଦୁର୍ଗାଙ୍କ ଭଳି ଭାବଭକ୍ତିରେ ପୂଜା କରାଯାଏ। ଏଭଳି ଏକ ସ୍ଥାନ ହେଉଛି ମଧ୍ୟପ୍ରଦେଶର ଛିନ୍ଦୱାଡା ଜିଲାର ଯମୁନିଆ ଗାଁ। ଏହି ଗାଁରେ ଏଭଳି ଏକ ଭିନ୍ନ ଧରଣର ପରମ୍ପରା ଦେଖିବାକୁ ମିଳେ। ଗାଁରେ ଥିବା ଏକ ବିଶେଷ ଆଦିବାସୀ ସମ୍ପ୍ରଦାୟର ଲୋକେ ଆଦୌ ରାବଣ ପୋଡ଼ି ଉତ୍ସବ ପାଳନ କରନ୍ତି ନାହିଁ। ବରଂ ସେମାନେ ମାଆ ଦୁର୍ଗାଙ୍କ ଭଳି ରାବଣର ପ୍ରତିମା ସ୍ଥାପନ କରି ଭକ୍ତିର ସହ ପୂଜାର୍ଚ୍ଚନା କରନ୍ତି। କାହିଁ କେଉଁ କାଳରୁ ଏହି ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଏଭଳି ଏକ ପରମ୍ପରା ରହିଆସିଛି। ଲୋକଙ୍କ ବିଶ୍ୱାସ ଅନୁସାରେ ରାବଣ ସେମାନଙ୍କ ପାଇଁ ଆରାଧ୍ୟ ଓ ରାବଣ କେବେ କୌଣସି ଅଧର୍ମ କାମ କରିନାହାନ୍ତି। ଏମିତିକି ସୀତାଙ୍କୁ ଅପହରଣ କରିନେବା ପରେ ଅଶୋକ ବାଟିକାରେ ସେ ସୁରକ୍ଷିତ ଭାବେ ରଖିଥିଲେ। ମହାଦେବଙ୍କର ସେ ମହାନ ଭକ୍ତ ଏବଂ ଜଣେ ବ୍ରାହ୍ମଣ ଥିଲେ। ତେଣୁ ସେଭଳି ଜଣେ ଧର୍ମନିଷ୍ଠ ବ୍ୟକ୍ତିତ୍ୱ ଆଦୌ ଅସତ୍ୟର ପ୍ରତୀକ ହୋଇପାରିବେ ନାହିଁ। ଏଭଳି ବିଶ୍ୱାସ ଥିବାରୁ ଗାଁ ଲୋକେ ରାବଣର ପ୍ରତିମା ସ୍ଥାପନ କରି ଦଶହରା ସମୟରେ ଧୁମଧାମ୍‌ରେ ପୂଜା କରନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୯ ଅକ୍ଟୋବର ୧୯୭୫

- ବିଶିଷ୍ଟ କନ୍ନଡ଼ ଲେଖକ ଓ ଜଣେ ବିଖ୍ୟାତ ସାମ୍ବାଦିକ ଡକ୍ଟର ଟି.ଭି. ଗୁଣ୍ଡାପ୍ପାଙ୍କ ୯୦ ବର୍ଷ ବୟସରେ ପରଲୋକ।
- ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ କାରବାରର ଉନ୍ନତି ବିଧାନ ଓ ପୁଞ୍ଜି ବିନିଯୋଗ ପରିମାଣ ବୃଦ୍ଧି ଉଦ୍ଦେଶ୍ୟରେ ଏକ ମିଳିତ ବ୍ୟବସାୟ ପରିଷଦ ଗଠନ ପାଇଁ ଦୁଇ ଦେଶ ପକ୍ଷରୁ ରାଜିନାମା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 5 | | | | |
| 8 | 5 | 1 | | | 9 | | | |
| | 6 | 9 | | 3 | | | | |
| | | | | | 3 | | 4 | |
| | | | 9 | 8 | | 6 | | 3 |
| | 4 | | | | | | 1 | |
| 2 | | | | | 7 | | | 6 |
| | | | 6 | | | 9 | 5 | |
| | | | 8 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 1 | 8 | 9 | 6 | 3 | 4 | 7 |
| 3 | 8 | 7 | 1 | 5 | 4 | 9 | 6 | 2 |
| 4 | 6 | 9 | 2 | 7 | 3 | 1 | 5 | 8 |
| 9 | 2 | 4 | 6 | 3 | 1 | 8 | 7 | 5 |
| 5 | 7 | 3 | 4 | 8 | 9 | 6 | 2 | 1 |
| 8 | 1 | 6 | 7 | 2 | 5 | 4 | 9 | 3 |
| 7 | 3 | 8 | 9 | 6 | 2 | 5 | 1 | 4 |
| 6 | 4 | 2 | 5 | 1 | 8 | 7 | 3 | 9 |
| 1 | 9 | 5 | 3 | 4 | 7 | 2 | 8 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସିଟ୍ ନମ୍ବର ପରିଷ୍କାର ଭାବରେ ଲେଖାଯାଉ

ମହାଶୟ,

ଏବେ ରେଲ୍‌ୱେରେ ବହୁ ଉନ୍ନତି କରାଯାଉଛି। ନୂଆ ନୂଆ ଆରାମଦାୟକ ଟ୍ରେନ ଚାଲୁଛି। ତେବେ ପୁରୁଣା ଟ୍ରେନଗୁଡ଼ିକ ବି ସେବା ଯୋଗାଇବାରେ ପଛରେ ନାହାନ୍ତି। ସେଥିମଧ୍ୟରେ ସାଲିମାର-ହାଓଡ଼ା-ପୁରୀ ଧଉଳି ଏକ୍ସପ୍ରେସ ନିୟମିତ ଚଳାଚଳ କରୁଛି। ସେଥିରେ ସିଟ୍ ନମ୍ବରଗୁଡ଼ିକ ଲିଭିଗଲାଣି। ଯାତ୍ରୀ ବସିବାରେ ଦ୍ୱନ୍ଦ୍ୱ ଉପୁଜୁଛି। ଯାତ୍ରୀମାନଙ୍କ ମଧ୍ୟରେ ଝଗଡ଼ା ହେଉଥିବା ପରିଲକ୍ଷିତ ହେଉଛି। ତେଣୁ ଲିଭିଯାଇଥିବା ସିଟ୍ ନମ୍ବରଗୁଡ଼ିକ ପୁନର୍ବାର ଲେଖାଯିବାକୁ ରେଲ୍‌ୱେକୁ ଅନୁରୋଧ।

**–କନ୍ହେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

## ଚିରନ୍ତନୀ

ବୁଲିଗଲି କାହିଁ ବଣ-ପାହାଡ଼ର ରାଇଜେ
ମନେ ପଡ଼େ କେତେ ଆଉ କେତେ ମନେ
ନାହିଁ ଯେ !
ଜୟପୁର ମାଳ ପାହାଡ଼ ପାଚେରି
ରହିଥିଲା ମୋର ଚଉପାଶେ ବେଢ଼ି
ଦେଖି ସେ ବିରାଟ ରୂପ ଉଠିଥିଲି ଗାଇ ଯେ
ବୁଲିଗଲି କେଉଁ ବଣ ପାହାଡ଼ର ରାଇଜେ।
–(ଜୟପୁର ଘାଟି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୀବେ ଦୟାର ବାର୍ତ୍ତା ଗ୍ରହଣ କରିବାକୁ ହେବ

ସମ୍ବଲପୁର,୮।୧୦(ଭବାନୀ ଶଙ୍କର ଭୋଇ)



ସମ୍ବଲପୁର ଚିଡିଆଖାନା ପରିସରରେ ମଙ୍ଗଳବାର ବିଶ୍ୱ ବନ୍ୟ ପ୍ରାଣୀ ସପ୍ତାହ ଅବସରରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସମ୍ବଲପୁର ଚିଡିଆଖାନରେ ମଙ୍ଗଳବାର ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଭା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର୍ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେ ତାଙ୍କର ବକ୍ତବ୍ୟରେ କହିଥିଲେ ଯେ, ମଣିଷ ବନ୍ୟପ୍ରାଣୀଙ୍କୁ ଅନାବିଳ ଭଲ ପାଇଲେ ସୃଷ୍ଟି ଆଗକୁ ଆଗେଇ ପାରିବ। ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ପାଇଁ ଅହିଂସା ଓ ଜୀବେ ଦୟାର ବାର୍ତ୍ତାକୁ ଆମ ସମସ୍ତଙ୍କୁ ଗ୍ରହଣ କରିବାକୁ ପଡିବ ବୋଲି ଜିଲାପାଳ କରିଥଲେ।

ସମ୍ମାନୀତ ଅତିଥି ଆଞ୍ଚଳିକ ବନ ସଂରକ୍ଷକ ଟି.ଅଶୋକ କୁମାର ବନ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷାର ବାର୍ତ୍ତାକୁ ଗାଁରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ପରିବେଶ ସୁରକ୍ଷା ପାଇଁ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ବଲପୁର

**ସମ୍ବଲପୁର ଚିଡ଼ିଆଖାନାରେ ବନ୍ୟ ପ୍ରାଣୀ ସପ୍ତାହ**

**■ ୩ ଜଣଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର**

ବନଖଣ୍ଡ ଅଧିକାରୀ କାଲୁଙ୍ଗେ ଗୋରଖ ୱାମନ୍ ବୃକ୍ଷରୋପଣ ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବନ ଓ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବାମରା ବନଖଣ୍ଡର ବିଶିଷ୍ଟ ପରିବେଶବିତ୍ ଅବସରପ୍ରାପ୍ତ ଅଧକ୍ଷ ସୁବାସଚନ୍ଦ୍ର ନାୟକ, ସମ୍ବଲପୁର ବନଖଣ୍ଡର ଇଞ୍ଜିନିୟର ସୁବ୍ରତ କୁମାର ନାଥ ଓ ରେଢାଖୋଲ ବନଖଣ୍ଡ ଅବସରପ୍ରାପ୍ତ ଖେଳ ଶିକ୍ଷକ ସୁଧାଂଶୁ କୁମାର ଛନ୍ଦଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉପଲକ୍ଷେ ମାନପତ୍ର ସହ ଅର୍ଥ ରାଶି ଦେଇ ଅତିଥି ଗଣ ଏହି ତିନି ପ୍ରତିଭାଙ୍କୁ ସମ୍ମାନିତ କରିଥଲେ। ଏହାସହିତ ଜିଲାସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସହକାରୀ ବନଖଣ୍ଡ ଅଧିକାରୀ ରେବତୀ ରମନ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସବିତା ନନ୍ଦ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ସହ ଶତାଧିକ ପ୍ରକୃତିପ୍ରେମୀ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଗତ ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ବିଶ୍ୱ ବନ୍ୟ ପ୍ରାଣୀ ସପ୍ତାହ ଜିଲାର ବିଭିନ୍ନ ସ୍ଥାନରେ ପାଳିତ ହୋଇଥିଲା।

## ଅବକାରୀ ନିୟମ ମାନୁନାହାନ୍ତି ମଦ ବ୍ୟବସାୟୀ

**ନୀରବ ଦ୍ରଷ୍ଟା ପୋଲିସ ଓ ଅବକାରୀ ବିଭାଗ**

ପଦ୍ମପୁର,୮।୧୦(ପ୍ରଦୀପ୍ତ ଦାଶ )

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ମଦ ବ୍ୟବସାୟୀମାନେ ଅବକାରୀ ନିୟମ ମାନୁ ନାହାନ୍ତି। ଏଥିପ୍ରତି ପୋଲିସ କିମ୍ୱା ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ମଦ ଦର ତାଲିକା ଦୋକାନ ଆଗରେ ଟାଙ୍ଗିବା ନିୟମ ଥିବା ବେଳେ ଏହା କୌଣସି ଦୋକାନୀ ମାନୁ ନାହାନ୍ତି। ଯାହାଫଳରେ ଧାର୍ଯ୍ୟ ମୂଲ୍ୟ ଠାରୁ ଅଧିକ ଟଙ୍କା ନେଉଛନ୍ତି। ପଦ୍ମପୁର ଥାନା ଅନ୍ତର୍ଗତ ଜମଲା ଅଞ୍ଚଳରେ ଖୋଲାଖୋଲି ଭେଜାଲ ମଦ ବିକ୍ରି ହେଉଛି। ଏ ସମ୍ପର୍କରେ ପଦ୍ମପୁର ଅବକାରୀ ନିରୀକ୍ଷକ ଲକ୍ଷ୍ମୀକାନ୍ତ ମାଝୀଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ରଖି ନ ଥିଲେ। ବରଗଡ଼ ଜିଲା ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାୟକଙ୍କୁ ପଚାରିବାରୁ, ଚୋରା ମଦ ବେପାରୀ ଓ ଅପମିଶ୍ରିତ କରୁଥିବା ଲାଇସନ୍ସ ପ୍ରାପ୍ତ ଦୋକାନ ଉପରେ ଚଢ଼ାଉ କରାଯିବ ବୋଲି କହିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ କୃପାସିନ୍ଧୁ



@ ସଞ୍ଜୀବ



@ ସୁଶୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମା' ସର୍ବମଙ୍ଗଳାଙ୍କ ଛତର ଯାତ୍ରା

କୋକସରା,୮।୧୦(ଦୁଷ୍ମନ୍ତ କୁମାର ପାଢ଼ୀଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲିଗୁଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ସର୍ବମଙ୍ଗଳାଙ୍କ ବାର୍ଷିକ ଛତରଯାତ୍ରା ମଙ୍ଗଳବାର ପାଳିତ ହୋଇଯାଇଛି। ଯାତ୍ରାରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଢ଼ୀଯୋଷୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଉପସ୍ଥିତ ଥିଲେ। ଗାଁ ଗୌନ୍ତିଆ ବିନୋଦ ବିହାରୀ ସିଂଙ୍କ ଘରୁ ଦେବୀଙ୍କ ଛତର ବାହାରିବା ପରେ ନଗର ପରିକ୍ରମା କରି ମୁଖ୍ୟ ମନ୍ଦିରରେ ପହଞ୍ଚିଥିଲା। ଏହି ସମୟରେ ଶତାଧିକ ମହିଳା ରାସ୍ତା କଡରେ ଧୂପ, ଦୀପ, ନଡିଆ ଭାଙ୍ଗି ପୂଜା କରିଥିଲେ। ଦେବୀଙ୍କ ମୁଖ୍ୟ ପୂଜକ ପୂଜାର୍ଚ୍ଚନା କରିବା ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ଅପୁତ୍ରିକ ମହିଳାଙ୍କ ଗର୍ଭଧାରଣ ସମସ୍ୟା ଦୂର କରିବାରେ ଦେବୀଙ୍କ ପ୍ରମୁଖ ଭୂମିକା ରହିଥିବା ବିଶ୍ୱାସ ରହିଛି। ଫଳରେ ଶହଶହ ଅପୁତ୍ରିକ ମହିଳା ଦେବୀଙ୍କଠାରୁ ଆଶୀର୍ବାଦ ନେବାକୁ ଆସିଥିଲେ ବୋଲି ପୂଜକ ମନ୍ଦର ପୂଜାରୀ ପ୍ରକାଶ କରିଥିଲେ। ପୂଜା କାର୍ଯ୍ୟକ୍ରମ ସମପାନ ହେବା ପରେ ମଙ୍ଗଳବାର ନିଶାର୍ଦ୍ଧରେ ମା'ଙ୍କ ପୀଠରେ ବଳି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶତାଧିକ ଭକ୍ତ ମାନସିକ ପୂରଣ ସକାଶେ ଦେବୀଙ୍କୁ ଶୁକ୍ଳ ଭୋଗ ଲଗାଇଥିଲେ। ଏହି ଅବସରରେ ରାତିରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ନାଟକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କମିଟି ସଭାପତି ଧର୍ମୁ ନାଗ, ସମ୍ପାଦକ ସୁଧୀର ନିଆଲ, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ନିଆଲ, ଉପଦେଷ୍ଟା କମିଟିର ଧନେଶ୍ୱର ଗୋପାଳ, ଦୈତାରି ବାରିକ, କୃପା ବେମାଲ ପ୍ରମୁଖ ସହଯୋଗ କରିଥିଲେ।



ସର୍ବ ମଙ୍ଗଳାଙ୍କ ଛତର ଯାତ୍ରାରେ ସମବେତ ଶ୍ରଦ୍ଧାଳୁ।

# ଲାଠୋରରେ ବଏଲ ଯାତ୍ରା ସମ୍ପନ୍ନ



ଜିଭରେ ତ୍ରିଶୂଳ ମାରି ଦେବୀମାନେ ଗ୍ରାମ ପରିକ୍ରମା କରୁଛନ୍ତି।

ଲାଠୋର,୮।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ମଙ୍ଗଳବାର ଦଶହରା ବଏଲ ଯାତ୍ରା ସମ୍ପନ୍ନ ହୋଇଯାଇଛି। ଯାତ୍ରାରେ ଭକ୍ତଙ୍କ ସମାଗମ ଜୋର ଧରିଥିଲା। ପ୍ରତିବର୍ଷ ଗ୍ରାମରେ ଦଶହରା ମାସ ପ୍ରଥମ ମଙ୍ଗଳବାର ଦଶହରା ବଏଲ ଯାତ୍ରାର ଆୟୋଜନ ହୋଇଥାଏ। ଯାତ୍ରାରେ ଗ୍ରାମଦେବୀ, ବୁଢ଼ୀମା, ପରଦେସେନ, ଲାଛବୁଢ଼ା, ବାବୁର ଓ ଅନ୍ୟାନ୍ୟ ଦେବୀଦେବଙ୍କୁ ଗ୍ରାମର ମଙ୍ଗଳ ପାଇଁ ପୂଜାର୍ଚ୍ଚନା ହୋଇଥାଏ। ସେହି କ୍ରମରେ ଚଳିତବର୍ଷ ମଧ ଦଶହରା ମାସ ପ୍ରଥମ ମଙ୍ଗଳବାର ଗ୍ରାମର ମଝୀପଡ଼ାରେ ରହିଥିବା ଦେବୀଗୁଡ଼ିରେ ପୂଝାରୀ ସହଦେବ ଭଇଁସାଲ ଏବଂ ବରୁଣ ଭଇଁସାଲ ପୂଜାର୍ଚ୍ଚନା କଲା ପରେ ବରୁଆମାନଙ୍କ ଦେହରେ ଦେବୀ ଆବିର୍ଭାବ ହୋଇଥିଲା। ଦେବୀ ଆବିର୍ଭାବ ହେଲା ପରେ ଭକ୍ତମାନେ ନିଜର ମନସ୍କାମନା ନେଇ ଦେବୀଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଲାଭ କରିଥିଲେ। ପରେ ଦେବୀମାନେ ଗୁଡ଼ିବାହାରେ ଥିବା ଲୁହାକଣ୍ଟା ଦୋଳିରେ ଝୁଲିଲା ପରେ ତାଙ୍କ ଜିଭରେ ତ୍ରିଶୂଳ ଭୂଷା ଯାଇଥିଲା। ତ୍ରିଶୂଳ ଭୂଷିଲା ପରେ ଦେବୀମାନେ ଗ୍ରାମର ମାଟିଗୁଡ଼ି, କାଳିକାଗୁଡ଼ି, ଠାକୁରାଣୀଗୁଡ଼ି, ଛୁଟିଗୁଡିକୁ ପରିକ୍ରମା କରି ଗ୍ରାମର ମଙ୍ଗଳ ପାଇଁ ଗ୍ରାମ ପରିକ୍ରମାରେ ବାହାରିଥିଲେ। ଗ୍ରାମର ଶ୍ରଦ୍ଧାଳୁମାନେ ନିଜ ଘର ସମ୍ମୁଖରେ ଦେବୀମାନଙ୍କୁ ଧୂପ, ପୁଷ୍ପମାଳ ଦେଇ ମୁଣ୍ଡିଆ ମାରି ଦେବୀ କୃପା ଲାଭ କରିଥିଲେ। ଦେବୀମାନେ ଗ୍ରାମ ପରିକ୍ରମା କରି ଗୁଡିକୁ ଫେରିଲା ପରେ ଗୁଡ଼ିରେ ମନସ୍କାମନା ପୂର୍ଣ୍ଣ ହୋଇଥିବା ଶ୍ରଦ୍ଧାଳୁମାନେ ନେଇ ଆସିଥିବା କୁକୁଡ଼ା, ପାରା, ବୋଦା ଆଦିକୁ ବଳି ଦିଆଯାଇଥିଲା। ବଳି ପରେ ପ୍ରସାଦସେବନ କରି ଯାତ୍ରାର ସମାପନ ହୋଇଥିଲା। ଯାତ୍ରାରେ ଗ୍ରାମବାସୀଙ୍କ ସହ ରାଇଟ ଟୁ ଫାଇଟ ଅନୁଷ୍ଠାନର ସଦସ୍ୟମାନେ ସହଯୋଗ କରିଥିଲେ ।

# ନୂଆପଡ଼ାର ୨ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ପୁରସ୍କୃତ

ନୂଆପଡା,୮।୧୦ (ମକାରୁ ବେମାଲ)

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଭୁବନେଶ୍ୱରଠାରେ ଓସେପା ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ସ୍ୱାଭିମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ନୂଆପଡା ଜିଲାର ୨ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କୁ ରାଜ୍ୟସ୍ତରୀୟ ମେଧାବୀ ପ୍ରେରଣା ସମ୍ମାନରେ ସମ୍ମାନିତ କରାଯାଇଛି । ନୂଆପଡା ସଦର ବ୍ଲକ ମଶାନକୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଶିକ୍ଷାର୍ଥୀ କୁମକୁମ ଚନ୍ଦ୍ରକାର ଜଣେ ସ୍ୱଳ୍ପ ଦୃଷ୍ଟି ସମ୍ପନ୍ନ ହୋଇ ମଧ ଚଳିତ ମାଟ୍ରିକ ପରୀକ୍ଷାରେ ୮୦.୫୦% ନମ୍ବର ରଖି ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସେହିପରି କୋମନା ବ୍ଲକ ରଜନା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଶିକ୍ଷାର୍ଥୀ ସଦାନନ୍ଦ ପୋଡ ସମ୍ପୂର୍ଣ୍ଣ ଦୃଷ୍ଟି ବାଧିତ ହୋଇ ମଧ ୭୪.୮୩ % ନମ୍ବର ରଖି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଉକ୍ତ ମେଧାବୀ ଛାତ୍ରୀଛାତ୍ର ଦ୍ୱୟଙ୍କୁ ମାନପତ୍ର ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ସେମାନେ ନୂଆପଡ଼ା ଗୋଷ୍ଠୀ ସାଧନ ଶିକ୍ଷକ ଉପେନ୍ଦ୍ର ସାମଲଙ୍କ ସହିତ ଭୁବନେଶ୍ୱର ଯାଇ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଦୁଇ ଛାତ୍ରୀଛାତ୍ରଙ୍କୁ ଡିଇଓ କରୁଣାକର ଭୁଏ, ଏଡିଇଓ ସୁଧାଂଶୁ ଶେଖର ମିଶ୍ର, ବିଇଓ ହେମ ସାଗର ମହାନନ୍ଦ ଶୁଭେଚ୍ଛା ଜଣାଇଛନ୍ତି ।

# ସ୍ୱର୍ଣ୍ଣ ଜିଣିଲେ ଏହେସାସ

**ଆନ୍ତଃମହାବିଦ୍ୟାଳୟ ଟାଏକୋଣ୍ଡୋ**

**■ ଜାତୀୟ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ**

ଅମରପାଲି, ୮।୧୦(ପୀତାମ୍ବର ସାହୁ)

ଆନ୍ତଃ ମହାବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଏହେସାସ ହୋତାଙ୍କୁ ମିଳିଛି ସଫଳତା। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମୂଲ୍ୟମଣୀ ରାଣୀପୁର ଗ୍ରାମର ଯୁବ କ୍ରୀଡାବିତ ଏହେସାସ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନରେ ଅନୁଷ୍ଠିତ ଆନ୍ତଃମହାବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି। ସେ ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ଏଥିସହ ଆସନ୍ତା ନଭେମ୍ବର ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଜିଏନଡିୟୁ ଅମୃତସରଠାରେ ହେବାକୁ ଥିବା ଜାତୀୟ ବିଶ୍ୱ ବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗନେବାକୁ ସେ ମନୋନୀତ ହୋଇଛନ୍ତି। ପୂର୍ବରୁ ୨୦୧୯ ମସିହାରେ ଏହେସାସ ଜାତୀୟ ବିଶ୍ୱ ବିଦ୍ୟାଳୟ ପ୍ରତିଯୋଗିତାରେ ଭାଗନେଇ ବ୍ରୋଞ୍ଜ ମେଡାଲ ହାସଲ କରିଥିଲେ । ତେବେ ଏଥର ଏହେସାସ ଜାତୀୟ ବିଶ୍ୱ ବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତା ସହ ୨୦୨୫ରେ ଜର୍ମାନିରେ ହେବାକୁ ଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ହାସଲ କରିବା ଆଶା ବାନ୍ଧିଛନ୍ତି। ଏଥିପାଇଁ ଖୁବ୍‌ଶୀଘ୍ର ଜମ୍ମୁ କଶ୍ମୀରରେ ତାଲିମ ନେବାକୁ ଯିବେ ବୋଲି ସୂଚନା ଦେଇଛନ୍ତି। ତେବେ ଝାଡେଶ୍ୱରୀ ମହାବିଦ୍ୟାଳୟ ଧମା ଠାରେ ଅନୁଷ୍ଠିତ ହୋଇଥିବା ଆନ୍ତଃ ମହାବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଏହେସାସଙ୍କ ଏହି ସଫଳତା ପରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ରାଜ୍ୟ ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ, ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା ଏବଂ ଆଇନ ପରାମର୍ଶଦାତା ଶେଷଦେବ ବାରିକ ଶୁଭେଚ୍ଛା ଜଣାଇଛନ୍ତି।



# ନଭେମ୍ବର ୧ରେ କଳାହାଣ୍ଡି ଜିଲା ଗଠନ ଦିବସ

ଭବାନୀପାଟଣା,୮।୧୦(ଉତ୍ତମ କୁମାର ଦାଶ)

ଆସନ୍ତା ନଭେମ୍ବର ୧ରେ କଳାହାଣ୍ଡି ଜିଲା ଗଠନ ଦିବସ ପାଳନ କରାଯିବ। ଏହାକୁ ନେଇ ମଙ୍ଗଳବାର ଅପରାହ୍ନରେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଅଧକ୍ଷତା କରିଥିଲେ। ଚଳିତବର୍ଷ ବ୍ଲକ ଓ ଜିଲାସ୍ତରରେ କିପରି ଏହି ଦିବସ ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଉପଲକ୍ଷେ ସହରରେ ମଶାଲ ଶୋଭାଯାତ୍ରା, ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ସ୍ଥିର ହୋଇଥିଲା। ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

**ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ**

ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିବା ପାଇଁ ଅତିରିକ୍ତ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲାପାଳ ଦରୱାନ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରବର୍ତ୍ତୀ ସମୟରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରି ଚୂଡାନ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତି କରାଯିବା ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ତ୍ରିଲୋଚନ ପାତ୍ର, ପୌରପାଳିକା ନିର୍ବାହୀ ଅଧିକାରୀ ସତ୍ୟ ସମ୍ପର୍ଣ୍ଣା ରାଉତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଡେପୁଟି କଲେକ୍ଟର ଚନ୍ଦ୍ରଦାସ ମହାନନ୍ଦୀଆ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପୌରପାଳିକା ନିର୍ବାହୀ ଅଧିକାରୀ ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ଯୋଜନା, ରାସ୍ତାକାମ ସାରିବା ଉପରେ ଗୁରୁତ୍ୱ

ଭବାନୀପାଟଣା,୮।୧୦ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଉନ୍ନୟନ ଓ ପରିଚାଳନା (ଦିଶା) କମିଟି ବୈଠକ ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମିଟି ଅଧକ୍ଷା ତଥା କଳାହାଣ୍ଡି ଲୋକ ସଭା ସଦସ୍ୟ ମାଳବିକା ଦେବୀଙ୍କ ଅଧକ୍ଷତାର ଅନୁଷ୍ଠିତ ବୈଠକରେ ଜିଲାପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଡିଏଫ୍‌ଓ (ଦକ୍ଷିଣ) କଲାଇ ଭାନାନ ଆର୍, ଡିଏଫ୍‌ଓ (ଉତ୍ତର) ଅନୁରାଗ ମିଶ୍ର, ଧର୍ମଗଡ଼ ବିଧାୟକଙ୍କ ପ୍ରତିନିଧି ହିମାଂଶୁ ପଣ୍ଡା, ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ମହାରଣା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ



ବୈଠକରେ ଲୋକପ୍ରତିନିଧିଙ୍କ ସହ ଅଧିକାରୀମାନେ।

**ଜିଲା ଦିଶା କମିଟି ବୈଠକ**

ଡା. ସୁଚେତା ପାଣି, ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲା ଯୋଗାଣ ଅଧିକାରୀ ପ୍ରବୀର କୁମାର ସାହୁ, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ସମସ୍ତ ବ୍ଲକର ଅଧକ୍ଷ ଯୋଗଦେଇଥିଲେ। ବୈଠକରେ ମୁଖ୍ୟତଃ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଜଳ ଜୀବନ ମିଶନ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ନିର୍ମାଣ ଶ୍ରମିକ, ମଧ୍ୟାହ୍ନ ଭୋଜନ, ସମଗ୍ର ଶିକ୍ଷା ଆଦି ଯୋଜନା ସହ ଥୁଆମୂଳ ରାମପୁର ରାସ୍ତା, ଜାରିଙ୍ଗରୁ ବୃନ୍ଦାବାହାଲ ରାସ୍ତା କାମ ତୁରନ୍ତ ସମ୍ପୂର୍ଣ୍ଣ କରିବା ନେଇ ଆଲୋଚନା କରାଯାଇଥିଲା।

# ବିଦ୍ୟୁତ୍ ଫାଶରେ ପଡ଼ି ଦନ୍ତା ମୃତ

## ବାର୍ହା ଶିକାର ପାଇଁ ବସାଯାଇଥିଲା ଫାଶ

ବଇଣ୍ଡା,୮।୧୦
(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଅଧୀନ ସାପଘରା ପଞ୍ଚାୟତ ଶିଶୁକଟା ଫରେଷ୍ଟ ବିଟ୍ ନିକଟରେ ଥିବା ଏକ ବିଲରେ ବାର୍ହା ଶିକାର ପାଇଁ ଶିକାରୀ ବସାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି। ମୃତ ହାତୀର ବୟସ ୨୦ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଘଟଣାରୁ ଜଣାପଡିଛି, ଧଣ୍ଡାତୋପା ରେଞ୍ଜରେ ଶିକାରୀମାନେ ନିୟମିତ ବାର୍ହା ଶିକାର କରୁଛନ୍ତି।



ସୋମବାର ରାତିରେ ବାର୍ହା ଶିକାର ପାଇଁ ଶିକାରୀମାନେ ଶିଶୁକଟା ଫରେଷ୍ଟ ବିଟ୍ ନିକଟ ବିଲରେ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରୁ ହୁକ ପକାଇ ଫାଶ ବସାଇଥିଲେ। ହେଲେ ଉକ୍ତ ବିଲ ଦେଇ ଯାଉଥିବା ଏକ ଦନ୍ତାହାତୀ ଉକ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲା। ମଙ୍ଗଳବାର ସକାଳେ ଏହି ଘଟଣା ଜଣାପଡିବା ପରେ ଶିକାରୀମାନେ ବିଦ୍ୟୁତ୍ ତାରକୁ ନେଇଯାଇଥିବା ବେଳେ ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ କରିଥିଲେ। ଏ ନେଇ ଅଞ୍ଚଳବାସୀ ଆଠମଲ୍ଲିକ ବନଖଣ୍ଡ କାର୍ଯ୍ୟାଳୟକୁ ସୂଚନା ଦେଇଥିଲେ। ଖବରପାଇ ଅନୁଗୋଳ ଆର୍‌ସିସିଏଫ୍ ସୁଧାଂଶୁ ଶେଖର ଖୋରା, ଆଠମଲ୍ଲିକ ଡିଏଫ୍‌ଓ ସନ୍ତୋଷ କୋପୁଲା, ଏସିଏଫ୍ ଦିବ୍ୟସିଂହ ମାଝୀ, ରେଞ୍ଜର ବବ୍ରୁବାହନ ସାହୁଙ୍କ ସମେତ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ବନ ବିଭାଗ ଅଧିକାରୀଙ୍କ ମତାମତ ମିଳିପାରି ନାହିଁ।

**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Ltd.)
Gondwana Place, Kanke Road, Ranchi-834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**."

## ପୋଖରୀରେ ଛୁଆହାତୀ ମୃତଦେହ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡାପଟ)/ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲ), ୮।୧୦

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ପାଦଦେଶ ବାଙ୍ଗିରିପୋଷି ବନାଞ୍ଚଳ ଅଧୀନ ଝିଙ୍କପାହାଡ଼ିସ୍ଥିତ ଏକ ପୋଖରୀରୁ ଛୁଆହାତୀର ମୃତଦେହ ମିଳିଛି। ବନ ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ବାରିପଦା ବନଖଣ୍ଡ ଅଧୀନ ବାଙ୍ଗିରିପୋଷି ରେଞ୍ଜ ତଥା ନାଫ୍ରି ପଞ୍ଚାୟତ ଝିଙ୍କପାହାଡ଼ି ଅଞ୍ଚଳରେ ୩୦ଟିକିଆ ହାତୀପଲ ଚଳପ୍ରଚଳ କରୁଥିଲେ। ଏହି ପଲରେ ଏକ ଛୁଆହାତୀ ଥିଲା। ବନ୍ୟଜନ୍ତୁଙ୍କ ଜଳପାନ ନିମନ୍ତେ ୨୦୨୦ରେ ନାଫ୍ରି ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ଝିଙ୍କପାହାଡ଼ି ଗ୍ରାମରେ ବନ ବିଭାଗ ପକ୍ଷରୁ ଖୋଳା ଯାଇଥିବା ପୋଖରୀରେ ସେ ପଡ଼ି ଯାଇଥିଲା। ମଙ୍ଗଳବାର ଗ୍ରାମବାସୀ ପୋଖରୀକୁ ଶୌଚ ହେବାକୁ ଯାଇ ଛୁଆହାତୀ ମୃତଦେହ ଭାସୁଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଗତ ୩ ମାସ ମଧ୍ୟରେ ଜିଲାରେ ୪ ହାତୀଙ୍କ ମୃତ୍ୟୁ ଘଟଣାକୁ ନେଇ ପ୍ରାଣୀପ୍ରେମୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ହାତୀ ସୁରକ୍ଷା ପାଇଁ ନିୟୋଜିତ କର୍ମଚାରୀମାନେ ଦାୟିତ୍ୱକୁ ଠିକ୍ ଭାବେ ସମ୍ପାଦନ କରୁ ନ ଥିବାରୁ ଏଭଳି ଅଘଟଣ ଦେଖିବାକୁ ମିଳୁଛି। ହାତୀର ସୁରକ୍ଷା ଦିଗରେ ବନ ବିଭାଗର ତତ୍ପରତା ଓ ଦାୟିତ୍ୱ ଅତ୍ୟନ୍ତ ଜରୁରୀ ବୋଲି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ଦାବି କହିଛନ୍ତି।

## ପରିତ୍ୟକ୍ତ କୂଅରୁ ମାଈହାତୀ ଉଦ୍ଧାର

କେନ୍ଦୁଝର,୮।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ବିମଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପାଟଖଳି ଗ୍ରାମରେ ଥିବା ପରିତ୍ୟକ୍ତ କୂଅରୁ ବନ ବିଭାଗ ଏକ ମାଈହାତୀକୁ ଉଦ୍ଧାର କରିଛି। ସୋମବାର ବିଳମ୍ବିତ ରାତିରେ ହାତୀଟି ଖାଦ୍ୟ ଅନ୍ୱେଷଣରେ ଗାଁ ପାଖକୁ ଚାଲି ଆସିଥିବା ବେଳେ ପରିତ୍ୟକ୍ତ ଖୋଲା କୂଅରେ ଖସି ପଡ଼ିଥିଲା। ୧୦ ଟିକିଆ ହାତୀପଲ ସହିତ ଏହି ୧୭ ବର୍ଷ ବୟସ୍କ ହାତୀଟି ଆସିଥିଲା। ରାତିପ୍ରାୟ ୧ଟା ୩୦ରେ ହାତୀ ଗାଁରେ ପ୍ରବେଶ କରିଥିବା ସୂଚନା ପାଇ ଗ୍ରାମବାସୀ ଉଠି ଘଉଡ଼ାଇଥିଲେ। ହାତୀପଲ ଧାଇଁ ପଳାଇଯିବା ବେଳେ ମାଈହାତୀଟି ଗାଁର ସ୍ୱର୍ଗତ ତ୍ରିଲୋଚନ ଦଳନାୟକଙ୍କ ବାଡ଼ିରେ ଥିବା ପରିତ୍ୟକ୍ତ କୂଅରେ ପଡ଼ି ଯାଇଥିଲା। ହାତୀପଲ ଉକ୍ତ ମାଈହାତୀକୁ ଉଦ୍ଧାର କରିବାକୁ ଉଦ୍ୟମକରି ବିଫଳ ହୋଇଥିଲେ। ପରେ ଗ୍ରାମବାସୀଙ୍କଠାରୁ ସୂଚନା ପାଇ ବନ ବିଭାଗ କର୍ମଚାରୀ ରାତି ପ୍ରାୟ ୩ଟା୩୦ ସମୟରେ ଘଟଣାସ୍ଥଳରେ ପହଞ୍ଚିଥିଲେ। କୂଅରେ ପାଣି ଭର୍ତ୍ତି କରିବା ସହ ମେସିନ ସହାୟତାରେ ଚାରିପାଖ ମାଟି ଖୋଳିଥିଲେ। ପରେ ହାତୀଟି ସୁରକ୍ଷିତ ଭାବେ କୂଅରୁ ବାହାରି ପାଖ ଜଙ୍ଗଲକୁ ଚାଲିଯାଇଥିଲା। ହାତୀ ଉଦ୍ଧାର କାର୍ଯ୍ୟ ଦେଖିବାକୁ ରାତିରେ ଗ୍ରାମବାସୀ ଭିଡ଼ ଜମାଇଥିଲେ। ସୂଚନାଯୋଗ୍ୟ, ତେଲକୋଇ ରେଞ୍ଜରେ ୨୪ଟି ହାତୀ ରହିଛନ୍ତି। ଉଦ୍ଧାର ମାଈ ହାତୀଟି ବେଣାମୁଣ୍ଡା ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ମଣିପୁର ଜଙ୍ଗଲରେ ଅନ୍ୟ ହାତୀମାନଙ୍କ ସହିତ ରହିଥିବା ସୂଚନା ମିଳିଛି।

**HDFC BANK**
We understand your world

# AUCTION NOTICE FOR GOLD ORNAMENTS

The borrower (s) (whose details are provided in the table herein below), in particular, and the public, in general, are hereby informed that the below mentioned Loan account is overdue, and the borrower account holder has not responded to/ complied with the communications and notices send by HDFC Bank Limited (the "Bank") requesting the Borrower to clear his/her/their dues as per the documents in respect of the below mentioned Loan signed/accepted by the borrower (such documents, collectively " Loan Agreement") and therefore defaulted in terms thereof. The bank has in exercise of its rights as a pledge, decided to enforce the pledge and therefore hold a public auction of the gold ornaments pledged to the Bank as security for the loan for the purpose of selling the same and realizing / recovering the dues owed by the borrower to the Bank. **Kindly refer the below auctions schedule. In the event the auction of any pledged security cannot be conducted or concluded on the date mentioned below. Bank reserves the right to conduct or proceed with the said auction on any subsequent date.**

| AUCTIONS DATE | LOAN NO. | BORROWER'S NAME | LOAN AMOUNT | PLACE OF AUCTION |
|---|---|---|---|---|
| 17-10-2024 | 74353189 | PRAKASH RANA | 50800 | HDFC BANK LTD, 1ST FLOOR, JAIN SHOPPING COMPLEX, OPP. MUNICIPALITY OFFICE, TITLAGARH-767033 |
| 17-10-2024 | 74346420 | BHOJARAJ BAG | 41200 | |
| 17-10-2024 | 74724993 | DEBASISH MOHAPATRA | 728200 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 17-10-2024 | 74419594 | GEETI PRANGYA PANDA | 126000 | |
| 17-10-2024 | 75249610 | LOVELY MALLICK | 84800 | |
| 17-10-2024 | 74443986 | AMULYA BEHERA | 57200 | |
| 17-10-2024 | 74377967 | JAYA KRUSHNA PRADHAN | 31500 | |
| 17-10-2024 | 74726280 | ANJALI SAHOO | 234600 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 17-10-2024 | 75164079 | AMINA BANO | 259000 | HDFC BANK LTD, BAJRAKABATI ROAD, CUTTACK-753001 |
| 17-10-2024 | 75183155 | AMINA BANO | 255500 | |
| 17-10-2024 | 75400706 | ASWPIN PANIGRAHI | 214000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 17-10-2024 | 74412386 | SUDHAKAR BEHERA | 25700 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 17-10-2024 | 74385053 | RAJIB MEHER | 98700 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 17-10-2024 | 74398998 | GURUBARI LAMA | 36000 | |
| 17-10-2024 | 73367835 | RAGHUNATH BEHERA | 20600 | |
| 17-10-2024 | 74363172 | PRIYASAGAR SWAIN | 235000 | HDFC BANK LTD, CHANDVALI CHOWK, ATHGARH-754029 |
| 17-10-2024 | 74778414 | BIKRAM KESHARI JENA | 138100 | |
| 17-10-2024 | 74422995 | KAMAL LOCHAN GOUD | 72000 | HDFC BANK LTD, DURGA COMPLEX, JHARSUGUDA-768201 |
| 17-10-2024 | 74422119 | PRATIK BEHERA | 12800 | |
| 17-10-2024 | 74349619 | MD SHEBAN ERAKI | 32200 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 17-10-2024 | 74380907 | ANURANJAN KUMAR THAKUR | 19900 | |
| 17-10-2024 | 74409721 | PRAKASH MOHANTY | 180000 | HDFC BANK LTD, F M CIRCLE, BALASORE-756001 |
| 17-10-2024 | 73759585 | SATYABRATA SAMAL | 168000 | |
| 17-10-2024 | 74013124 | BIJAY BARIK | 54800 | |
| 17-10-2024 | 74259268 | MANAS KUMAR MISHRA | 42000 | |
| 17-10-2024 | 74342367 | MANAS KUMAR MISHRA | 31000 | |
| 17-10-2024 | 73613703 | ASHOK KUMAR SAHOO | 30000 | |
| 17-10-2024 | 75371178 | SAROJ ROUT | 431000 | HDFC BANK LTD, GAJANAN TOWERS, PLOT NO-60, BUDHA NAGAR, KALPANA SQUARE, BHUBANESWAR-751006 |
| 17-10-2024 | 75436201 | K RAMESH CHOUDHARY | 187800 | HDFC BANK LTD, GANESWARPUR, REMUNA GOLAI, BALASORE-756019 |
| 17-10-2024 | 75331653 | SUBRAT DHAL | 29550 | HDFC BANK LTD, GHASIPURA, ANANDPUR, KEONJHAR -758015 |
| 17-10-2024 | 75360379 | SHAILABALA NAIK | 29000 | |
| 17-10-2024 | 75326206 | SUBRAT DHAL | 12350 | |
| 17-10-2024 | 75146048 | BASANTA KUMAR BISWAL | 656000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 17-10-2024 | 74805297 | KUMAR SUBRAT | 210000 | |
| 17-10-2024 | 75402754 | PRATIBHA PRADHAN | 70000 | |
| 17-10-2024 | 74266566 | NARAYANA BEHERA | 37500 | |
| 17-10-2024 | 74396719 | MINTU BADATYA | 35000 | |
| 17-10-2024 | 74535372 | RAMESH KUMAR PRADHAN | 153500 | HDFC BANK LTD, NEAR SAPTASHREE SCIENCE COLLEGE, MAIN ROAD CHIKITI PENTHA, GANJAM-761010 |
| 17-10-2024 | 74419258 | KALIA SAHU | 63300 | |
| 17-10-2024 | 75331839 | AMIT KUMAR PRADHAN | 418000 | HDFC BANK LTD, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 17-10-2024 | 75428761 | AMIT KUMAR PRADHAN | 278000 | |
| 17-10-2024 | 75156638 | ULLASH CHANDRA PAL | 130600 | HDFC BANK LTD, HATATOTA, TALCHER, ANGUL-759100 |
| 17-10-2024 | 75307209 | JAYASHREE PANDA | 275200 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 17-10-2024 | 75327845 | SANJUKTA SAHU | 540000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 17-10-2024 | 73179024 | GAYATRI PANIGRAHI | 238000 | |
| 17-10-2024 | 74796391 | GOBINDA CHANDRA PUJARI | 92000 | |
| 17-10-2024 | 74764739 | SWARNALATA SAHU | 82000 | |
| 17-10-2024 | 74389201 | ISWAR DALAI | 75000 | |
| 17-10-2024 | 74890615 | GAYATRI BEHERA | 48000 | |
| 17-10-2024 | 75182194 | HARI MAJHI | 45000 | |
| 17-10-2024 | 75321606 | SIMANCHAL MOAHNTY | 818100 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 17-10-2024 | 75032664 | SONALIKA PATTANAYAK | 24800 | |
| 17-10-2024 | 74357846 | MANGAL CHARAN LOHAR | 17800 | HDFC BANK LTD, MAHABIR CHOWK, JODA, KEONJHAR-758034 |
| 17-10-2024 | 74384962 | SAHANAWAZ KHAN | 134000 | HDFC BANK LTD, MAHIPAL, KENDRAPARA-754211 |
| 17-10-2024 | 73120129 | SATYARANJAN JENA | 70700 | |
| 17-10-2024 | 73136120 | ASHOK KUMAR LENKA | 64984 | |
| 17-10-2024 | 74375425 | RAJALAXMI SAHOO | 30000 | |
| 17-10-2024 | 74420994 | GANESWAR JENA | 14160 | |
| 17-10-2024 | 75292742 | PRAFULLA KUMAR NAYAK | 40000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 17-10-2024 | 75255043 | SARBESWAR BHUNYA | 692347 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 17-10-2024 | 75289025 | BIPIN NAYAK | 281500 | |
| 17-10-2024 | 74398284 | TRILOCHANA GOUDA | 67000 | |
| 17-10-2024 | 75447545 | SWETANGI PANIGRAHI | 316000 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 17-10-2024 | 73693592 | DEBIKA SAHU | 285000 | |
| 17-10-2024 | 75404195 | KRUSHNA MAHANTY | 252000 | |
| 17-10-2024 | 75031397 | PININTI BENARJI | 284000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 17-10-2024 | 74310711 | KONDALA BENARJEE | 58000 | |
| 17-10-2024 | 75337061 | KABITA SWAIN | 54000 | |
| 17-10-2024 | 74348853 | CHANDRA KANTA DASH | 14900 | HDFC BANK LTD, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 17-10-2024 | 74291031 | RAGHUNATH GEMEL | 106800 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 17-10-2024 | 74491701 | SADAN MUDULI | 56750 | HDFC BANK LTD, NEAR R.T.O OFFICE, N.H-26, KORAPUT-764020 |
| 17-10-2024 | 75423582 | L SANKAR PATRA | 2124400 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 17-10-2024 | 75142901 | MANAS RANJAN SATAPATHY | 195900 | |
| 17-10-2024 | 74410230 | BIRUPAKHYA PATRO | 129900 | |
| 17-10-2024 | 73575161 | KUNI BEHERA | 41000 | |
| 17-10-2024 | 74220983 | CHINMAY CHITTADARSHI SAMANTSINAR | 982200 | HDFC BANK LTD, PATEL MARG, NABARANGAPUR-764059 |
| 17-10-2024 | 75256627 | SAKAMBARI HALBA | 909600 | |
| 17-10-2024 | 75255958 | SAKAMBARI HALBA | 339400 | |
| 17-10-2024 | 74842547 | PRAMILA MAJHI | 50400 | |
| 17-10-2024 | 75042831 | KALPANA PRADHAN | 297900 | HDFC BANK LTD, PATRAPADA, KHURDA, BHUBANESWAR-751019 |
| 17-10-2024 | 74409862 | RAJENDRA JENA | 117600 | |
| 17-10-2024 | 75038852 | RAKESH KUMAR PATI | 85700 | |
| 17-10-2024 | 74813159 | CHITTARANJAN BEHERA | 74900 | |
| 17-10-2024 | 74349505 | RAJ KISHOR DAS | 22000 | |
| 17-10-2024 | 75363384 | KAMAKSHYA PRASAD MOHANTY | 773300 | HDFC BANK LTD, PLOT NO 1078/1110, NEAR RELIANCE FRESH, SHAMPUR, NUAGAON, BHUBANESWAR-751003 |
| 17-10-2024 | 75362880 | KAMAKSHYA PRASAD MOHANTY | 651300 | |
| 17-10-2024 | 75371456 | NIRANJAN PARIDA | 65100 | HDFC BANK LTD, PLOT NO 191, 204, 205, 206, OPP. KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 17-10-2024 | 73158486 | DHRUBA CHARAN SAHOO | 52500 | |
| 17-10-2024 | 73586559 | BHABANI PRASAD DAS | 45000 | |
| 17-10-2024 | 74410373 | SWORUPA DAS | 14200 | |
| 17-10-2024 | 75254865 | PRADIPTA KUMAR SWAIN | 328800 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 17-10-2024 | 74407183 | JITU NAYAK | 28400 | HDFC BANK LTD, PLOT NO-381/5/A & 381/5/C, UNIT-3, JANPATH, KHARVEL NAGAR, BHUBNESWAR-751001 |
| 17-10-2024 | 74314371 | JAGANNATH DUARI | 51700 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 17-10-2024 | 75345894 | SUJIT DAS MEHER | 153000 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 17-10-2024 | 73934842 | HEMANTA KUMAR JENA | 207600 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 17-10-2024 | 75277682 | AMAL MOHAMMAD | 110400 | |
| 17-10-2024 | 74168266 | RAJKISHORE MALLIK | 80700 | |
| 17-10-2024 | 74354853 | PRAFULLA KUMAR NAYAK | 39900 | |
| 17-10-2024 | 74098223 | M UMAMAHESWAR RAO | 1000000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 17-10-2024 | 74831104 | K ASHISH | 500000 | |
| 17-10-2024 | 74620541 | JHUMURI BHUYAN | 208000 | |
| 17-10-2024 | 462435297 | PROMAD KUMAR SAHU | 174600 | |
| 17-10-2024 | 74392632 | BANAMALI NAYAK | 30000 | HDFC BANK LTD, VIP PLAZA, VIP ROAD, PURI-752001 |
| 17-10-2024 | 74324134 | SUJIT KUMAR SAHOO | 14000 | |
| 17.10.2024 | 74874820 | AMIT KUMAR BEHERA | 186000 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 17.10.2024 | 75414945 | RAMAKANTA KHUNTIA | 180200 | HDFC BANK LTD GROUND FLOOR OPP BLOCK OFFICE DHARAMGARH -768015 |
| 17.10.2024 | 75333422 | CHINMAYEE PANDA | 173000 | HDFC BANK LTD, MAIN ROAD, GOSANINUAGAON, BERHAMPUR-76000 |
| 17.10.2024 | 75335628 | RAMESH CHANDRA BADHEI | 171000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 17.10.2024 | 75387713 | KUSUMANJALI SABAR | 125400 | HDFC BANK LTD GROUND FLOOR OPP BLOCK OFFICE DHARAMGARH -768015 |
| 17.10.2024 | 75432511 | PRATIBHA PRADHAN | 120000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 17.10.2024 | 74796663 | SIMANCHALA MAHAPATRA | 105000 | HDFC BANK LTD RTO NH26 KORAPUT 764020 |
| 17.10.2024 | 75453238 | CHINMAYEE PANDA | 100000 | HDFC BANK LTD, MAIN ROAD, GOSANINUAGAON, BERHAMPUR-76000 |

| Auctions Date | Loan No | Nominee/Borrower's Name | Loan Amount | Place of Auction |
|---|---|---|---|---|
| 17-10-2024 | 50200047591899 | PADMALAYA KHANDUAL WIFE OF JYOTIRANJAN KHANDUAL | 883451.25 | HDFC BANK LTD, MAHIPAL, KENDRAPARA-754211 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

Date : 09-10-2024,
Place : ORISSA

Authorised Officer,
HDFC BANK LTD.

## ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ

Together, let us light up our lives

ବିଦ୍ୟୁତ୍ ନିୟାମକ ଭବନ
ପ୍ଲଟ୍ ନଂ. ୪, ଚୁନୁକୋଲି, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ଟେଲି. ନଂ.: ୨୭୨୧୦୪୮, ୨୭୨୧୦୪୯
ଇମେଲ୍: oerc@odisha.gov.in/orierc@gmail.com
ୱେବ୍‌ସାଇଟ୍: www.orierc.org

**ମାମଲା ସଂ. ୫୦/୨୦୨୪**

### ସର୍ବସାଧାରଣ ବିଜ୍ଞପ୍ତି

ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ମାମଲା ନଂ. ୧୦୧/୨୦୨୩ରେ ଆୟୋଗଙ୍କ ତା୧୨।୧୨।୨୦୨୩ରିଖର କାପେକ୍ସ ଆଦେଶର ଅନୁଚ୍ଛେଦ ୫୧ ତଥା ମାମଲା ନଂ. ୮୨/୨୦୨୦ରେ ଆୟୋଗଙ୍କ ତା୨୮।୧୨।୨୦୨୦ରିଖର ଭେଷ୍ଟିଂ ଆଦେଶର ଅନୁଚ୍ଛେଦ ୩୯ ଅନୁଯାୟୀ ଆର୍ଥିକବର୍ଷ ୨୦୨୪-୨୫ ଏଂ ୨୦୨୫-୨୬ ପାଇଁ ଅତିରିକ୍ତ କାପେକ୍ସ ଯୋଜନାର ଅନୁମୋଦନ ଲାଗି ଏକ ଆବେଦନ ଦାଏର କରିଛି । ଆୟୋଗ ଏହାକୁ ମାମଲା ନଂ. ୫୦/୨୦୨୪ ଭାବେ ପଞ୍ଜୀକୃତ କରିଛନ୍ତି ଏବଂ ଜନଶୁଣାଣି ମାଧ୍ୟମରେ ମାମଲାର ଫଇସଲା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏ ସଂକ୍ରାନ୍ତରେ ମେସର୍ସ ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା ଦାଖଲ କରାଯାଇଥିବା ପିଟିସନ ସମେତ ପରିଶିଷ୍ଟଗୁଡ଼ିକ ଓଇଆର୍‌ସି ୱେବ୍‌ସାଇଟ୍ (**www.orierc.org**) ଏବଂ ମେସର୍ସ ଟିପିଡବ୍ଲ୍ୟୁଓଡିଏଲ୍ ୱେବ୍‌ସାଇଟ୍ (**www.tpwesternodisha.com**)ରେ ଉପଲବ୍ଧ ।

ଆୟୋଗ ଏହି ମାମଲାକୁ ଜନଶୁଣାଣି ମାଧ୍ୟମରେ ଫଇସଲା କରିବା ଲାଗି ନିଷ୍ପତ୍ତି ନେଇଛନ୍ତି।

ଆଗ୍ରହୀ ବ୍ୟକ୍ତି/ ଅନୁଷ୍ଠାନ/ ସଂଗଠନ ସେମାନଙ୍କର ମତାମତ/ପ୍ରସ୍ତାବ/ଆପତ୍ତି ଏବଂ ତାହା ସପକ୍ଷରେ ସତ୍ୟପାଠକୁ ଆୟୋଗଙ୍କ ନିକଟରେ ତା୧୧।୧୧।୨୦୨୪ରିଖ ସୁଦ୍ଧା ଦାଏର କରିବା ସହିତ ତାହାର ଏକ ନକଲକୁ ଆବେଦନକାରୀ ଟିପିଡବ୍ଲ୍ୟୁଓଡିଏଲ୍‌କୁ ପଠାଇପାରିବେ।

ସ୍ୱା./- ସଚିବ

## ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ

ସମ୍ବଲପୁର, ଦୁର୍ଗାପାଲି, ସମ୍ବଲପୁର - ୭୬୮୦୦୫
No. 1935/SDA Dt.08.10.24

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଦେହେରିପାଲି ହାଉସିଂ ସ୍କିମ୍, ବୁଢ଼ାରଜା, ସମ୍ବଲପୁର ଘର ନମ୍ବର LIG-II-90ଟିକୁ ଶ୍ରୀମତୀ ନନ୍ଦିନୀ ମିଶ୍ର, ସ୍ୱାମୀ: ଜୟ ପ୍ରକାଶ ନାରାୟଣ ମିଶ୍ର, ନିବାସୀ: ଫ୍ଲାଟ୍ ନମ୍ବର: A-505, Sun City, Dhankauda, ଜିଲ୍ଲା: ସମ୍ବଲପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଘରଟିକୁ ତୃତୀୟ ପକ୍ଷ ଆଧାରରେ ଶ୍ରୀ ପୃଥୀରାଜ ବେହେରା, ପିତା: ହେମଚନ୍ଦ୍ର ବେହେରାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବାକୁ ଶ୍ରୀମତୀ ନନ୍ଦିନୀ ମିଶ୍ର ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଅଛନ୍ତି।

ଉକ୍ତ ଘରଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ
ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର

## ODISHA HYDRO POWER CORPORATION LTD

OHPC
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No. CAD-1345

**No.-CHEP/TW-89 (Vol.-II)/4262 Date: 07.10.2024**

**TENDER CALL NOTICE NO.-CHEP-37/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors / Reputed Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of L & T Make Electrical Contactors, Starter & Spares for CHEP, Chiplima | Rs.4,720/- (Rs.4,000/- + GST @18%) | Rs.9,670/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website **www.ohpcltd.com** **from dtd.09.10.2024 up to 12:30 PM of dtd.23.10.2024**.

OIPR-04006/11/0034/2425 Sd/- C & P Head, CHEP, Chiplima

**FORM NO. 14**
[See Regulation 33(2)]
**OFFICE OF THE RECOVERY OFFICER-I/II**
**DEBTS RECOVERY TRIBUNAL, CUTTACK**
C-71, Sector-7, CDA, Cuttack - 753014, Odisha
**DEMAND NOTICE**
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/141/2019 18.09.2024

**INDIAN BANK**
**Versus**
**M/S SHREE GANESH SUPPLIERS & OTHERS**

To
(CD: 5) CHANDRASEKHAR PANDA, S/o.: Padmanava Panda, Resident of Harachandi Sahi, Sitalapinda Lane, Puri, Odisha-752001.

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/150/2016** an amount of **Rs.27,31,338.00 (Rupees Twenty Seven Lakhs Thirty One Thousands Three Hundred Thirty Eight Only)** along with pendentellite and future interest @ 10% Simple Interest Yearly w.e.f. **02.02.2016** till realization and costs of **Rs.30,000/- (Rupees Thirty Thousands Only)** has become due against you (Jointly and severally/Fully/Limited).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.

3. You are hereby ordered to declare on an affidavit the particulars of yours assets on or before the next date of hearing.

4. You are hereby ordered to appear before the undersigned on **08.11.2024** at 10.30 a.m. for further proceedings.

5. In addition to the sum aforesaid, you will also be liable to pay:

(a) Such interests as is payable for the period commencing immediately after this notice of the certificate / execution proceedings.

(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **18.09.2024.**

**Sd/- Recovery Officer**
**DEBTS RECOVERY TRIBUNAL, CUTTACK**

**GOVERNMENT OF ODISHA**
## DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KHARIAR**
E-mail: eemidivision_khariar@rediffmail.com

**e-PROCUREMENT NOTICE**
Bid Identification Notice No.: 02/SE MIDKHR/2024-25

**Lt. No.: 1180/MIDKHR Dt.: 04.10.2024**

No. A-395: The Superintending Engineer, M.I. Division, Khariar, Dist.: Nuapada on behalf of Governor of Odisha invites Percentage Rate Bids in Double Cover System through e-procurement to be received in online mode only for the works as detailed in the table below. The bid should be submitted online in the website **www.tendersodisha.gov.in** by eligible contractors.

| | | | |
|---|---|---|---|
| 1. | Name of Work | : | Construction of Cement Concrete Linning & Improvement to Canal Bank Embankment Road/Dam approach road in different block of Nuapada district under Capex Scheme 2024-25 |
| 2. | Total No. of Works | : | 06 (Six) Nos. only |
| 3. | Estimated Cost | : | Varies from 63.00 Lakhs to 83.00 Lakhs approximately |
| 4. | Class of Contractor | : | As mentioned against work |
| 5. | Period of Completion | : | As mentioned against work |
| 6. | Date and time of availability of Bid | : | From 10.00 A.M. on 10.10.2024 and upto 5.30 P.M. on 27.10.2024 document in portal |
| 7. | Last date/time for receipt of Bid | : | Upto 5.30 P.M. on 27.10.2024 document in portal |
| 8. | Date/Time of opening of Technical Bid | : | From 11.00 A.M. on 28.10.2024 at O/o. M.I. Division, Khariar, Nuapada |
| 9. | Name and address of Tender Inviting Officer | : | Superintending Engineer, M.I. Division, Khariar, Nuapada Officer inviting the Bid. |
| 10. | Mode of Payment of Bid Cost and Bid Security | : | Online |

OIPR-32090/11/0003/2425
Sd./- Superintending Engineer
M.I. Division, Khariar

## ଗହମରେ ଚାଷ ପ୍ରସ୍ତୁତି



ଗହମ ଚାଷ ଆଉ କେଇ ସପ୍ତାହ ପରେ ଆରମ୍ଭ ହୋଇଯିବ। ତେଣୁ ଏ ନେଇ ଏବେଠାରୁ ଚାଷୀମାନେ ପ୍ରସ୍ତୁତ ହେବା ଦରକାର। ସାଧାରଣତଃ ନଭେମ୍ବର ମାସ ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ। କିନ୍ତୁ ଆଭ୍ୟନ୍ତରୀଣ ଜିଲାରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ। ଅଧିକ ଅମଳକ୍ଷମ ଗହମ ପାଇଁ ଭଲ ବିହନ ଚୟନ କରନ୍ତୁ। ଏଥିପାଇଁ ଅନୁମୋଦିତ ବିହନ ଗୁଡିକ ମଧ୍ୟରେ ରହିଛି– ସୋନାଲିକା, ପି.ବି.ଡବ୍ଲ୍ୟୁ–୩୪୩, ପି.ବି.ଡବ୍ଲ୍ୟୁ–୪୪୩, ୟୁ.ପି.–୨୬୨, ଏଚ୍.ଡି.–୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କିଗ୍ରା ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତକରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ ।

## ଅଧିକ ଅମଳକ୍ଷମ ସୋରିଷ ଚାଷ



ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି.–୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଜୈବିକ କୃଷି : ଆଜିର ଆବଶ୍ୟକତା



ଡ. ପରେଶ କୁମାର ପଣ୍ଡା

ପୁରୁଷାନୁକ୍ରମେ ଏବଂ ବହୁ ପୁରାତନ କାଳରୁ ଦେଶ ପାରମ୍ପରିକ ଚାଷ ପଦ୍ଧତି ଅନୁସରଣକରି ଆଞ୍ଚଳିକ କୃଷି ଜଳବାୟୁ ଆଧାରରେ ବିଭିନ୍ନ ଫସଲର ଚାଷ ଓ ଉଦ୍ୟାନ କୃଷି କାର୍ଯ୍ୟ କରାଯାଇ ଆସୁଥିଲା। ତାହା ପ୍ରାକୃତିକ କୃଷି ସମ୍ବଳକୁ ଦୀର୍ଘସ୍ଥାୟୁ କରି ମୃତ୍ତିକା ଉର୍ବରତା ଏବଂ କୃଷି ଉତ୍ପାଦନକୁ ଚିର ପୋଷ୍ୟମାନ କରୁଥିଲା। ମାତ୍ର ସମୟାନୁକ୍ରମେ ବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ଆଧାରରେ ଅଧିକ କୃଷି ଉତ୍ପାଦନର ଲକ୍ଷ୍ୟ ରଖି ସବୁଜ ବିପ୍ଳବର ଗୁରୁତ୍ୱ ବୋଧହେଲା। ସେଥିପାଇଁ ଅଧିକ ମାତ୍ରାର ରାସାୟନିକ ପଦାର୍ଥର ପ୍ରୟୋଗ ଦରକାର ପଡ଼ିଲା। ଏହି କ୍ରମରେ ଅନିୟମିତ ଓ ବହୁଳ ରାସାୟନିକ ସାର ତଥା ରୋଗପୋକ ନାଶକ ପ୍ରୟୋଗ କରାଗଲା। ସେସବୁର ପ୍ରତିକ୍ରିୟା ସ୍ୱରୂପ ମୃତ୍ତିକାର ସ୍ୱାସ୍ଥ୍ୟ ରୁଗ୍‌ଣ ହେବା ସହ କୃଷି ପରିବେଶୀୟ ବ୍ୟବସ୍ଥା (ମୃତ୍ତିକା, ଜମି, ଜଳ ଓ ଜୈବ ବିବିଧତା)ରେ ଅଧୋଗତି ପରିଲକ୍ଷିତ ହେଲା। ବର୍ତ୍ତମାନ ସମୟରେ ଯଥେଷ୍ଟ ସାର ପ୍ରୟୋଗକଲେ ସୁଦ୍ଧା ଫସଲରୁ ଅମଳ ଆଶାନୁରୂପ ହେଉନାହିଁ। ପରିବର୍ତ୍ତିତ ଜଳବାୟୁ, ଉତ୍ତାପ ବୃଦ୍ଧି ଏବଂ ଅନିୟମିତ ବୃଷ୍ଟିପାତ ଅଧିକ ଜଟିଳ କରିଦେଇଛି। ମୃତ୍ତିକା ଅମ୍ଳୀୟ ହୋଇ ଜଳଧାରଣ କ୍ଷମତା ହ୍ରାସ ସହ ଅଣୁସାରର ଅଭାବ ଦେଖାଯାଉଛି। ଦୂଷିତ ପାଣି, ଖାଦ୍ୟ ଓ ପରିବେଶରେ ରହି ମନୁଷ୍ୟ ତଥା ପ୍ରାଣୀମାନେ ରୋଗଗ୍ରସ୍ତ ହେଉଛନ୍ତି।

ଏତଦ୍‌ବ୍ୟତୀତ ମାଟିକୁ ଜୀବନ୍ତ ଓ ଉର୍ବର ରଖିବାରେ ସାହାଯ୍ୟ କରୁଥିବା ବିଭିନ୍ନ ଉପକାରୀ ଜୀବାଣୁ ଓ ଅଣୁଜୀବ ଯଥା–ଫିମ୍ପି, ବୀଜାଣୁ, ପରଜୀବୀ ପରାଙ୍ଗଭୋଜୀ, ପରାଶ୍ରୟୀ, ଜିଆ, ବେଙ୍ଗ, ବୁଢ଼ିଆଣୀଙ୍କର ସଂଖ୍ୟା ହ୍ରାସ ପାଉଛି। ମୃତ୍ତିକା ଫସଲ ସହାୟକ ନ ହେବାରୁ କୃଷି ଉତ୍ପାଦନ ଲକ୍ଷ୍ୟ ପୂରଣ କରିବାରେ ସ୍ଥିରତା ରହୁନାହିଁ। ଫସଲରେ ରୋଗପୋକ ସଂକ୍ରମଣ, ଆକ୍ରମଣ ଏବଂ ସମ୍ଭାବନା ବଢ଼ିଚାଲିଛି। ଏପରିକି ବିଭିନ୍ନ ଫିମ୍ପିନାଶକ ଓ କୀଟନାଶକ ପ୍ରୟୋଗକରି ମଧ୍ୟ ରୋଗପୋକକୁ ସହଜରେ ନିୟନ୍ତ୍ରଣ କରାଯାଇପାରୁନାହିଁ। ରାସାୟନିକ ପଦାର୍ଥ ପ୍ରୟୋଗରୁ ଉତ୍ପାଦିତ ଶସ୍ୟ, ଡାଲି, ତୈଳବୀଜ, ପନିପରିବା ଓ ଫଳ ଆଦିର ସ୍ୱାଦ ଓ ଗୁଣବତ୍ତା ଉତ୍ତମ ନ ଥାଇ ସାଇତା ଦୀର୍ଘକାଳୀନ ହେଉନାହିଁ। ଉତ୍ପାଦନଜନିତ ଖର୍ଚ୍ଚ ବଢ଼ିବା ହେତୁ ଲାଭ କମ୍ ହେଉଛି। ଏହିସବୁ କଥାକୁ ବିଚାରକୁ ନେଇ ବିକଳ୍ପ କୃଷି ବ୍ୟବସ୍ଥା ଉପରେ ଧ୍ୟାନଦେବା ଜରୁରୀ ମନେହୁଏ। ଯାହା ଧାରଣକ୍ଷମ, ପରିବେଶୀୟ ମିତ୍ର, ଗୁଣବତ୍ତାଯୁକ୍ତ, ଅଣ–ସଂକ୍ରମଣକାରୀ ଏବଂ ଉତ୍ତମ ଜଳବାୟୁ ସହନଶୀଳ। ଏହି ବିକଳ୍ପ କୃଷି ବ୍ୟବସ୍ଥା ହେଉଛି 'ଜୈବିକ କୃଷି', ଯାହାର ମୂଳତତ୍ତ୍ୱ ଏକ ଜୀବନ୍ତ ପ୍ରାଣୀ ପରି। ଯେଉଁଥିରେ ଉଦ୍ଭିଦ, ମୃତ୍ତିକା, ପ୍ରାଣୀ, ପୋକ, କୃଷକ ଏବଂ ସ୍ଥାନୀୟ ବିଷୟ ପରସ୍ପର ସହ ଜଡ଼ିତ ହୋଇଥାଆନ୍ତି। ପରିବେଶର ସୁରକ୍ଷା, ପ୍ରାକୃତିକ ସମ୍ବଳର ପୁନଃ ଉପଯୋଗକରି ଖାଦ୍ୟର ଗୁଣାତ୍ମକ ମାନ ତଥା ବଜାର ଚାହିଦା ଅନୁଯାୟୀ କୃଷିକୁ ପ୍ରସ୍ତୁତ କରୁଥିବା ଉନ୍ନତ କୃଷିର ବୈଷୟିକ ବ୍ୟବସ୍ଥାକୁ 'ଜୈବିକ ଚାଷ' କୁହାଯାଏ। ଅର୍ଥାତ୍ ମୃତ୍ତିକାର ଉର୍ବରତା ଏବଂ ଖାଦ୍ୟ ଉତ୍ପାଦନକୁ ଚିରସ୍ଥାୟୀ କରୁଥିବା ପ୍ରାକୃତିକ ପଦ୍ଧତିର ଅନ୍ୟ ନାମ ହେଉଛି ଜୈବିକ କୃଷି।

> "ଏହି ବିକଳ୍ପ କୃଷି ବ୍ୟବସ୍ଥା ହେଉଛି 'ଜୈବିକ କୃଷି', ଯାହାର ମୂଳତତ୍ତ୍ୱ ଏକ ଜୀବନ୍ତ ପ୍ରାଣୀ ପରି। ଯେଉଁଥିରେ ଉଦ୍ଭିଦ, ମୃତ୍ତିକା, ପ୍ରାଣୀ, ପୋକ, କୃଷକ ଏବଂ ସ୍ଥାନୀୟ ବିଷୟ ପରସ୍ପର ସହ ଜଡ଼ିତ ହୋଇଥାଆନ୍ତି। ପରିବେଶର ସୁରକ୍ଷା, ପ୍ରାକୃତିକ ସମ୍ବଳର ପୁନଃ ଉପଯୋଗକରି ଖାଦ୍ୟର ଗୁଣାତ୍ମକ ମାନ ତଥା ବଜାର ଚାହିଦା ଅନୁଯାୟୀ କୃଷିକୁ ପ୍ରସ୍ତୁତ କରୁଥିବା ଉନ୍ନତ କୃଷିର ବୈଷୟିକ ବ୍ୟବସ୍ଥାକୁ 'ଜୈବିକ ଚାଷ' କୁହାଯାଏ। ଅର୍ଥାତ୍, ମୃତ୍ତିକାର ଉର୍ବରତା ଏବଂ ଖାଦ୍ୟ ଉତ୍ପାଦନକୁ ଚିରସ୍ଥାୟୀ କରୁଥିବା ପ୍ରାକୃତିକ ପଦ୍ଧତିର ଅନ୍ୟନାମ ହେଉଛି ଜୈବିକ କୃଷି।"



ଏହି ପ୍ରାକୃତିକ କୃଷି ପଦ୍ଧତି ହେଉଛି ରାସାୟନିକ ପଦାର୍ଥରହିତ, ଯେଉଁଥିରେ ପ୍ରାଣୀ ସହ ସମନ୍ୱିତ କୃଷି ପଦ୍ଧତି, ଫସଲର ବିବିଧକରଣ ଏବଂ ସ୍ଥାନୀୟ ଚିରାଚରିତ ଜ୍ଞାନକୌଶଳ କାର୍ଯ୍ୟକାରୀ ହୋଇଥାଏ। ଏହା ମୃତ୍ତିକା, ଅଣୁଜୀବ, ଉଦ୍ଭିଦ, ପ୍ରାଣୀ, ଜଳବାୟୁ ଏବଂ ମାନବୀୟ କୃଷି ଆବଶ୍ୟକତା ଉପରେ ପରସ୍ପରର ନିର୍ଭରଶୀଳତାକୁ ସ୍ୱୀକୃତି ଦେଇଥାଏ। ଅଧିକନ୍ତୁ, ବହୁ ଫସଲ ବ୍ୟବହାର, ମୃତ୍ତିକାର ଜୈବ ଅଙ୍ଗାରକ ଏବଂ ଉର୍ବରତା ବୃଦ୍ଧି, କୃଷି ପରିବାରଗୁଡ଼ିର ଖାଦ୍ୟ ବିବିଧତା ବୃଦ୍ଧି, ଫସଲ ଉତ୍ପାଦନଜନିତ ଖର୍ଚ୍ଚ ହ୍ରାସ ଆଦି ପ୍ରାକୃତିକ କୃଷି ଅନ୍ତର୍ଭୁକ୍ତ।

ଏହି କ୍ରମରେ ବୈଜ୍ଞାନିକ ମୂଳତତ୍ତ୍ୱଗୁଡ଼ିକ ହେଲା– (୧)ଛାଦିକରଣ ଏବଂ ସବୁଜ ଆବୃତ୍ତ ଫଳରେ ମୃତ୍ତିକାର ଅଙ୍ଗାର ଓ ଜୈବାଂଶ ବାସ କରୁଥିବା ଅଣୁଜୀବ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଥାଏ। ଏଥିରେ ମୃତ୍ତିକାର ଭୌତିକ, ଜୈବିକ ଓ ରାସାୟନିକ ଗୁଣମାନ ଉନ୍ନତ ହେବା ଫଳରେ ମୃତ୍ତିକାକୁ ଜଳ ପ୍ରବେଶ ଏବଂ ଜଳଧାରଣ କ୍ଷମତା ବୃଦ୍ଧି ପାଇଥାଏ। ତା' ସହ ସୂକ୍ଷ୍ମ ଜୀବଗୁଡିକ ମୃତ୍ତିକାରେ ରହି ପୋଷକ ନିର୍ଗତ କରିଥାନ୍ତି। (୨) ବହୁ ଫସଲର ଚାଷ ବ୍ୟବସ୍ଥା ଏବଂ ଜଳ ପରିଚାଳନା ସହ ଯନ୍ତା ଫସଲ, ସୀମା ଫସଲ, ବୃଷ୍ଟିଜଳର ଅମଳ, ନାଳ,ପୋଖରୀ ବା ଜଳାଶ୍ରୟ ଏହାର ଅନ୍ତର୍ଭୁକ୍ତ। (୩)ଅନେକ ପ୍ରକାର ଫସଲ ଚାଷ ଦ୍ୱାରା ଅଣୁଜୀବ, ଉପକାରୀ ପୋକ, ପକ୍ଷୀ ଓ ଅନ୍ୟ ଜୀବଜନ୍ତୁଙ୍କ ବାସ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି ହୋଇଥାଏ। ଫଳରେ ପରାଗ ସଙ୍ଗମ ପ୍ରାକୃତିକ ଉପାୟରେ ରୋଗପୋକ ନିୟନ୍ତ୍ରଣ ତଥା ଘାସଲତାକୁ ନିୟନ୍ତ୍ରଣ କରିଥାଏ। (୪) ମିଶ୍ରିତ ଫସଲ ଚାଷ ଦ୍ୱାରା ମୃତ୍ତିକାକୁ ବାଷ୍ପୀକରଣ ହାର ହ୍ରାସ ପାଇବା ସହ ମୃତ୍ତିକାର ଜଳୀୟାଂଶ ଦୀର୍ଘକାଳୀନ ସଂରକ୍ଷିତ ଏବଂ ମୃତ୍ତିକା ଉପରେ ବୃଷ୍ଟିଜଳ ବଢ଼ିଯିବା ହ୍ରାସ ପାଇଥାଏ। (୫) ସ୍ଥାନୀୟ ବିହନର ପ୍ରଚଳନ କରିବାରେ ବାହ୍ୟ ରାସାୟନିକ ପଦାର୍ଥ ବା ଉପାଦନ ଉପରେ ନିର୍ଭରଶୀଳତାରେ ହ୍ରାସ, ଜଳବାୟୁ, ରୋଗପୋକ ସହଣୀ ଅବସ୍ଥା ବୃଦ୍ଧି, ମରୁଡ଼ି, ଉତ୍ତାପ ବୃଦ୍ଧି ତଥା ବନ୍ୟା ଅବସ୍ଥାକୁ ସହିବା ସହ ଚିରସ୍ଥାୟୀ ଓ ନିର୍ଭରଯୋଗ୍ୟ ଅମଳ ମିଳିଥାଏ। (୬) ଏହା ସ୍ଥାନୀୟ ଓ ଦେଶୀୟ ଜ୍ଞାନକୌଶଳ ସହ ଆଧୁନିକ ବୈଷୟିକ କୌଶଳର ସମନ୍ୱୟତା ଆଣିଥାଏ। (୭) ଏହି ଅବସ୍ଥାରେ ପ୍ରାକୃତିକ ଜୈବ ଉପାଦାନ ଯଥା–ଜୀବାମୃତ, ଘନ ଜୀବାମୃତ, ପଞ୍ଚଗବ୍ୟ, ବୀଜାମୃତ ଆଦି ବିଶେଷ ସହାୟକ ହୋଇଥାଏ। (୮) ଗୃହପାଳିତ ଜୀବଜନ୍ତୁଙ୍କ ଗୋବର ଓ ଗୋମୂତ୍ରର ବ୍ୟବହାର ଦ୍ୱାରା ମୃତ୍ତିକାରେ ଅଗଣିତ ଅଣୁଜୀବଙ୍କର ଖାଦ୍ୟ ଉତ୍ସ ରୂପେ ମିଳିବା ସହ ସେମାନଙ୍କ ଦ୍ୱାରା ପରୋକ୍ଷରେ ଫସଲକୁ ପୋଷକତତ୍ତ୍ୱ ଯୋଗାଣ ହୋଇଥାଏ। (କ୍ରମଶଃ..)

–ରାଜ୍ୟ ଜୈବ ରସାୟନବିତ୍, ଭୁବନେଶ୍ୱର
ମୋ :୯୪୩୭୧୧୨୭୦୪

## ଖରିଫ ଧାନ ସଂରକ୍ଷଣ



ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩–୪ ଦିନ ଟାଣଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାରଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ୨ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ୍। ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ ।

## ମାଛ ଚାଷ କରୁଥିଲେ..

ବର୍ଷା ତଥା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତ କରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଜାଆଁଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ । ଏହାଛଡ଼ା ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ଏବଂ ଗୋବର ପ୍ରୟୋଗର ୧୫ ଦିନପରେ କ୍ୟାଲ୍‌ସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (ସି.ଏ.ଏନ୍.) ୨୦ ରୁ ୨୫ କି.ଗ୍ରା. ଏବଂ ସିଙ୍ଗଲ୍ ସୁପର ଫସ୍‌ଫେଟ୍ (ଏସ୍.ଏସ୍.ପି.) ସାର ୧୫ ରୁ ୨୦ କି.ଗ୍ରା. ମାଛ ପୋଖରୀରେ ପ୍ରୟୋଗ କରନ୍ତୁ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ।

## ସୂର୍ଯ୍ୟମୁଖୀ ଚାଷ



ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶଁବାଳୁଆ, ଧଳାମାଛି, ଥ୍ରିପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ। ଏହାର ନିରାକରଣ ପାଇଁ ସମନ୍ୱିତ ରୋଗପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷକରି ଥ୍ରିପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ୧ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

## ଅଧିକ ଅମଳକ୍ଷମ ଚିନାବାଦାମ ପାଇଁ..



ଚିନାବାଦାମ ଜମିରୁ ପାଣି କାଟିଦିଅନ୍ତୁ। ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରିକି ମାଟି ଭଲ ଭାବରେ ଭିଜିପାରିବ।

# ଡାଲିଜାତୀୟ ବିହନ ବିଶୋଧନ

ଏକ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ଡାଲିଜାତୀୟ ବିହନ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ୧ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍–ପି–କେ (୧୯–୧୯–୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ସମ୍ଭାବନା ଅଛି। ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଚିତ ଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ ।



## ହରିୟାଣା ବିଧାନସଭା ଭୋଟ ହାର




## ଜମ୍ମୁ-କଶ୍ମୀର ବିଧାନସଭା ଭୋଟ ହାର






ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି)ର ବିଜୟରେ ଉଲ୍ଲସିତ ଦଳୀୟ କର୍ମୀ ଶ୍ରୀନଗରରେ ରାଲି କରି ଉତ୍ସବ ମନାଉଛନ୍ତି।

### ହରିୟାଣା

**ବିଜୟୀ**

ନାୟବ ସିଂ ସାଇନି(ଭାଜପା)
ଭିନେଶ ପୋଘାଟ(କଂଗ୍ରେସ)
ଭୂପିନ୍ଦର ସିଂ ହୁଡ୍ଡା(କଂଗ୍ରେସ)
ଅନିଲ ଭିଜ୍(ଭାଜପା)
ସାବିତ୍ରୀ ଜିନ୍ଦଲ(ସ୍ୱାଧୀନ)

**ପରାଜିତ**

ଦୁଷ୍ୟନ୍ତ ଚୌଟାଲା(ଜେଜେପି)
ଅଭୟ ସିଂ ଚୌଟାଲା(ଆଇଏନ୍ଏଲ୍‌ଡି)
କ୍ୟାପ୍ଟେନ ଅଭିମନ୍ୟୁ(ଭାଜପା)

### ଜମ୍ମୁ-କଶ୍ମୀର

**ବିଜୟୀ**

ଓମାର ଅବଦୁଲ୍ଲା(ଏନ୍‌ସି)
ଗୁଲାମ ଅହମ୍ମଦ ମିର୍ (କଂଗ୍ରେସ)

**ପରାଜିତ**

ସଜାଦ ଗାନି ଲୋନ୍ (ଜେକେପିସି)
ଇଲ୍‌ତିଜା ମେହବୁବା ମୁଫ୍‌ତି, (ପିଡିପି)
ରବିନ୍ଦର ରୈନା (ଭାଜପା)

# ଓମାର ହେବେ କଶ୍ମୀର ମୁଖ୍ୟମନ୍ତ୍ରୀ

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଏବଂ କଂଗ୍ରେସ ମେଣ୍ଟ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଢ଼ିବାକୁ ଯାଉଛି। ଏନ୍‌ସି ନେତା ଓମାର ଅବଦୁଲ୍ଲା ମୁଖ୍ୟମନ୍ତ୍ରୀ ହେବେ ବୋଲି ଦଳ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ମଙ୍ଗଳବାର ଘୋଷଣା କରିଛନ୍ତି। ଦୀର୍ଘ ୧୦ ବର୍ଷ ପରେ କଶ୍ମୀରୀ ଭୋଟର ଏନ୍‌ସି-କଂଗ୍ରେସ ମେଣ୍ଟକୁ ପୁଣିଥରେ ସୁଯୋଗ ଦେଇଛନ୍ତି। ଆମେ ସେମାନଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରୁଛୁ ବୋଲି ଫାରୁକ୍ କହିଛନ୍ତି। କଶ୍ମୀରରୁ ପୋଲିସ ରାଜ୍ ହଟିବା ସହ ନିରୀହମାନଙ୍କୁ ଜେଲରୁ ମୁକ୍ତ


ଓମାର ଅବଦୁଲ୍ଲା

କରିବାକୁ ଉଦ୍ୟମ କରିବୁ। ଗଣମାଧ୍ୟମକୁ ମୁକ୍ତ କରିବା ସହ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିଶ୍ୱାସ ବଢ଼ାଇବାକୁ ହେବ ବୋଲି ଏନ୍‌ସି ଅଧ୍ୟକ୍ଷ କହିଛନ୍ତି। ଓମାର ଦୁଇଟି ଆସନ ବଡଗାମ୍ ଏବଂ ଗଣ୍ଡେରୱାଲରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଛନ୍ତି। ସେ ୨୦୦୯ରୁ ୨୦୧୫ ମୁଖ୍ୟମନ୍ତ୍ରୀ ଥିଲେ। ଦଳକୁ କ୍ଷମତାକୁ ଫେରାଇ ଆଣିଥିବାରୁ ସେ ଭୋଟରମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୫ ବର୍ଷ ହେଲା ତାଙ୍କ ଦଳକୁ ଧ୍ୱଂସ କରିଦେବା ପାଇଁ କେତେକ ନୂଆ ଦଳ ଗଠନ କରାଯାଇଥିଲା, ଯାହା ନିର୍ବାଚନରେ ଚିତ୍‌ପଟାଙ୍ଗ ମାରିଥିବା ଏନ୍‌ସି ଉପାଧ୍ୟକ୍ଷ ଓମାର କହିଛନ୍ତି। ସୂଚନାଯୋଗ୍ୟ, ଗତ ଏପ୍ରିଲ-ମେ'ରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ଓମାର ହାରିଯାଇଥିଲେ।

# ୨୦୧୪ରେ ଭାଜପା ସହ ମେଣ୍ଟ ପିଡିପି ପରାଜୟର କାରଣ

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାନଚରେ ମେହବୁବା ମୁଫ୍‌ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଶୋଚନୀୟ ପରାଜୟ ବରଣ କରିଛି। ଏହି ଦଳର ଆସନ ସଂଖ୍ୟା ୩କୁ ହ୍ରାସ ପାଇଛି, ଯାହାକି ୧୯୯୯ ପରେ ଦଳର ସବୁଠୁ ନୈରାଶ୍ୟଜନକ ପ୍ରଦର୍ଶନ। ୨୦୧୪ ବିଧାନସଭା ନିର୍ବାଚନରେ ପିଡିପି ୨୮ ଆସନ ଜିତି ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିବାବେଳେ ଭାଜପା ସହ ମିଶି ସରକାର ଗଢ଼ିଥିଲା। ୧୦ ବର୍ଷ ପରେ ପିଡିପିକୁ ନିରାଶ ହେବାକୁ ପଡ଼ିଥିବାବେଳେ ମେହବୁବାଙ୍କ ଝିଅ ଇଲତିଜା ମୁଫ୍‌ତି ଏବଂ ଦାଦା ସର୍ତାଜ ମଦନି ହାରିଯାଇଛନ୍ତି। ୨୦୦୨ରେ ପିଡିପି ୧୬ ଆସନ ଜିତିଥିବାବେଳେ ୨୦୦୮ରେ


ମେହବୁବା ମୁଫ୍‌ତି

୨୧ ଆସନରେ ବିଜୟୀ ହୋଇଥିଲା। ତେବେ ୨୦୧୫ରେ ଭାଜପା ସହ ମିଶି ସରକାର ଗଢ଼ିବାରୁ ଉପତ୍ୟକାର ଜନସାଧାରଣ ପିଡିପି ଉପରେ କ୍ଷୁବ୍ଧ ହୋଇଥିଲେ। ୨୦୧୮ ଜୁନ୍‌ରେ ଭାଜପା ସମର୍ଥନ ପ୍ରତ୍ୟାହାର କରିନେବାରୁ ମେଣ୍ଟ ସରକାର ଭାଙ୍ଗିଯାଇଥିଲା। ତତ୍କାଳୀନ ଭାଜପା ଅଧ୍ୟକ୍ଷ ଅମିତ୍ ଶାହାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସମର୍ଥନ ପ୍ରତ୍ୟାହାର ନିଷ୍ପତ୍ତି ନିଆଯାଇଥିଲା। ଭାଜପା ସହ ଅସ୍ୱାଭାବିକ ମେଣ୍ଟ ପିଡ଼ିପି ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଯେଉଁଥିପାଇଁ ଏଥର ନର୍ବାଚନରେ ଜମ୍ମୁ-କଶ୍ମୀର ଭୋଟର ପିଡିପିକୁ ପ୍ରତ୍ୟାଖ୍ୟାନ କରିଥିବା କୁହାଯାଉଛି।

# ସାଇନି ହରିୟାଣା ମୁଖ୍ୟମନ୍ତ୍ରୀ ରହିବେ

ହରିୟାଣା ବିଧାନସଭା ନିର୍ବାଚନରେ ଭାଜପା ବିଜୟୀ ହେବା ସହ କ୍ରମାଗତ ତୃତୀୟ ଥର ପାଇଁ ସରକାର ଗଢ଼ିବାକୁ ଯାଉଛି। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନାୟବ ସିଂ ସାଇନି ପୁନର୍ବାର ଏହି ପଦରେ ରହିବେ ବୋଲି ଭାଜପା ନେତାମାନେ କହିଛନ୍ତି। ନିର୍ବାଚନର ମାତ୍ର କେଇମାସ ପୂର୍ବରୁ ଭାଜପା ବରିଷ୍ଠ ନେତା ମନୋହରଲାଲ୍ ଖଟ୍ଟାରଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ଓବିସି ନେତା ସାଇନିଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲା। ଦଳର ଏଭଳି ନିଷ୍ପତ୍ତି ଅନେକଙ୍କୁ ବିସ୍ମିତ କରିଥିଲା। ଲୋକ ସଭା ନିର୍ବାଚନରେ ଭାଜପାର ପ୍ରଦର୍ଶନ ଭଲ ହୋଇ ନ ଥିବାବେଳେ ସାଇନିଙ୍କ ନେତୃତ୍ୱରେ ଦଳ ବିଧାନସଭା ନିର୍ବାଚନରେ ଐତିହାସିକ ସଫଳତା ହାସଲ କରିବା ସହ ସମସ୍ତ ଏକ୍‌ଜିଟ୍ ପୋଲ୍‌ର ଆକଳନକୁ ଭୁଲ୍ ପ୍ରମାଣିତ କରିଛି।


ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ଲଡ଼ୱା ଆସନରେ ବିଜୟୀ ହେବା ପରେ ଜଣେ ଭାଜପା ସମର୍ଥକ ତାଙ୍କ ସହ ସେଲ୍‌ଫି ନେଉଛନ୍ତି।

ମନୋହରଲାଲ୍ ଖଟ୍ଟାର ସରକାରଙ୍କ ୯ ବର୍ଷ ୬ ମାସର ଶାସନ କାଳରେ ଚାଷୀ ସମସ୍ୟା, ବେରୋଜଗାରି, ଅଗ୍ନିପଥ ଯୋଜନା, ଦରଦାମ୍ ବୃଦ୍ଧି ଏବଂ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ରାଜ୍ୟରେ ସରକାର ବିରୋଧୀ ହାୱା ସୃଷ୍ଟି ହୋଇଥିବାବେଳେ ଗତ ମାର୍ଚ୍ଚରେ ଭାଜପା ନେତୃତ୍ୱ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇଦେଇ ଦଳର ରାଜ୍ୟ ସଭାପତି ସାଇନିଙ୍କୁ ଉକ୍ତ ପଦରେ ଅବସ୍ଥାପିତ କରିଥିଲା। ଏହା ପରେ ଲୋକ ସଭା ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ଏବଂ ଆଗକୁ ବିଧାନସଭା ନିର୍ବାଚନ ମଧ୍ୟରେ ସାଇନି ଜନସାଧାରଣଙ୍କ ଧାରଣା ବଦଳାଇବା ପାଇଁ ମାତ୍ର ୨ ମାସ ସମୟ ପାଇଥିଲେ। ଏହି ସମୟ ମଧ୍ୟରେ ସେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ସେଥିରୁ ପ୍ରମୁଖ ନିଷ୍ପତ୍ତି ଥିଲା ହରିୟାଣା ଅଗ୍ନିବୀର ନୀତି, ଯାହା ଅଗ୍ନିବୀରମାନଙ୍କୁ ସେନାରେ ଚାକିରି କାଳ ଶେଷ ହେବା ପରେ ନିଯୁକ୍ତି ଏବଂ ଉଦ୍ୟୋଗ ସ୍ଥାପନ ଲାଗି ସୁଯୋଗର ପ୍ରତିଶ୍ରୁତି ଦେଇଥିଲା। ଅଧିକ ୧୦ଟି ଫସଲକୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)ରେ କିଣିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହରିୟାଣା ଏକମାତ୍ର ରାଜ୍ୟ, ଯେଉଁଠି ସର୍ବାଧିକ ୨୪ଟି ଫସଲକୁ ଏମ୍ଏସ୍‌ପିରେ କିଣାଯାଉଛି। ଏହା ବ୍ୟତୀତ ଭାଜପା ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ୍ ପ୍ରତିଶ୍ରୁତି ଦେଇଥିଲା। ନିର୍ବାଚନ ଇସ୍ତାହାରରେ ଭାଜପା ମହିଳାଙ୍କୁ ମାସିକ ୨,୧୦୦ ଟଙ୍କା ସହାୟତା, ୨ ଲକ୍ଷ ଯୁବତୀଯୁବକଙ୍କୁ ସରକାରୀ ନିଯୁକ୍ତି ଏବଂ ଅଗ୍ନିବୀରମାନଙ୍କୁ ନିଶ୍ଚିତ ସରକାରୀ ଚାକିରିର ପ୍ରତିଶ୍ରୁତି ଦିଆଯାଇଥିଲା। ସରକାରଙ୍କ ଉପରୋକ୍ତ ନିଷ୍ପତ୍ତି ଓ ପ୍ରତିଶ୍ରୁତି ଲୋକଙ୍କ ମନୋଭାବ ବଦଳାଇବାରେ ସହାୟକ ହୋଇଥିବା କୁହାଯାଉଛି।

# ଅନ୍ତର୍ଦ୍ୱନ୍ଦ୍ୱ, ନେତାଙ୍କ କ୍ଷମତା ମୋହ ପାଇଁ କଂଗ୍ରେସ ହାରିଲା

ହରିୟାଣା ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହେବ ବୋଲି ପ୍ରାୟ ସମସ୍ତ ଏକ୍‌ଜିଟ୍ ପୋଲ୍‌ରେ ପୂର୍ବାନୁମାନ କରାଯାଇଥିଲା। ୧୦ ବର୍ଷ ପରେ କଂଗ୍ରେସ କ୍ଷମତାକୁ ଫେରିବା ନେଇ ପୂର୍ଣ୍ଣ ଆଶାବାଦୀ ଥିଲା। ମଙ୍ଗଳବାର ଭୋଟ ଗଣତି ଆରମ୍ଭ ପୂର୍ବରୁ ବିଜୟ ଉତ୍ସବ ପାଳନ ପାଇଁ କଂଗ୍ରେସ କାର୍ଯ୍ୟାଳୟରେ ପୂରା ଦମ୍‌ରେ ପ୍ରସ୍ତୁତି ଚାଲିଥିଲା। ତେବେ ଗଣତି ଆରମ୍ଭ ହେବାର କିଛି ସମୟ ପରେ ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଥିଲା। କଂଗ୍ରେସ ଶିବିର ନିରାଶ ହେବା ସହ ଭାଜପା ତୃତୀୟ ଥର ପାଇଁ କ୍ଷମତା ବଜାୟ ରଖିବାକୁ ସମର୍ଥ ହୋଇଛି। ବେରୋଜଗାରି, କୃଷକ ସମସ୍ୟା, ଅଗ୍ନିପଥ ଯୋଜନା ଆଦିକୁ ପ୍ରସଙ୍ଗ କରି କଂଗ୍ରେସ ସରକାରଙ୍କ ବିରୋଧରେ ଜୋର୍‌ଦାର ପ୍ରଚାର ଚଳାଇଥିଲେ ମଧ୍ୟ ଏହାକୁ ଭୋଟରେ ବଦଳାଇବାରେ ବିଫଳ ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ଅନ୍ୟ ନେତାମାନେ ପ୍ରଚାରର ନେତୃତ୍ୱ ନେଇଥିଲେ ମଧ୍ୟ ବିରୋଧୀ ଦଳ ପାଇଁ ଆବଶ୍ୟକ ଫଳ ଆଣିବାରେ ସଫଳ ହୋଇ ନାହାନ୍ତି।

ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଏବଂ ନେତାମାନଙ୍କର କ୍ଷମତା ଲାଳସା ପାଇଁ ଦଳ ହାରିଗଲା ବୋଲି କୁହାଯାଉଛି। ନିର୍ବାଚନର ବହୁପୂର୍ବରୁ କଂଗ୍ରେସ ବିଜୟୀ ହେବା ନେଇ ନେତାମାନେ ଏକପ୍ରକାର ନିଶ୍ଚିତ ହୋଇଯାଇଥିଲେ। ଫଳରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଥିଲା। ବରିଷ୍ଠ କଂଗ୍ରେସ ନେତା ଭୂପିନ୍ଦର ସିଂ ହୁଡ୍ଡା ଏବଂ କୁମାରୀ ସେଲ୍‌ଜାଙ୍କ ମଧ୍ୟରେ କ୍ଷମତା କନ୍ଦଳ ପଦାରେ ପଡ଼ିଥିଲା। ତେଣୁ ଦଳୀୟ ଭାବମୂର୍ତ୍ତିକୁ ସଜାଡ଼ିବା ପାଇଁ ବହୁତ କିଛି କରିବା ଆବଶ୍ୟକ ଥିଲା ବୋଲି କୁହାଯାଉଛି। ଅନ୍ୟ ଦଳକୁ ନେଇ ଏକାଠି ନିର୍ବାଚନ ଲଢ଼ିବା ପାଇଁ ଉଦ୍ୟମ କରି ମଧ୍ୟ କଂଗ୍ରେସ ବିଫଳ ହୋଇଥିଲା। ପ୍ରାର୍ଥୀ ଚୟନ ଏବଂ ମେଣ୍ଟ ଗଠନ ସମ୍ପର୍କରେ ନିଷ୍ପତ୍ତି ଦାୟିତ୍ୱ ହୁଡ୍ଡାଙ୍କ ଉପରେ ଛାଡ଼ିଦିଆଯାଇଥିଲା। ତାଙ୍କ ନିଷ୍ପତ୍ତି କାର୍ଯ୍ୟ କରି ନ ଥିବା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। କଂଗ୍ରେସର ଭୋଟ ହାର ଭଲ ରହିଥିଲେ ମଧ୍ୟ ଏହାକୁ ଆସନରେ ବଦଳାଇବାରେ ଦଳ ସଫଳ ହୋଇନାହିଁ। ଅନେକ ଆସନରେ ଭୋଟ ବ୍ୟବଧାନ ବହୁତ କମ୍ ରହିଛି। ଆଞ୍ଚଳିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ସରକାର ବିରୋଧୀ ଭୋଟକୁ କେତେକାଂଶରେ ନିଜ ସପକ୍ଷକୁ ନେବା ଯୋଗୁ ଏହା ଭାଜପାକୁ ସୁହାଇଲା ବୋଲି ସ୍ପଷ୍ଟ ହୋଇଛି। ହୁଡ୍ଡାଙ୍କ ନେତୃତ୍ୱରେ କଂଗ୍ରେସ ଜାଟ୍ ଭୋଟକୁ ଫୋକସ୍ କରିଥିବାବେଳେ ଅଣଜାଟ୍ ଭୋଟ ଭାଜପା ସପକ୍ଷରେ ଯାଇଥିଲା। କଂଗ୍ରେସ ବିଜୟୀ ହେଲେ ରାଜ୍ୟରେ ପ୍ରଭାବୀ ଜାଟ୍ ସମ୍ପ୍ରଦାୟର ଆଧିପତ୍ୟ ଫେରିବ ବୋଲି ଧାରଣା ସୃଷ୍ଟି ହେବାରୁ ଅନ୍ୟ ସମ୍ପ୍ରଦାୟଗୁଡ଼ିକ ବହୁସଂଖ୍ୟାରେ ଶାସକ ଦଳ ସପକ୍ଷରେ ଭୋଟ ଦେଲେ ବୋଲି କୁହାଯାଉଛି। ହରିୟାଣା ଭାଜପା ନିଜ ସପକ୍ଷରେ ହାୱା ସୃଷ୍ଟି କରିବା ପାଇଁ ନୀରବରେ କାର୍ଯ୍ୟ କରିଚାଲିଥିଲା।

## କଂଗ୍ରେସକୁ କୃଷକମାନେ ଠିକଣା ଜବାବ ଦେଇଛନ୍ତି: ମୋଦି



ହରିୟାଣାର କୃଷକମାନେ କଂଗ୍ରେସକୁ ଠିକଣା ଜବାବ ଦେଇଛନ୍ତି। ଏହି ରାଜ୍ୟରେ ତୃତୀୟ ଥର ପଦ୍ମ ଫୁଟିଛି। ବିଧାନସଭା ନିର୍ବାଚନରେ ଜନସାଧାରଣ ଭାଜପାକୁ ସ୍ପଷ୍ଟ ବହୁମତ ଦେଇ ତୃତୀୟ ଥର ବିଜୟୀ କରାଇଥିବାରୁ ସେମାନଙ୍କୁ ସାଲ୍ୟୁଟ୍ ଜଣାଉଛି। ଏହା ବିକାଶ ରାଜନୀତି ଓ ଉତ୍ତର ଶାସନର ବିଜୟ। ଭାଜପାର ଏହି ଐତିହାସିକ ବିଜୟ ଦଳୀୟ କର୍ମୀମାନଙ୍କ କଠିନ ପରିଶ୍ରମ ଯୋଗୁ ସମ୍ଭବ ହୋଇଥିବାରୁ ସେମାନଙ୍କୁ ହୃଦୟଭରା ଅଭିନନ୍ଦନ ଜଣାଉଛି। ସେମାନେ ରାଜ୍ୟବାସୀଙ୍କ ପାଇଁ ପୂରାଦମ୍‌ରେ କାମ କରିବା ସହ ଦଳର ବିକାଶ ଏଜେଣ୍ଡାକୁ ସେମାନଙ୍କ ନିକଟରେ ପହଞ୍ଚାଇଛନ୍ତି। ଯେଉଁଥି ପାଇଁ ଦଳ ଐତିହାସିକ ବିଜୟ ହାସଲ କଲା।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଉପରେ କୃଷକ, ଗରିବ, ପଛୁଆବର୍ଗ, ସୈନିକ ଓ ଯୁବବର୍ଗଙ୍କ ଅଟଳ ଆସ୍ଥା ଭାଜପାକୁ ହରିୟାଣାରେ ବିପୁଳ ବିଜୟ ଦେଇଛି। ଜାତି ଓ ଧର୍ମ ଆଧାରରେ ଲୋକଙ୍କୁ ଭାଗ ଭାଗ କରୁଥିବା କଂଗ୍ରେସର ନକାରାତ୍ମକ ଓ ବିଭେଦପୂର୍ଣ୍ଣ ରାଜନୀତିକୁ ବୀରଭୂମି ହରିୟାଣାର ଜନସାଧାରଣ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ସେମାନେ ଭାଜପାର ବିକାଶ ଓ ଜନକଲ୍ୟାଣକାରୀ ଶାସନର ୧୦ ବର୍ଷର ଟ୍ରାକ୍ ରେକର୍ଡକୁ ଦେଖି ଭୋଟ ଦେଇଛନ୍ତି।

**-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ନୀତିକୁ ସମର୍ଥନ ଜଣାଇଛନ୍ତି। ହରିୟାଣାରେ ଭାଜପା ବିଜୟର ସମ୍ପୂର୍ଣ୍ଣ ଶ୍ରେୟ ମୋଦିଜୀଙ୍କୁ ଦେଉଛି। ମୋଦିଙ୍କ ନେତୃତ୍ୱ, ଭାଜପାର ବରିଷ୍ଠ ନେତା ଓ କର୍ମୀମାନଙ୍କ କଠିନ ପରିଶ୍ରମ ଆମକୁ ବିଜୟ ଦେଇଛି।

**-ନାୟବ ସିଂ ସାଇନି, ହରିୟାଣା ମୁଖ୍ୟମନ୍ତ୍ରୀ**

ନିର୍ବାଚନ ଫଳାଫଳ ସମ୍ପୂର୍ଣ୍ଣ ଅବାଞ୍ଛିତ। ଏହା ବାସ୍ତବତା ବିରୋଧରେ ଯାଇଛି। ହରିୟାଣା ଜନସାଧାରଣ ପରିବର୍ତ୍ତନ ପାଇଁ ମନ ସ୍ଥିର କରିଥିବାବେଳେ ଫଳାଫଳ ଏହା ବିରୋଧରେ ଯାଇଛି। ଏଭଳି ସ୍ଥିତିରେ ଫଳାଫଳକୁ ଗ୍ରହଣ କରିବା ସମ୍ଭବ ନୁହେଁ।

**-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**

ହରିୟାଣାରେ କଂଗ୍ରେସର ପରାଜୟ ରାହୁଲ ଗାନ୍ଧୀଙ୍କ ବିଫଳ ନେତୃତ୍ୱର ପ୍ରମାଣ। ଏପରିକି କଂଗ୍ରେସ ଲୋକମାନେ ମଧ୍ୟ ରାହୁଲଙ୍କୁ ତାଙ୍କ ନେତା ଭାବେ ଗ୍ରହଣ କରୁନାହାନ୍ତି।

**-ମୋହନ ଯାଦବ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ**

ହରିୟାଣାରେ କଂଗ୍ରେସର ପରାଜୟ ପାଇଁ ଏହାର ରାଜ୍ୟ ନେତୃତ୍ୱ ଦାୟୀ। ରାହୁଲ ଗାନ୍ଧୀଙ୍କ ଆହ୍ୱାନକୁ ରାଜ୍ୟ ନେତୃତ୍ୱ ଭୋଟରେ ପରିଣତ କରିପାରିଲା ନାହିଁ। ଆମେ ଏଭଳି ପରାଜିତ ହେବା ଅବିଶ୍ୱସନୀୟ।

**-କୁମାରୀ ସେଲ୍‌ଜା, କଂଗ୍ରେସ ଏମ୍‌ପି**

ଜମ୍ମୁ-କଶ୍ମୀର ନିର୍ବାଚନରେ ନ୍ୟାଶନାଲ କନ୍‌ଫରେନ୍ସ-କଂଗ୍ରେସ ମେଣ୍ଟ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିବାରୁ କେନ୍ଦ୍ର ସରକାର ଏଥିରୁ ଶିକ୍ଷାଲାଭ କରିବା ଆବଶ୍ୟକ। ସେଠାରେ ଗଠନ ହେବାକୁ ଯାଉଥିବା ନୂଆ ସରକାରଙ୍କ କାର୍ଯ୍ୟରେ କେନ୍ଦ୍ର ହସ୍ତକ୍ଷେପ କରିବା ଉଚିତ ନୁହେଁ।

**-ମେହବୁବା ମୁଫ୍‌ତି, ପିପିପି ଅଧ୍ୟକ୍ଷା**

## କଶ୍ମୀରରେ ଖାତା ଖୋଲିଲା ଆପ୍

ଜମ୍ମୁ-କଶ୍ମୀରରେ ଆମ୍ ଆଦ୍‌ମୀ ପାର୍ଟି ଖାତା ଖୋଲିବାକୁ ସକ୍ଷମ ହୋଇଛି। ଜମ୍ମୁର ଡୋଡା ଆସନରୁ ଆପ୍ ପ୍ରାର୍ଥୀ ମେହରାଜ ମଲିକ ବିଜୟୀ ହୋଇଛନ୍ତି। ସେ ଭାଜପା ପ୍ରାର୍ଥୀ ଜୟ ସିଂ ରାଣାଙ୍କୁ ୪,୫୩୮ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଦିଲ୍ଲୀ, ପଞ୍ଜାବ, ଗୋଆ, ଗୁଜରାଟ ପରେ ଆପ୍ ୫ମ ରାଜ୍ୟ ଭାବେ ଜମ୍ମୁ-କଶ୍ମୀରର ନିର୍ବାଚନୀ ରାଜନୀତିରେ ପ୍ରବେଶ କରିଛି। ଦଳ ଆବାହକ ଅରବିନ୍ଦ କେଜ୍‌ରିୱାଲ ଡୋଡାର ବିଜୟୀ ପ୍ରାର୍ଥୀ ମଲିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାଜପାର ଏକମାତ୍ର ମହିଳା ପ୍ରାର୍ଥୀ ଶଗୁନ ପରିହାର କିସ୍ତୱାର ଆସନରୁ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନ୍ୟାଶନାଲ କନ୍‌ଫରେନ୍ସ ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ସାଜଦ ଅହମଦ କିଚ୍‌ଲୁଙ୍କୁ ପରାଜିତ କରିଛନ୍ତି। ୫ ବର୍ଷ ପୂର୍ବେ ଆତଙ୍କବାଦୀ ଆକ୍ରମଣରେ ଶଗୁନ ତାଙ୍କ ବାପା ଓ ଦାଦାଙ୍କୁ ହରାଇଥିଲେ। ଉକ୍ତ ଅଞ୍ଚଳର ସୁରକ୍ଷା ପାଇଁ ଆନ୍ଦୋଳନ ଜାରି ରଖିବେ ବୋଲି ସେ କହିଛନ୍ତି।




## ହାରିଗଲେ ୨୦୧୯ ନିର୍ବାଚନର କିଙ୍ଗ୍‌ମେକର

୨୦୧୯ ହରିୟାଣା ବିଧାନସଭା ନିର୍ବାଚନରେ କିଙ୍ଗ୍‌ମେକର ଭୂମିକା ନେଇଥିବା ଜନନାୟକ ଜନତା ପାର୍ଟି (ଜେଜେପି) ଏଥର ଖାତା ଖୋଲିପାରି ନାହିଁ। ଗତ ମାର୍ଚ୍ଚରେ ଭାଜପା ସହ ମେଣ୍ଟ ଭାଙ୍ଗିବା ପରେ ଏହି ଦଳକୁ ଶୋଚନୀୟ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ଦଳର


ଦୁଷ୍ୟନ୍ତ ଚୌଟାଲା

ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଦୁଷ୍ୟନ୍ତ ଚୌଟାଲା ଉଚାନା କଲାଣ ଆସନରୁ ହାରିଯାଇଛନ୍ତି। ଏହି ଆସନରୁ ଭାଜପା ପ୍ରାର୍ଥୀ ଦେବେନ୍ଦ୍ର ଚତର ଭୁଜ୍ ଅତ୍ରିଙ୍କ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବ୍ରିଜେନ୍ଦ୍ର ସିଂଙ୍କଠାରୁ ୩୨ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଚୌଟାଲା ପଞ୍ଚମ ସ୍ଥାନରେ ରହିଛନ୍ତି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: ଚଳିତ ସପ୍ତାହ କାରବାରର ଦିନକ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୫୮୪.୮୧ ପଏଣ୍ଟ ବଢ଼ି ୮୧,୬୩୪.୮୧ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୨୧୭.୪୦ ପଏଣ୍ଟ ବୃଦ୍ଧି ଘଟି ୨୫,୦୧୩.୧୫ ଅଙ୍କରେ କାରବାର ଶେଷ ହୋଇଥିଲା।

# ପାର୍ବଣ ଶପିଙ୍ଗ୍‌ରେ ସୋସିଆଲ ମିଡିଆର ପ୍ରଭାବ

**ନୂଆଦିଲ୍ଲୀ,୮।୧୦**

ଚଳିତ ପାର୍ବଣ ଋତୁରେ ବ୍ୟବସାୟ ବୃଦ୍ଧି ପାଇଁ ଉଭୟ ଇ କମର୍ସ ଓ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଶପରମାନେ ସୋସିଆଲ ମିଡିଆକୁ ବେଶ୍ ଗୁରୁତ୍ୱ ଦେଇଥିଲେ। ଏପରିକି ଏଆଇ, କୁଇକ୍ କମର୍ସ, ମାଇକ୍ରୋ-ଇନ୍‌ଫ୍ଲୁଏନ୍ସର ଓ ଆଞ୍ଚଳିକ ଭାଷା କଣ୍ଟେଣ୍ଟ ଦ୍ୱାରା ସେମାନଙ୍କର ବ୍ୟବସାୟ ବା ପାର୍ବଣ ଶପିଙ୍ଗ୍ ବେଶ୍ ତ୍ୱରାନ୍ୱିତ ହୋଇଛି ବୋଲି ମେଟା ପକ୍ଷରୁ କୁହାଯାଇଛି। ସେହିଭଳି ସମ୍ପୂର୍ଣ୍ଣ ଉତ୍ସାହ ସହ ପାର୍ବଣ ଋତୁ ଆରମ୍ଭ ହୋଇଥିବାବେଳେ ମେଟା ପକ୍ଷରୁ ପ୍ରଚଳିତ ଫେଷ୍ଟିଭ ଟ୍ରେଣ୍ଡ ଉପରେ ବ୍ରାଣ୍ଡ୍ ଅଧ୍ୟୟନର ତଥ୍ୟଗୁଡ଼ିକୁ ନିକଟରେ ଅନାବରଣ (ଉନ୍ମୋଚନ) କରାଯାଇଛି। ଏପରିକି ମେଟା ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏବଂ ୨୦୨୪ ସେପ୍ଟେମ୍ବରରେ ଅଗ୍ରଣୀ ଉପଭୋକ୍ତା ଅନୁସନ୍ଧାନ ପ୍ଲାଟ୍‌ଫର୍ମ କଞ୍ଜ୍ୟୁମର ଇନ୍‌ସାଇଟ ପ୍ଲାଟ୍‌ଫର୍ମ ଜିଡବ୍ଲ୍ୟୁଆଇ ଦ୍ୱାରା ପରିଚାଳନା କରାଯାଇଥିବା ଏହି ଅଧ୍ୟୟନ ଚଳିତ ବର୍ଷର ପାର୍ବଣ ଶପିଙ୍ଗ୍ ଟ୍ରେଣ୍ଡ ଉପରେ ଆଲୋକପାତ କରିଛି।

ଏ ନେଇ ମେଟାର ଆଡ୍‌ସ ବିଜ୍‌ନେସ୍ (ଇଣ୍ଡିଆ) ବିଭାଗର ନିର୍ଦ୍ଦେଶକ ଓ ମୁଖ୍ୟ ଅରୁଣ ଶ୍ରୀନିବାସ କହିଛନ୍ତି, ଭାରତରେ ପାର୍ବଣ ଶପିଙ୍ଗ୍ ଟ୍ରେଣ୍ଡ ଏକ ନାଟକୀୟ ପରିବର୍ତ୍ତନର ସମ୍ମୁଖୀନ ହେଉଥିବାବେଳେ ଏଆଇ, କୁଇକ୍ କମର୍ସର ଗ୍ରହଣୀୟତା, ମାଇକ୍ରୋ ଇନ୍‌ଫ୍ଲୁଏନ୍ସରଙ୍କ ବୃଦ୍ଧି ଓ ଆଞ୍ଚଳିକ ଭାଷାର କଣ୍ଟେଣ୍ଟ ପାର୍ବଣ କ୍ରୟଗୁଡ଼ିକୁ ପ୍ରଭାବିତ କରିବା କ୍ଷେତ୍ରରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବୋଲି ଏହି ଅଧ୍ୟୟନ ସ୍ପଷ୍ଟ ଭାବେ ଦର୍ଶାଇଛି। ଅପରପକ୍ଷରେ ଇ- କମର୍ସ ବୃଦ୍ଧି ପାଉଛି ଓ କୁଇକ୍ କମର୍ସ ନୂତନ ବର୍ଗଗୁଡ଼ିକୁ ସମ୍ପ୍ରସାରିତ ହେଉଛି ଏବଂ ଇଲେକ୍‌ଟ୍ରୋନିକ୍ସ କ୍ରୟ କରୁଥିବା ପ୍ରତି ୪ ରୁ ଜଣେ ଗ୍ରାହକ ଓ ପର୍ସନାଲ କେୟାର କ୍ରୟ କରୁଥିବା ପ୍ରତି ୩ରୁ ଜଣେ ଗ୍ରାହକ କୁଇକ୍ କମର୍ସ ମାଧ୍ୟମରେ ଉତ୍ପାଦ କ୍ରୟ କରୁଛନ୍ତି। ଚଳିତ ବର୍ଷ ୫୦%ରୁ ଅଧିକ ଫେଷ୍ଟିଭ ସିଜନ ଶପରମାନେ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ମାଧ୍ୟମରେ ଅଧିକ କ୍ରୟ କରିବା ପାଇଁ ଆଶା ରଖିଛନ୍ତି। ଏପରିକି ପାର୍ବଣ କ୍ରୟଗୁଡ଼ିକୁ ପରିଚାଳନା କରିବା କ୍ଷେତ୍ରରେ ୧୦,୦୦୦ରୁ ୧ ଲକ୍ଷ ଫଲୋଅର ଥିବା ମାଇକ୍ରୋ ଇନ୍‌ଫ୍ଲୁଏନ୍ସରମାନେ ବେଶ୍ ସକ୍ରିୟ ଥିଲାବେଳେ ୧ଲକ୍ଷରୁ ୧ମିଲିୟନ ଫଲୋଅର ଥିବା ମାକ୍ରୋ ଇନ୍‌ଫ୍ଲୁଏନ୍ସରଙ୍କ ଭଳି ସେମାନେ ମଧ୍ୟ ପ୍ରଭାବଶାଳୀ ହୋଇଛନ୍ତି। ପାର୍ବଣ ଋତୁ ସମୟରେ ବ୍ରାଣ୍ଡ, ଡିଲ୍ ଓ ସେଲ୍‌ସ ଇଭେଣ୍ଟଗୁଡ଼ିକର ଅନ୍ୱେଷଣ କରିବା ପାଇଁ ଇନ୍‌ଫ୍ଲୁଏନ୍ସରଙ୍କ ଉପରେ ନିର୍ଭର କରୁଥିବା ଶପରଙ୍କ ମଧ୍ୟରୁ ୪୦% ଉପଭୋକ୍ତା ମାଇକ୍ରୋ-ଇନ୍‌ଫ୍ଲୁଏନ୍ସରଙ୍କ ଦ୍ୱାରା ନିର୍ଭରଶୀଳ ଥିଲାବେଳେ ୩୯% ମାକ୍ରୋ-ଇନ୍‌ଫ୍ଲୁଏନ୍ସରଙ୍କ ଦ୍ୱାରା ଓ ୨୩% ନାନୋ-ଇନ୍‌ଫ୍ଲୁଏନ୍ସରଙ୍କ (୧୦,୦୦୦ରୁ କମ ଫଲୋଅର୍ସ) ଦ୍ୱାରା ପ୍ରଭାବିତ ହେଉଛନ୍ତି ବୋଲି ଉକ୍ତ ଅଧ୍ୟୟନରେ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି।

# ଡାଏଲ୍ ୪୨୪୨ ସହ ଆମାଜନ୍‌ର ବୁଝାମଣା

**ନୂଆଦିଲ୍ଲୀ,୮।୧୦**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଡାଏଲ୍ ୪୨୪୨ ଏବଂ ଆମାଜନ୍ ଇଣ୍ଡିଆ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏହି ବୁଝାମଣା ଅନୁଯାୟୀ ଉଭୟ ସଂସ୍ଥାର ମିଳିତ ସହଭାଗିତାରେ ଡେଲିଭରି ଆସୋସିଏଟସ୍‌ଙ୍କ ପାଇଁ ଆମାଜନ୍ ଆମ୍ବୁଲାନ୍ସ ସେବା ଆରମ୍ଭ କରିଛି। ଏହି ପଦକ୍ଷେପ ନିରାପତ୍ତା ବ୍ୟବସ୍ଥାକୁ ବଢ଼ାଉଛି ଏବଂ ଡେଲିଭରି ସହଯୋଗୀଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଉଛି। ଏହାବ୍ୟତୀତ ଆମାଜନ୍ ୬ ମାସର ଏକ ବ୍ୟାପକ ସ୍ୱାସ୍ଥ୍ୟ ଅଭିଯାନ ଆରମ୍ଭ କରିଛି,ଯେଉଁଥିରେ ଡେଲିଭରି ସର୍ଭିସ୍ ପାର୍ଟନର ଏବଂ ସେମାନଙ୍କର ଡେଲିଭରି ସହଯୋଗୀ, ଆଇ ହାଭ୍ ସ୍ପେସ୍ ଏବଂ ଫ୍ଲେକ୍ସ ପ୍ରୋଗ୍ରାମ ଜରିଆରେ ୫୦,୦୦୦ରୁ ଅଧିକ ସହଯୋଗୀ ଉପକୃତ ହୋଇଛନ୍ତି।

ଏ ସମ୍ପର୍କରେ ଆମାଜନ୍ ଲଜିଷ୍ଟିକ୍ସ ଇଣ୍ଡିଆର ଉପାଧ୍ୟକ୍ଷ ଡା.କରୁଣା ଶଙ୍କର ପାଣ୍ଡେ କହିଛନ୍ତି, ଡାଏଲ୍ ୪୨୪୨ ସହଯୋଗରେ ଉତ୍ସର୍ଗୀକୃତ ଆମ୍ବୁଲାନ୍ସ ସେବା ଆରମ୍ଭ କରିବା ଜରୁରିକାଳୀନ ପରିସ୍ଥିତିରେ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଏପରିକି ମାଗଣା ଚିକିତ୍ସା ଶିବିର ଆୟୋଜନ କରି ଆମେ ମ୍ୟାଟରନିଟି ସହାୟତା ସମେତ ବୀମା ସୁବିଧା ସମ୍ପର୍କରେ ସହଯୋଗୀମାନଙ୍କୁ ଶିକ୍ଷିତ କରି ଏକ ଦୃଢ଼ ସହାୟତା ବ୍ୟବସ୍ଥା ସୃଷ୍ଟି କରୁଛୁ।

ସେହିଭଳି ଡାଏଲ୍ ୪୨୪୨ର ସହ-ପ୍ରତିଷ୍ଠାତା ଜିତେନ୍ଦ୍ର ଲାଲ୍‌ୱାନି କହିଛନ୍ତି,ସାରା ଭାରତରେ ଡେଲିଭରି ସହଯୋଗୀମାନଙ୍କୁ ଆମର ଦ୍ରୁତ ଏବଂ ନିର୍ଭରଯୋଗ୍ୟ ଆମ୍ବୁଲାନ୍ସ ସେବା ପ୍ରଦାନ କରିବା ପାଇଁ ଆମାଜନ ଇଣ୍ଡିଆ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏହି ସହଯୋଗ ଠିକ୍ ସମୟରେ ଚିକିତ୍ସା ସହାୟତା ପ୍ରଦାନକରି ଡେଲିଭରି କର୍ମଚାରୀଙ୍କ ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ସୋନାଲିକାର ସର୍ବୋଚ୍ଚ ଘରୋଇ ୱାଇଟିଡି ବିକ୍ରି ରେକର୍ଡ

**ନୂଆଦିଲ୍ଲୀ,୮।୧୦**



ଚଳିତ ଆର୍ଥିକ ବର୍ଷରେ ଭାରତର ୧ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ 'ସୋନାଲିକା' ଏକ ନୂତନ କାର୍ଯ୍ୟଦକ୍ଷତା ବେଞ୍ଚମାର୍କ ସ୍ଥାପନ କରିଛି। ଏପରିକି ପାର୍ବଣ ଋତୁ ପୂର୍ବରୁ କମ୍ପାନୀ ୬୩,୧୩୬ଟି ଟ୍ରାକ୍ଟରର ଏକ ସର୍ବୋଚ୍ଚ ଘରୋଇ ଇୟର ଟୁ ଡେଟ୍(ୱାଇଟିଡି) ବିକ୍ରି ରେକର୍ଡ ହାସଲ ସହ ଘରୋଇ ଶିଳ୍ପରେ ଅଗ୍ରଣୀ ମାର୍କେଟ ଶେୟାର ଭାବେ ନିଜର ସ୍ଥିତି ବଜାୟ ରଖିଛି। ଶିଳ୍ପ ପ୍ରଦର୍ଶନ ତୁଳନାରେ ୭ଗୁଣ ଅଧିକ ଉଲ୍ଲେଖନୀୟ ପ୍ରଦର୍ଶନ ଏଥିରେ ସାମିଲ ରହିଛି। ଏହା ବିଶ୍ୱର ସବୁଠାରୁ ବଡ଼ ଟ୍ରାକ୍ଟର ବଜାର ପାଇଁ କୃଷକ କୈନ୍ଦ୍ରିକ ଅଭିନବ କୃଷି ସମାଧାନ ପ୍ରଦାନ କରିବା କ୍ଷେତ୍ରରେ ବ୍ରାଣ୍ଡର ନିରନ୍ତର ଉତ୍କର୍ଷକୁ ପ୍ରଦର୍ଶିତ କରୁଛି।

ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ପ୍ରତ୍ୟେକ କୃଷକଙ୍କ ଚାହିଦା ସ୍ୱତନ୍ତ୍ର ରହିଛି ।ତେଣୁ କଷ୍ଟମାଇଜ୍‌ଡ କୃଷି ସମାଧାନ ବିକଶିତ କରିବାରର ଆଭିମୁଖ୍ୟ ମଧ୍ୟ ଜରୁରୀ ହୋଇପଡ଼ିଛି। ଏପରିକି ଏହା ଆମର ଡିଏନ୍ଏରେ ଗଭୀର ଭାବେ ଅନ୍ତର୍ନିହିତ ରହିଛି। ଟ୍ରାକ୍ଟର ଶିଳ୍ପ ପାଇଁ ଆମର ସ୍ୱତନ୍ତ୍ର ପ୍ରସ୍ତାବ ଆମକୁ ୬୩,୧୩୬ଟି ଟ୍ରାକ୍ଟରର ସର୍ବୋଚ୍ଚ ଘରୋଇ ୱାଇଟିଡି ବିକ୍ରି ରେକର୍ଡ କରିବା ଓ ଭାରତରେ ନିରନ୍ତର ଭାବେ ବଜାର ଅଂଶ ହାସଲ କରିବାକୁ ସକ୍ଷମ କରିଛି। ଏଥିରେ ଶିଳ୍ପ ପ୍ରଦର୍ଶନ ତୁଳନାରେ ୭ଗୁଣ ଅଭିବୃଦ୍ଧି ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ୧ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ୍ ଭାବେ ଆମେ ଟ୍ରାକ୍ଟର କ୍ଷେତ୍ରରେ ଭାରତର ଅଭିବୃଦ୍ଧି କାହାଣୀର ନେତୃତ୍ୱ ନେଇ ଆସୁଥିବା ଏକ ଗର୍ବିତ ଘରୋଇ ବ୍ରାଣ୍ଡ୍ । କୃଷକମାନେ ଯେପରି ସର୍ବୋତ୍ତମ ହେଭି ଡ୍ୟୁଟି ଟ୍ରାକ୍ଟରଗୁଡ଼ିକ ସହ ସୁସଜ୍ଜିତ ରହିବେ,ତାହା ସୁନିଶ୍ଚିତ କରିବା ପାଇଁ ଆମେ ପ୍ରସ୍ତୁତ ରହିଛୁ ଏବଂ ଆମେ ଆମର ଅଭିନବ ଯାତ୍ରାକୁ ବଜାୟ ରଖିବୁ। ସେହିଭଳି କଷ୍ଟମାଇଜ୍‌ଡ ଟ୍ରାକ୍ଟର ପ୍ରଦାନ କରିବା ପାଇଁ ସୋନାଲିକାର ଦୃଢ଼ତା ଓ ବେଗ ଏହାକୁ ୧୭ ଲକ୍ଷରୁ ଅଧିକ କୃଷକ ପରିବାର ପାଇଁ ଏକ ପରିଚିତ ନାମରେ ପରିଣତ କରିଛି। କୃଷି ଯାନ୍ତ୍ରିକୀକରଣ ବୃଦ୍ଧି କରିବା ପାଇଁ ବ୍ରାଣ୍ଡର ପ୍ରତିବଦ୍ଧତା,ଭାରତ ସରକାରଙ୍କ ଦୃଷ୍ଟିକୋଣ ସହ ପ୍ରତିଧ୍ୱନିତ୍ୱ କରୁଛି। ସୋନାଲିକା ପକ୍ଷରୁ ଉତ୍ତମ ମୂଲ୍ୟରେ ନୂତନ ଯୁଗର କୃଷି ଟେକ୍ନୋଲୋଜିକୁ ଗ୍ରହଣ କରିବା କ୍ଷେତ୍ରରେ କୃଷକଙ୍କୁ ସହଯୋଗ କରିବା ଓ ସମସ୍ତ ଋତୁରେ ସଫଳତାକୁ ପାଳନ କରିବା ପାଇଁ ଏହାର ବାର୍ଷିକ 'ସୋନାଲିକା ହେଭି ଡ୍ୟୁଟି ଧମାକା'ର ଶୁଭାରମ୍ଭ କରାଯାଇଛି।

# ଭାରତରେ ଅଗଷ୍ଟିନ୍‌ସ ବାଡେରର ଶୁଭାରମ୍ଭ

**ମୁମ୍ବାଇ,୮।୧୦ (ଅଭୟ ଦାଶ)**




ରିଲାଏନ୍ସ ରିଟେଲର ଓମ୍ନି ଚାନେଲ ତଥା ବିୟୁଟି ପ୍ଲାଟ୍‌ଫର୍ମ 'ଟିରା' ପକ୍ଷରୁ ଭାରତରେ ବିଶ୍ୱର ଅଗ୍ରଣୀ ବିଳାସପୂର୍ଣ୍ଣ ସ୍କିନ୍ କେୟାର ଏବଂ ହେୟାର କେୟାର ବ୍ରାଣ୍ଡ୍ 'ଅଗଷ୍ଟିନ୍‌ସ ବାଡେର'ର ଶୁଭାରମ୍ଭ କରାଯାଇଛି। ଉକ୍ତ ବ୍ରାଣ୍ଡ୍ ତା'ର ଅତ୍ୟାଧୁନିକ ବିଜ୍ଞାନ ଆଧାରିତ ସୂତ୍ର ପାଇଁ ବେଶ୍ ପରିଚିତ ଥିଲାବେଳେ ଦୀର୍ଘ ୩୦ବର୍ଷର ଅନୁସନ୍ଧାନ ଏବଂ ଟିଏଫ୍‌ସି ୮ଜ୍ଞାନକୌଶଳ ଉପରେ ଆଧାରିତ ରହିଛି। ସେହିଭଳି ଏହି ଜ୍ଞାନକୌଶଳ ଶରୀରର ପ୍ରାକୃତିକ ଦକ୍ଷତାକୁ ସକ୍ରିୟକରି ତ୍ୱଚାକୁ ଠିକ୍ କରିବା ଏବଂ ପୁନର୍ଜୀବିତ କରିବାରେ ବେଶ୍ ସହାୟକ ହୋଇଥାଏ।

ଏ ସମ୍ପର୍କରେ ଟିରାର ସହ-ପ୍ରତିଷ୍ଠାତା ଭକ୍ତି ମୋଦି କହିଛନ୍ତି, ଆମ ପ୍ଲାଟ୍‌ଫର୍ମର ଉଦ୍ଦେଶ୍ୟ ହେଉଛି, ଭାରତୀୟ ଗ୍ରାହକମାନଙ୍କୁ ଉଭୟ ବିଶ୍ୱ ଏବଂ ଘରୋଇ କ୍ଷେତ୍ରର ଶ୍ରେଷ୍ଠ ବ୍ରାଣ୍ଡଗୁଡ଼ିକ ଉପଲବ୍ଧ କରାଇବା। ଅଗଷ୍ଟିନ୍‌ସ ବାଡେରର ଶୁଭାରମ୍ଭ ଭାରତରେ ଆମର ବିଳାସପୂର୍ଣ୍ଣ ସ୍କିନ୍ କେୟାର ପୋର୍ଟଫୋଲିଓକୁ ଅଧିକ ସଶକ୍ତ କରିବ। ଏହା ଆମ ଗ୍ରାହକମାନଙ୍କ ପାଇଁ ଏକ ଖାସ୍ ସୁଯୋଗ ହୋଇଥିଲାବେଳେ ଗ୍ରାହକଙ୍କ ଚାହିଦା ମଧ୍ୟ ପୂରଣ କରିବ। ସେହିଭଳି ଅଗଷ୍ଟିନ୍ସ ବେଡରର ସିଇଓ ଚାର୍ଲସ ରୋସିୟର କହିଛନ୍ତି, ଟିରା ସହ ଏହି ସହଭାଗିତା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲାବେଳେ ଆମକୁ ବିଶ୍ୱର ସବୁଠାରୁ ଉତ୍ସାହଭରା ସୌନ୍ଦର୍ଯ୍ୟ ବଜାରରେ ପ୍ରବେଶ କରିବାର ଏହା ଆମକୁ ଏକ ସୁଯୋଗ ଦେଉଛି।

ଉଲ୍ଲେଖଯୋଗ୍ୟ, ଅଗଷ୍ଟିନ୍‌ସ ବାଡେର କଲେକ୍ସନ ଟିରାର ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଏବଂ ମୁମ୍ବାଇ, ଦିଲ୍ଲୀ, ହାଇଦ୍ରାବାଦ ଓ ବେଙ୍ଗାଲୁରୁ ଭଳି ପ୍ରମୁଖ ସହରରେ ଅବସ୍ଥିତ ନିର୍ଦ୍ଦିଷ୍ଟ ଟିରା ଷ୍ଟୋରଗୁଡ଼ିକରେ ମଧ୍ୟ ଏହା ଉପଲବ୍ଧ ରହିଛି।

# ଏଚ୍‌ସିଆଇଏଲ୍‌ର ନୂତନ ଅଭିଯାନ

**ନୂଆଦିଲ୍ଲୀ,୮।୧୦**

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଶିଳ୍ପରେ ପ୍ରଥମ ପରିବର୍ଦ୍ଧିତ ୱାରେଣ୍ଟି ସ୍କିମ୍‌ର ଶୁଭାରମ୍ଭ ମଧ୍ୟ ନିକଟରେ ହୋଇଯାଇଛି, ଯେଉଁଥିରେ ୭ବର୍ଷ ପର୍ଯ୍ୟନ୍ତ ଅସୀମିତ କିଲୋମିଟର କଭରେଜ୍ ପ୍ରଦାନ କରୁଛି। ଏହି ଯୁଗାନ୍ତକାରୀ ୱାରେଣ୍ଟି କାର୍ଯ୍ୟକ୍ରମ ଗ୍ରାହକଙ୍କ ବିଶ୍ୱାସରେ ଏକ ନୂଆ ମାନକ ସ୍ଥାପନ କରୁଛି। କାର୍ ମାଲିକମାନେ ଯେତେ ଗାଡ଼ି ଚଳାଇଲେ ମଧ୍ୟ ସେମାନଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ମାନସିକ ଶାନ୍ତି ପ୍ରଦାନ କରୁଛି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2024-T-219

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ସିଗ୍ନାଲ୍ ଗୁମ୍‌ଟି ଗୁଡ଼ିକକୁ ବିଦ୍ୟୁତ୍ ଯୋଗାଣ ବୃଦ୍ଧି ପାଇଁ ପାୱାର କେବୁଲ ଗୁଡ଼ିକର ବୃଦ୍ଧିକରଣ, ପ୍ରତିସ୍ଥାପନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,43,13,335.55, EMD : ₹ 2,21,600/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.04.11.2024ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-605/P/24-25



## OFFICE OF THE SUPERINTENDENT
## SARDAR VALLAVBHAI PATEL POST GRADUATE INSTITUTE OF PEDIATRICS
Health & F.W. Department, Govt. of Odisha
Cuttack - 753002, Tel/Fax: 0671-2508978
E-Mail ID: svppgip_cuttack@rediffmail.com, www.svppgip.org
Letter No. 5146/SVPPGIP, Cuttack Date: 27.09.2024

### TENDER CALL NOTICE

No. E-391: The Superintendent SVPPGIP, Cuttack invites sealed tenders from the dealer/supplier for supply of Medical Instrument and Equipment's to this Institute during the year 2024-25. The last date of receipt of sealed tender by this office will be on or before Dt.15.10.2024 upto 05 P.M. The bid will be received by Regd. Post/Speed Post only. The bid will be two bid systems the technical bid and price bid. The detail list of items with term and condition can be found in tender paper which will be available from the office website: **www.svppgip.org**. The firms have to download the tender paper from the office website. The tender paper cost of Rs.2000/- in the form of BD to be submitted along with technical bid. The bidders should specifically super scribe, **"SUPPLY OF MEDICAL INSTRUMENT AND EQUIPMENTS"** on the top of the outer envelope.

Sd./- Superintendent
SVPPGIP, Cuttack

OIPR-10176/11/0008/2425



## झारखण्ड सरकार
## कार्यपालक अभियंता का कार्यालय
ग्रामीण विकास विशेष प्रमंडल, गिरिडीह

### शुद्धि पत्र

ई– अल्पकालीन निविदा संख्या RDD/SD/GIRIDIH/23/2024-25 जिसका पी0आर0 संख्या 337362 Rural Development(24-25)_D में अपरिहार्य कारणों से तिथि को संशोधित किया जाता है। संशोधित तिथि के अनुरुप ही निविदा की कार्यवाही सुनिश्चित की जाएगी। संशोधित तिथि निम्नवत है :–

1. वेबसाइट में निविदा प्रकाशन की तिथि – 14.10.2024
2. ई–निविदा प्राप्ति की तिथि एवं समय – दिनांक 14.10.2024 से दिनांक 19.10.2024 को अपराह्न 05:00 बजे तक।
3. निविदा खोलने का स्थान – कार्यपालक अभियंता, ग्रामीण विकास विशेष प्रमंडल, गिरिडीह।
4. निविदा खोलने की तिथि एवं समय –21.10..2024 अपराह्न 05.30 बजे।
5. निविदा की अन्य नियम एवं शर्ते यथावत रहेंगी ।

कार्यपालक अभियंता
ग्रामीण विकास विशेष प्रमंडल

PR 338460 Rural Work Department (24-25)_D गिरिडीह



## ODISHA TRIBAL EMPOWERMENT & LIVELIHOODS PROGRAMME PLUS (OTELP PLUS)
## ST & SC DEVELOPMENT, M&BCW DEPARTMENT
2nd Floor, TDCC Building, Rupali Square, Bhubaneswar - 751022

### EMPANELMENT OF SUBJECT MATTER SPECIALIST FOR PSU OTELP PLUS, BHUBANESWAR

No. CAD-1344: Programme Director, OTELP Plus invites applications from eligible candidates for empanelment of **Programme Officer (Livelihoods & Natural Resource Management - Agriculture)** to be positioned in PSU, OTELP Plus purely on contractual basis. Application form along with the detail ToR for the post can be downloaded from the website i.e. **www.otelp.org**. Last date of receipt of applications by Speed Post/Registered Post/Courier Service only is Dt.30.10.2024 upto 5.00 P.M. Only short listed candidates will be called for interview for empanelment.

Programme Director, OTELP Plus reserves the right to accept or reject the applications without assigning any reason thereof.

OIPR-26019/11/0001/2425 Sd./- Programme Director



## कार्यपालक अभियन्ता का कार्यालय
ग्रामीण कार्य विभाग, कार्य प्रमण्डल, लातेहार

### अल्पकालीन ई- निविदा आमंत्रण सूचना

ई–निविदा संख्या :– 07/2024-25/EE/RWD/LATEHAR दिनांक : 05.10.2024

| क्र0 | आईडेंटी फिकेशन सं0/पैकेज सं0 | प्रखंड | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि |
|---|---|---|---|---|---|---|
| 1 | RWD/LATEHAR/28/2024-25 | बालुमाथ | मासीयातु से तरहसी तक पथ निर्माण। | 787.493 | रू0 सात करोड़ सतासी लाख उनचास हजार तीन सौ रूपये मात्र। | 18 माह |

1. वेबसाईट में निविदा प्रकाशन की तिथि : 15.10.2024
2. ई–निविदा प्राप्ति की अंतिम तिथि एवं समय : 21.10.2024 अपराह्न 5:00 बजे तक।
3. निविदा खोलने की तिथि एवं समय : 23.10.2024 अपराह्न 03:30 बजे।
4. निविदा आमंत्रित करने वाले पदाधिकारी का नाम एवं पता, कार्यपालक अभियंता, ग्रामीण कार्य विभाग, कार्य प्रमंडल, लातेहार पिन – 829206।
5. ई–निविदा प्रकोष्ठ का दूरभाष सं0 – 06565245038

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियन्ता
ग्रामीण कार्य विभाग
कार्य प्रमण्डल, लातेहार

PR 338297 REO (24-25)_D



## Govt. of Jharkhand
## ROAD CONSTRUCTION DEPARTMENT
Road Divison , Seraikella-Kharsawan

### Very Short-Term e-Procurement Notice

Tender Reference No. RCD/SERAIKELLA/07
Date :- 07.10.2024

| | | |
|---|---|---|
| 1. | Name of the work | Remaining Work in Construction of High level Bridge (Including Approach Road) over SANJAY RIVER at 7th Km. of SERAIKELLA-KHARSAWAN Road (MDR-144) for the year 2024-25 |
| 2. | Estimated Cost (Rs.) | Rs. 6,42,91,617.25 (Rupees Six Crores Forty Two Lakh Ninety One Thousand Six hundred Seventeen and Paise Twenty Five) only |
| 3. | Time of Completion | 06 (Six) Months |
| 4. | Last Date /Time for receipt of bids | 18.10.2024 (12.00 Noon) |
| 5. | Date of Publication of Tender on website | 09.10.2024 (06.30 PM) |
| 6. | Name & Address of office Inviting tender | Sri Ashok Kumar Rajak, O/o Executive Engineer, Road Construction Department, Road Division, Seraikella-Kharsawan |
| 7. | Contact no. of Procurement Officer | 9199867872 |
| 8. | Helpline number of e-Procurement cell | 0651-2401010 |

Estimated Cost may be increase or decrease
Further details can be seen on website http://jharkhandtenders.gov.in

PR 338399 Road (24-25)D

Executive Engineer
RCD , Road Division Seraikella-Kharsawan



## कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, पाकुड़

### ई– अल्पकालीन निविदा आमंत्रण सूचना

ई0–निविदा संख्या :– 12/ 2024-25/RWD/EE/ PAKUR दिनांक–08.10.2024
कार्य का विवरण– मुख्यमंत्री ग्राम सड़क योजना अन्तर्गत
कार्यपालक अभियंता, ग्रामीण कार्य विभाग, कार्य प्रमंडल, पाकुड़ द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| कसं | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि/अवधि |
|---|---|---|---|---|---|
| 1 | RWD/ PAKUR/ 142/ 2024-25 | बिन्दाडीह आर0ई0ओ0 रोड से श्यामपुर होते हुए पीपरजोरी आर0ई0ओ0 रोड तक पथ निर्माण कार्य। (लं0–2.990 कि0मी0, प्रखंड–हिरणपुर) | 2,78,50,100.00 | दो करोड अठहत्तर लाख पचास हजार एक सौ मात्र | 15 माह |

1. बेवसाईट में निविदा प्रकाशन की तिथि : 15.10.2024
2. ई– निविदा प्राप्ति की अंतिम तिथि एवं समय :– 22.10.2024 अपराहन् 5:00 बजे।
3. निविदा खोलने की तिथि एवं समयः 24.10.2024 अपराहन् 3:30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, पाकुड़।

विस्तृत जानकारी के लिये बेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल, पाकुड़

PR 338455 (Rural Work Department) 24-25 (D)



## Office of the Executive Engineer
## Drinking Water & Sanitation Division, CHATRA
*Email : eedwsd.chatra01@gmail.com*

### Corrigendum

The following changes have been done due to some unavoidable circumstances in Tender Notice No. DWSD/TND/REORG/RPWSS/CH/07/2024-25 (1st Call) Remaining work of Re-organization of Tandwa Rural Pipe Water Supply Scheme "On Turnkey Basis" under D.W & S. Division, CHATRA for the year 2024-25 under (DMFT) published vide P.R. No. – 334744 (DWSD) 2024-25

| Sl. No. | Particular | Previously Published | Amended as follow |
|---|---|---|---|
| 1 | प्राक्कलित राषि (लाख में) | Rs. 13,29,96,000/- (Thirteen Crore Twenty Nine Lac Ninety Six Thousand Only) | Rs. 12,33,05,658/- (Twelve Crore Thirty Three Lac Five Thousand Six Hundred Fifty Eight Only) |
| 2 | अग्रधन की राषि (रूपये में) | Rs. 13,30,000/- (Thirteen Lac Thirty Thousand Only) | Rs. 12,33,500/- (Twelve Lac Thirty Three Thousand Five Hundred Only) |
| 3 | वेबसाईट पर निविदा प्रकाषन की तिथि | 09.09.2024 समय 02:00 बजे अपराहन तक | 17.10.2024 समय 02:00 बजे अपराहन तक |
| 4 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 18.09.2024 समय 05:00 बजे अपराहन तक | 24.10.2024 समय 05:00 बजे अपराहन तक |
| 5 | सरकार के सचिव, सूचना प्रौघोगिकी एवं ई0–गवर्नेस, झारखण्ड मंत्रालय, के ज्ञापांक–120 दिनांक 03.10.2023 के आलोक में विपत्र का मूल्य एवं अग्रधन की राषि Online जमा करने की अंतिम तिथि एवं समय | 18.09.2024 समय 05:00 बजे अपराहन तक | 24.10.2024 समय 05:00 बजे अपराहन तक |
| 6 | तकनीकी बिड खोलने की तिथि एवं समय | 19.09.2024 समय 05:00 बजे अपराहन तक | 25.10.2024 समय 05:00 बजे अपराहन तक |

•Other Terms & condition will be same as mentioned in NIT & B.O.Q

PR 338374 (Drinking Water and Sanitation)24-25*D

Executive Engineer
D.W.&S. Division, CHATRA



## कार्यपालक अभियंता का कार्यालय,
ग्रामीण विकास विशेष प्रमंडल, जमशेदपुर

### अति अल्पकालीन ई0–निविदा आमंत्रण सूचना

अति अल्पकालीन ई0–निविदा सूचना संख्या– **E-RDSD/JSR/09/2024-25/RE/2nd Call**

1.कार्य की विस्तृत विवरणी :

| क्र0 सं0 | कार्य का नाम | प्राक्कलित राशि (रू0) | अग्रधन की राशि (रू0) | परिमाण विपत्र का मूल्य (रू0) | कार्य पूर्ण करने की अवधि |
|---|---|---|---|---|---|
| 1 | पूर्वी सिंहभूम जिला के डुमरिया प्रखण्ड अंतर्गत धोलाबेड़ा पंचायत में ग्राम कारिदा में पुलिया निर्माण। | 3,03,10,300.00 | 6,06,500.00 | 10,000.00 | 18 माह |

2. वेबसाइट में निविदा प्रकाशन की तिथि – 14.10.2024
3. ई–निविदा प्राप्ति की तिथि एवं समय – दिनांक 14.10.2024 से दिनांक 21.10.2024 को अपराह्न 05:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।
5. ई–निविदा खोलने की तिथि एवं समय – 22.10.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
7. ई–निविदा प्रकोष्ठ का दूरभाष सं0 – 09431990319
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,जमशेदपुर

PR 338247 Rural Development(24-25).D



## PANCHAYAT SAMITI OFFICE
## KAMAKHYANAGAR, DHENKANAL
Tel. No.: 06769-270446, e-mail: ori-kamakhyanagar@nic.in
BID IDENTIFICATION NO.: 01/2024-25 Dt.07.10.2024

### TENDER EXTENSION NOTICE

No. i-229: It is hereby notified that, the Tender Notification No. **Panchayat Samiti, Kamakhyanagar - 01/2024-25** for the works as detailed below has been extended for another 07 (Seven) days & last date for tender submission and opening of tender are as follows:

a) Last date of tender submission - 15.10.2024 upto 5.30 P.M.
b) Date of opening - 17.10.2024 at 10.00 A.M.

**NAME OF WORK**

| | | |
|---|---|---|
| 01 | Construction of Additional Classroom at Baunsapal Govt. UPS | Rs.12,48,116.00 |
| 02 | Construction of Additional Classroom at K.Mahuldagar PS | Rs.12,48,116.00 |
| 03 | Construction of Additional Classroom at Nigamananda Govt. High School, Mahulpal | Rs.13,68,371.00 |
| 04 | Construction of Additional Classroom at Sidheswari Govt. High School, R.N. Pur | Rs.13,68,371.00 |

The firms, those who have already submitted their tender need not submit fresh tender. Other terms and conditions remains the same.

Sd./- Block Development Officer
Kamakhyanagar

OIPR-19309/11/0001/2425

**ଆଜି ଶଙ୍ଖଭବନରେ ବିଜେଡି ସଭ୍ୟସଂଗ୍ରହ ଅଭିଯାନ**

**ଭୁବନେଶ୍ୱର,(ଅନିଲ ଦାସ):** ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ ବୁଧବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମତିଥିରେ ଶୁଭାରମ୍ଭ ହେବ। ଏହାକୁ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶଙ୍ଖଭବନଠାରେ ଶୁଭାରମ୍ଭ କରିବେ। ଏଥି ସହିତ ଜିଲା ସଦର ମହକୁମାରେ ଜିଲାର ସମସ୍ତ ନେତୃବୃନ୍ଦ ଭର୍ଚୁଆଲ ମାଧ୍ୟମରେ ଶଙ୍ଖଭବନ କାର୍ଯ୍ୟକ୍ରମ ସହିତ ଯୋଡ଼ିହେବେ। ମଙ୍ଗଳବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ବିଷୟରେ ସୂଚନା ଦିଆଯାଇଛି।

# ହରିୟାଣାରେ ପ୍ରମୁଖ ଆସନରେ ଲଢ଼ିଥିବା ପ୍ରାର୍ଥୀଙ୍କ ଫଳାଫଳ

| ଆସନ | କଂଗ୍ରେସ | ଏଏପି | ଭାଜପା | ସ୍ୱାଧୀନ |
|---|---|---|---|---|
| ଲଡୱା | ନେୱା ସିଂ(୫୪,୧୨୩) | ଯୋଗସିଂ ଉମ୍ରି (୬୩୨) | ନାୟବ ସିଂ ସାଇନି (୭୦,୧୭୭) | |
| ଜୁଲାନା | ଭିନେଶ ଫୋଗଟ୍(୬୫,୦୮୦) | କବିତା ରାଣୀ(୧୨୮୦) | ଯୋଗେଶ କୁମାର(୫୯,୦୬୫) | |
| ଗାରହୀ ସାମ୍ପଲା-କଲୋଇ | ଭୂପିନ୍ଦର ସିଂ ହୁଡ୍ଡା(୧,୦୮,୫୩୯) | ପ୍ରବୀଣ (୮୯୫) | ମଞ୍ଜୁ (୩୭,୦୭୪) | |
| ହିସାର | ରାମନିୱାସ ରାରା(୩୦,୨୯୦) | ସଞ୍ଜୟ ସାତ୍ରୋଦିଆ(୨୦୦୧) | କମଳ ଗୁପ୍ତା(୧୭,୩୮୫) | ସାବିତ୍ରୀ ଜିନ୍ଦଲ (୪୯,୨୩୧) |
| ଅମ୍ବାଲା କ୍ୟାଣ୍ଟ | ପରବିନ୍ଦର ପାଲ ପାରି(୧୪,୪୬୯) | ରାଜ୍ କୌର ଗିଲ୍(୫୨୪) | ଅନିଲ୍ ଭିଜ୍(୫୯,୮୫୮) | ଚିତ୍ରା ସରୱାରା(୫୨,୫୮୧) |
| ଅସାନ୍ଧ | ସାମସର୍ ସିଂ ଯୋଗୀ(୫୨,୪୫୫) | ଅମନ୍‌ଦୀପ ସିଂ ଜୁନ୍ଦଲା(୪୨୯୦) | ଯୋଗୀନ୍ଦର ସିଂ ରାଣା(୫୪,୭୬୧) | |
| ଅମ୍ବାଲା ସିଟି | ନିର୍ମଳ ସିଂ ମୋହରା(୮୪,୪୭୫) | କେତନ ଶର୍ମା (୧୪୯୨) | ଅସୀମ ଗୋଏଲ୍ ନାନେଓଲା(୭୩,୩୪୪) | |
| ଅଟେଲି | ଅନିତା ଯାଦବ(୩୦,୦୩୭) | ସୁନୀଲ ରାଓ(୨୨୦) | ଆରତୀ ସିଂ ରା(୫୭,୭୩୭) | |
| ଆଦାମପୁର | ଚାନ୍ଦ୍ରମୋହନ | | | |



ହରିୟାଣାରେ ଭାଜପାର ବିଜୟ ପରେ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ନେତା ଓ କର୍ମୀମାନେ ଉତ୍ସବ ମନାଉଛନ୍ତି।

# ଏକ ଦେଶ ଏକ ନିର୍ବାଚନ

**ଜିତେନ୍ଦ୍ର କୁମାର ନାୟକ**

ଭାରତରେ 'ୱାନ୍ ନେଶନ ୱାନ୍ ଇଲେକ୍‌ଶନ' ବା 'ଏକ ଦେଶ ଏକ ନିର୍ବାଚନ' ପ୍ରସଙ୍ଗକୁ ନେଇ ଚାରିଆଡ଼େ ଗରମାଗରମ ଆଲୋଚନା ହେଉଛି। ୧୮ ସେପ୍ଟେମ୍ବର ୨୦୨୪ରେ କେନ୍ଦ୍ର କ୍ୟାବିନେଟ ଏହାକୁ ଅନୁମୋଦନ କରିବା ପରେ ଏହାର ସପକ୍ଷବାଦୀ ଓ ବିପକ୍ଷବାଦୀ ନିଜର ମତ ଉପସ୍ଥାପନ କରିଚାଲିଛନ୍ତି। ପ୍ରଥମରେ ଲୋକ ସଭା ସହ ସବୁ ରାଜ୍ୟ ବିଧାନସଭାର ନିର୍ବାଚନ କରାଇବା ପାଇଁ ପ୍ରସ୍ତାବ ରହିଛି। ଏହାର ୧୦୦ ଦିନ ଭିତରେ ଅନ୍ୟସବୁ ସଂସ୍ଥା ଯେଉଁଥିରେ ସାଧାରଣ ଭୋଟର ମତଦାନ କରିଥାଆନ୍ତି ଯଥା ପଞ୍ଚାୟତ ଓ ମ୍ୟୁନିସିପାଲିଟି ଇତ୍ୟାଦିରେ ନିର୍ବାଚନ କରାଇବା ଲାଗି ବ୍ୟବସ୍ଥା କରାଯାଇଛି। ହେଲେ ଏଥିରେ ରାଜ୍ୟ ସଭା କିମ୍ବା ବିଧାନ ପରିଷଦ ନିର୍ବାଚନ ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ମତ ପ୍ରକାଶ ପାଇନାହିଁ।

ଦେଶରେ ଏକକାଳୀନ ନିର୍ବାଚନ ସମ୍ପର୍କରେ ସରକାରଙ୍କ ପ୍ରଥମ ଯୁକ୍ତି ହେଲା ଏହାଦ୍ୱାରା ବିବିଧ ନିର୍ବାଚନ ପାଇଁ ହେଉଥିବା ବିପୁଳ ଖର୍ଚ୍ଚକୁ ରୋକାଯାଇପାରିବ। ଦ୍ୱିତୀୟରେ ବାରମ୍ବାର ନିର୍ବାଚନ ହେଉଥିବାରୁ ସରକାରରେ ଥିବା ରାଜନେତାମାନେ ଲମ୍ବା ସମୟ ପର୍ଯ୍ୟନ୍ତ ପ୍ରଚାରରେ ମାତୁଛନ୍ତି; ଯଦ୍ଦ୍ୱାରା ଶାସନ ନୀତି ଓ ବୈଧାନିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏକାଥରେ ନିର୍ବାଚନ ହୋଇଗଲେ ବାରମ୍ବାର ମତଦେବାକୁ ଯାଇ କ୍ଳାନ୍ତି ଅନୁଭବ କରୁଥିବା ଭୋଟର ମଧ୍ୟ ଆଶ୍ୱସ୍ତ ହେବେ। ଏଥିସହିତ 'ଚାଲ ଭୋଟ ଦେଇଦେବା' ଭଳି ଉତ୍ସାହ ସେମାନଙ୍କଠାରେ ଜନ୍ମିପାରେ। ଫଳରେ ନିର୍ବାଚନରେ ଭୋଟରଙ୍କ ଅଂଶଗ୍ରହଣ ବୃଦ୍ଧି ପାଇପାରେ ବୋଲି ସପକ୍ଷବାଦୀ କହୁଛନ୍ତି। ଅନ୍ୟପକ୍ଷରେ ବିପକ୍ଷବାଦୀଙ୍କ ଯୁକ୍ତି ହେଲା ଏଭଳି ପଦକ୍ଷେପ ସଂଘୀୟ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିବ। ଲୋକ ସଭା ଓ ବିଧାନସଭା ନିର୍ବାଚନରେ ବିଶେଷକରି ଜାତୀୟ ଓ ଆଞ୍ଚଳିକ ପ୍ରସଙ୍ଗ ଗୁରୁତ୍ୱ ପାଇଥାଏ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୯୬୭ ପରଠାରୁ ବିଭିନ୍ନ ସମୟରେ ବିଧାନସଭା ଭଙ୍ଗ ହେଉଥିବାରୁ ସାଧାରଣ ନିର୍ବାଚନ ବୋଲି କୌଣସି ନିର୍ବାଚନ ରହି ନାହିଁ। ସ୍ୱାଧୀନତା ପରେ ସାଧାରଣ ନିର୍ବାଚନର ଅର୍ଥ ଏକସଙ୍ଗେ ଲୋକ ସଭା ଓ ସବୁ ବିଧାନସଭା ନିର୍ବାଚନକୁ ବୁଝାଉଥିଲା। ତାହା କ୍ରମଶଃ ରାଜନୈତିକ ଅସ୍ଥିରତା ଯୋଗୁ ଭାଙ୍ଗି ଚାଲିଲା। ଏପରିକି କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୫୬ ଲାଗୁ କରି ରାଜ୍ୟ ବିଧାନସଭାକୁ ଭାଙ୍ଗିବା ଯୋଗୁ ଗଣତାନ୍ତ୍ରିକ ଉପାୟରେ ଗଢ଼ି ଉଠିଥିବା ସରକାରର ବିଲୟ ଘଟିଛି। ସେଥିପାଇଁ ସଦ୍ୟ ନିର୍ବାଚନର ଆବଶ୍ୟକତା ପଡ଼ିଥିଲା। ସେହିପରି ଶାସକ ଦଳ ଭିତରେ ଫାଟ ସୃଷ୍ଟି ହେଉଥିବା ବେଳେ କିଛି ବିଧାୟକ ଅନ୍ୟ ଦଳକୁ ଡେଇଁ ପଡ଼ିବା ଯୋଗୁ ସରକାର

**ନୀତି**

ଅସ୍ଥିର ହୋଇଯାଇଥାଏ। ଏଭଳି ଅସ୍ୱାଭାବିକତାକୁ ରୋକିବା ଲାଗି ଆଣ୍ଟି ଡିଫେକ୍ସନ ଆଇନ ଥିଲେ ମଧ୍ୟ ବାଚସ୍ପତିଙ୍କ ନିଷ୍ପତ୍ତି ନିର୍ଣ୍ଣାୟକ ହୋଇଥାଏ। ଯେହେତୁ ସାଧାରଣରେ ବାଚସ୍ପତି ଶାସକ ଦଳର ହୋଇଥାଆନ୍ତି, ସେଥିପାଇଁ ଅଧିକାଂଶ ସମୟରେ ତାଙ୍କ ନିଷ୍ପତ୍ତି ଶାସକ ଗୋଷ୍ଠୀ ସପକ୍ଷରେ ଯାଇଥାଏ। ପୁଣି ଏକକାଳୀନ ନିର୍ବାଚନ କଥା କୁହାଯାଇ ଖର୍ଚ୍ଚ କମିବ ବୋଲି ଯାହା ଦର୍ଶାଯାଉଛି ତାହା ମଧ୍ୟ ଯୁକ୍ତିଯୁକ୍ତ ନୁହେଁ। କୌଣସି ବିଧାନସଭାର ଆୟୁଷ ୫ ବର୍ଷ ଧାର୍ଯ୍ୟ କରାଯାଇଥିବା ବେଳେ ତାହାର ଅବଧି ଶେଷର ବହୁପୂର୍ବରୁ ଭାଙ୍ଗିଗଲେ ସଦ୍ୟ ନିର୍ବାଚନ କରିବାକୁ ପଡ଼ିଥାଏ। ଏଭଳି ସ୍ଥଳେ ଲୋକ ସଭା ନିର୍ବାଚନ ସହ ସବୁ ବିଧାନସଭାକୁ ନେଇ ଯିବା ଅତ୍ୟନ୍ତ କଷ୍ଟକର ବ୍ୟାପାର। ରାମନାଥ କୋବିନ୍ଦ କମିଟିର ସୁପାରିସ ଅନୁଯାୟୀ, ଯଦି କୌଣସି ଲୋକ ସଭା କିମ୍ବା ବିଧାନସଭା ୫ ବର୍ଷ ପୂର୍ଣ୍ଣ କାର୍ଯ୍ୟକାଳ ଶେଷ ପୂର୍ବରୁ ଭାଙ୍ଗିଯାଏ, ତାହା ହେଲେ ବାକି ଥିବା ସମୟ ପାଇଁ ନିର୍ବାଚନ ହେବ। ତେବେ ବିଧାନସଭାର ଅବଧି ପରବର୍ତ୍ତୀ ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ରହିବ। ଉଦାହରଣ ସ୍ୱରୂପ ୨୦୨୫ ବେଳକୁ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଯେଉଁ ପାର୍ଟି ସରକାର ଗଢ଼ିବ ତାହାର କାର୍ଯ୍ୟକାଳ ୨୦୨୯ ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ଅର୍ଥାତ୍ ମାତ୍ର ୪ ବର୍ଷ ପାଇଁ ରହିବ। ସେହିପରି ୨୦୨୭ରେ ହେବାକୁ ଥିବା ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନର ଅବଧି ରହିବ ମାତ୍ର ଦୁଇବର୍ଷ। ଅନୁରୂପ ଭାବେ ୨୦୨୮ରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଯେଉଁ ଦଳ ଜିତି ସରକାର ଗଢ଼ିଲେ ମଧ୍ୟ ତାହାର ଅବଧି କେବଳ ୧୨ ମାସ ପାଇଁ ରହିବ। ଏଠାରେ ମନେରଖିବାକୁ ହେବ ଯେ, ଏହି ସମସ୍ୟା କେବଳ ୨୦୨୯ ଲୋକ ସଭା ନିର୍ବାଚନ ସହିତ ଶେଷ ହେଉନାହିଁ। ପରବର୍ତ୍ତୀ ସମୟରେ ଏହି ପ୍ରକାର ସମସ୍ୟା ଲାଗି ରହିବ।

କେନ୍ଦ୍ର ସରକାର କ୍ୟାବିନେଟରେ ଏକକାଳୀନ ନିର୍ବାଚନକୁ ଅନୁମୋଦନ କରି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେବା ନେଇ ଅନେକ ଆହ୍ୱାନ ରହିଛି। ପ୍ରଥମେ ଉଭୟ ସଂସଦ ଓ ବିଧାନସଭାଗୁଡ଼ିକରେ ଏଥିଲାଗି ସମ୍ବିଧାନ ସଂଶୋଧନ ଆଣିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅଭିଭାଷଣ ବେଳେ ଏକକାଳୀନ ନିର୍ବାଚନ ପ୍ରତିଶ୍ରୁତି ପାଳନ କରାଯିବ ବୋଲି କହିଥିଲେ। ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ଅଧିକ ଆସନ ଥିଲେ ମଧ୍ୟ ସମ୍ବିଧାନ ସଂଶୋଧନ ଲାଗି ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଦରକାର। ୫୪୩ ସଦସ୍ୟ ବିଶିଷ୍ଟ ଲୋକ ସଭାରେ ଏନ୍‌ଡିଏ ପାଇଁ ୩୬୪ ଭୋଟ ଦରକାର। ଅଷ୍ଟାଦଶ ଲୋକ ସଭାରେ ଏହାର ରହିଛି ମାତ୍ର ୨୯୩ ଆସନ। ସେହିପରି ରାଜ୍ୟ ସଭାରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ ଲାଗି ୧୬୪ ଭୋଟ ଦରକାର। କିନ୍ତୁ ଏନ୍‌ଡିଏର ଏବେ ରହିଛି ୧୨୧ ସିଟ୍। ତେଣୁ ଏହି ନୀତିକୁ ଗୃହୀତ କରିବା ଲାଗି ଅଣ-ଏନ୍‌ଡିଏର ସହାୟତା ନେବାକୁ ପଡ଼ିବ। ଅତଏବ ଖୁବ୍ ଶୀଘ୍ର ସମ୍ବିଧାନ ସଂଶୋଧନ କରାଯାଇ ଏକକାଳୀନ ନିର୍ବାଚନ କରାଇବା ଏତେ ସହଜ ଓ ଯୁକ୍ତିଯୁକ୍ତ ମନେହେଉ ନାହିଁ।

# ହରିୟାଣାରେ ବିଜୟ ବିକାଶର ନୂଆ ଅଧ୍ୟାୟ ଆରମ୍ଭ କରିବ: ମୋହନ

**ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)**

ହରିୟାଣା ନିର୍ବାଚନ ଫଳାଫଳକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନେତୃତ୍ୱରେ ହରିୟାଣା ବିଧାନସଭା-୨୦୨୪ ନିର୍ବାଚନରେ ବିଜୟ ଲାଗି ସବୁ କାର୍ଯ୍ୟକର୍ତ୍ତାଙ୍କୁ ହୃଦୟରୁ ଶୁଭେଚ୍ଛା। ଆପଣମାନଙ୍କ ସମର୍ପଣ ଭାବ ଏବଂ ପରିଶ୍ରମ ଯୋଗୁ ଏହି ସଫଳତା ମିଳିପାରିଛି। ଗତ ୧୦ ବର୍ଷ ଭିତରେ ଭାଜପାର ଜନକଲ୍ୟାଣକାରୀ ଯୋଜନା ଲଗାତର ୩ୟ ଥର ଲାଗି ହରିୟାଣା ଲୋକଙ୍କ ବିଶ୍ୱାସଭାଜନ କରିପାରିଛି। ଏହି ବିଜୟ ହରିୟାଣାର ବିକାଶର ଆଉ ଏକ ଅଧ୍ୟାୟ ଆରମ୍ଭ କରିବ ବୋଲି ସେ ଉଲ୍ଲେଖ କରିଛନ୍ତି।

ସେହିପରି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟକରି କହିଛନ୍ତି, ହରିୟାଣା ନିର୍ବାଚନର ବିଜୟ ଲାଗି ସମସ୍ତ ସମର୍ପିତ କାର୍ଯ୍ୟକର୍ତ୍ତା, ପଦାଧିକାରୀ ଏବଂ ମତଦାତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। 'ବିକଶିତ ଭାରତ-ବିକଶିତ ହରିୟାଣା' ସଂକଳ୍ପ ରଖିଥିବା ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ନୀତି ଏବଂ ହରିୟାଣା ମୁଖ୍ୟମନ୍ତ୍ରୀଙ୍କ କୁଶଳ ନେତୃତ୍ୱ ସହ ଡବଲ ଇଞ୍ଜିନର ଭାଜପା ସରକାର ଶକ୍ତି ଉପରେ ହରିୟାଣା ଜନତାଙ୍କ ଏହା ହେଉଛି ବିକାଶର ମୋହର।

# ଭିଡିଓ ଭାଇରାଲକୁ ନେଇ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ



ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ ଅନ୍ୟମାନେ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରୁଛନ୍ତି।

**ସାକ୍ଷୀଗୋପାଳ,୮।୧୦ (ପ୍ରଶାନ୍ତ କୁମାର ବାରିକ୍/ କିଶୋର ମହାପାତ୍ର/ ଭରତ ରାଉତ)**

ଗତ କିଛିଦିନ ହେବ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ସହିତ ଜଣେ ଯୁବତୀଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ବେଶ୍ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ସତ୍ୟବାଦୀ ବ୍ଲକ ବିଜେଡି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ବିଜେଡି କର୍ମୀ ମହିଳା ଅସମ୍ମାନକାରୀ ନେତା ହାଏ ହାଏ, ମୋହନ ସରକାର ହାଏ ହାଏ ଆଦି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବିକ୍ଷୋଭକାରୀମାନେ ଏହି ଅବସରରେ ବିଧାୟକଙ୍କ ଫଟୋଚିତ୍ରରେ ଜୋତା ମାଡ଼ କରିଥିଲେ। ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା ବିଧାୟକଙ୍କ ଇସ୍ତଫା ଦାବି କରିଥିଲେ। ଦୁଗଲ ସରପଞ୍ଚଙ୍କ ପ୍ରତିନିଧି କାଳୁଚରଣ କାଣ୍ଡି, ଦୁଗଲ ସମିତି ସଭ୍ୟାଙ୍କ ପ୍ରତିନିଧି ଯୋଗେନ୍ଦ୍ର ଖଟୋଇ, ସତ୍ୟବାଦୀ ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ, ଯୁବ ସଭାପତି ଶରତ ରାଉତ, ପୁରୀ ଜିଲା ବିଜେଡି ସମ୍ପାଦକ ସୁବାସ ପ୍ରଧାନ ପ୍ରମୁଖଙ୍କ ସମେତ ବିଜେଡି ନେତା ଓ କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ। ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ସତ୍ୟବାଦୀ ଆଇଆଇସି ଉମେଶ ଚନ୍ଦ୍ର ସାହୁ, ସତ୍ୟବାଦୀ ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ ଏକ ପ୍ଲାଟୁନ ଫୋର୍ସ ସହ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ବିଧାୟକ ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହି ଘଟଣା ନୂଆ ନୁହେଁ। ନିର୍ବାଚନ ସମୟରେ ବିରୋଧୀ ଗୋଷ୍ଠୀ ଏଭଳି ହୀନ ଉଦ୍ୟମ କରିଥିଲେ। ମାତ୍ର ସତ୍ୟବାଦୀ ଜନସାଧାରଣ ଏହାର ଉଚିତ୍ ଜବାବ୍ ଦେଇଥିଲେ। ଅସହିଷ୍ଣୁ ଲୋକେ ପୁରୁଣା ଭିଡିଓକୁ ମାନିପ୍ୟୁଲେଟ କରି ଅପପ୍ରଚାର କରୁଥିବା ବିଧାୟକ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଙ୍ଗା ଗଲି ଯେତିକି,
ଫଳ ପାଇଲି ସେତିକି।**

ଯେଉଁ ଯାତ୍ରା ବା କାର୍ଯ୍ୟରେ ବ୍ୟକ୍ତିକୁ ଲାଭ ବଦଳରେ କ୍ଷତି ମିଳିଥାଏ ବା ପ୍ରଶଂସା ବଦଳରେ ନିନ୍ଦା ମିଳିଥାଏ, ସେ ଯାତ୍ରା ବା କାର୍ଯ୍ୟ ପ୍ରତି ବ୍ୟକ୍ତି ର ମନ ଛାଡିଯାଇଥାଏ। ତିକ୍ତ ଅଭିଜ୍ଞତା ବ୍ୟକ୍ତିର ମନକୁ ଭାଙ୍ଗିଦେଇଥାଏ ବା ଫିକା କରିଦେଇଥାଏ। ଫଳ ନିଷ୍ଫଳ ହୋଇଯିବାର ପ୍ରକାରାନ୍ତରେ ଅଭିମାନ ପୋଷଣ କରାଯିବା ନେଇ ଏଭଳି ମନ୍ତବ୍ୟ ପ୍ରଦାନ କରାଯାଇଛି।

**ଗଲା ଦିନ କଥା ଯେତେ,
ଭଣଜା ନ ପକା ଚିତ୍ତେ।**

ଗଲା କଥା ଗଲାଣି। ତା' ଉପରେ ଆଉ ଚିନ୍ତା କରିବା ଅନୁଚିତ। ଅତୀତର ତିକ୍ତ ଘଟଣା ମନରେ ବିଷଣ୍ଣତା ଭରି ଦେଇଥାଏ। ଏହାକୁ ଧରି ବସିଲେ ସମ୍ପର୍କର ମଧୁରତା ନଷ୍ଟ ହୋଇଯାଇଥାଏ। ତେଣୁ ଅତୀତର ଘଟିଯାଇଥିବା ଘଟଣାଗୁଡ଼ିକୁ ମନେ ନ ପକାଇବା ପାଇଁ ଏଠାରେ ପରାମର୍ଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

# ଶାରଦା ରାଜ୍ୟ ସଂଯୋଜକ, ଅନନ୍ତ ଓ ଗୋଲକ ସମିତି ସଦସ୍ୟ

**ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର):** ଭାଜପାର ସାଙ୍ଗଠନିକ ମହାପର୍ବ 'ସଦସ୍ୟତା ଅଭିଯାନ-୨୦୨୪' ଗତ ସେପ୍ଟେମ୍ବର ୨ରୁ ଦେଶବ୍ୟାପୀ ଆରମ୍ଭ ହୋଇସାରିଛି। ଓଡ଼ିଶାରେ ଭାଜପାର ସଦ୍ୟସତା ଅଭିଯାନକୁ ଆହୁରି ଆଗକୁ ନେବା ଏବଂ ନୂଆ ସଦସ୍ୟମାନଙ୍କୁ ଦଳରେ ସାମିଲକରିବା ପ୍ରକ୍ରିୟା ଜାରି ରହିଛି। ପ୍ରାଥମିକ ସଦସ୍ୟ ଅଭିଯାନ ସମାପ୍ତି ହେବା ପରେ ସକ୍ରିୟ ସଦସ୍ୟ ପ୍ରକ୍ରିୟା ଆରମ୍ଭ ହେବ। ରାଜ୍ୟରେ ସକ୍ରିୟ ସଦସ୍ୟ ପ୍ରକ୍ରିୟାର ସମୀକ୍ଷା ପାଇଁ ରାଜ୍ୟ ସଭାପତି ମନମୋହନ ସାମଲ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରିଛନ୍ତି। ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ ରାଜ୍ୟ ସକ୍ରିୟ ସଦସ୍ୟ ସମୀକ୍ଷା ସମିତିର ରାଜ୍ୟ ସଂଯୋଜକ ନିଯୁକ୍ତ ହୋଇଛନ୍ତି। ଏମ୍‌ପି ଅନନ୍ତ ନାୟକ ଏବଂ ରାଜ୍ୟ ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର ଏହି ସମିତିର ସଦସ୍ୟ ରହିଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

**ସକ୍ରିୟ ସଦସ୍ୟ ପ୍ରକ୍ରିୟାର ସମୀକ୍ଷା ପାଇଁ ଭାଜପା କମିଟି**

# କଣ୍ଟାବାଞ୍ଜି ବିଧାୟକ ହରାଇଲେ ଶେଷ ସୁଯୋଗ

**କଟକ,୮।୧୦ (କାର୍ତ୍ତିକ ସାହୁ)**

କଣ୍ଟାବାଞ୍ଜି ଭାଜପା ବିଧାୟକ ଲକ୍ଷ୍ମଣ ବାଗଙ୍କ ବିରୋଧରେ ରୁଜୁ ନିର୍ବାଚନୀ ଅନିୟମିତତା ମାମଲାରେ ସେ ଉତ୍ତର ଦାଖଲର ଶେଷ ସୁଯୋଗ ହରାଇଛନ୍ତି। ତାଙ୍କ ବିରୋଧରେ ହୋଇଥିବା ନିର୍ବାଚନୀ ମିଥ୍ୟା ସତ୍ୟପାଠ ଦାଖଲ ମାମଲାରେ ୩ ଥର ନୋଟିସ୍ ପରେ ବି ନୋଟିସ ଗ୍ରହଣ କଲେ ନାହିଁ କି କୋର୍ଟରେ ହାଜର ହୋଇ ଉତ୍ତର ରଖିନାହାନ୍ତି। ଏହାଦ୍ୱାରା ଆଗକୁ କେବଳ ଆବେଦନକାରୀଙ୍କ ତଥ୍ୟ ଉପରେ ମାମଲାର ଶୁଣାଣି ଜାରି ରହିବ ବୋଲି ହାଇକୋର୍ଟ ମତବ୍ୟକ୍ତ କରିଛନ୍ତି। ଆସନ୍ତା ନଭେମ୍ବର ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୨୦୨୪ ସାଧାରଣ ନିର୍ବାଚନରେ ହରାଇଥିବା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ବିରୋଧରେ ସ୍ଥାନୀୟ ଭୋଟର ଗିରିରାଜ ସିଂ ମାଝି ହାଇକୋର୍ଟରେ ଏକ ମାମଲା ଦାଏର କରିଥିଲେ। ଲକ୍ଷ୍ମଣ ବାଗ ପ୍ରାର୍ଥୀପତ୍ର ଦାଖଲବେଳେ ସତ୍ୟପାଠରେ ଭୁଲ ତଥ୍ୟ ଦେଇଥିବାରୁ ତାଙ୍କ ବିଧାୟକ ପଦ ଅସିଦ୍ଧ ଘୋଷଣା କରିବାକୁ ଆବେଦନକାରୀ ଦର୍ଶାଇଥିଲେ।

**୩ ଥର ହାଇକୋର୍ଟଙ୍କ ନୋଟିସ ପରେ ବି ହାଜର ହେଲେନି**



ମଙ୍ଗଳବାର ଅପରାହ୍ନରେ ଉପଗ୍ରହରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବ୍ଲକ ଅଧ୍ୟକ୍ଷଙ୍କ ନାମରେ ପୁଣି ଆଣିଲେ ଅନାସ୍ଥା

**ଭବାନୀପାଟଣା/ ଥୁଆମୂଳ ରାମପୁର, ୮।୧୦ (ଉତ୍ତମ କୁମାର ଦାଶ/ ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଧ୍ୟକ୍ଷଙ୍କ ନାମରେ ପୁଣି ଅନାସ୍ଥା ଅଭିଯୋଗ ଆସିଛି। ଗତ ୨୭ ତାରିଖରେ ବ୍ଲକ୍‌ର କେତେଜଣ ସମିତି ସଭ୍ୟାସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣି ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗ ପତ୍ରରେ ଏକ ତୃତୀୟାଂଶ ସଂଖ୍ୟା ନ ଥିବାରୁ ଏହା ଖାରଜ ହୋଇଥିବା ଜଣାପଡିଛି। ଫଳରେ ମଙ୍ଗଳବାର ଦ୍ୱିତୀୟ ଥର ପାଇଁ ବ୍ଲକ ଅଧ୍ୟକ୍ଷଙ୍କ ନାମରେ ସ୍ଥାନୀୟ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚ ଅନାସ୍ଥା ପ୍ରସ୍ତାବ ଆଣି ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ପୂର୍ବରୁ କେବଳ ସମିତି ସଭ୍ୟ ରହିଥିବାବେଳେ ଏଥର କିନ୍ତୁ ବ୍ଲକର ସରପଞ୍ଚମାନେ ସାମିଲ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ବ୍ଲକରେ ଠିକ୍ ସମୟରେ ପଞ୍ଚାୟତ ସମିତି ବୈଠକ ହେଉନାହିଁ। ପ୍ରାୟ ଦେଢବର୍ଷ ପରେ କିଛିଦିନ ତଳେ ପଞ୍ଚାୟତ ସମିତି ବୈଠକ ହୋଇଥିଲା। ଏଥିରେ ପୁଣି ବ୍ଲକ ଅଧ୍ୟକ୍ଷ ଉପସ୍ଥିତ ନ ଥିଲେ। ଏହାଦ୍ୱାରା ସେମାନେ ନିଜ ଅଞ୍ଚଳର ସମସ୍ୟା ବିଷୟରେ ଆଲୋଚନା କରିପାରୁନାହାନ୍ତି। ବ୍ଲକ ଅଧ୍ୟକ୍ଷ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଖସଡା ତିଆରି କରି ମନଇଚ୍ଛା କାର୍ଯ୍ୟ କରୁଥିବା ଅଭିଯୋଗ ଆଣିଛନ୍ତି। ସେହିପରି କେହି ଅଭିଯୋଗ କଲେ ସେମାନଙ୍କୁ ନାଲି ଆଖି ଦେଖାଉଛନ୍ତି। ଫଳରେ ସେମାନେ (ବିଜେଡି ସମର୍ଥିତ) ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ମାଝୀଙ୍କ ନେତୃତ୍ୱରେ ସମିତିସଭ୍ୟ ଓ ସରପଞ୍ଚମାନେ ଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ତେବେ ଜିଲାପାଳ ଉପସ୍ଥିତ ନ ଥିବାରୁ ଏହାକୁ ସହକାରୀ ଜିଲାପାଳ ଗ୍ରହଣ କରିଥିଲେ। ପ୍ରକାଶ ଯେ, ଥୁଆମୂଳ ରାମପୁର ବ୍ଲକରେ ୨୪ ପଞ୍ଚାୟତ ରହିଛି।

**ପ୍ରଥମ ଥର ଖାରଜ ହୋଇଥିଲା**



ଅନାସ୍ଥା ଆଣିଥିବା ଥୁଆମୂଳ ରାମପୁର ବ୍ଲକର ସମିତି ସଭ୍ୟ/ସରପଞ୍ଚ।

# ୨୦୦ କୋଟିର ଜିଏସ୍‌ଟି ଠକେଇ

## ୧୪ ସ୍ଥାନରେ ଚଢ଼ାଉ, ୩୩ ଗିରଫ


ମହେଶ ଲାଙ୍ଗା




ଅହମଦାବାଦ, ୮।୧୦

ଅହମଦାବାଦ କ୍ରାଇମବ୍ରାଞ୍ଚ ପକ୍ଷରୁ ଜିଏସ୍‌ଟି ଠକେଇ ବିରୋଧରେ ବଡ଼ ଅଭିଯାନ ଆରମ୍ଭ ହୋଇଛି। ଅହମ୍ମଦାବାଦ, ଜୁନାଗଡ଼, ସୁରଟ, ଖେଡ଼ା, ଭାବନଗର ଆଦି ସମେତ ଗୁଜରାଟର ୧୪ସ୍ଥାନରେ ଏହି ଚଢ଼ାଉ ହୋଇଛି। ଚଢ଼ାଉ ପରେ ୧୨ଟି ନକଲି ସଂସ୍ଥା ସହ ଜଡ଼ିତ ୩୩ ଜଣଙ୍କୁ ଗିରଫ କରାଯାଇଛି। ଡିରେକ୍ଟୋରେଟ୍ ଜେନେରାଲ ଅଫ୍ ଗୁଡସ୍ ଆଣ୍ଡ ସର୍ଭିସ୍ ଟାକ୍ସ (ଡିଜିଜିଆଇ)ର ଗୋଇନ୍ଦା ଆଧାରରେ କରାଯାଇଥିବା ଏହି କାର୍ଯ୍ୟାନୁଷ୍ଠାନରେ ନକଲି ଇନ୍‌ପୁଟ ଟାକ୍ସ କ୍ରେଡିଟ ଓ ନକଲି ଇନ୍‌ଭଏସ ସହ ଜଡ଼ିତ ୨୦୦ କୋଟି ଟଙ୍କା ଦୁର୍ନୀତିର ଖୁଲାସା ହୋଇଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ମହେଶ ଲାଙ୍ଗା ନାମକ ଜଣେ ଖବରଦାତା ରହିଛନ୍ତି। ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ନକଲି ସଂସ୍ଥାଗୁଡ଼ିକୁ ପଞ୍ଜୀକୃତ କରି ଟାକ୍ସ କ୍ରେଡିଟ୍ ପାଉଥିବା ନେଇ ତାଙ୍କ ନାମରେ ଅଭିଯୋଗ ରହିଛି। ଗୋଟିଏ ଦିନ ପୂର୍ବରୁ ସେ ଜିଏସ୍‌ଟି ବ୍ୟବସ୍ଥାକୁ ସର୍ବସାଧାରଣରେ ସମାଲୋଚନା କରିଥିଲେ। ପଞ୍ଜୀକରଣ ସମ୍ବନ୍ଧୀୟ ସମସ୍ୟାକୁ ନେଇ ସେ ଟୁଇଟ୍ କରିବା ସହ ଭାରତରେ ବ୍ୟବସାୟ କରିବାର ସହଜତା ଉପରେ ବ୍ୟଙ୍ଗାତ୍ମକ ମନ୍ତବ୍ୟ ଦେଇଥିଲେ। ତେଣୁ ତାଙ୍କର ଗିରଫଦାରି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ଡିଜିଜିଆଇର ଜୋନାଲ ଡାଇରେକ୍ଟର ହିମାଂଶୁ ଜୋଶୀଙ୍କ ଦ୍ୱାରା ଅହମଦାବାଦ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରାଯିବା ପରେ ଏହି ତଦନ୍ତ ଆରମ୍ଭ ହୋଇଥିଲା। ଧ୍ରୁବ୍ ଏଣ୍ଟରପ୍ରାଇଜେସ୍ ନାମକ ଏକ ନକଲି କମ୍ପାନୀ ଦେଶବ୍ୟାପୀ ୨୦୦ରୁ ଅଧିକ ନକଲି ଫାର୍ମ ସୃଷ୍ଟି କରି ଅନେକ କୋଟି ଟଙ୍କା ମୂଲ୍ୟର ନକଲି ବିଲ୍ ତିଆରି କରିଥିବା ନେଇ ଜୋଶୀ ଅଭିଯୋଗ କରିଥିଲେ। ଜିଏସ୍‌ଟି ନମ୍ବର ପାଇବା ପାଇଁ ଏକ ଜାଲ ଲିଜ୍ ଚୁକ୍ତି ଅହମଦାବାଦ ଜିଏସ୍‌ଟି ବିଭାଗରେ ଅନ୍‌ଲାଇନରେ ଦାଖଲ ହୋଇଥିବା ନେଇ ଅଭିଯୋଗ ହୋଇଥିଲା, ଯାହାକୁ ନେଇ ଏକ ବଡ଼ ଧରଣର ଆପରାଧିକ ଷଡ଼ଯନ୍ତ୍ର ରଚା ଯାଇଥିବା ଅନୁମାନ କରାଯାଉଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୨୩ ମେ'ରୁ ୨୦୨୪ ମଧ୍ୟରେ ଏହି ଦୁର୍ନୀତିରେ କେବଳ ଗୁଜରାଟରୁ ମୋଟ ୫୦ ହଜାର କୋଟିରୁ ଅଧିକ ଜାଲିଆତି ବିଲ୍ ପ୍ରସ୍ତୁତ ହୋଇଥିବା ଅନୁମାନ କରାଯାଉଛି। ଏହି ମାମଲାରେ ଦାଖଲ ହୋଇଥିବା ଏଫ୍‌ଆଇଆର୍‌ରେ ଅନେକ କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କୁ ସହଅଭିଯୁକ୍ତ ଭାବେ ତାଲିକାଭୁକ୍ତ କରାଯାଇଛି। ଠକେଇର ସମ୍ପୂର୍ଣ୍ଣ ପରିମାଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି। କେନ୍ଦ୍ରୀୟ ଜିଏସ୍‌ଟି, ଇଓଡବ୍ଲ୍ୟୁ, ଏସ୍‌ଓଜି ଓ ବହୁ ଅନ୍ୟ ଏଜେନ୍ସି ଏହି ତଦନ୍ତରେ ସାମିଲ ହୋଇଛି। ତଦନ୍ତ ଆଗକୁ ବଢ଼ିବା ପରେ ଗିରଫ ସଂଖ୍ୟା ବଢ଼ିବ ବୋଲି ଅନୁମାନ କରାଯାଉଛି।

# ୫୦ ବରିଷ୍ଠ ଡାକ୍ତରଙ୍କ ସାମୂହିକ ଇସ୍ତଫା


କୋଲକାତାରେ ଜୁନିୟର ଡାକ୍ତରମାନେ ଆମରଣ ଅନଶନରେ ବସିଛନ୍ତି।

## ଆର୍.ଜି. କର ମେଡିକାଲ କଲେଜ

କୋଲକାତା, ୮।୧୦

କୋଲକାତାର ଆର୍.ଜି. କର୍ ମେଡିକାଲ କଲେଜର ୫୦ ଜଣ ବରିଷ୍ଠ ଡାକ୍ତର ସାମୂହିକ ଇସ୍ତଫା ଦେଇଛନ୍ତି। ଜୁନିୟର ଡାକ୍ତରଙ୍କର ଚାଲିଥିବା ଆମରଣ ଅନଶନକୁ ସମର୍ଥନ କରି ଏକଜୁଟତା ଦେଖାଇବା ପାଇଁ ସେମାନେ ଇସ୍ତଫା ଦେଇଛନ୍ତି। ମଙ୍ଗଳବାର ସକାଳେ ମେଡିକାଲ କଲେଜର ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ବୈଠକରେ ସାମୂହିକ ଇସ୍ତଫା ନେଇ ନିଷ୍ପତ୍ତି ନିଆଯାଇଥିଲା ବୋଲି ଇସ୍ତଫା ଦେଇଥିବା ଜଣେ ବରିଷ୍ଠ ଡାକ୍ତର ସୂଚନା ଦେଇଛନ୍ତି। ହସ୍ପିଟାଲର ପ୍ରାୟ ୫୦ ଜଣ ବରିଷ୍ଠ ଡାକ୍ତର ଇସ୍ତଫା ପତ୍ରରେ ସ୍ୱାକ୍ଷର କରିଥିଲେ। ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ ଚାଲିଥିବାବେଳେ ଏଥିରେ ଏକତା ପ୍ରଦର୍ଶନ ପାଇଁ ସେମାନେ ସମୂହ ଇସ୍ତଫା ପ୍ରଦାନ କରିଛନ୍ତି। ଆର.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ବଳାତ୍କାରର ଶିକାର ହୋଇଥିବା ମହିଳା ଡାକ୍ତରଙ୍କୁ ନ୍ୟାୟ ଦାବିରେ ଜୁନିୟର ଡାକ୍ତରଙ୍କ ପକ୍ଷରୁ ଗତ ୪ ଦିନ ହେଲା ଆମରଣ ଅନଶନ ଜାରି ରହିଛି। ସେହିପରି ରାଜ୍ୟରେ ଦୁର୍ନୀତିଗ୍ରସ୍ତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସମାପ୍ତ କରିବାକୁ ମଧ୍ୟ ସେମାନେ ଦାବି କରୁଛନ୍ତି। ତେବେ ଆନ୍ଦୋଳନରତ ଜୁନିୟର ଡାକ୍ତରଙ୍କ ଦାବି ପୂରଣ ଏବଂ ସେମାନଙ୍କ ଅନଶନକୁ ସମାପ୍ତ କରିବା ପାଇଁ ବର୍ତ୍ତମାନ ସୁଦ୍ଧା ପଶ୍ଚିମବଙ୍ଗ ସରକାରଙ୍କ କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ହରିୟାଣାରେ ଖାତା ଖୋଲିପାରିଲାନି ଆପ୍

ଚଣ୍ଡିଗଡ଼, ୮।୧୦

ହରିୟାଣା ବିଧାନସଭା ନିର୍ବାଚନରେ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ଶକ୍ତ ଧକ୍କା ଲାଗିଛି। ରାଜ୍ୟରେ ଏହି ଦଳ ଖାତା ଖୋଲିପାରି ନାହିଁ। ଆପ୍ ରାଜ୍ୟ ଶାଖା ଉପସଭାପତି ଅନୁରାଗ ଧଣ୍ଡା କଲାୟତ ଆସନରେ ସପ୍ତମ ସ୍ଥାନରେ ରହି ଶୋଚନୀୟ ପରାଜୟ ବରଣ କରିଛନ୍ତି। ଦିଲ୍ଲୀ ଓ ପଞ୍ଜାବରେ କ୍ଷମତାରେ ଥିବା ଆପ୍ ଲୋକ ସଭା ନିର୍ବାଚନରେ ସଫଳ ହୋଇ ନ ଥିଲା। ହରିୟାଣା ବିଧାନସଭା ନିର୍ବାଚନରେ ଏହାର ଜଣେ ହେଲେ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟକୁ ଆସିପାରି ନାହାନ୍ତି। କଂଗ୍ରେସ ସହ ଆସନ ବୁଝାମଣା ହୋଇ ନ ପାରିବାରୁ ଆପ୍ ଏକାକୀ ନିର୍ବାଚନ ଲଢ଼ିଥିଲା। ଏପରିକି ପ୍ରଚାର ବେଳେ ଦଳର ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲ କହିଥିଲେ, ତାଙ୍କୁ ୩/୪ ମାସ ପୂର୍ବରୁ ଜେଲରୁ ମୁକ୍ତ କରାଯାଇଥିଲେ ଆପ୍ ହରିୟାଣାରେ ବିଜୟୀ ହୋଇ ସରକାର ଗଢ଼ିଥାନ୍ତା।

## ଜମ୍ମୁ-କଶ୍ମୀରରେ ନୋଟାକୁ ୧.୪୮% ଭୋଟ

**ଶ୍ରୀନଗର, ୮।୧୦:** ଜମ୍ମୁ-କଶ୍ମୀରରେ ନୋଟା (ନନ୍ ଅଫ୍ ଦି ଏବଭ)କୁ ୧.୪୮% ଭୋଟ ଯାଇଛି। ପ୍ରାର୍ଥୀମାନଙ୍କ ମଧ୍ୟରୁ କେହି ଭୋଟରଙ୍କ ପସନ୍ଦ ନ ହେଲେ ସେ ଇଭିଏମ୍‌ରେ ଥିବା ନୋଟା ବଟନ ଦବାଇଥାନ୍ତି। କଶ୍ମୀରରେ ୬୩.୮୮% ଭୋଟିଂ ହୋଇଥିବାବେଳେ ୧.୪୮% ଭୋଟର କୌଣସି ପ୍ରାର୍ଥୀଙ୍କୁ ପସନ୍ଦ କରିନାହାନ୍ତି। ସେହିପରି ହରିୟାଣାରେ ମତଦାନ ହାର ୬୭.୯୦% ହୋଇଥିବାବେଳେ ମାତ୍ର ୦.୩୮% ଭୋଟର ନୋଟାକୁ ଭୋଟ ଦେଇଛନ୍ତି।

# ମନିଲଣ୍ଡରିଂ ମାମଲାରେ ମହମ୍ମଦ ଆଜହରୁଦ୍ଦିନଙ୍କୁ ଇଡି ଜେରା

ହାଇଦ୍ରାବାଦ, ୮।୧୦



ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ(ଏଚ୍‌ସିଏ) ସହ ଜଡ଼ିତ ଏକ ମନିଲଣ୍ଡରିଂ ମାମଲାରେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହମ୍ମଦ ଆଜହରୁଦ୍ଦିନ ମଙ୍ଗଳବାର ହାଇଦ୍ରାବାଦର ଫତେହ ମୈଦାନ ରୋଡସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ଏଚ୍‌ସିଏରେ ଆର୍ଥିକ ଅନୀୟମିତତା ମାମଲାକୁ ନେଇ ଇଡି ଅଧିକାରୀଙ୍କ ପକ୍ଷରୁ ତାଙ୍କର ବୟାନ ରେକର୍ଡ କରାଯାଇଛି। ପୂର୍ବରୁ ଗତ ୩ରେ ଜେରା ପାଇଁ ହାଜର ହେବାକୁ ଇଡି ଆଜହରୁଦ୍ଦିନଙ୍କୁ ସମନ ଜାରି କରିଥିଲା। ତେବେ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଅନ୍ୟ ଏକ ଦିନ ଜେରା ପାଇଁ ହାଜର ହେବାକୁ ଇଡିକୁ ସମୟ ମାଗିଥିଲେ। ସୂଚନାଯୋଗ୍ୟ, ଆଜହରୁଦ୍ଦିନ ୨୦୧୯ ସେପ୍ଟେମ୍ବରରେ ଏଚ୍‌ସିଏ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ହେଲେ ଏଚ୍‌ସିଏର ପାଣ୍ଠିରେ ଅନୀୟମିତତା ହୋଇଥିବା ଅଭିଯୋଗରେ ସେ ୨୦୨୧ ଜୁନ୍‌ରେ ଏହି ପଦରୁ ଇସ୍ତଫା ଦେଇଥିଲେ।

## ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

# ରିଶବ ଶେଟ୍ଟୀ ଶ୍ରେଷ୍ଠ ଅଭିନେତା

- ମିଥୁନଙ୍କୁ ଦାଦାସାହେବ ଫାଲକେ
- 'ଦମନ' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର

ନୂଆଦିଲ୍ଲୀ, ୮।୧୦

ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ୭୦ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୫ ମହିଳାଙ୍କୁ ମିଶାଇ ସମୁଦାୟ ୮୫ ଜଣ କଳାକାରଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିଛନ୍ତି। ଭେଟେରାନ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ରାଷ୍ଟ୍ରପତି ମୁର୍ମୁ ସମ୍ମାନଜନକ ଦାଦାସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରିଛନ୍ତି। ସେହିପରି ମାଲୟାଲମ ଫିଲ୍ମ 'ଅଟ୍ଟାମ: ଦି ପ୍ଲେ'କୁ ଶ୍ରେଷ୍ଠ ଫିଚର ଫିଲ୍ମର ପୁରସ୍କାର ମିଳିଛି। ବଲିଉଡ୍ ମୁଭି 'ଉଁଚାଇ' ପାଇଁ ସୂରଜ ଆର୍ ବଡ଼ଯାତ୍ୟାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯାଇଛି। ତେବେ ଉକ୍ତ ଫିଲ୍ମ ପାଇଁ ଅଭିନେତ୍ରୀ ନୀନା ଗୁପ୍ତା ଶ୍ରେଷ୍ଠ ସହାୟକ ଅଭିନେତ୍ରୀ ଭାବେ ପୁରସ୍କାର ଗ୍ରହଣ କରିଛନ୍ତି। ଫିଲ୍ମ 'ଫୌଜା' ପାଇଁ ପୱନ ମାଲହୋତ୍ରାଙ୍କୁ ଶ୍ରେଷ୍ଠ ସହାୟକ ଅଭିନେତା ଆୱାର୍ଡ ମିଳିଛି। ସେହିପରି କନ୍ନଡ଼ ହିଟ୍ ଫିଲ୍ମ 'କାନ୍ତାରା' ପାଇଁ ଅଭିନେତା ରିଶବ୍ ଶେଟ୍ଟୀଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନିକ କରିଛନ୍ତି। ତାମିଲ ଫିଲ୍ମ 'ତିରୁଚିତ୍ରାମ୍ବଲମ' ପାଇଁ ଅଭିନେତ୍ରୀ ନିତ୍ୟା ମେନନ୍ ଓ ଗୁଜୁରାଟି ଫିଲ୍ମ 'କଚ୍ଛ ଏକ୍ସପ୍ରେସ୍' ପାଇଁ ଅଭିନେତ୍ରୀ ମାନସୀ ପରେଖଙ୍କୁ ମିଳିତ ଭାବେ ଶ୍ରେଷ୍ଠ ଅଭିନେତ୍ରୀ ଆୱାର୍ଡ ମିଳିଛି। ସେହିପରି ମଣିରତ୍ନମଙ୍କ ନିର୍ଦ୍ଦେଶିତ 'ପୋନ୍ନିନ ସେଲ୍‌ଭମ୍-୧' ଫିଲ୍ମରେ ସର୍ବୋତ୍ତମ ପୃଷ୍ଠଭୂମି ସଙ୍ଗିତ ପାଇଁ ପ୍ରସିଦ୍ଧ ସଙ୍ଗୀତଜ୍ଞ ଏ.ଆର. ରେହମାନ୍ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିଛନ୍ତି। ଏହା ହେଉଛି ରେହମାନଙ୍କର ସପ୍ତମ ଜାତୀୟ ପୁରସ୍କାର। ସେହିପରି 'ଗୁଲ୍‌ମୋହର' ଫିଲ୍ମ ପାଇଁ ଅଭିନେତା ମନୋଜ ବାଜପେୟୀ ବିଶେଷ ଉଲ୍ଲେଖ ଅଭିନେତା ଭାବେ ପୁରସ୍କାର ଗ୍ରହଣ କରିଛନ୍ତି। ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ 'ଦମନ' ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିଛି।


ରିଶବ୍ ଶେଟ୍ଟୀଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନିତ କରୁଛନ୍ତି।

## ଫୁର୍‌ସତ

# କମିନି ଡାକ ସେବାର ଗୁରୁତ୍ୱ

## ବିଶ୍ୱ ଡାକ ଦିବସ




ପ୍ରତିବର୍ଷ ଅକ୍ଟୋବର ୯ରେ ସାରା ବିଶ୍ୱରେ ବିଶ୍ୱ ଡାକ ଦିବସ ପାଳନ କରାଯାଏ। ଭାରତରେ ଅକ୍ଟୋବର ୯ରୁ ୧୫ ପର୍ଯ୍ୟନ୍ତ ଡାକ ସପ୍ତାହ ଭାବରେ ପାଳନ କରାଯାଏ। ଡାକ ଦିବସ ପାଳନ ପଛର ଉଦ୍ଦେଶ୍ୟ ହେଉଛି ଡାକ ସେବାର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିବା। ୧୮୭୪, ଅକ୍ଟୋବର ୯ରେ ସ୍ୱିଜରଲାଣ୍ଡରେ ୨୨ଟି ଦେଶର ଭାଗିଦାରୀରେ ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନ (ୟୁପିୟୁ) ପ୍ରତିଷ୍ଠା ହୋଇଥିଲା। ଏହି ଅନୁଷ୍ଠାନ ଡାକ ବିଭାଗ ଏବଂ ଡାକ ସେବା ପାଇଁ କାର୍ଯ୍ୟ କରୁଥିବା ପ୍ରଥମ ଅନ୍ତର୍ଜାତୀୟ ଅନୁଷ୍ଠାନ ଥିଲା। ୧୯୬୯ରେ ୟୁପିୟୁ ବୈଠକରେ ପ୍ରତିବର୍ଷ ଅକ୍ଟୋବର ୯କୁ ବିଶ୍ୱ ଡାକ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୧୮୭୬ରେ ଭାରତ ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନର ସଦସ୍ୟ ହୋଇଥିଲା। ସଦସ୍ୟତା ନେବାରେ ଭାରତ ପ୍ରଥମ ଏସୀୟ ଦେଶ ଥିଲା।

ବିଶ୍ୱ ଡାକ ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଡାକ ସେବାର ମହତ୍ତ୍ୱକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେବା। ଡାକ ସେବା କେବଳ ଚିଠି ଓ ବାର୍ତ୍ତା ଆଦାନ ପ୍ରଦାନ କରେ ନାହିଁ, ବରଂ ସାମାଜିକ ଓ ଅର୍ଥନୈତିକ ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଆଜି ସମଗ୍ର ବିଶ୍ୱ ଡିଜିଟାଲ ହେଉଥିବା ବେଳେ ଡାକ ସେବାର ଗୁରୁତ୍ୱ କମିନାହିଁ। ବିଶେଷ କରି ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ଲକ୍ଷ ଲକ୍ଷ ଲୋକଙ୍କୁ ଅତ୍ୟାବଶ୍ୟକ ସେବା ପହଞ୍ଚାଇବାରେ ସକ୍ଷମ ହେଉଛି। ଚଳିତ ବର୍ଷ ବିଶ୍ୱ ଡାକ ଦିବସ ୨୦୨୪ର ବାର୍ତ୍ତା ହେଉଛି '୧୫୦ ବର୍ଷର ଯୋଗାଯୋଗକୁ ସକ୍ଷମ କରିବା ଏବଂ ଲୋକମାନଙ୍କୁ ସଶକ୍ତ କରିବା'। ଏହି ଦିନ ଆମକୁ ମନେ ପକାଇ ଦେଉଛି ଯେ ଯଦିଓ ବୈଷୟିକ ଉନ୍ନତି ଯୋଗାଯୋଗର ନୂତନ ମାଧ୍ୟମ ପ୍ରଦାନ କରିଛି, ତଥାପି ଡାକ ସେବାର ଗୁରୁତ୍ୱ କେବେ ବି ହ୍ରାସ ପାଇବ ନାହିଁ।

# ୧୧ରୁ ଓଟିଟିରେ 'ସର୍‌ଫିରା'


ଅକ୍ଷୟ କୁମାର

**ମୁମ୍ବାଇ:** ଅଭିନେତା ଅକ୍ଷୟ କୁମାର ଓ ଅଭିନେତ୍ରୀ ରାଧିକା ମଦାନଙ୍କ 'ସର୍‌ଫିରା' ଗତ ଜୁଲାଇ ୧୨ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା। ତେବେ ଏହା ବକ୍ସ ଅଫିସ୍‌ରେ ଭଲ ବ୍ୟବସାୟ କରି ପାରି ନ ଥିଲା। ପ୍ରାୟ ୧୦୦ କୋଟି ଟଙ୍କାର ବଜେଟରେ ନିର୍ମିତ ଏହି ଚଳଚ୍ଚିତ୍ର ଘରୋଇ ବଜାରରେ ମାତ୍ର ୨୬.୩ କୋଟି ଏବଂ ବିଶ୍ୱବ୍ୟାପୀ ୩୦.୦୨ କୋଟି ଟଙ୍କାର ବ୍ୟବସାୟ କରିଥିଲା। ବକ୍ସ ଅଫିସ୍ ବ୍ୟବସାୟରେ ଏହି ଚଳଚ୍ଚିତ୍ର ନିଜ ବଜେଟର ଅଧା ମଧ୍ୟ ସଂଗ୍ରହ କରିବାକୁ ସକ୍ଷମ ହୋଇପାରି ନ ଥିଲା, ତେବେ ନିଜର ଡିଜିଟାଲ୍ ଅଧିକାରକୁ ବିକ୍ରୟ କରିବାରୁ 'ସର୍‌ଫିରା'କୁ ଫାଇଦା ମିଳିଛି। ଏହି ଫିଲ୍ମ ଆସନ୍ତା ୧୧ରୁ ଓଟିଟି ପ୍ଲାଟ୍‌ଫର୍ମ 'ଡିସ୍‌ନି ପ୍ଲସ୍ ହଟ୍‌ଷ୍ଟାର୍'ରେ ଷ୍ଟ୍ରିମିଂ ହେବାକୁ ଯାଉଛି। 'ଡିସ୍‌ନି ପ୍ଲସ୍ ହଟ୍‌ଷ୍ଟାର୍'ର ସବ୍‌ସ୍କ୍ରିପ୍‌ସନ୍ ପ୍ଲାନ୍ ସହ ଦର୍ଶକ ଏହି ଚଳଚ୍ଚିତ୍ରକୁ ଉପଭୋଗ କରିପାରିବେ। ଏନେଇ ଅକ୍ଷୟ ତାଙ୍କ ଏକ୍ସ' ଆକାଉଣ୍ଟରେ ସୂଚନା ଦେଇଛନ୍ତି। ସୁଧା କୋଙ୍ଗରାଙ୍କ ନିର୍ଦ୍ଦେଶିତ ଓ ସୂର୍ଯ୍ୟା, ଅରୁଣା ଭାଟିଆ, ଜ୍ୟୋତିକା ଏବଂ ବିକ୍ରମ ମାଲହୋତ୍ରାଙ୍କ ପ୍ରଯୋଜିତ ଏହି ଫିଲ୍ମର ସ୍କ୍ରିପ୍ଟ ରାଇଟିଂ ଶାଳିନୀ ଉଷାଦେବୀ କରିଛନ୍ତି। ଏହି ଚଳଚ୍ଚିତ୍ରଟି ବୀର ଜଗନ୍ନାଥ ମହାତ୍ରେ ନାମକ ଜଣେ ଯୁବକଙ୍କ ଚରିତ୍ରକୁ ନେଇ ଆଧାରିତ। ସେ ଏକ ସ୍ୱଳ୍ପ ବଜେଟ ବିମାନ ସେବା ଆରମ୍ଭ କରିବା ପାଇଁ ସ୍ୱପ୍ନ ଦେଖିଥିଲେ। ସମସ୍ତ ସାମାଜିକ ଏବଂ ବୈଷୟିକ ବାଧାବିଘ୍ନର ମୁକାବିଲା ସତ୍ତ୍ୱେ ସେ ଫିଲ୍ମରେ ତାଙ୍କ ସ୍ୱପ୍ନ ପୂରଣ କରିଛନ୍ତି।

# ସଫାରି ବସ୍‌ର ଝରକାରେ କଲରାପତରିଆ



**ବେଙ୍ଗାଲୁରୁ:** କର୍ଣ୍ଣାଟକର ବନ୍ନେରଘଟ୍ଟା ଜାତୀୟ ଉଦ୍ୟାନର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓରେ ଏକ କଲରାପତରିଆ ବାଘ ଗୋଟିଏ ସଫାରି ବସ୍‌ର ଝରକା ଉପରେ ଚଢ଼ିଯାଇଥିବା ଦେଖିବାକୁ ମିଳିଛି। ବାଘ ଦୀର୍ଘ ସମୟ ଧରି ଝରକାର ଜାଲିକୁ ଧରି ବସ୍‌ରେ ଓହଳି ରହିଥିଲା। ବାଘକୁ ନିକଟରେ ଦେଖି ବସ୍‌ରେ ଥିବା ଲୋକମାନେ ଭୟଭୀତ ହୋଇ ଚିଲେଇବାକୁ ଲାଗିଥିଲେ। ଜାତୀୟ ଉଦ୍ୟାନର ଅଧିକାରୀଙ୍କ କହିବା ଅନୁଯାୟୀ, ସୋମବାର ବନ୍ନେରଘଟ୍ଟା ଜାତୀୟ ଉଦ୍ୟାନ ମଧ୍ୟରେ ଏକ ସଫାରି ବସ୍ ପର୍ଯ୍ୟଟକଙ୍କୁ ଧରି ଯାଉଥିଲା। ସେତେବେଳେ ବାଘ ସଫାରି ମଧ୍ୟରେ ଥିବା ଏକ କଲରାପତରିଆ ବାଘ ବୁଦା ପଛରେ ଲୁଚି ରହିଥିଲା। ସଫାରି ବସ୍ ପାଖକୁ ଆସିବା ମାତ୍ରେ ବାଘଟି ସୁଯୋଗର ଫାଇଦା ନେଇ ବସ୍‌ର ଝରକା ଉପରେ ଚଢ଼ିଗଲା। ଫଳରେ ବସ୍‌ରେ ଯାତ୍ରା କରୁଥିବା କେତେଜଣ ପର୍ଯ୍ୟଟକ ନିଜ ଆସନରେ ଠିଆ ହୋଇ ଭୟଭୀତ ହୋଇ ଚିଲେଇବା ଆରମ୍ଭ କରିଥିଲେ। କିନ୍ତୁ ଶୀଘ୍ର ସେମାନଙ୍କ ମନରୁ ଏହି ଭୟ ଦୂରେଇ ଯାଇଥିବା ବନ ବିଭାଗ ଅଧିକାରୀ କହିଛନ୍ତି। ପରେ ପର୍ଯ୍ୟଟକମାନେ ବାଘକୁ ନିକଟରେ ଦେଖି ଉପଭୋଗ କରିବାକୁ ଲାଗିଥିବା ସେ କହିଛନ୍ତି। ପର୍ଯ୍ୟଟକମାନେ ଆନନ୍ଦର ସହ ଏହି ଘଟଣାକୁ ନିଜ କ୍ୟାମେରାରେ କଏଦ କରିଥିଲେ। ଯେହେତୁ ସଫାରି ବସ୍‌ର ଝରକାରେ ଜାଲି ରହିଥିଲା, ତେଣୁ ସମସ୍ତ ପର୍ଯ୍ୟଟକ ସୁରକ୍ଷିତ ଥିଲେ ଏବଂ କୌଣସି ଅଘଟଣ ଘଟି ନ ଥିବା ବନ ବିଭାଗର ଅଧିକାରୀ କହିଛନ୍ତି।

# ହେଲ୍‌ମେଟରେ ଇଣ୍ଡିକେଟର



**ନୂଆଦିଲ୍ଲୀ:** ବିଭିନ୍ନ ସୋସିଆଲ ମିଡିଆରେ ସାଧାରଣତଃ ଭାଇରାଲ ହେବା ପାଇଁ ଅନେକ ୟୁଜର୍ସ ବିଭିନ୍ନ ପ୍ରକାରର ଅଜବ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଥାଏ। ନିକଟରେ ଜଣେ ବାଇକ ଚାଳକ ମଧ୍ୟ ଏପରି ଏକ କାର୍ଯ୍ୟ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ସାଧାରଣତଃ କୌଣସି ୨ ଚକିଆ ଯାନର ହ୍ୟାଣ୍ଡେଲ କିମ୍ବା ଆଗ ପାର୍ଶ୍ୱରେ ଇଣ୍ଡିକେଟର ରହିଥାଏ। କିନ୍ତୁ ଏହି ବାଇକ ଚାଳକଙ୍କ ହେଲ୍‌ମେଟରେ ଇଣ୍ଡିକେଟର ଥିବା ନେଇ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳିଛି, ଜଣେ ବ୍ୟକ୍ତି ଗାଡ଼ି ଚଲାଉଛନ୍ତି, କିନ୍ତୁ ତାଙ୍କ ହେଲ୍‌ମେଟର ଉଭୟ ପାର୍ଶ୍ୱରେ ଇଣ୍ଡିକେଟର ରହିଛି। ସାଧାରଣତଃ ରାସ୍ତାରେ ଗଲାବେଳେ ଯେତେବେଳେ ଏକ ଟର୍ନ୍ ନେବାକୁ ଆବଶ୍ୟକ ପଡେ, ଗାଡି ଚାଳକ ଇଣ୍ଡିକେଟରକୁ ଅନ୍ କରିଥାନ୍ତି। ଫଳରେ ଇଣ୍ଡିକେଟରଟି ଜଳିବାକୁ ଲାଗିଥାଏ। ତେବେ ଉକ୍ତ ଭିଡିଓରେ ଗାଡ଼ି ଚଲାଉଥିବା ସମୟରେ ହେଲ୍‌ମେଟରେ ଲାଗିଥିବା ଇଣ୍ଡିକେଟରଟି ଲଗାତର ଭାବେ ଜଳୁଥିବା ଦେଖିବାକୁ ମିଳିଛି। ତେବେ ବାଇକରେ ବସିଥିବା ବ୍ୟକ୍ତି ପିନ୍ଧିଥିବା ହେଲ୍‌ମେଟରେ ଇଣ୍ଡିକେଟର ଲାଗିଥିବା ଦେଖି ଉକ୍ତ ରାସ୍ତାରେ ଯାଉଥିବା ବହୁ ବ୍ୟକ୍ତି ଆଶ୍ଚର୍ଯ୍ୟ ପ୍ରକଟ କରିଥିବା ନେଇ ଭିଡିଓରୁ ଜଣାପଡୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଟିଟିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫ କ୍ରୀଡ଼ାବିତ୍ ପୁରସ୍କୃତ ହେବେ



ପୁରସ୍କାର ପାଇଁ ମନୋନୀତ ଖେଳାଳିମାନେ।

**ଭୁବନେଶ୍ୱର, ୮।୧୦ (ତପନ ସ୍ୱାଇଁ)**

ଦୀର୍ଘ ୪ ବର୍ଷର ବ୍ୟବଧାନରେ ସ୍ପୋର୍ଟ୍ସ ଲଗ୍ ଅନ କ୍ରୀଡ଼ା ପୁରସ୍କାର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। ଅଲିମ୍ପିଆନ ତଥା ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜେତା କିଶୋର ଜେନା ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇବେ। ଉଦୀୟମାନ ସନ୍ତରଣକାରୀ ମନ୍ନତା ମିଶ୍ରଙ୍କୁ କୁମୁଦିନୀ ମିଶ୍ର କ୍ରୀଡ଼ା ସମ୍ମାନ ଏବଂ ପାରା ଆଥଲେଟ୍ ସୁଚିତ୍ରା ପରିଡ଼ାଙ୍କୁ ଉଦୀୟମାନ କ୍ରୀଡ଼ାବିତ୍ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଭାରତୀୟ ଜୁନିୟର ଫୁଟବଲ ଦଳର ପୂର୍ବତନ କୋଚ୍ ଶୁଭେନ୍ଦୁ ପଣ୍ଡା ଶ୍ରେଷ୍ଠ କୋଚ୍ ଏବଂ ପ୍ଲେୟର ଅଫ୍ ଦି ବାଏ ଗନ୍ ଏରା ପୁରସ୍କାର ପାଇଁ ପୂର୍ବତନ ଭଲିବଲ ଖେଳାଳି ଦୁଃଖିଶ୍ୟାମ ମଲିକ ମନୋନୀତ ହୋଇଛନ୍ତି। କୁମୁଦିନୀ ମିଶ୍ର କ୍ରୀଡ଼ା ସମ୍ମାନ ପାଇଁ ଟ୍ରଫି ସହ ୧୫,୦୦୦ ଏବଂ ଅନ୍ୟ ୪ ବର୍ଗ ପାଇଁ ୨୫,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ୨୦୧୦ରୁ ପ୍ରଦାନ କରାଯାଇ ଆସୁଥିବା ଏହି ପୁରସ୍କାର କୋଭିଡ-୧୯ଠାରୁ ଗତ ୪ ବର୍ଷ ଧରି ବନ୍ଦ ରହିଥିଲା।


## ୧୫ତମ ଜନ୍ମଦିନ ଶୁଭେଚ୍ଛା



**ସ୍ନେହାଶ୍ରୀ (ଟିଟିଲି)**
(ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର)
ଆଜି ତୋର ଜନ୍ମଦିନର ଶୁଭ ଅବସରରେ ପ୍ରଭୁ ସାଇବାବାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୋର ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ସୁଖ, ଶାନ୍ତି ଓ ଆନନ୍ଦରେ ଭରିଯାଉ। ତୋତେ ସଂସାରର ସବୁ ସୁଖ ଓ ସଫଳତା ମିଳୁ। ତୋର ଜୀବନ ଆନନ୍ଦମୟ ହେଉ।
ଶୁଭେଚ୍ଛା ସହ- ଅଜା, ଆଇ, ମମି, ଶ୍ରୀରାମ ମଉସା, ମାମା, ମାମୁ, ମାଇଁ, ସାଇ, ଶ୍ରଦ୍ଧା ଓ ଈଶାନ୍।
ଧ-୭୬୦୨୫




ପ୍ରଣବ ଦାସ ଓ ରାୟଗୁରୁ ସୂର୍ଯ୍ୟାଂଶଙ୍କ ସହ ଏମ୍.ଡି ଆଜମ।

# ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୨୪ ପଦକ

## ପୂର୍ବାଞ୍ଚଳ ଜୁନିୟର ଆଥ୍ଲେଟିକ୍ସ

**ଭୁବନେଶ୍ୱର,୮।୧୦ (ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୩୫ତମ ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ର ମଙ୍ଗଳବାର ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୨୪ଟି ପଦକ ମିଳିଛି। ଏହା ମଧ୍ୟରେ ୧୦ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ସାମିଲ। ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା କୃତୀ କ୍ରୀଡ଼ାବିତ୍ଙ୍କୁ ପଦକ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ବାଳକ ୨୦୦ ମିଟର ରେସ୍ରେ ପ୍ରତୀକ ମହାରଣାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ୨୦ ବର୍ଷରୁ କମ୍ ବାଳକ ୨୦୦ ମିଟରରେ ଦୋଣ୍ଡାପତି ଜୟରାମଙ୍କୁ ସ୍ୱର୍ଣ୍ଣ ଓ ଆସ୍ତିକ ପ୍ରଧାନଙ୍କୁ ରୌପ୍ୟ, ୨୦ ବର୍ଷରୁ କମ୍ ୪X ୪୦୦ ମିଟର ଇଭେଣ୍ଟରେ ଆସ୍ତିକ ପ୍ରଧାନ, ପଙ୍କଜ ମଣ୍ଡଳ, ଜସ୍ମନ କୁଜୁର ଏବଂ ବାପି ହାଁସଦାଙ୍କୁ ନେଇ ଗଠିତ ଟିମ୍ କୁ ସ୍ୱର୍ଣ୍ଣ ପଦକ ମିଳିଛି।



ପଦକ ସହ ପି. ଅର୍ପିତା ଅର୍ଚ୍ଚନା।

ସେହିପରି ୨୦ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ପି. ଅର୍ପିତା ଅର୍ଚ୍ଚନାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବା ବେଳେ ୧୮ ବର୍ଷରୁ କମ୍ ବାଳିକା ୧୦୦୦ ମିଟର ରେ ସୁନିତା ସନ୍ତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚାମ୍ପିୟନସିପ୍ରେ ବର୍ତ୍ତମାନ ପର୍ଯ୍ୟନ୍ତ ଓଡିଶା ଭଲ ପ୍ରଦର୍ଶନ କରିଛି ବୋଲି ଆଥଲେଟିକ୍ସ ପ୍ରୋଜେକ୍ଟ, ଓଡ଼ିଶାର ମୁଖ୍ୟ କୋଚ୍ ସଞ୍ଜୟ ଗଡ଼ନାୟକ ପ୍ରକାଶ କରିଛନ୍ତି। ୩୫ତମ ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ରେ ଓଡ଼ିଶାକୁ ବର୍ତ୍ତମାନ ପର୍ଯ୍ୟନ୍ତ ୫୧ଟି ପଦକ ମିଳିଛି। ଏହାମଧ୍ୟରେ ୧୮ ସ୍ୱର୍ଣ୍ଣ, ୧୪ ରୌପ୍ୟ ଓ ୧୯ଟି ବ୍ରୋଞ୍ଜ ପଦକ ରହିଛି।

# ଭାଗନେବେ ପ୍ରଣବ, ସୂର୍ଯ୍ୟାଂଶୁ

## ବିଶ୍ୱ ମଡର୍ନ ପେଣ୍ଟାଥଲନ

**ଭୁବନେଶ୍ୱର, ୮।୧୦ (ତପନ ସ୍ୱାଇଁ)**

ଇଜିପ୍ଟରେ ବିଶ୍ୱ ମଡର୍ନ ପେଣ୍ଟାଥଲନ ଚାମ୍ପିୟନଶିପ୍ ଚଳିତ ମାସ ୧୦ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଭାରତୀୟ ଦଳରେ ଓଡ଼ିଶାର ପ୍ରଣବ ଦାସ ଓ ରାୟଗୁରୁ ସୂର୍ଯ୍ୟାଂଶ ସ୍ଥାନ ପାଇଛନ୍ତି। ଭାରତୀୟ ଦଳ ମଙ୍ଗଳବାର ନୂଆଦିଲ୍ଲୀରୁ ଇଜିପ୍ଟ ଯାତ୍ରା କରିଛି। ମଡର୍ନ ପେଣ୍ଟାଥଲନ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ଏମ.ଡି. ଆଜମ ବିମାନ ବନ୍ଦରରେ ଉପସ୍ଥିତ ରହି ଦୁଇ ଖେଳାଳିଙ୍କୁ ବିଦାୟ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପ୍ରଣବ ଓ ସୂର୍ଯ୍ୟାଂଶଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବିଭାଗର ଅଧିକାରୀମାନେ ଉକ୍ତ ଦୁଇ କ୍ରୀଡ଼ାବିତ୍ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆସୋସିଏଶନର ସମସ୍ତ କର୍ମକର୍ତ୍ତା ପ୍ରଣବ ଓ ସୂର୍ଯ୍ୟାଂଶୁଙ୍କର ସଫଳତା କାମନା କରିଛନ୍ତି।


# ମନେ ପଡ଼ନ୍ତି

## ତୃତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ହରିଶଙ୍କର ପ୍ରସାଦ ସିଂହ**
ପୂର୍ବତନ କ୍ରୀଡ଼ାବିତ୍ ତଥା ରାଜସ୍ୱ ବୋର୍ଡର ଅବସରପ୍ରାପ୍ତ ସମୀକ୍ଷା ଅଧୀକ୍ଷକ ଗୁଡ଼ିଆନାଳୀ, ସିଂହ ମାର୍କେଟ କମ୍ପ୍ଲେକ୍ସ, ଢେଙ୍କାନାଳ ଟାଉନ୍
ଧରାବତରଣ-୧୯।୧୧।୧୯୩୫
ସ୍ୱର୍ଗାରୋହଣ- ୧୨।୧୦।୨୦୨୧
ଚାହୁଁ ଚାହୁଁ ତିନି ବର୍ଷ ବିତିଗଲା । ଆପଣଙ୍କ ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ସ୍ନେହ ଓ ତ୍ୟାଗ ଆମ ଜୀବନରେ ଚିରସ୍ମରଣୀୟ ହୋଇ ରହିବ । ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରକମଳରେ ବିନମ୍ର ପ୍ରାର୍ଥନା ।
ଆପଣଙ୍କ ସ୍ମରଣେ- ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୭୫୪୬୩

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ସୁପ୍ରଭା ନଳିନୀ ସାହୁ**
ରାଜା ବଜାର, ଜଟଣୀ
ଆବିର୍ଭାବ: ୨୩।୦୩।୧୯୫୬
ତିରୋଧାନ: ୨୦।୧୦।୨୦୨୩
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା, "ମା" ତୁମର ସ୍ନେହ, ଆଦର୍ଶ, ନିଷ୍ଠା, ଭଲପାଇବା, ପରିବାର ପ୍ରତି ଦାୟିତ୍ୱ ଆମ ସମସ୍ତଙ୍କ ଜୀବନରେ ପାଥେୟ ହେଉ । ତୁମର "ଅମର ଆତ୍ମା"ର ସଦ୍‌ଗତି ନିମନ୍ତେ ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଆମ ସମସ୍ତଙ୍କର ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ: ପୁଅ: ଟିଟୁ, ଲିଟୁ, ବୋହୂ: ରୋଜି, ଏଲି, ନାତୁଣୀ: ପିଙ୍କି, ରିଙ୍କି ପରି, ଝିଅ: ମିତା, ଜ୍ୱାଇଁ: ବିଟା, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୧୫୫୯

## ଚତୁର୍ଥ ଶ୍ରାଦ୍ଧବର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ରଞ୍ଜନ କୁମାର ସ୍ୱାଇଁ (କୁନା)**

| ଆବିର୍ଭାବ: | ତିରୋଧାନ: |
|---|---|
| ୨୩/୦୩/୧୯୬୨ | ୨୨/୦୯/୨୦୨୦ |

ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, କର୍ତ୍ତବ୍ୟ ଓ ପରୋପକାରିତା ଆମ ପାଇଁ ତଥା ଆମ ପରିବାର ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ : ପିତା-ଜଗନ୍ନାଥ ଖୁଣ୍ଟିଆ, ବୋଉ, ସ୍ତ୍ରୀ, ସାନ ଭାଇ, ଭାଇ ବୋହୂ, ଭଉଣୀ-ଭିଣୋଇ, ଝିଅ-ଜ୍ୱାଇଁ, ପୁଅ-ବୋହୂ, ଭଣଜା-ଭାଣେଜୀ, ଝିଆରୀ-ପୁତୁରା, ନାତି-ନାତୁଣୀ, Unit-6 (DRC) କର୍ତ୍ତୃପକ୍ଷ, ଡ୍ରାମା କଳାକାର ବୃନ୍ଦ ବନ୍ଧୁ ଓ ପରିବାରବର୍ଗ ।
ଧ-୭୫୫୭୨



# Classified Everyday
0674-2580101, 2549949



MATRIMONIAL

## BRIDE WANTED

Handsome Brahmin Boy 1994, 5'11", MVSC Serving Govt. Vetenary Surgeon "SUNASANSAR". 9937512659. D-75997

Carpenter Boy 30 B.Tech, PSU Engineer, required qualified girl. 9040877205. D-1603



## REAL ESTATE
## SALE

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' Road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘର କଲାଭଳି plot ମିଳୁଛି। (Owner) 9090963952. D-75996

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-1601

**3/4BHK ready to move speious duplex with amenities at Balianta near Syphon Sqr. Contact No.- 8457085107.** D-1535

**Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226.** D-1469

Plots Acharyavihar, Jayadevbihar, Nayapalli, Patia, Pahala, Chhatabar, Balakati. Contact: 7742796328. D-1448

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965.** D-1600



## CONSTRUCTION

**Construct your dream home @460/-, 850/-, 1325/- with branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact :The Engineering Pvt. Ltd., 9439856856.** D-1449

**ପାଠକଙ୍କ ପାଇଁ ସୂଚନା।**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



A Vertified Tile with Semi-Furnished Flat having 1100sqft. with 2 Rooms, 1 Kitchen, 1 Dining, 1 Toilet required for Office purpose. At Plot No.-533, Madhusudan Nagar, NICCO Park Lane, Bhubaneswar. Contact No- 8270887551, 8144088916. D-74720



Newly open health benefits SPA special Offer @ 799 Bapuji Nagar. 9861237682. D-76160

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75791

Newly open Jyoti SPA positively health benefits (Expert therapist). 8458067955. D-76162

Kerala Massage therapy gents/ Ladies pain relief Bhubaneswar. 9337672475. D-1575

## AFFIDAVIT

By virtue of an affidavit sworn before the Executive Magistrate, Jaleswar, No.-2709, dated 03.10.2024, I, SK Saijuddin, S/o- SK Anusuddin, resident of Village/P.O.- Nampo, P.S.- Jaleswar, Dist.- Balasore, Odisha have changed my name from SK Saijuddin, S/o- SK Anusuddin to Shaikh Saijuddin, S/o- Shaikh Ansuddin. Henceforth I shall be known as SHAIKH SAIJUDDIN, S/o- Shaikh Ansuddin for all future purposes. D-76163

By virtue of an affidavit sworn before the Executive Magistrate, Bhubaneswar on dated 08.10.2024, I, P Krishna Rao, S/o- Pemi Chinnayya, Village- Kirthipur, P.O.- Loudigram, P.S.- Golantara, Tehsil- Konis, Dist- Ganjam, Odisha, 760003, declare that, I have changed my name from "Krishna Rao" to "P Krishna Rao". Henceforth, I shall be known as "P Krishna Rao" for all purposes. D-1604

I, Smita Misra, w/o- Ranjit Misra, resident of Professorpara, P.O.- College Chhak, P.S.- Manglabag, Town/Dist.- Cuttack-753003 declare by this affidavit No.-67AA 408270, dtd 07.10.2024. That now onwards I shall be known as **SMITA MAHAPATRA** for all future purposes. D-75825

By virtue of an affidavit before Executive Magistrate, Brahmagiri, No-32, dt. 30.09.2024. I, Sri Prasanta Kumar Mishra, DOB: 04.05.1977, S/o- Dinabandhu Mishra, resident of Village- Ramchandrapur, P.O.- Khajuria, P.S.- Brahmagiri, District.- Puri, Odisha. That my name wrongly mention as Prashanta Kumar Mishra in my Passport instead of Prasanta Kumar Mishra. So, I declared that Prashanta Kumar Mishra and Prasanta Kumar Mishra one and same person in above address. D-1611

By virtue of an affidavit sworn before Executive Magistrate, Khaira, dated 23.08.24 I, Ramakant Behera, At- Kantabania, P.O.- Arakhapur, P.S.- Khaira, Dist.- Balasore, Odisha-756182 declare that I have changed my minor son's name from Rakesh Behera to Raaz Sekhar Behera. Henceforth he shall be known as Raaz Sekhar Behera for all purposes. D-1608

I Sarmistha Mohapatra (49), W/o- Rajendra Kumar Mohapatra, Vill/P.O.- Kuansh, P.S.- Bhadrak(T), Dist.- Bhadrak, PIN-756100, Odisha declare by this affidavit No.-1521, dated 26.06. 2024. That now onwards I shall be known as Sarmeestha Mohapatra for all future purposes. D-1609

## LEGAL NOTICE

ମାନ୍ୟବର ଆଡିଶନାଲ୍ କମିଶନର, ମିସ୍ ରାଜଶ୍ରୀ ମହାନ୍ତି, ଆଇ.ଏ.ଏସ୍.,
ଆଡିଶନାଲ୍ ରିଭିଜନ କୋର୍ଟ ନଂ.-୩ଙ୍କ ଅଦାଲତ, ଭୁବନେଶ୍ୱର
ଆର୍.ପି.କେସ୍ ନଂ.-୧୪୬୦/୨୦୧୫

ଶ୍ରୀମତୀ ଅନୁପମା ସାମନ୍ତରାୟ ...ବାଦୀ/ଦରଖାସ୍ତକାରୀ
ବନାମ
ଶ୍ରୀମତୀ କୁଞ୍ଜଲତା ରଥ ଓରଫ୍ ମହାପାତ୍ର ଏବଂ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,
୩) ସୁରେଖା ଦାଶ, ସ୍ୱା- ସ୍ୱର୍ଗତ ଜାନକୀ ବଲ୍ଲଭ ଦାଶ, ସା- ଘାଟିକିଆ, ପୋ- ଚନ୍ଦକା, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ବର୍ତ୍ତମାନର ଠିକଣା-
୨୦୨୬, ମହତାବ୍ ରୋଡ୍, ଓଲ୍ଡ୍ ଟାଉନ, ଥାନା- ଶ୍ରୀଲିଙ୍ଗରାଜ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। ୪) ସୁନିଲ କୁମାର ଦାଶ, ପିତା- ସ୍ୱର୍ଗତ ଜାନକୀ ବଲ୍ଲଭ ଦାଶ, ସା- ଘାଟିକିଆ, ପୋ- ଚନ୍ଦକା, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ବର୍ତ୍ତମାନର ଠିକଣା-
୨୦୨୬, ମହତାବ୍ ରୋଡ୍, ଓଲ୍ଡ୍ ଟାଉନ, ଥାନା- ଶ୍ରୀଲିଙ୍ଗରାଜ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ନୋଟିସ

ସି.ପି.ସି. ଅର୍ଡର ନଂ.-୫, ରୁଲ୍ ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା, ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫ (ଖ) ମୁତାବକ ମାନ୍ୟବର ଆଡିଶନାଲ କମିଶନର, ଆଡିଶନାଲ୍ ରିଭିଜନ କୋର୍ଟ ନଂ.-୩, ଭୁବନେଶ୍ୱର ଅଦାଲତରେ ବାଦୀ ଶ୍ରୀମତୀ ଅନୁପମା ସାମନ୍ତରାୟ, ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.-୩ ଏବଂ ୪ଙ୍କ ଠିକଣାରେ ନୋଟିସ ରେଜେଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.-୩ ଏବଂ ୪ଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି କି ମୋ, ଉପରୋକ୍ତ ରିଭିଜନ କେସ୍ର ଶୁଣାଣି ମାନ୍ୟବର ଆଡିଶନାଲ୍ ରିଭିଜନ୍ କୋର୍ଟ ନଂ.-୩, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ତା୦୫।୧୧।୨୦୨୪ରିଖ ୩.୩୦ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ଥାନା- ଖଣ୍ଡଗିରି, ତହସିଲ- ଭୁବନେଶ୍ୱର, ମୌଜା- ଘାଟିକିଆ, ପ୍ରି ସାବିକ ଖାତା ନଂ.- ୩୬୨, ପ୍ରି- ସାବିକ ପ୍ଲଟ୍ ନଂ.-୩୫୬ ସ୍ଥର ସାବିକ ଖାତା ନଂ.-୬, ସାବିକ ପ୍ଲଟ୍ ନଂ.- ୨୩୭, ହାଲ୍ ଖାତା ନଂ.- ୪୯୯, ହାଲ୍ ପ୍ଲଟ୍ ନଂ.-୪୩୯୩ (ଅଂଶ), ଏରିଆ ଏ୦.୦୪୬ ଡିସିମିଲ ସ୍ଥର ଏ୦.୯୪୦ ଡିସିମିଲ।

ଏହାର ହାଲ୍ ମୌଜା- ଘାଟିକିଆ, ହାଲ୍ ଖାତା ନଂ.-୪୯୯, ହାଲ୍ ପ୍ଲଟ୍ ନଂ.-୪୩୯୩ (ଅଂଶ), ଏରିଆ ଏ୦.୦୪୬ ଡିସିମିଲ ସ୍ଥର ଏ୦.୯୪୦ ଡିସିମିଲ।

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.-୩ ଏବଂ ୪ ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା.- ଆଡିଶନାଲ୍ ରିଭିଜନ କୋର୍ଟ ନଂ.-୩, ଭୁବନେଶ୍ୱରଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୫୯୮

## ସଂକ୍ଷେପରେ

### ସଙ୍କୁଳସ୍ତରୀୟ ପ୍ରଧାନ ଆଚାର୍ଯ୍ୟ ବୈଠକ

ଲୋଇସିଂହା,୮।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳସ୍ତରୀୟ ଯୋଗ, ସ୍ୱଦେଶୀ କାର୍ଯ୍ୟଶାଳା ଏବଂ ପ୍ରଧାନ ଆଚାର୍ଯ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍କୁଳ ସଂଯୋଜକ ଶିବ ବାରିକ ଅଧକ୍ଷତା କରିଥିଲେ। ଏଥିରେ ୭ଟି ବିଦ୍ୟାଳୟର ପ୍ରଧାନ ଅଚାର୍ଯ୍ୟ ସ୍ୱଦେଶୀ ଓ ଯୋଗ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। କୁଶଙ୍ଗ ପ୍ରଧାନ ଅଚାର୍ଯ୍ୟ ଭାଗ୍ୟଦତ୍ତ ମିଶ୍ର ସଂଯୋଜନା କରିଥିବାବେଳେ କୋଷାଧକ୍ଷ ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ପାଉଣା ଦାବିରେ ଅନଶନରେ ବସିଲେ ଠିକାଦାର

ଟିଟିଲାଗଡ଼,୮।୧୦(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଜଗୁଆ ପଞ୍ଚାୟତ ତୁର୍ଲା ଗାଁ ନିକଟରେ ହାଇଦ୍ରାବାଦ କମ୍ପାନୀର ସିଏନଜି ମେଗା ଗ୍ୟାସ ପ୍ଲାଣ୍ଟ ସ୍ଥାପନ ହୋଇଛି। ଏହି ପ୍ଲାଣ୍ଟ ବସାଇବା ଏବଂ ବିଭିନ୍ନ କାମ କରିବା ପାଇଁ ଟିଟିଲାଗଡ଼ ସ୍ୱାଧୀନପଡ଼ାର ବୁଲବୁଲ ମେହେରଙ୍କୁ ଠିକାଦାର ଭାବରେ ନିୟୋଜିତ କରିଥିଲେ। ବଳକା ୭୦ ଲକ୍ଷ ଟଙ୍କା ମାଗିଲେ କମ୍ପାନୀ ବିଭିନ୍ନ ଆଳଦେଖାଇ ହଡ଼ପ କରିବା ପାଇଁ କାଗଜପତ୍ର ମାଗୁଛି। ପ୍ରାୟ ୨ ବର୍ଷହେଲା ଦିନ ଗଡାଇ଼ ଚାଲିଛି। ଶେଷରେ ମଙ୍ଗଳବାର ବୁଲବୁଲ ମେହେରଙ୍କ ସହିତ ତାଙ୍କ ସହଯୋଗୀ ପ୍ଲାଣ୍ଟ ସମ୍ମୁଖରେ ଆମରଣ ଅନଶନରେ ଅନିର୍ଦ୍ଦିଷ୍ଟ କାଳପାଇଁ ବସିଛନ୍ତି। ଟଙ୍କା ନ ମିଳିବା ଯାଏ ସେ ଅନଶନ ଭାଙ୍ଗିବେ ନାହିଁ ବୋଲି ଏକ ଲିଖିତ ଅଭିଯୋଗ ଟିଟିଲାଗଡ଼ ପୋଲିସ ଷ୍ଟେଶନରେ ଦାଖଲ କରିଛନ୍ତି। ପୂର୍ବରୁ ବୁଲବୁଲ ଆତ୍ମହତ୍ୟା କରିବା ପାଇଁ ତାଙ୍କ ସାଥିଙ୍କ ସହ ଧାରଣାରେ ବସିଥିବା ବେଳେ ଥାନାଧିକାରୀ ସେଠାରେ ପହଞ୍ଚି କମ୍ପାନୀ ମ୍ୟାନେଜରଙ୍କ ସହ ଆଲୋଚନା କରି ଲିଖିତ ଭାବରେ ଦେବାକୁ କହିଥିଲେ। କମ୍ପାନୀ ଅଧିକାରୀ ଲିଖିତ ପ୍ରତିଶ୍ରୁତି ଦେବାପରେ ବୁଲବୁଲ ମେହେର ଓ ତାଙ୍କ ସାଥି ଧାରଣାରୁ ଓହରିଥିଲେ। ବର୍ତ୍ତମାନ ସୁଦ୍ଧା ବୁଲବୁଲ ୭୦ ଲକ୍ଷ ପାଇନାହାନ୍ତି।

### କୃଷି ସଚେତନ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହ

ଟିଟିଲାଗଡ,୮।୧୦(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଭିମନ୍ୟୁ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର କୃଷି ବିଭାଗ ସହାୟତାରେ ଟିଟିଲାଗଡ ଅଞ୍ଚଳର ଫସଲ ବିବିଧିକରଣ ଓ ଶ୍ରୀଅନ୍ନ ଅଭିଯାନର ବ୍ୟାପକ ପ୍ରଚାର ଓ ପ୍ରସାର ସକାଶେ ଆଶା ଅନୁଷ୍ଠାନ ଦ୍ୱାରା ଶ୍ରୀଅନ୍ନ ଅଭିଯାନ ରଥ, ରୋଡସୋ ଫସଲ ବିଭିଧିକରଣର ଶୁଭ ଉଦଘାଟନ ହୋଇଯାଇଛି। ବିଧାୟକ ନବୀନ ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଚାଷୀ, ମହିଳା ଦଳ ଓ ଉପସ୍ଥିତ କର୍ମକର୍ତ୍ତାଙ୍କୁ ସରକାରଙ୍କ ସମସ୍ତ ଯୋଜନାର ମାଧମରେ ନିଜର ଜୀବିକା ବିକାଶ କରି ଅଞ୍ଚଳର ଦେଶାନ୍ତର ବନ୍ଦ କରିବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟ କ୍ରମରେ ସଂଜୀବ କୁମାର ପଟ୍ଟନାୟକ ସମ୍ପାଦକ ଆଶା, ପ୍ରଦୀପ ମଲ୍ଲିକ ପ୍ରକଳ୍ପ ସଂଯୋଜକ, ଆଶା, ପରମେଶ୍ୱର ରଣା, ସିଇଓ ସମ୍ବଲଶକ୍ତି, ମଧୁମିତା ପଟ୍ଟନାୟକ, ଅଧକ୍ଷା ଜାଦେନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ‘ଶିଶୁ ଦେଶର ଶକ୍ତି, ପ୍ରଗତିର ସୂତ୍ରଧର’

ବଲାଙ୍ଗୀର,୮।୧୦(ବୀରେନ୍ଦ୍ର କୁମାର ଝାଙ୍କର)



ପୁଇଁତଲା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ପୁଇଁତଲା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବିଲେଇସର୍ଡା ସ୍ଥିତ ଜବାହାରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସ୍ୱାଧୀନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ସରପଞ୍ଚ ସୁଶାନ୍ତ ଛତ୍ରିଆ, ବିଲେଇସର୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ପୁରୁଷୋତ୍ତମ ଭଞ୍ଜ, ସ୍କୁଲ ସଭାପତି ଚୈତନ୍ୟ ପଣ୍ଡା, ଆଲୁମ୍ନି ସଭାପତି ଅନନ୍ତ ବିଶ୍ୱାଳ ମଞ୍ଚାସୀନ ଥିଲେ। ଶିଶୁମାନେ ଦେଶର ଶକ୍ତି ଓ ପ୍ରଗତିର ସୂତ୍ରଧର। ଏଣୁ ଦେଶର ସାମଗ୍ରିକ ବିକାଶ ଶିଶୁମାନଙ୍କ ବିକାଶ ଉପରେ ନିର୍ଭର କରେ ବୋଲି ମୁଖ୍ୟଅତିଥି ସୁନା କହିଥିଲେ। କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପ୍ରତିଯୋଗିତାର ବରିଷ୍ଠ ବିଭାଗ କୁଇଜ ପ୍ରତିଯୋଗିତାରେ ଅର୍ଚ୍ଚିତା ଡାଙ୍ଗ, ଚିତ୍ରାଙ୍କନରେ ପ୍ରତିମା ପଟେଲ, ବକ୍ତୃତାରେ ଶୋଭା ଥାଟି, ସୃଜନଶୀଳ ଲିଖନରେ ଆର୍ଯ୍ୟନ ଭୁଏ, ବିତର୍କରେ ଶ୍ରଦ୍ଧାଞ୍ଜଳି ବେହେରା, ପ୍ରବନ୍ଧରେ ମିଲି ଚିରଗୁନ, ସଙ୍ଗୀତରେ ଲିପି ଷାଣ୍ଢ ଏବଂ ଦଳଗତ ନୃତ୍ୟରେ ଲୁକାପଡା ଅପର ପ୍ରାଇମେରୀ ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିଲା। କନିଷ୍ଠ ବିଭାଗ କୁଇଜରେ ରିୟା ପାତ୍ର, ଚିତ୍ରାଙ୍କନରେ ବାଦଲ ନାଗ, ବକ୍ତୃତାରେ ଆୟୁଷ ସଲତର, ସୃଜନଶୀଳ ଲିଖନରେ ଅଲିଶା ପ୍ରଧାନ, ଶ୍ରୁତଲିଖନ ଓ ହସ୍ତାକ୍ଷରରେ ଶୁଚିସ୍ମିତା ତ୍ରିପାଠୀ, ସଙ୍ଗୀତରେ ରୋଶନ ରଣା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦିବ୍ୟାଙ୍ଗ କୃତୀ ଶିଶୁମାନଙ୍କ ମଧ୍ୟରେ ଅନୁଷ୍ଠିତ ସଙ୍ଗୀତ ପ୍ରତିଯୋଗିତାରେ ପ୍ରିୟତମା ବାଗ ଓ ସିନିୟରରେ ଆୟୁଷ୍ମାନ ତ୍ରିପାଠୀ, ଚିତ୍ରାଙ୍କନରେ ଅଂଶୁମାନ ବିଭାର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ କୁଇଜରେ ତୃପ୍ତିମୟୀ ଶତପଥି, ଚିତ୍ରାଙ୍କନରେ ଜୟଶଙ୍କର ରଣା, ବିତର୍କରେ ରଶ୍ମିରଞ୍ଜନ ଛତ୍ରିଆ, ବକ୍ତୃତାରେ ସ୍ୱତି ସମର୍ପିତା ଠେଲା, ସଙ୍ଗୀତରେ ଇତିଶ୍ରୀ ମିଶ୍ର, ପ୍ରବନ୍ଧରେ ଜ୍ୟୋତିର୍ମୟୀ ପ୍ରଧାନ, ସୃଜନଶୀଳ ଲିଖନରେ ପ୍ରତିଜ୍ଞା ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପିଏମ୍ ପୋଷଣ ଚିତ୍ରକଳାରେ କାହ୍ନା ବିଶ୍ୱାଳ ଓ ଶିଳ୍ପକଳାରେ ଅମ୍ରିତା ସାହୁ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୁଇଁତଲା ବ୍ଲକ ଚେୟାରମେନ ସରୋଜ ପଧାନ ଯୋଗଦେଇ ଶିଶୁମାନଙ୍କ ବୌଦ୍ଧିକ ଓ ମାନସିକ ଶକ୍ତିର ବିକାଶ ନିମନ୍ତେ ସୁରଭି ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଶିବଦତ୍ତ ମିଶ୍ର ମଧ ମଞ୍ଚାସୀନ ଥିଲେ। ନାରାୟଣ ମିଶ୍ର, ଶୈଳେନ୍ଦ୍ରୀ ପରିଡା ଓ ଅଳକା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରତିଶା ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପୁଇଁତଲା ବ୍ଲକ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସିଆରସିସି, ବିଲେଇସର୍ଡା ହାଇସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ସୋଲାର ପ୍ଲେଟ୍ ଚୋରି: ୩ ଗିରଫ

ସଇଁତଲା,୮।୧୦(ରାଖାଲ ପ୍ରସାଦ ଶତପଥୀ)

**ସୋଲାର ପ୍ଲେଟ ଓ ପିକ୍‌ଅପ୍ ଭ୍ୟାନ ଜବତ**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅଞ୍ଚଳରେ ଦିନକୁ ଦିନ ଚୋରି ଘଟଣା ବୃଦ୍ଧି ପାଉଥିବାବେଳେ ଏହାକୁ ନେଇ ସଇଁତଲା ପୋଲିସ ପକ୍ଷରୁ କଡ଼ା ପାଟ୍ରୋଲିଂ ବ୍ୟବସ୍ଥା ଆରମ୍ଭ ହୋଇଛି। ଫଳରେ ଚୋରମାନଙ୍କ ନିଦ ହଜିବାରେ ଲାଗିଥିବା ଦେଖିବାକୁ ମିଳୁଛି। ସଇଁତଲା ଥାନା ଅଧିକାରୀ ଶୁଶାନ୍ତ ବଡ଼େଇଙ୍କ ସୂଚନା ଅନୁସାରେ ସୋମବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଗୁର୍ଲାମାଲ ଛକଠାରେ ଥିବା ଢ଼ାବାରେ ଏକ ପିକଅପ୍ ଭ୍ୟାନ ନଂ. ଓଆର ୦୩ ସି ୮୮୪୮ ଅଟକିଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ ପାଟ୍ରୋଲିଂ କରୁଥିବା ଅଧିକାରୀ ଆଲୋକ ଭୋଇ ପିକଅପ୍ ଭ୍ୟାନ ନିକଟକୁ ଯାଇ ତଦନ୍ତ କରିଥିଲେ। ଗାଡ଼ି ଭିତରେ ସୋଲାର ପ୍ଲେଟ ଥିବା ଦେଖିବାକୁ ପାଇ ତଦନ୍ତ କରିବାରୁ ତାହା ଚୋରି କରାଯାଇଥିବା ଏବଂ ଅନ୍ୟତ୍ର ସ୍ଥାନାନ୍ତର ହେଉଥିବା ଜାଣିବାକୁ ପାଇଥିଲେ। ଘଟଣାସ୍ଥଳରେ ସଇଁତଲା ଥାନା ଢୁଙ୍ଗୁରୀପାଲି ଗ୍ରାମର ଅଜିତ ସାହୁ, ଗୁର୍ଲାମାଲ ଗ୍ରାମର ଅମିତ ସାହୁ ଏବଂ ଲଳିତ ସାହୁ ସୋଲାର ପ୍ଲେଟ ଚୋରି କରୁଥିବା ଜାଣି ସେମାନଙ୍କୁ ଗିରଫ କରିଥିଲେ। କୋର୍ଟ ଚାଲାଣ କରିବାପରେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଟିଟିଲାଗଡ଼ ଜେଲକୁ ପଠାଇ ଦିଆଯାଇଛି।



ପୋଲିସ ଦ୍ୱାରା ଗିରଫ ହୋଇଥିବା ୩ ଅଭିଯୁକ୍ତ।

# ଦୂଷିତ ପାଇପ ପାଣି ଯୋଗାଣ ଅଭିଯୋଗ





ପ୍ରକଳ୍ପରୁ ଯୋଗାଣ ପାଣି ଏବଂ ଅଭିଯୋଗକାରୀ ଗ୍ରାମବାସୀ।

ଲୋଇସିଂହା,୮।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ବାଦିବାହାଲ ସଦର ଗ୍ରାମରେ ଯୋଗାଣ ହେଉଥିବା ପାଇପ ପାଣି ଦୂଷିତ ତଥା ଲାଲିଆ ରଙ୍ଗ ହେଉଛି। ଉକ୍ତ ପ୍ରକଳ୍ପରୁ ଗତ ନୂଆଁଖାଇ ସମୟରୁ ଏପରି ପାଣି ଆସୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦେଢମାସ ବିତି ଯାଇଥିଲେ ସୁଦ୍ଧା ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ପ୍ରକଳ୍ପ ପାଣିକୁ ନେଇ ଗ୍ରାମବାସୀ ଦ୍ୱନ୍ଦରେ ପଡି ଯାଇଛନ୍ତି। ଜଳବାହିତ ରୋଗ ଆଶଙ୍କାରେ ଆଶଙ୍କିତ ହୋଇପଡିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ୫ ୱାର୍ଡ ବିଶିଷ୍ଟ ବାଦିବାହାଲ ଗ୍ରାମର ଜନସଂଖ୍ୟା ପ୍ରାୟ ୩ ହଜାର ହେବ। ଗ୍ରାମର କିଆଁକଟାଁ ପରିସରରେ ପାଣି ଟାଙ୍କି ଓ ପମ୍ପ ବସାଯାଇଛି। ସେଠାରୁ ପଞ୍ଚାୟତ ପରିସର ନିର୍ମିତ ଓଭରହେଡ ଟାଙ୍କିଙ୍କୁ ଉଠାଇଲା ପରେ ବସ୍ତିକୁ ଜଳଯୋଗାଣ ହେଉଛି। କିଆଁକଟାଁ ପରିସର ପାଣି ଟାଙ୍କି ଫାଟି ଯାଇଛି। କିଆଁକଟାଁରେ ଅମରି ବୁଦା ଲାଗିଛି। ଏଣୁ ପାଚିଲା ଅମରି ପତ୍ରର ପଚା ପାଣି ଏବଂ ପାଣି ଟାଙ୍କି ନିକଟରେ ଥିବା ଖତଗଦାର ପାଣି ଟାଙ୍କିକୁ ପ୍ରବେଶ କରୁଥିବା ସନ୍ଦେହ କରୁଛନ୍ତି ଗ୍ରାମବାସୀ। ଏଣୁ ଜଳ ଯୋଗାଣ ବେଳେ ପ୍ରକଳ୍ପରୁ ଏପରି ପାଣି ବାହରୁଛି ବୋଲି ଗ୍ରାମର କିଶୋର ବାଗ, ସୁବଳ ସା, ଶ୍ରଦ୍ଧା ରଣା, ଅକ୍ଷୟ ବାଗ, ମହାଦେବ ବାଗ, ପ୍ରସନ୍ନ ମେହେର ପ୍ରମୁଖ ଅଭିଯୋଗ କରିଛନ୍ତି। ମାସାଧିକ କାଳ ଏପରି ପାଣି ପିଉଥିବାରୁ ଝାଡାବାନ୍ତି କିମ୍ବା ନାନା ଦି ଜଳବାହିତ ରୋଗ ଆଶଙ୍କା ବ୍ୟକ୍ତ କରିଛନ୍ତି ଗ୍ରାମବାସୀ। ବ୍ଲକ ପ୍ରଶାସନ, ପଞ୍ଚାୟତ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟିଦେଇ ଶୀଘ୍ର ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ।

# ଏଡ୍‌ସ, ଅଗ୍ନି ନିରାପତ୍ତା ସଚେତନତା

କଣ୍ଟାବାଞ୍ଜି, ୮।୧୦(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟର୍ ଯୁବ ରେଡକ୍ରସ ଏକକ ତରଫରୁ ଏଡ୍‌ସ ରୋଗ ଓ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧକ୍ଷ ରାଜେନ୍ଦ୍ର କୁମାର ପୁରୋହିତ ଓ ଅନ୍ୟ ଅତିଥିମାନେ ରେଡକ୍ରସ ପ୍ରତିଷ୍ଠାତା ସାର ହେନେରୀ ଡୁରାଣ୍ଟ ଙ୍କ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଓ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ଡକ୍ଟର ନେପାଳ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କଣ୍ଟାବାଞ୍ଜି ବୈଷୟିକ ମହାବିଦ୍ୟାଳୟର ଅଧାପକ ରୋହିତ କିଶୋର କୁମ୍ଭାର ରେଡକ୍ରସର ଗଠନ ଓ ଏହାର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଏଡ୍‌ସ ରୋଗର କାରଣ, ଭୟାବହତା ଓ ନିରାକରଣ ବିଷୟରେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ସେହିପରି କଣ୍ଟାବାଞ୍ଜି ଫାୟାର୍ ଅଫିସର ନାଏକ ଅଗ୍ନି କିପରି ଲାଗେ, ଏହା କେତୋଟି ଭାଗରେ ବିଭକ୍ତ, ଅଗ୍ନି କେଉଁଥିରୁ ବ୍ୟାପିଥିଲେ କାହାର ସାହାଯ୍ୟରେ ଆୟତ୍ତ କରିବେ, ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଓ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଶେଷରେ କଣ୍ଟାବାଞ୍ଜି ଫାୟାର ଷ୍ଟେଶନର ସଦସ୍ୟମାନେ ଅଗ୍ନିକୁ ଆୟତ୍ତ କରିବାର କୌଶଳର ଡେମୋ ଦେଖାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଭି ମହାବିଦ୍ୟାଳୟର ଅଧକ୍ଷ ପଦ୍ମଲୋଚନ ବର୍ମା, ଅଧାପକ ସୋମନାଥ ମେହେର, ରାଜୀବ ମେହେର, ଅଧାପିକା ସୁନନ୍ଦା ରଥ, ଲିପାନୀତା ପାଧାନ, ନିରବତୀ ପଧାନ, ରାଞ୍ଜୁ ବନଛୋର୍ ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସାହାଯ୍ୟ କରିଥିଲେ। ଶେଷରେ ବିଗତ ବର୍ଷ ମହାବିଦ୍ୟାଳୟର ଛାତ୍ରୀ ଅରୂପା ମୁଗ୍ରୀ, ଜାଗୃତି ବେହେରା ଓ ସୁଶୀଳା ବେହେରା ରାଜ୍ୟସ୍ତରୀୟ ରେଡକ୍ରସ ଟ୍ରେନିଂ କ୍ୟାମ୍ପରେ ବଲାଙ୍ଗୀର ଜିଲାକୁ ପ୍ରତିନିଧି କରିଥିବାରୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ୩ ବର୍ଷ ହେଲା ପଞ୍ଚାୟତକୁ ଆସୁନାହାନ୍ତି ଜିଆର୍‌ଏସ୍

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ବାଧାପ୍ରାପ୍ତ
- ରିପୋର୍ଟ ତଲବ କଲେ ବିଡିଓ

ଲୋଇସିଂହା,୮।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରିନବଚନ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ୨ଶହ ବ୍ୟକ୍ତି ଆସି ଅଭିଯୋଗ ଦାଖଲ କରିଥିଲେ। ଶିବିରରେ ବିଡିଓ କୁଳଦୀପ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଅଭିଯୋଗର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ। ଶିବିରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହୋଇଥିଲା। ପଞ୍ଚାୟତର ଜିଆର୍‌ଏସ୍ କୁଆଡେ ଦୀର୍ଘ ୩ ବର୍ଷ ହେଲା ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁ ନ ଥିବା ନେଇ ପଞ୍ଚାୟତର ଖୋଦ ସରପଞ୍ଚ ପ୍ରମିଳା ଦୋରା ଏବଂ ଜବକାର୍ଡ଼ହିତାଧିକାରୀମାନେ ଅଭିଯୋଗ କରିଥିଲେ। ଫଳରେ ଏମ୍‌ଜିଏନ୍‌ଆରଇଜିଏସ୍ ସଂକ୍ରାନ୍ତ କାମଗୁଡିକ ବାଧାପ୍ରାପ୍ତ ହୋଇଥିବା ସରପଞ୍ଚ ଦୋରା ଅଭିଯୋଗ କରିଥିଲେ। ଏହା ପୂର୍ବରୁ ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଉପସ୍ଥିତ ବିଡିଓଙ୍କ ଉପରେ ସେ କ୍ଷୋଭ ପ୍ରକାଶ କରିଥିଲେ। ଅଭିଯୋଗ ପରେ ସେଠାରେ ଉପସ୍ଥିତ ବ୍ଲକର ଏମ୍‌ଜିଏନ୍‌ଆରଇଜିଏସ୍‌ର ବିଭାଗର ଏପିଓଙ୍କୁ କାହିଁକି ଏସଂକ୍ରାନ୍ତରେ ଜଣାଉନାହାନ୍ତି ବୋଲି କହିଥିଲେ ବିଡିଓ ମହାନ୍ତି। ଜିଆର୍‌ଏସ୍ କଣ ପାଇଁ ଆସୁନାହାନ୍ତି, କାମ କରୁନାହାନ୍ତି ୧୫ ଦିନ ମଧ୍ୟରେ ବିଡିଓଙ୍କୁ ରିପୋର୍ଟ ଦେବାକୁ ଏପିଓଙ୍କୁ ନିର୍ଦ୍ଦେଶ କରିଥିବା ସରପଞ୍ଚ ଦୋରା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

# କବି ବିଧୁଭୂଷଣ ଗୁରୁଙ୍କ ଜୟନ୍ତୀ

ବଲାଙ୍ଗୀର,୮।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପିପି ଏକାଡ଼େମୀ ସଭାକକ୍ଷରେ ବିଧୁଭୂଷଣ ଗୁରୁ ସ୍ମୃତି ପରିଷଦ ପକ୍ଷରୁ ତୁଳସୀ ଜୈନଙ୍କ ଅଧକ୍ଷତାରେ କବି ବିଧୁଭୂଷଣ ଗୁରୁଙ୍କ ୧୦୫ତମ ଜୟନ୍ତୀ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ମଧୁସୂଦନ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମାଜରେ ବିଶେଷଜ୍ଞମାନଙ୍କ ସଂଖ୍ୟା ବଢ଼ି ଚାଲିଛି କିନ୍ତୁ ବିଧୁଭୂଷଣ ଗୁରୁଙ୍କ ପରି ବହୁମୁଖୀ ପ୍ରତିଭା ଆଉ ସୃଷ୍ଟି ହେଉନାହାନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ ବିଧୁବାବୁଙ୍କ ସହିତ କଟେଇଥିବା ନିଜ ଅଭୁଲା ସ୍ମୃତି ସମ୍ପର୍କରେ କହିଥିଲେ। ଏହି ଅବସରରେ ପରିଷଦ ମୁଖପତ୍ର ବିଧୁସ୍ମୃତିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରିଷଦ ପକ୍ଷରୁ ଡକ୍ଟର ଦୋଳଗୋବିନ୍ଦ ବିଶିଙ୍କୁ ବିଧୁଭୂଷଣ ଗୁରୁ ସ୍ମୃତିସମ୍ମାନ, ଡକ୍ଟର ଜଗଦୀଶଚନ୍ଦ୍ର ଭୋଇଙ୍କୁ ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆ ସ୍ମୃତି ସମ୍ମାନ, ଡକ୍ଟର ସଞ୍ଜୟ କୁମାର ମିଶ୍ରଙ୍କୁ ଗଙ୍ଗାଧର ଗୁରୁ ସ୍ମୃତି ସମ୍ମାନ, ଡକ୍ଟର ଜୟପ୍ରକାଶ ମିଶ୍ରଙ୍କୁ ଗୌରୀଶଙ୍କର ତ୍ରିପାଠୀ ସ୍ମୃତି ସମ୍ମାନ, ଯୁଗଳ କିଶୋର ପ୍ରଧାନଙ୍କୁ ଜଷ୍ଟିସ ରାଧେକୃଷ୍ଣ ମିଶ୍ର ସ୍ମୃତି ସମ୍ମାନ ଓ ପ୍ରସନ୍ନ କୁମାର ହୋତାଙ୍କୁ ପୂର୍ଣ୍ଣଚନ୍ଦ୍ର ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭା ପ୍ରାରମ୍ଭରେ ଡକ୍ଟର ଦୈତାରୀ ପୂଜାରୀ ବେଦପାଠ କରିଥିଲେ। ସ୍ୱରୂପା ସିଂ ଓ ପ୍ରିୟା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଜୀବ ଲୋଚନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଷଦ ସମ୍ପାଦକ ଅଧାପକ ଜୟକୁମାର ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ। ଶେଷରେ କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ପ୍ରାଣବନ୍ଧୁ ନାୟକ, ଡ. ଗୋବର୍ଦ୍ଧନ ନାୟକ, ଡ. ଅଭିମନ୍ୟୁ ମିଶ୍ର, ଡ. ସତ୍ୟବନ୍ତ ବେଦବାକ, ଡା. ମଞ୍ଜୁବାଳା ପଣ୍ଡା, ଡା. ଜ୍ୟୋତି ସାହୁ, ଡ. ପ୍ରହ୍ଲାଦ ଶତପଥୀ, ଡ. ପ୍ରେମଚାନ୍ଦ ମହାନ୍ତି, ଡ. ଅରୁଣ ନାଏକ, ଡ. ଭବାନୀଶଙ୍କର ପଟେଲ, ଭବାନୀ ଶତପଥୀ, ପ୍ରଶାନ୍ତ କୁମାର ଯୋଶୀ, ସନାତନ ଠାକୁର, ଭାଗୀରଥି ମିଶ୍ର, ଜୟରାମ ମିଶ୍ର, ମଧୁସୂଦନ ଦାଶ, ସବିତା ମହରା, କପିଳ ପତି, ହୃଷୀକେଶ ପୁରୋହିତ, କେଶବ ମିଶ୍ର ଓ ମଦନମୋହନ ରଥ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ଅତିଥିମାନେ ପରିଷଦ ମୁଖପତ୍ର ବିଧୁସ୍ମୃତି ଉନ୍ମୋଚନ କରୁଛନ୍ତି।

# ସ୍କୁଲସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ବଲାଙ୍ଗୀର,୮।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ସୋମବାର ବଲାଙ୍ଗୀର ପବ୍ଲିକ୍ ସ୍କୁଲଠାରେ ହାଇସ୍କୁଲ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ବକ୍ତୃତା ପ୍ରତିଯୋଗିତାରେ ବଲାଙ୍ଗୀର ଶିକ୍ଷା ଜିଲାର ବିଭିନ୍ନ ସ୍କୁଲର ପ୍ରତିଯୋଗୀ ଯୋଗଦାନ କରିଥିଲେ। ଯୁଧିଷ୍ଠିର ମିଶ୍ରଙ୍କ ଜୀବନୀରୁ ଶିଖିବା କ'ଣ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ବିଶ୍ୱାତ୍ମ ବିଦ୍ୟାଳୟର ଛାତ୍ରୀ ବିଦ୍ୟା ବେହେରା ପ୍ରଥମ, ବିଶ୍ୱାତ୍ମ ବିଦ୍ୟାଳୟ ଛାତ୍ର ଜୟଗୋପାଳ ମିଶ୍ର ଦ୍ୱିତୀୟ ଓ ବଲାଙ୍ଗୀର ପବ୍ଲିକ୍ ସ୍କୁଲ ଛାତ୍ରୀ ପ୍ରିୟାଂଶୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଆନନ୍ଦଚନ୍ଦ୍ର ସାହୁ, ସନ୍ଦୀପ କୁମାର କୁଅଁର ଓ ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦାନ କରିଥିଲେ। ପବ୍ଲିକ ସ୍କୁଲ ପରିଚାଳନା କମିଟି ସଭାପତି ବୀରେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ଗୋପାଳ ଚନ୍ଦ୍ର ସିଂଦେଓ ଓ କୋଷାଧକ୍ଷ ଆଲୋକ ରଞ୍ଜନ ବେଦବାକ୍, ସଭ୍ୟ ଶିରିଶ ଚନ୍ଦ୍ର ହୋତା, ବାଦଲ ମହାକୁର, ସଞ୍ଜୀବ ସାହୁ, ସ୍କୁଲ ଅଧକ୍ଷ ସତୀଶ ପଧାନ, ଉପାଧକ୍ଷା ମମିତା ବେହେରା, ଦୀପକ ବରାଲ ବିଶେଷ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ହରେକୃଷ୍ଣ ନାୟକଙ୍କ ସଂଯୋଜନାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ସତ୍ୟନାରାୟଣ ଦାଶ, ରାକେଶ ସତପଥି, ଅନନ୍ତ ବିଶ୍ୱାଳ, ମଧୁସୂଦନ ନେଗୀ ଓ ଅନ୍ୟକର୍ମଚାରୀ ସହଯୋଗ କରିଥିଲେ।



ବଲାଙ୍ଗୀର ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର ପ୍ରତିଯୋଗୀ ଓ ବିଚାରକଙ୍କ ସହ ଆୟୋଜକମାନେ।

# ପଦୋନ୍ନତି ଦ୍ୱନ୍ଦ୍ୱକୁ ନେଇ ଚିନ୍ତାରେ ସାଧାରଣବର୍ଗ ଆଶାୟୀ

ବଲାଙ୍ଗୀର,୮।୧୦(ବୀରେନ୍ଦ୍ର କୁମାର ଝାଙ୍କର)

- ସରକାରୀ ଚିଠି ଶୀଘ୍ର ପ୍ରତ୍ୟାହାର ଦାବି କଲେ
- ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ପ୍ରେରଣ

ସରକାରୀ ଚାକିରିର ବିଭିନ୍ନ କ୍ୟାଡରରେ ପଦୋନ୍ନତି ଲାଗି ଉଦ୍ଦିଷ୍ଟ ଅଣସଂରକ୍ଷିତ ପଦରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବା ସମ୍ପର୍କରେ ସରକାରୀ ଭାବେ ଜାରି ହୋଇଥିବା ଚିଠିକୁ ନେଇ ସାଧାରଣବର୍ଗ କର୍ମଚାରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ଚିନ୍ତା ପ୍ରକଟ ପାଇଥିବା ଡିପ୍ଲୋମା ଇଞ୍ଜିନିୟରମାନେ ଜଣାଇଛନ୍ତି। ଏଭଳି ବ୍ୟବସ୍ଥା ଲାଗୁ ହେଲେ ସାଧାରଣବର୍ଗ କର୍ମଚାରୀ ଓ ଆଶାୟୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ କଲ୍ୟାଣ ବିଭାଗ ଶାସନ ସଚିବଙ୍କ କାର୍ଯ୍ୟାଳୟରୁ ଗତ ସେପ୍ଟେମ୍ବର ୧୧ରେ ଜାରି ହୋଇଥିବା ଚିଠିରେ (ନଂ ୧୯୦୩୨)ରେ ଖାଲି ପଡ଼ିଥିବା ଅଣସଂରକ୍ଷିତଙ୍କ ଲାଗି ଉଦ୍ଦିଷ୍ଟ ପଦକୁ ସଂରକ୍ଷିତ ବର୍ଗଙ୍କୁ ପଦୋନ୍ନତି ମିଳିପାରିବ ବୋଲି କୁହାଯିବା ପରେ ସାଧାରଣବର୍ଗ କର୍ମଚାରୀ ଓ ଛାତ୍ରୀଛାତ୍ର ମହଲରେ ଚିନ୍ତା ପ୍ରକଟ ପାଇଛି। ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ପଦୋନ୍ନତିରେ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଦେଇଥିବା ରାୟର ଏହା ସିଧା ଉଲ୍ଲଙ୍ଘନ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ବିଭିନ୍ନ ବିଭାଗର କର୍ମଚାରୀମାନେ ମୁଖ୍ୟ ଶାସନ ସଚିବଙ୍କୁ ମଧ ଅଭିଯୋଗପତ୍ର ପ୍ରେରଣ କରିଥିବା ଦର୍ଶାଇଛନ୍ତି। ଏଭଳି ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର ଲାଗି ସେମାନେ ଦାବି କରିଛନ୍ତି। ଏହି କ୍ରମରେ ଡିପ୍ଲୋମା ଇଞ୍ଜିନିୟର କ୍ୟାଡରରେ ମଧ ସାଧାରଣ ବର୍ଗଙ୍କ ପଦୋନ୍ନତି ଲାଗି ଉଦ୍ଦିଷ୍ଟ ପଦରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ନ କରିବାକୁ ବଲାଙ୍ଗୀର ସମେତ ବିଭିନ୍ନ ଜିଲାର ଡିପ୍ଲୋମା ଇଞ୍ଜିନିୟର କ୍ୟାଡରରେ ନିଯୁକ୍ତ ଇଞ୍ଜିନିୟରମାନେ ମୁଖ୍ୟଶାସନ ସଚିବଙ୍କୁ ଏକ ଦାବିପତ୍ର ଦେଇଥିବା ଜଣାଇଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ସରକାରଙ୍କ ଏହି ଚିଠି ସୁପ୍ରିମକୋର୍ଟଙ୍କ ରାୟକୁ ଉଲ୍ଲଂଘନ କରୁଛି। ଏଥିସହ ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀକୁ ପଦୋନ୍ନତି କ୍ଷେତ୍ରରେ ସାଧାରଣବର୍ଗର ଆଶାୟୀଙ୍କ ମୌଳିକ ସ୍ୱାର୍ଥକୁ ଏହା ହାନୀ କରିବ। ଡିପ୍ଲୋମା ଇଞ୍ଜିନିୟରଙ୍କୁ କ୍ୟାଡରଭିତ୍ତିକ ନିଯୁକ୍ତି ବେଳେ ଓଆରଭି ନିୟମର ଅନୁପାଳନ କରାଯାଇଥିଲା। ଏହି କାରଣରୁ ସଂରକ୍ଷଣ ଆଧାରରେ କ୍ରମାନ୍ୱୟରେ ମିଳୁଥିବା ନିଯୁକ୍ତିରେ ସାଧାରଣବର୍ଗର ପ୍ରାର୍ଥୀମାନେ ବିଳମ୍ବରେ ଚାକିରି ପାଇଥିଲେ। ଏବେ ଯଦି ପୁଣି ଅଣସଂରକ୍ଷିତ ପଦକୁ ପଦୋନ୍ନତିରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୁଏ, ତେବେ କ୍ୟାଡର ଭିତ୍ତିରେ ନିଯୁକ୍ତି ପାଇଥିବା ବହୁ ଯନ୍ତ୍ରୀ ତାଙ୍କ ଚାକିରିକାଳରେ ପଦୋନ୍ନତି ପାଇବା କଷ୍ଟସାଧ ହୋଇଯିବ ବୋଲି କୁହାଯାଇଛି। ସରକାର ଏହା ଉପରେ ପୁର୍ନବିଚାର କରିବାକୁ ବଲାଙ୍ଗୀର ଡିପ୍ଲୋମା ଇଞ୍ଜିନିୟରମାନେ ଦାବି କରିଛନ୍ତି।

# ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାର ସହ ପାଳନକୁ ଗୁରୁତ୍ୱ

■ଅଗ୍ନି ସୁରକ୍ଷା ପ୍ରମାଣପତ୍ର ବାଧ୍ୟତାମୂଳକ
■ସୁବର୍ଣ୍ଣପୁର ଜିଲାରେ ୭୧ ପୂଜା ମଣ୍ଡପ

**ସୋନପୁର,୮।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳା ଓ ବ୍ୟବସ୍ଥିତଭାବେ ପାଳନ କରିବା ନିମନ୍ତେ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଅନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ଜିଲା ପ୍ରଶାସନ, ପୋଲିସ ଅଧିକାରୀ ଓ ଜିଲାର ପୂଜା କମିଟି କର୍ମକର୍ତ୍ତାଙ୍କୁ ନେଇ ଏହି ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଜିଲାର ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ୭୧ଟି ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଇବେ। ଷଷ୍ଠୀଠାରୁ ଦଶମୀ ଅଥବା ବିସର୍ଜନ ପର୍ଯ୍ୟନ୍ତ ପୂଜା କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ । ଗାଁ ଓ ସହରାଞ୍ଚଳରେ ଜନ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ପୂଜା କମିଟି ଆବଶ୍ୟକ ସତର୍କତା ଅବଲମ୍ବନ ସହ ପୂଜା, ପୂଜା ପେଣ୍ଡାଲ, ମେଳା ଓ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମ ନିମନ୍ତେ ନିୟମ ଅନୁଯାୟୀ ପ୍ରଶାସନିକ ଅନୁମତି ନେବାକୁ ଜିଲାପାଳ ଦାସ କମିଟିର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ବିନାନୁମତିରେ ପୂଜା କିମ୍ବା ମେଳା ଆୟୋଜନ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ କୁହାଯାଇଛି।

ସମସ୍ତ ପୂଜା କମିଟି ପୂଜା ପୂର୍ବରୁ ଡାକବାଜି ଯନ୍ତ୍ର ବ୍ୟବହାର, ଅସ୍ଥାୟୀ ବିଦ୍ୟୁତ୍ ଯୋଗାଣ, ଅଗ୍ନି ନିର୍ବାପକ ସୁରକ୍ଷା ନିମନ୍ତେ ଉପଜିଲାପାଳ ଓ ସମ୍ପୃକ୍ତ ବିଭାଗଠାରୁ ଅନୁମତି ପତ୍ର ଆଣିବାକୁ ଜିଲାପାଳ ଦାସ କମିଟି କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ପୂଜା ସମୟ ଓ ପରେ ସହର ତଥା ପୂଜା ପେଣ୍ଡାଲଗୁଡିକରେ ପରିମଳ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା ସହ ଜନ ସମାଗମ ଉପରେ ଆବଶ୍ୟକ ପଦକ୍ଷେପ ନିଆଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଲୋକ ଗହଳିକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ପୂଜା କମିଟି ନିଜ ତରଫରୁ ଆବଶ୍ୟକ ସତର୍କତା ଅବଲମ୍ବନ ପୂର୍ବକ ସ୍ୱେଚ୍ଛାସେବୀ ନିୟୋଜିତ କରି ଭିଡକୁ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦିଆଯାଉଛି। ପୂଜା ସମୟରେ ଜିଲା ଅବକାରୀ ବିଭାଗ ତରଫରୁ ବେଆଇନ ନିଶା କାରବାରର ଚୋରାଚାଲାଣ ତଥା ସର୍ବସାଧାରଣ ଖୋଲା ଜାଗାରେ କୌଣସି ପ୍ରକାର ମାଦକ ଦ୍ରବ୍ୟ ବ୍ୟବହାର ଉପରେ କଡା ନଜର ରଖିବାକୁ ଗୁରୁତ୍ୱାରୋପ କରାଯାଇଛି । ପୂଜା ସମୟରେ ଶାନ୍ତି ଶୃଙ୍ଖଳା, ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା ନିମନ୍ତେ ନିଆଯାଇଥିବା ପଦକ୍ଷେପ ଉପରେ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ବୈଠକରେ ସୂଚନା ଦେଇଥିଲେ। କୌଣସି ପ୍ରକାର ଗଣ୍ଡଗୋଳ କିମ୍ବା ଅପ୍ରୀତିକର ପରିସ୍ଥିତି ପାଇଁ ପୋଲିସ ପ୍ରଶାସନ ଦ୍ୱାରା ଆବଶ୍ୟକ ପାଟ୍ରୋଲି ସହ ପୋଲିସ ବଳ ନିୟୋଜନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ପୂଜା ସମୟରେ ବିଭିନ୍ନ ଫାଷ୍ଟଫୁଡ, ଠେଲା ଦୋକାନ, ଜଳଖିଆ ଦୋକାନ, ହୋଟେଲ ପ୍ରଭୃତିରେ ଖାଦ୍ୟର ମାନ ଯାଞ୍ଚ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସହର ରାସ୍ତା ଘାଟ, ମେଳା ପଡିଆ ପ୍ରଭୃତି ସ୍ଥାନରେ ଅଳିଆ ଆବର୍ଜନାକୁ ସଫାକରିବା ସହ ପରିମଳ ନିମନ୍ତେ ଆବଶ୍ୟକ ଯତ୍ନବାନ ହେବାକୁ ନିର୍ବାହୀ ଅଧିକାରୀ ପୌରପରିଷଦଙ୍କୁ ପରାମର୍ଶ ଦିଆଯାଇଛି। ରାତିରେ ଜନସାଧାରଣଙ୍କ ଯିବା ଆସିବାକୁ ସୁଗମ ତଥା ସୁରକ୍ଷିତ କରିବା ନିମନ୍ତେ ସହରରେ ଲାଗିଥିବା ଷ୍ଟ୍ରିଟ ଲାଇଟଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ସୋନପୁର ଉପଜିଲାପାଳ ଡ଼ ସତ୍ୟରୁପା ରଥ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ, ଏସପି ଓ ଅନ୍ୟ ଅଧିକାରୀମାନେ।

# ନିମାର୍କ ଜୟନ୍ତୀ ପରିଚାଳନା ପାଇଁ କମିଟି ଗଠିତ


ନିମାର୍କ ଜୟନ୍ତୀ କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସଭ୍ୟମାନେ।

**ଅମରପାଲି, ୮।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଆସନ୍ତା ନଭେମ୍ବର ୧୫ ତାରିଖରେ ହେବ ନିମାର୍କ ଜୟନ୍ତୀ କାର୍ଯ୍ୟକ୍ରମ। ଏହା ସହିତ ବିଶ୍ୱଶାନ୍ତି ମହାଯଜ୍ଞ, ପ୍ରବଚନ, ଚାରିଗ୍ରନ୍ଥ ଅଷ୍ଟାଦଶ ପୁରାଣ ପାଠ ମଧ୍ୟ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହାର ସୁପରିଚାଳନା ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏକ କମିଟି ଗଠନ ହୋଇଯାଇଛି। ପୁରୀ ରାମଜି ମଠର ମଠାଧୀଶ ଗୁରୁ ବଂଶୀଧର ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକ ପରିଚାଳନା କମିଟି ଗଠନ କରାଯାଇଛି। ପରିଚାଳନା କମିଟି ଅଧ୍ୟକ୍ଷଭାବେ ଗୁରୁ ବଂଶୀଧର ମହାରାଜା ରହିଛନ୍ତି। ତାଙ୍କ ପରାମର୍ଶକ୍ରମେ ବରିଷ୍ଠ ଆଇନଜୀବୀ ବିଷ୍ଣୁ ଚରଣ ପଣ୍ଡା କାର୍ଯ୍ୟକାରୀ ସଭାପତି, ଉପସଭାପତିଭାବେ ଭୂଷଣ କୁମାର ପାତ୍ର, ଭଗବାନ ମିଶ୍ର, ମାନଭଞ୍ଜନ ମିଶ୍ର ଓ ରାଧେଶ୍ୟାମ ମଲ୍ଲିକ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ସମ୍ପାଦକ ଭାବେ ଦ୍ୱିତୀକୃଷ୍ଣ ପଣ୍ଡା, ବସନ୍ତ ମହାକୁଡ଼, ଦିଲ୍ଲୀପ ପ୍ରଧାନ ଓ ଗୋପିନାଥ ଚାନ୍ଦଙ୍କୁ ଚୟନ କରାଯାଇଛି। ଦୟାନିଧି ହୋତାଙ୍କ ସମେତ ଶମ୍ଭୁ ପ୍ରସାଦ ହୋତା, ବିଜୟ ତ୍ରିପାଠୀ ସୂର୍ଯ୍ୟ ନନ୍ଦ ଓ ରବି ପଣ୍ଡାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ରହିଛନ୍ତି ଯୁଗଳ କିଶୋର ମିଶ୍ର। ଏହା ସହିତ ବିଭିନ୍ନ ସବ୍ କମିଟି ଗଠନ କରାଯାଇଛି। ଉପଦେଷ୍ଟା ଦାୟିତ୍ୱ ତୁଲାଇବେ ଗୋପୀନାଥ ମହାକୁଡ଼, ରାମକୃଷ୍ଣ ହୋତା, ଦିଲ୍ଲୀପ ପଧାନ, ସୁରେନ୍ଦ୍ର ପତି। ବୀରମହାରାଜପୁର ହାଇସ୍କୁଲ ପଡ଼ିଆରେ ନିମାର୍କ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥାନ ନିରୂପଣ ହୋଇଛି। ଗୁରୁ ବଂଶୀଧର ମହାରାଜାଙ୍କ ପରାମର୍ଶକ୍ରମେ ପ୍ରଥମେ ଦେବ ନିମନ୍ତ୍ରଣ ପରେ ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ୩୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବ ବୋଲି ସୂଚନା ଦିଆଯାଇଛି । ବଳରାମ ପୁରୋହିତ, ବିପିନ କୁମାର ପଣ୍ଡାଙ୍କ ସମେତ ଶତାଧିକ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପରବର୍ତ୍ତୀ ବୈଠକ ଆସନ୍ତା ୧୪ ତାରିଖରେ ହେବ ବୋଲି ଦିନ ଧାର୍ଯ୍ୟ କରାଯାଇଛି।

# ବାଉଁଶୁଣୀ ପ୍ରାଣୀ ଚିକିତ୍ସାଳୟରୁ ଚୋରି ଅଭିଯୋଗ

**ବାଉଁଶୁଣୀ,୮।୧୦(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ପ୍ରାଣୀ ଚିକିତ୍ସାଳୟରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବାଉଁଶୁଣୀଠାରେ ଥିବା ପ୍ରାଣୀ ଚିକିତ୍ସାଳୟ କୋଠା ଅତି ପୁରୁଣା ହୋଇଥିବା ଓ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପାଚେରି ଭାଙ୍ଗି ଯାଇଥିବାବେଳେ ଅସୁରକ୍ଷିତ ଅବସ୍ଥାରେ ରହିଛି। ଏହାର ସୁଯୋଗ ନେଇ ଚୋରମାନେ ତାଲା ଭାଙ୍ଗି ଚିକିତ୍ସାଳୟ ମଧ୍ୟରେ ପଶି ଲାଗିଥିବା ପଙ୍ଖା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇ ଯାଇଥିବା ରାତ୍ର ଜଗୁଆଳି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ପ୍ରାଣୀ ଚିକିତ୍ସକଙ୍କୁ ଅବଗତ କରାଯାଇଥିବା ସୂଚନା ମିଳିଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତୁରନ୍ତ ଚିକିତ୍ସାଳୟର ପୁନଃଉଦ୍ଧାର କରିବା ପାଇଁ ଜନସାଧାରଣରେ ଦାବି ହେଉଛି।

# ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଏସ୍‌ପିଙ୍କୁ ଅଭିଯୋଗ କଲେ ସ୍ତ୍ରୀ

**ବୌଦ୍ଧ, ୮।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ଖଣ୍ଡହତା ଗ୍ରାମର ସନ୍ତୋଷ ସାହୁ ଗତ ୧ ତାରିଖ ଆତ୍ମହତ୍ୟା କରିଥିଲେ। ପୁରୁଣାକଟକ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ତେବେ ଘଟଣାର ୫ଦିନ ପରେ ମୃତକ ସନ୍ତୋଷଙ୍କ ସ୍ତ୍ରୀ ପଙ୍କଜିନୀ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଆତ୍ମହତ୍ୟା ନୁହେଁ, ସମ୍ପତ୍ତି ହଡପ ପାଇଁ ତାଙ୍କୁ ଚକ୍ରାନ୍ତ କରି ହତ୍ୟା କରାଯାଇଥିବା ନେଇ ବୌଦ୍ଧ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି। ସୂଚନା ମୁତାବକ ପଙ୍କଜିନୀଙ୍କ ଅଭିଯୋଗ ଅନୁଯାୟୀ ସେ ସନ୍ତୋଷ ସାହୁଙ୍କୁ ବଲାଙ୍ଗୀର ଜିଲା ପଥରଚେପା ଶିବ ମନ୍ଦିରରେ ବିବାହ କରିଥିଲେ। ବିବାହ ପରେ ସନ୍ତୋଷ ଅନ୍ୟ ଜଣେ ମହିଳାଙ୍କ ସହିତ ସମ୍ପର୍କ ରଖି ଘରଡିହ, ଜମିବାଡି ଏବଂ କୋଠାବାଡି ଆଦି ସମ୍ପୃକ୍ତ ମହିଳା ତାଙ୍କ ନାମରେ କରାଇ ନେଇଛନ୍ତି। ପୂର୍ବରୁ ସମ୍ପୃକ୍ତ ମହିଳା ପଙ୍କଜିନୀଙ୍କ ଘରକୁ ଆସି ଗ୍ୟାସ ନିଆଁରେ ପୋଡି ତାଙ୍କୁ ମାରିବାକୁ ଉଦ୍ୟମ କରିବା ସହିତ ତାଙ୍କ ସ୍ୱାମୀକୁ ଶିଖାଇ ତାଙ୍କୁ ଘରୁ ବାପଘରକୁ ତଡି ଦେଇଥିଲେ। ଗତ ୧ ତାରିଖ ସମ୍ପୃକ୍ତ ମହିଳା ତାଙ୍କ ପରିବାର ସହ ମିଶି ତାଙ୍କ ସ୍ୱାମୀଙ୍କୁ ପ୍ରବଳ ମାଡ ମାରିବା ସହିତ ହତ୍ୟା କରିଥିବା ନେଇ ପଙ୍କଜିନୀ ବୌଦ୍ଧ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀଙ୍କ ମୃତ୍ୟୁକୁ ଅପମୃତ୍ୟୁ ଭାବରେ ଗ୍ରହଣ ନ କରି ହତ୍ୟା ମାମଲାରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଥିବା ଜଣାଯାଇଛି। ତେବେ ଏ ସମ୍ପର୍କରେ ପୁରୁଣାକଟକ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାଶଙ୍କୁ ପଚାରିବାରେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।


ଏସ୍‌ପିଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଛନ୍ତି ପଙ୍କଜିନୀ।

# ଆହାର କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ


ବୌଦ୍ଧ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଆହାର କେନ୍ଦ୍ର ପରିଦର୍ଶନ କରୁଛନ୍ତି।

**ବୌଦ୍ଧ, ୮।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଅଚାନକ ମଙ୍ଗଳବାର ବୌଦ୍ଧ ଡାକ୍ତରଖାନା ନିକଟରେ ଥିବା ଆହାର କେନ୍ଦ୍ର ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଆହାର କେନ୍ଦ୍ରରେ ପହଞ୍ଚି ଜିଲାପାଳ ପଣ୍ଡା ଲୋକଙ୍କୁ ୫ ଟଙ୍କାରେ ଦିଆଯାଉଥିବା ଖାଦ୍ୟର ମାନ ପରୀକ୍ଷା କରିଥିଲେ। ଆବଶ୍ୟକ ସ୍ଥଳେ ଖାଦ୍ୟର ପରିମାଣ ବୃଦ୍ଧି କରି ପ୍ରତିଦିନ ୫୦୦ ଲୋକଙ୍କୁ ଖାଦ୍ୟ ଯୋଗାଇ ଦେବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲାପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ପରିଦର୍ଶନ କରିଥିଲେ। ବିଭିନ୍ନ ଶ୍ରେଣୀ କକ୍ଷ, ଲାଇବ୍ରେରି ପରିଦର୍ଶନ କରି ଛାତ୍ରୀ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟର ମଧ୍ୟାହ୍ନଭୋଜନର ମାନ ଓ ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାରେ ଛାତ୍ରୀମାନେ ଉପକୃତ ହୋଇପାରୁଛନ୍ତି କି ନାହିଁ ସେ ବିଷୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିଥିଲେ। ପରେ ଜିଲାପାଳ ବୌଦ୍ଧ ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରି ରାଜସ୍ୱ ବିଭାଗ ସମ୍ବନ୍ଧୀୟ ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଥିଲେ।

# ଆଞ୍ଚଳିକ କୁଲୁତା ସମାଜର ବାର୍ଷିକ ଉତ୍ସବ

**ବୌଦ୍ଧ, ୮।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଗୁଡିଆଲି ଆଞ୍ଚଳିକ କୁଲୁତା ସମାଜର ବାର୍ଷିକ ଉତ୍ସବ ଗୁଡିଆଲିଠାରେ ଅନୁଷ୍ଠିତ ହୋଇଯାଇଛି। ମା' ଭୈରବୀଙ୍କଠାରେ ପୂଜାର୍ଚ୍ଚନା କରିବା ପରେ ସଂକୀର୍ତ୍ତନ ଦଳ ସହ ଏକ ଶୋଭାଯାତ୍ରା ବାହାରି ସଭା ସ୍ଥଳକୁ ପହଞ୍ଚିଥିଲା। ଜହ୍ଲାପଙ୍କ ଆଞ୍ଚଳିକ କୁଲୁତା ସମାଜର ସଭାପତି ବର୍ଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭାରେ ମୁଖ୍ୟ ଅତିଥିଭାବେ ଜିଲା କୁଲୁତା ସମାଜର ସଭାପତି ବିରଞ୍ଚି ନାରାୟଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଭୋଇ, କୋଷାଧ୍ୟକ୍ଷ ଦାଶରଥି ବାରିକ, ସରସରା ଆଞ୍ଚଳିକ ସଭାପତି ଅନୁଜ ବେହେରା, ଗୁଡପଡା ଆଞ୍ଚଳିକ ସଭାପତି ସାନନ୍ଦ ଭୋଇ, ବିଭିନ୍ନ ଆଞ୍ଚଳିକ କମିଟିରେ ସଭାପତି ଓ ସମ୍ପାଦକ ଯୋଗ ଦେଇଥିଲେ। ଜିଲା ଉପସଭାପତିସ୍ୱାଧୀନ କୁମାର ପ୍ରଧାନ ସ୍ୱାଗତ ଭାଷଣ ଓ ବୈଠକରେ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସହ ସମ୍ପାଦକ ଦଶରଥ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଜିଲା ସହସମ୍ପାଦକ ବାସୁଦେବ ନାଏକ ନିର୍ମାଣ ଚାଲିଥିବା ରାମେଶ୍ୱର ରାମଚଣ୍ଡୀ ମନ୍ଦିରର ବିବରଣୀ ସମ୍ପର୍କରେ କହିଥିଲେ। ମନ୍ଦିରର ଆୟବ୍ୟୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଶେଷରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ କୁଲତା ସମାଜର ବହୁ ସଦସ୍ୟ ସହଯୋଗ ଦେଇଥିଲେ।

# ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି, ୮।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ଯୁବ ରେଡକ୍ରସ, ରେଡରିବନ କ୍ଲବ ଓ ଉପଖଣ୍ଡ ଚିକିତ୍ସାଳୟ ତରଫରୁ ଏଚ୍‌ଆଇଭି ଏଡସ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଆଶୁତୋଷ ହୋତାଙ୍କ ପୌରୋହିତ୍ୟରେ ଉପଖଣ୍ଡ ଚିକିତ୍ସାଳୟର ଏଚ୍‌ଆଇଭି କାଉନସେଲର ନରସିଂହ ମହନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମାରାତ୍ମକ ବ୍ୟାଧି ଉପରେ ସଚେତନ କରିବା ସହ ଏହାର ନିରାକରଣ ପଦ୍ଧତି ଉପରେ ଛାତ୍ରୀମାନଙ୍କ ସହ ଆଲୋଚନ କରିଥିଲେ। ବରିଷ୍ଠ ଅଧ୍ୟାପିକା ସନ୍ଧ୍ୟାରାଣୀ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏଡସ ମହାମାରୀ ବ୍ୟାପିବାର କାରଣ ଏବଂ ନିରାକରଣ ସମ୍ପର୍କରେ ଛାତ୍ରୀ ତଥା ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଇଥିଲେ। କଲେଜର ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପିକା ଗୀତାଞ୍ଜଳି ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସଭାରେ କଲେଜର ସମସ୍ତ କର୍ମଚାରୀ ତଥା ରେଡକ୍ରସ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିବା ସହ ନିଜ ଅଞ୍ଚଳରେ ଏହି ଦୂରାରୋଗ୍ୟର ସଚେତନତା ପାଇଁ ପ୍ରତିଜ୍ଞା କରିଥିଲେ। ଅଧ୍ୟାପିକା ସନ୍ତୋଷିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ବୀରମହାରାଜପୁର ମହିଳା କଲେଜରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥି।

# ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ

**ସାଇଣ୍ଟିଫିକ୍ ଟିମ ସହିତ ପୋଲିସର ତଦନ୍ତ ଆରମ୍ଭ**

**ଖୁଣ୍ଟିଗୋରା, ୮।୧୦ (ମକରନ୍ଦ ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଥାନା ଅଧୀନ ନାରାୟଣପ୍ରସାଦ ଗ୍ରାମ ପାଖ ଧାନ ବିଲ ଭିତରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ଏହା ହତ୍ୟା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ମୁତାବକ ନୂଆମୁଣ୍ଡା ଗ୍ରାମର କୁଶଳେଶ୍ୱର ବାରିକଙ୍କ ପୁଅ ବ୍ୟାସ(୨୫) ସୋମବାର ସକାଳୁ ତାଙ୍କ ବଡ଼ ବାପାଙ୍କ ପୁଅ ସାଥିରେ ସୁବର୍ଣ୍ଣପୁର ଜିଲା ସେଲି ଗ୍ରାମକୁ ଯାଇ ଅପରାହ୍ଣ ୪ଟାରେ ଘରକୁ ଫେରିଥିଲେ। ପୁଣି ସନ୍ଧ୍ୟାରେ ଅଜଣା ସାଙ୍ଗ ସାଥିରେ ବାଇକ୍ ମାଧ୍ୟମରେ କୁଆଡ଼େ ଯାଇଥିବାରୁ ରାତିରେ ଆଉ ଘରକୁ ଫେରି ନ ଥିଲେ। ମଙ୍ଗଳବାର ସକାଳୁ ଫୋନ ମାଧ୍ୟମରେ ପରିବାର ଲୋକେ ଖବର ପାଇଥିଲେ। ପରିବାର ଲୋକଙ୍କ ଲିଖିତ ଅଭିଯୋଗ ଅନୁସାରେ ତିନି ରାଉଣ୍ଡ ଗୁଳିମାଡ ଏବଂ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଛି। ଖବରପାଇ ଘଣ୍ଟାପଡ଼ା ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମନୁମୁଣ୍ଡା ଡାକ୍ତରଖାନା ପଠାଇଛି। ଏନେଇ ଘଣ୍ଟାପଡ଼ା ଥାନାରେ ଏକ ମାମଲା (ନଂ. ୧୨୯/୨୪) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି ବୋଲି ଘଣ୍ଟାପଡ଼ା ଥାନା ଅଧିକାରୀ ନରସିଂହ ମହାପାତ୍ର ସୂଚନା ଦେଇଛନ୍ତି।

# ବସ୍‌ଷ୍ଟାଣ୍ଡ ନିର୍ମାଣରେ ବିଳମ୍ବ, କାଉନ୍‌ସିଲରଙ୍କ ସ୍ମାରକପତ୍ର

**ସୋନପୁର,୮।୧୦(ମୃତ୍ୟୁଞ୍ଜୟ ଶତପଥୀ)**


ପୌରାଧ୍ୟକ୍ଷା ଓ କାଉନସିଲର ଜିଲାପାଳଙ୍କୁ ସାକ୍ଷାତ କରିବା ପାଇଁ ଆସିଛନ୍ତି ।

**ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥାନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କର**

ସୁବର୍ଣ୍ଣପୁର ବାସୀଙ୍କ ବହୁ ପ୍ରତୀକ୍ଷିତ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣରେ ବିଳମ୍ବ ହେଉଛି। ଅନେକ ଥର ଶିଳାନ୍ୟାସ ପରେ ବି ଏହା ବାସ୍ତବ ରୂପ ନେଇ ପାରୁନି। ଅନ୍ୟପକ୍ଷେ ନୂତନ ବସ୍‌ଷ୍ଟାଣ୍ଡକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଭିତିରିଆ ଉଦ୍ୟମ ଚାଲିଛି। ଏହାକୁ ସହରବାସୀ ବିରୋଧ କରିଛନ୍ତି। ପରିଷଦର କାଉନସିଲ ମଧ୍ୟ ଅଣ୍ଟା ଭିଡିଛି। ମଙ୍ଗଳବାର ପୌର ପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷା ଓ କାଉନସିଲର ବୃନ୍ଦ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜିଲାପାଳ ଅନ୍ୟା ଦାସଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଏଥିପାଇଁ ସୋମବାର ସୁବର୍ଣ୍ଣପୁର ପୌର ପରିଷଦର ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଆବଶ୍ୟକ ଜମି ପୌର ପରିଷଦ ପକ୍ଷରୁ ସରକାରଙ୍କ ପକ୍ଷରୁ ଯୋଗାଇ ଦେବାକୁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ତେବେ ପୁରୁଣା ସ୍ଥାନରେ ହିଁ ନୂଆ ବସଷ୍ଟାଣ୍ଡ ନିର୍ମାଣ ପାଇଁ କାଉନସିଲ ପକ୍ଷରୁ ଦାବି ହୋଇଛି। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପୁରୁଣା ଟାଉନ ହଲ, ଭୀମ ଭୋଇ କଳା ମଣ୍ଡପ ଓ ୨୮ଟି ଦୋକାନ ଗୃହ ଭଙ୍ଗାଯାଇଛି। ଆଗାମୀ ଦିନରେ ଆବଶ୍ୟକ ଥିବା ଅନ୍ୟ ଦୋକାନ ଗୃହ ଭଙ୍ଗାଯିବ। ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ(ଓଏସ୍‌ଆର୍‌ଟିସି)କୁ ପ୍ରଦାନ କରାଯାଇଥିବା ଜମିକୁ ଖାଲି କରିବା ପାଇଁ ପୌର ପରିଷଦ ଉଦ୍ୟମ କରିବ ବୋଲି କହିଛି। ପ୍ରକାଶ ଯେ, ସୁବର୍ଣ୍ଣପୁରରେ ୩.୩୪ ଏକର ପରିମିତ ସ୍ଥାନରେ ଏ ଟାଇପ୍ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ନୂତନ ବସ୍‌ଷ୍ଟାଣ୍ଡଟି ବର୍ତ୍ତମାନର ପୁରୁଣା ବସ୍‌ଷ୍ଟାଣ୍ଡ, ନଳିନୀ ଛକରୁ ବିଜୁ ପଟ୍ଟନାୟକ ଛକ ଓ ଗାନ୍ଧୀ ଷ୍ଟାଡିୟମ ପ୍ରାଚୀର ପର୍ଯ୍ୟନ୍ତ ମ୍ୟୁନିସିପାଲିଟିର ୧୩୧ଟି ଦୋକାନ ଘର(ଷ୍ଟଲ), ପୁରୁଣା ଟାଉନ ହଲ ଓ ଶୌଚାଳୟକୁ ଉଚ୍ଛେଦ କରି ସେହି ସ୍ଥାନରେ କରାଯିବାର ଯୋଜନା ରହିଛି। ପୂର୍ବରୁ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରଶାସନ ଉକ୍ତ ଜମିକୁ ଓଏସ୍‌ଆର୍‌ଟିସି ନାମରେ ଆବଣ୍ଟିତ କରିଛି। ତେବେ ଜମିରୁ କିଛି ଷ୍ଟଲ, ଶୌଚାଳୟ ଉଚ୍ଛେଦ ହୋଇ ନଥିବାରୁ ଓଏସ୍‌ଆର୍‌ଟିସି ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରିପାରୁନି। ପୌରାଧ୍ୟକ୍ଷା ତାମାସି ତାମସ୍ୱିତା ନାୟକ, ଉପାଧ୍ୟକ୍ଷା ମଲ୍ଲିକା ଦାନୀ, କାଉନସିଲର କଇରୁ ସ୍ୱାଇଁ, ସୁକାନ୍ତ ସାହୁ, ପୀୟୁଷ ପଣ୍ଡା, ରାଜୁ ରାଓ, ସୁନିତା ନାଏକ, ବାସନ୍ତି ମେହେର, ଅନ୍ନପୂର୍ଣ୍ଣା ସେଠୀ, ସୁଭଦ୍ରା ବିଶି, ଏମ୍‌ପିଙ୍କ ପ୍ରତିନିଧି ଶିବରାମ ସାହୁ, ବିଧାୟକଙ୍କ ପ୍ରତିନିଧି ଶିବରାମ ସାହୁ, ସାବିତ୍ରୀ ନାଏକ ଓ ସୁବର୍ଣ୍ଣ ସେଠୀ ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରି ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ନୂତନ ଭୋଟର ସାମିଲ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି, ୮।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାପଥରରେ ଭୋଟର ତାଲିକାରେ ନୂତନ ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଯୁବ ଛାତ୍ରୀଛାତ୍ରଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ରିଲ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ୩୦ରୁ ୪୦ ସେକେଣ୍ଡ ମଧ୍ୟରେ ଏକ ଭିଡିଓ ଡାଇଲଗ ପ୍ରସ୍ତୁତି କରିବାକୁ ଛାତ୍ରୀଛାତ୍ରଙ୍କୁ କୁହାଯାଇଥିଲା। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ 'ଯୁବ ଶକ୍ତି ହିଁ ରାଷ୍ଟ୍ର ଶକ୍ତି' ଓ ଛାତ୍ରୀଛାତ୍ର ଚାହିଁଲେ ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ ବୋଲି ମତ ପ୍ରଦାନ କରିଥିଲେ। ସହକାରୀ ଜିଲାପାଳ ଅଜିତ କୁମାର ମିର୍ଦ୍ଧା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ସମସ୍ତ ଯୋଗ୍ୟ ଭୋଟର ଭୋଟର ତାଲିକାରେ ସାମିଲ ହେବା, ପ୍ରତିଯୋଗୀତାରେ ସମସ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପ ଜିଲାପାଳ କାର୍ଯ୍ୟାଳୟର ପ୍ରସାସନିକ ଅଧିକାରୀ, ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ। ଅଧ୍ୟାପିକା ଦେବଜାନୀ ମେସୁଆ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଅଧ୍ୟାପକ କିଶୋର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ଡେଭଲପ୍‌ମେଣ୍ଟ ଟ୍ରଷ୍ଟର କର୍ମକର୍ତ୍ତା ଚୟନ

ରାଉରକେଲା,୮।୧୦(ଦିନେଶ ମିଶ୍ର): ପ୍ଲାଣ୍ଟସାଇଟ୍ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ନେଇ ଏକ ଜରୁରୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୀଠରାଜା ଚିତ୍ତରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୂତନ କମିଟି ଗଠନ କରାଗଲା। ଶ୍ରୀଜଗନ୍ନାଥ ଡେଭଲପ୍‌ମେଣ୍ଟ ଟ୍ରଷ୍ଟର ଅଧ୍ୟକ୍ଷ ଭାବେ ପ୍ରସନ୍ନ ସେନାପତିଙ୍କୁ ଚୟନ କରାଯାଇଥିଲା। ସେହିପରି ଗୋପିନାଥ ବିଶ୍ୱାଳ ଉପାଧ୍ୟକ୍ଷ, କମଳାକାନ୍ତ ବାରିକ ସଭାପତି, ପ୍ରଣୟ ନାୟକ କାର୍ଯ୍ୟକାରୀ ସଭାପତି, ସୁବାଷ ସ୍ୱାଇଁ ଉପସଭାପତି, ଉମେଶ ପୋଥାଳ ସାଧାରଣ ସମ୍ପାଦକ, ମହେଶ୍ୱର ସାହୁ ସହ ସମ୍ପାଦକ, ମନୋଜ ପୃଷ୍ଟି କୋଷାଧ୍ୟକ୍ଷ ଏବଂ ପ୍ରିୟବ୍ରତ ରାଉତଙ୍କୁ ସହ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ସେହିପରି ସୁବେନ୍ଦୁ ଲେଙ୍କା ସାଂସ୍କୃତିକ ସମ୍ପାଦକ, ସୁମନ୍ତ ନାୟକ ସହ ସାଂସ୍କୃତିକ ସମ୍ପାଦକ, ଏକ୍‌ଜିକ୍ୟୁଟିଭ ସଦସ୍ୟ ଭାବେ ଗୋବର୍ଦ୍ଧନ ପ୍ରଧାନ, ସୁରେଶ ପରିଡା, କାଳିନ୍ଦୀ ପ୍ରଧାନ, ଅଡିଟର ଭାବେ ଉତ୍ତମ ରାୟ, ରାଜନ କୁମାର ସାହୁଙ୍କୁ ଚୟନ କରାଯାଇଥିଲା।

### ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଜୟା ଦଶମୀ ଉତ୍ସବ ପାଳିତ

ରାଉରକେଲା,୮।୧୦(ଦିନେଶ ମିଶ୍ର): ରାଉରକେଲା ଉଦିତନଗର ପରେଡ ପଡିଆରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ବିଜୟା ଦଶମୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ସଂଘର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଚନ୍ଦ୍ରିକା ପଟ୍ଟନାୟକ ମୁଖ୍ୟ ଅତିଥି, ସଂଘର ସହ ସହର କାର୍ଯ୍ୟବାହ ରାମଦତ୍ତ ଚକ୍ରଧର ମୁଖ୍ୟବକ୍ତା, ଓଡ଼ିଶା ପଶ୍ଚିମ ପ୍ରାନ୍ତ ସଂଘଚାଳକ ପ୍ରଫେସର ସନାତନ ପ୍ରଧାନ ଓ ରାଉରକେଲା ମହାନଗର ସଂଘଚାଳକ ପ୍ରଭାତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସନାତନ ଧର୍ମର ସଂସ୍କୃତି ଆଧାରରେ ପରିବାର ନିର୍ମାଣ କାର୍ଯ୍ୟରେ ସଂଘର ମନୋଭାବକୁ ମୁଖ୍ୟ ଅତିଥି ଡ. ପଟ୍ଟନାୟକ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଚକ୍ରଧର ବହୁ ସ୍ୱୟଂସେବକ, ବିବିଧ କ୍ଷେତ୍ରର କର୍ମକର୍ତ୍ତା ଓ ମାତୃମଣ୍ଡଳୀଙ୍କୁ ସମ୍ବୋଧନ କରି ଶକ୍ତି ପୂଜାର ସାଂସ୍କୃତିକ ମହତ୍ତ୍ୱକୁ ବୁଝାଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ।

### ନବରାତ୍ର ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ

ରାଉରକେଲା,୮।୧୦(ଦିନେଶ ମିଶ୍ର): ସେକ୍ଟର-୨ ସ୍ଥିତ ଡିସୋଜା ସ୍କୁଲ ଅଡିଟୋରିୟମ୍ କକ୍ଷରେ ନବରାତ୍ରି ପୂଜା ପାଳିତ ହୋଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ନିର୍ଦ୍ଦେଶକ ଆଲେକଜାଣ୍ଡାର ଡିସୌଜା ଓ ନିର୍ଦ୍ଦେଶିକା ଅନବୋଲା ଜିସୌଜା ଉପସ୍ଥିତ ଥିଲେ। ସ୍କୁଲ ଅଧ୍ୟକ୍ଷା ଜୟୋତି ଗୁରୁୱାରା ଓ ଜୟୀତା ନାୟକ ମହାପ୍ରବନ୍ଧକ ସିଦ୍ଧାର୍ଥ ରଥଙ୍କୁ ସ୍ୱାଗତ ଜଣାଇ ପୂଜାକାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଛାତ୍ରୀମାନେ ମା' ଦୁର୍ଗାଙ୍କ ନଅ ରୂପକୁ ନୃତ୍ୟରେ ଉପସ୍ଥାପନ କରିଥିଲେ। ଆଲେକଜାଣ୍ଡାରଙ୍କ ଆଧ୍ୟାତ୍ମିକ ଅଭିଭାଷଣ ଓ ସିଦ୍ଧାର୍ଥ ରଥଙ୍କ ଶ୍ଳୋକ ବିଦ୍ୟାର୍ଥୀଙ୍କୁ ପ୍ରେରଣା ଦେଇଥିଲା। ଅଧ୍ୟକ୍ଷା ଜୟୀତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାହିତ୍ୟ ସର୍ବଦା ସ୍ୱାଧୀନ, ସର୍ବବ୍ୟାପୀ

ରାଉରକେଲା,୮।୧୦(ବିପ୍ଲବ ରଞ୍ଜନ ଦାଶ)



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

ପବନ, ନଈ ଓ ପକ୍ଷୀ ପରି ସାହିତ୍ୟ ସର୍ବଦା ସ୍ୱାଧୀନ ଓ ସର୍ବବ୍ୟାପୀ। ଏହାସହ ନାଟକ ଦର୍ଶକ ଆଗରେ ଚଳାବୁଲା କରେ, କଥାବାର୍ତ୍ତା କରେ, ସାହିତ୍ୟର ସବୁ ବିଭାଗରେ ଗଳ୍ପ ଅନ୍ତର୍ନିହିତ ଥିବା ବେଳେ ଗୀତି କବିତାର ଗୀତିମୟତା, ସଂକ୍ଷିପ୍ତତା, ସରଳତା, ପାଠିକା ପାଠକମାନଙ୍କ ହୃଦୟକୁ ସଦାସର୍ବଦା ଆହ୍ଲାଦିତ କରିଥାଏ। ଏଣୁ ସାହିତ୍ୟ ରୂପୀ ତୃଷ୍ଣାକୁ ସହଜରେ ମେଣ୍ଟାଇବା ଅସମ୍ଭବ। ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲା ଶାଖା ଓ ରାଉରକେଲା କଲେଜ ଓଡିଆ ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଅନୁଷ୍ଠିତ ମାସିକ ଆଲୋଚନାଚକ୍ରରେ ଏଭଳି ମତପ୍ରକାଶ ପାଇଛି।

ସାହିତ୍ୟ ପରିଷଦ ସଭାପତି ତଥା କଲେଜ ଅଧ୍ୟକ୍ଷ ଡକ୍ଟର ରବିନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ନୀଳଶୈଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଗଜେନ୍ଦ୍ର ନାଥ ଦାଶ ମୁଖ୍ୟଅତିଥି, ବିଶିଷ୍ଟ ନାଟ୍ୟକାର ତଥା ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ଓଡିଆ ବିଭାଗର ମୁଖ୍ୟ ଡ. ସଞ୍ଜୟ କୁମାର ହାତୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ କବି ସମାଲୋଚକ ଡ. ଅଶ୍ୱିନୀ କୁମାର ରାୟଙ୍କ ସଭାପତିତ୍ୱରେ ଦ୍ୱିତୀୟ ଅଧିବେଶନରେ ଗାଳ୍ପିକ ସଞ୍ଜୀବ କୁମାର ଭୋଇ ଓ ଡ. ସଞ୍ଜୟ କୁମାର ହାତୀ ଗଳ୍ପ ପାଠ କରିଥିଲେ। ବିଶିଷ୍ଟ ଗାଳ୍ପିକ କାଶୀନାଥ ନନ୍ଦୀ ଗଳ୍ପକୁ ସମୀକ୍ଷା କରିଥିଲେ। ଓଡିଆ ଅଧାପିକା ପ୍ରିୟଙ୍କା ପଲେଇ ଏବଂ ଓଡିଆ ବିଭାଗ ଛାତ୍ରୀ ଅପର୍ଣ୍ଣା ପାହାରୀଙ୍କ ସଂଯୋଜନାରେ ଗୀତିକବିତା ଆବୃତି କରିଥିଲେ ତ୍ରିଲୋଚନ ସ୍ୱାଇଁ ଏବଂ ସୌମ୍ୟରଞ୍ଜନ ମହାନ୍ତି। ପ୍ରଥମ ଅଧିବେଶନରେ ଓଡିଆ ବିଭାଗ ମୁଖ୍ୟ ରଶ୍ମିପ୍ରଭା ମଥାନ ଓ ଦ୍ୱିତୀୟ ଅଧିବେଶନରେ ଦର୍ଶନଶାସ୍ତ୍ର ଅଧାପକ ରିତ ପ୍ରଧାନ ସଭା ପରିଚାଳନା କରିଥିଲେ। ଅଧାପକ କରୁଣାକର ପାଟ୍ଟଶାଣୀ ଅତିଥି ପରିଚୟ ପ୍ରଦାନ ଓ ସାହିତ୍ୟ ପରିଷଦ ସହ ସମ୍ପାଦକ ମନୋଜ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଶ୍ରୀ ରାଉତ, ତପସ୍ୱିନୀ କୁମ୍ଭାର, ପ୍ରକାଶ ଓଝା, ହିଂମାଶୁ ନାୟକ, ଶ୍ରୀୟା ବାଗ, ଗୋପାଳକୃଷ୍ଣ ଦାସ, ବିକି ନାଗ, ରୋହିତ ବେବର୍ତ୍ତା, ଶିବାନୀ କେରକେଟା, ଅଙ୍କିତା ବାର୍ଲା, ଜ୍ୟୋସ୍ନା ଏକ୍କା, ସନ୍ଧ୍ୟାରାଣୀ ବେହେରା, ଛବିଳ ସେଠୀ, ଚାନ୍ଦନୀ ସେଠୀ, ଏଲୋ କୁଜୁର, ସରସ୍ୱତୀ ମାଣିକପୁରୀ, ଇପ୍‌ସିତା ଲାକ୍ରା, ଶ୍ରୁତି କୁମାର, ପ୍ରୀତି କୁମାର, ରାଣୀ ବାଡା, ସୁଜାତା ସିଂ ପ୍ରମୁଖ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଆଲୋଚନାଚକ୍ରରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ଓଡିଆ ବିଭାଗ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବିତର୍କ ପ୍ରତିଯୋଗିତାରେ ପ୍ରୟାସଙ୍କ କୃତିତ୍ୱ



ପ୍ରୟାସ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ରାଉରକେଲା,୮।୧୦(ଦିନେଶ ମିଶ୍ର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପିଏମ୍‌ଏସ୍‌ଆଇର କୁଳପତି ପୁରସ୍କାର ବିତର୍କ ପ୍ରତିଯୋଗିତା ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ରାଉରକେଲା ମ୍ୟୁନିସିପାଲ କଲେଜର ଯୁକ୍ତ ୩ ଫାଇନାଲ ବର୍ଷ ପ୍ରାଣୀ ବିଜ୍ଞାନ ଛାତ୍ର ପ୍ରୟାସ ପ୍ରୀତିରଞ୍ଜନ ବାରିକ 'ଦ ଚାନ୍‌ସିଲର ପ୍ରାଇଜ' ଜିତିଛନ୍ତି। ଏହି ପୁରସ୍କାର ତାଙ୍କୁ ରେଭିନ୍ୟୁ ଡିଭିଜନାଲ କମିଶନର ସଚିନ ରାମଚନ୍ଦ୍ର ଯାଦବ ଓ ପ୍ରଫେସର ହିରେନ୍ଦ୍ର ନାଥ ଘୋଷ ପ୍ରଦାନ କରିଛନ୍ତି। ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ୭୦ରୁ ଅଧିକ କଲେଜ ଅଂଶଗ୍ରହଣ କରିଥାଲ। ସେଥିମଧ୍ୟରୁ ପ୍ରୟାସ ସମସ୍ତଙ୍କୁ ପଛରେ ପକାଇ ଏହି ଗୌରବ ଅର୍ଜନ କରିଥିଲେ। ଏହି ଅବସରରେ ପ୍ରୟାସଙ୍କୁ ୨ ହଜାର ଟଙ୍କା ସହ ଇନ୍‌ଗ୍ରାଭିଟ୍ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରୟାସ ୨ ବର୍ଷ ଧରି କ୍ରମାଗତ ଭାବେ କୁଳପତି ପୁରସ୍କାର ବିତର୍କ ପ୍ରତିଯୋଗିତା ଜିତିଆସୁଛନ୍ତି। ଗତ ବର୍ଷ ସେ ଉଭୟ ଇଂଲିଶ ଓ ଓଡିଆ କୁଳପତି ପୁରସ୍କାର ଜିତିଥିଲେ। ଚଳିତ ବର୍ଷ ମଧ୍ୟ ସେ ଦ୍ୱିତୀୟ ଥର ପାଇଁ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ ସେ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ଜିତିଛନ୍ତି।

# ଦୀପିକା ସ୍କୁଲରେ ବିବିଧ ପ୍ରତିଯୋଗିତା


କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହ ପ୍ରତିଯୋଗୀଗଣ।

ରାଉରକେଲା,୮।୧୦(ଦିନେଶ ମିଶ୍ର)

ୱାଇଏମ୍‌ଏଫ୍‌ଆଇ ପକ୍ଷରୁ ରାଉରକେଲାର ଦୀପିକା ସ୍କୁଲରେ ବିବିଧ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୀପିକା ଇଂରାଜୀ ମାଧ୍ୟମ ସ୍କୁଲର ପ୍ରିନ୍ସିପାଲ ପ୍ରବୀଣ କୁମାର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର ଯୋଗଦେଇ ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ, ସଙ୍ଗୀତ ଓ ମଡେଲିଂରେ ପ୍ରତିଯୋଗିତାରେ ଭାଗନେଇ ନିଜ ମଧ୍ୟରେ ରହିଥିବା ସୃଜନଶୀଳ ପ୍ରତିଭାର ପରିଚୟ ଦେଇଥିଲେ। ୱାଇଏମ୍‌ଏଫ୍‌ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଦୁର୍ଗାପୂଜା ପରିପ୍ରେକ୍ଷୀରେ ଏହି ବିବିଧ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ଶରତ ଚନ୍ଦ୍ର ପଣ୍ଡା, ପୁଷ୍ପାଞ୍ଜଳି ରଣା, ଦେବେନ୍ଦ୍ର ମହାରଣା, ଦୀପକ ଦେ, କେ.ଏସ୍ ପଦ୍ମାବତୀ, ନିରୁପମା ପତି, ପ୍ରିୟଙ୍କା ମିଶ୍ର, ପୁଷ୍ପା ମିଶ୍ର, ପୂଜା ନାୟକ, ମୋନାଲିସା ସାହୁ ପ୍ରମୁଖ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୧୦ ତାରିଖରେ ହେବାକୁ ଥିବା ଦୁର୍ଗାପୂଜା ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଡାକ୍ତର ପ୍ରଭାତ ଚାନ୍ଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ରାଉରକେଲା,୮।୧୦(ଦିନେଶ ମିଶ୍ର): ରାଉରକେଲା ସହରର କଳା ଓ ସଂସ୍କୃତି ଅନୁଷ୍ଠାନ ମ୍ୟୁଜିକ୍ ସର୍କଲର ପ୍ରତିଷ୍ଠାତା ତଥା ଉପସଭାପତି ଡାକ୍ତର ପ୍ରଭାତ କୁମାର ଚାନ୍ଦଙ୍କ ପ୍ରଥମ ଶ୍ରାଦ୍ଧାବାର୍ଷିକୀ ଉତ୍ସବ ଛେଣ୍ଡ ସ୍ଥିତ ମ୍ୟୁଜିକ୍ ସର୍କଲ ମେହେର ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ରାକେଶ କୁମାର ସିଂହ, ଉପଦେଷ୍ଟା ଭବେଶ କୁମାର ସାହୁ, ଲକ୍ଷ୍ମଣନାଥ ଦାସ, ବିବେକାନନ୍ଦ ପଣ୍ଡା, ସୋନାଲି ଦାସ, ଗୁଡିଆ କଂସାରୀ, ଉମାକାନ୍ତ ମଲ୍ଲିକ, ଅଜୟ କୁମାର ପଟ୍ଟନାୟକଙ୍କ ସମେତ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ସ୍ୱର୍ଗତ ଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ କଳାକାର ଗୁରୁଶ୍ରୀ ବାବାଜୀ ଚରଣ ବିଶ୍ୱାଳ, ଗୁରୁଶ୍ରୀ ବିଭୂତି ପତି, ଦୁଃଶାସନ ସାହୁ, ଦେବରଞ୍ଜନ ସାମଲ, ରାଜଲକ୍ଷ୍ମୀ କବି, ଦୀପକ ରାଉତ, ବାପିନା ନାୟକ, ସରସ୍ୱତୀ ନାଗ, ତନୁଶ୍ରୀ ନାୟକ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ।

# ହାପି ମୁମେଣ୍ଟ ଇଣ୍ଡିଆ ପକ୍ଷରୁ ଶ୍ରାବଣ ମହୋତ୍ସବ

ରାଉରକେଲା,୮।୧୦(ଦିନେଶ ମିଶ୍ର)

ସେକ୍ଟର-୫ ସ୍ଥିତ ଭଞ୍ଜଭବନ ପରିସରରେ ହ୍ୟାପି ମୁମେଣ୍ଟ ଇଣ୍ଡିଆ ପକ୍ଷରୁ ଶ୍ରାବଣ ମହୋତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ନରେଶ ଆରିୟା ମୁଖ୍ୟ ଅତିଥି, ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା ଓ ସୁକାନ୍ତ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରାବଣ ମହୋତ୍ସବ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ରଶ୍ମିତା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ଚିତ୍ରାଙ୍କନ, କୁଇଜ୍, କବିତା ପାଠ, ଫ୍ୟାନ୍ସି ଡ୍ରେସ୍, ଶ୍ରୁତଲିଖନ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସହରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଡ୍ୟାନ୍ସ ଓ ତାଇକୋଣ୍ଡୋ ଗୁରୁ ଆନନ୍ଦ ସୁନା, ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ସସ୍ମିତା ମହାପାତ୍ର, ସୁଚିସ୍ମିତା ପାତ୍ର, ମିନାକ୍ଷୀ ପାତ୍ର, ସତ୍ୟବାନ ସାହୁ, ମୋହନ ପଟ୍ଟନାୟକ, ଆକାଶ ମୁଣ୍ଡାରୀ, ଇନ୍ଦିରା ପଣ୍ଡା, ସରୋଜ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଦିବାକର ଦାସ, ରଞ୍ଜନ ସାହୁ, ଅଜୟ ନାୟକ, ମନୋଜ ଘୋଷ ସହଯୋଗ କରିଥିଲେ। ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କୋକ୍ ଓଭେନ ବ୍ୟାଟେରି-୭ ନିର୍ମାଣ ପାଇଁ ଚୁକ୍ତିନାମା ସ୍ୱାକ୍ଷର

ରାଉରକେଲା,୮।୧୦(ବିପ୍ଲବ ରଞ୍ଜନ ଦାଶ)


ବରିଷ୍ଠ ଅଧିକାରୀ ଚୁକ୍ତିନାମା ସ୍ୱାକ୍ଷର କରୁଛନ୍ତି।

ଗତ ୪ଦିନ ମଧରେ ଏକ ନୂତନ ଷ୍ଟାମ୍ପ ଚାର୍ଜ କୋକ୍ ଓଭେନ ବ୍ୟାଟେରି-୭ ନିର୍ମାଣ ସମ୍ବନ୍ଧୀୟ ତିନୋଟି ଚୁକ୍ତିନାମା ଆର୍‌ଏସ୍‌ପି ପକ୍ଷରୁ ସ୍ୱାକ୍ଷରିତ ହୋଇଛି। ଏହା ଉତ୍ପାଦନ ମୂଲ୍ୟ ହ୍ରାସ ସମେତ ପ୍ଲାଣ୍ଟର କୋକ୍ ଆବଶ୍ୟକତା ପୂରଣ କରିବ। ଉଲ୍ଲେଖଯୋଗ୍ୟ, ଆରଏସ୍‌ପିରେ ୬ଟି ଟପ୍ ଚାର୍ଜ କୋକ୍ ଓଭେନ ବ୍ୟାଟେରୀ ରହିଛି। ତନ୍ମଧ୍ୟରୁ ୫ଟି ସିଓବି ଆକାରରେ ଛୋଟ ଥିବା ବେଳେ ଅଧିକ ଉଚ୍ଚତା ବିଶିଷ୍ଟ ସିଓବି-୬ ସମ୍ପ୍ରସାରଣ ଶେଷ ପର୍ଯ୍ୟାୟରେ ନିର୍ମାଣ କରାଯାଇଛି। ଯୋଜନାଧିକ କୋକ୍ ଓଭେନ ବ୍ୟାଟେରୀ-୭ ସେଲର ପ୍ରଥମ ଷ୍ଟାମ୍ପ ଚାର୍ଜ ବ୍ୟାଟେରୀରେ ପରିଗଣିତ ହେବା ପାଇଁ ଯାଉଛି। ବାର୍ଷିକ ୧ନିୟୁତ ଟନ କ୍ଷମତା ବିଶିଷ୍ଟ ନୂତନ ବ୍ୟାଟେରୀ, ନୂତନ ବାଇ ପ୍ରଡକ୍ଟ ଓ କୋକ୍ ଡ୍ରାଇ କୁଲିଂ ପ୍ଲାଣ୍ଟ ସୁବିଧା ସହିତ ସ୍ଥାପନ ହେବ। ସିଓବି-୭ ବ୍ଲେଣ୍ଡ ଇନ୍‌ପୁଟ ମୂଲ୍ର ହ୍ରାସ କରିବ ଓ ଉନ୍ନତ ବୈଷୟିକ ଅର୍ଥନୈତିକ ପରିମାପକତା ସହିତ ଉଚ୍ଚମାନର କୋକ୍ ଉତ୍ପାଦନ କରିବ। ତିନୋଟି ପ୍ରମୁଖ ପ୍ରୋଜେକ୍ଟ ପାଇଁ ଗ୍ଲୋବାଲ ଓପନ ଟେଣ୍ଡର ଆମନ୍ତ୍ରିତ ହୋଇଥିଲା ଏବଂ ସମ୍ପୃକ୍ତ ବିଜେତା ବିଡରମାନଙ୍କୁ କାର୍ଯ୍ୟ ସମ୍ପାଦନ ପାଇଁ ଚୂଡାନ୍ତ କରାଯାଇଥିଲା। ତଦନୁଯାୟୀ ଅକ୍ଟୋବର ୭ ତାରିଖରେ ଓଭେନ ମେଶିନ ଓ ରିଫ୍ରାକ୍ଟୋରୀ ସହିତ ବ୍ୟାଟେରୀ ପ୍ରପର ପାଇଁ ମେସର୍ସ ଏଲ୍‌ଏଣ୍ଡଟି ଓ ମେସର୍ସ ଥାଇସେନଗ୍ରୁପ୍ ଏଣ୍ଡ ଜିଏମ୍‌ବିଏଚର ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହାପୂର୍ବରୁ ଅକ୍ଟୋବର ୫ତାରିଖରେ ସିଡିସିପି ଓ ଡିଏମ ୱାଟର ପ୍ଲାଣ୍ଟ ପାଇଁ ମେସର୍ସ ବିଇସି, ମେସର୍ସ ଜିପ୍ରୋକୋକୋଷ ଓ ମେସର୍ସ ସିୟୁଆଇ ୟୁକ୍ରେନ ସହ ଅନ୍ୟ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ସେହିପରି ଅକ୍ଟୋବର ୪ ତାରିଖରେ ବିଓଡି ପ୍ଲାଣ୍ଟ ସହିତ ବାଇ ପ୍ରଡକ୍ଟ ପ୍ଲାଣ୍ଟ ନିର୍ମାଣ ପାଇଁ ମେସର୍ସ ହୁଡନି ପ୍ରୋଜେକ୍ଟ ଫ୍ରାଇଡେକ ଏବଂ ମେସର୍ସ ହୁଡନି ପ୍ରୋଜେକ୍ଟ ଫ୍ରାଇଡେକ (ଇଣ୍ଡିଆ) କନ୍‌ସୋର୍ସିୟମ ସହିତ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଆରଏସ୍‌ପି ତରଫରୁ ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ସମ୍ପୃକ୍ତ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସହ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ଏ ନେଇ ସିଇଟି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ. କେ ବର୍ମା, ପ୍ରକଳ୍ପ ଓ ଆଧୁନିକୀକରଣ ବିଭାଗର ସିଜିଏମ ଏସ୍. ପାଲ ଚୌଧୁରୀ, ସିଜିଏମ୍ ଅନୀଶ ଜାମାୟାର, ସିଓ ଓ ସିସିଡି ବିଭାଗର ସିଜିଏମ୍ ରାକେଶ ଯୋଶୀ ଏବଂ ପ୍ରକଳ୍ପ ବାଣିଜ୍ୟିକ ବିଭାଗର ସିଜିଏମ୍ ଡକ୍ଟର ଜି. ଏସ୍. ଦାସ, ପ୍ରକଳ୍ପ ଫାଇନାନ୍ସ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏଚ୍. କେ. ସାୟ ଓ ଏମ୍‌ଏମ୍ ପ୍ରକଳ୍ପ ବିଭାଗ ଜିଏମ୍ ଇନ୍‌ଚାର୍ଜ ଜ୍ଞାନେନ୍ଦ୍ର ମିଶ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଏସ୍‌ପିଙ୍କୁ ଭେଟିଲା ରାଜସ୍ଥାନ ପରିଷଦ


ଏସ୍‌ପିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରାଯାଉଛି।

ରାଉରକେଲା,୮।୧୦(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ରାଜସ୍ଥାନ ପରିଷଦର ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସେମାନେ ବାସନ୍ତୀ କଲୋନୀ ସ୍ଥିତ ରାଜସ୍ଥାନ ସେବା ସଦନକୁ ପରିଦର୍ଶନରେ ଆସିବା ପାଇଁ ଏସ୍‌ପିଙ୍କୁ ଅନୁରୋଧ କରିଥିଲେ। ଏଥିସହିତ ରାଉରକେଲା ରେଳ ଷ୍ଟେଶନ ନିକଟସ୍ଥ ରାଜସ୍ଥାନ ପରିଷଦ ଆଗରେ ଚାଲିଥିବା ବେଆଇନ ପାର୍କିଂ ରୋକିବା ଲାଗି ଆରକ୍ଷୀ ଅଧୀକ୍ଷକଙ୍କ ସହାୟତା ଲୋଡିଥିଲେ। ରାଜସ୍ଥାନ ପରିଷଦର ଏହି ପ୍ରତିନିଧି ଦଳରେ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅଗ୍ରୱାଲ, ଉପାଧ୍ୟକ୍ଷ ବରୁଣ ସୋମାନୀ, ସମ୍ପାଦକ ନରେଶ ଖଇତାନ, ଯୁଗ୍ମ ସମ୍ପାଦକ ମନୀଷ ତୋଦୀ ଓ ବିନୟ ଶର୍ମା, କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଶର୍ମା ଓ ରବି ବାଗେଡିଆ ପ୍ରମୁଖ ଉପସ୍ଥିତ ସାମିଲ ହୋଇଥିଲେ।

# ଜୁନିୟର ରକ୍ଷକ ତାଲିମ ଶିବିରରେ ୫୨୫ କ୍ୟାଡେଟ୍

ରାଉରକେଲା,୮।୧୦(ଦିନେଶ ମିଶ୍ର)


ଶିବିରରେ ତାଲିମ ପ୍ରଦାନ କରାଯାଉଛି।

ଏନ୍‌ସିସି ଓଡ଼ିଶା ନିର୍ଦ୍ଦେଶାଳୟର ନିର୍ଦ୍ଦେଶ ଓ ସମ୍ବଲପୁର ନିର୍ଦ୍ଦେଶାଳୟ ମାଗଦର୍ଶନରେ ରାଉରକେଲା ନବମ ଓଡ଼ିଶା ବାଟାଲିୟନ ପକ୍ଷରୁ ୨ ଦିନିଆ ଜୁନିୟର ରକ୍ଷକ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ କିପରି ସାହାଯ୍ୟ କରିବା ଓ ସଡ଼କ ନିୟମାବଳୀକୁ ଜାଣିବା ସହ ଲୋକମାନଙ୍କୁ ସଚେତନ କରାଇ ଦୁର୍ଘଟଣା କମାଇବାକୁ ଉଦ୍ୟମ କରିବା ହିଁ ଶିବିରର ମୂଳଲକ୍ଷ୍ୟ। ଏହି ଶିବିରରେ ପଞ୍ଜାବ, ହରିୟାଣା, ଚଣ୍ଡିଗଡ ଆଦି ରାଜ୍ୟରୁ ୫୨୫ ଜଣ କ୍ୟାଡେଟ ଅଂଶଗ୍ରହଣ କରିଛନ୍ତି। ଶିବିରରେ କ୍ୟାଡେଟମାନଙ୍କୁ ପ୍ରାଥମିକ ଚିକିତ୍ସା, କ୍ଲଥ ଷ୍ଟ୍ରେଚର, ସହଜ ଉପାୟରେ ପଲ୍‌ସ ଚେକ୍ କରିବା, ବିଜୁଳି ମାରିଲେ କିଭଳି ଅବସ୍ଥାନ କରିବା ଭଳି ବିଭିନ୍ନ ପ୍ରକାର ସାମାଜିକ ହିତ ଓ ସୁରକ୍ଷା ପ୍ରଣାଳୀକୁ ଶିବିରାର୍ଥୀଙ୍କୁ ଶିକ୍ଷା ଦିଆଯିବ। ମାଷ୍ଟର ଟ୍ରେନର ଶୁଭେନ୍ଦୁ ପଣ୍ଡା, ସୁଦାମ ସ୍ୱାଇଁ, ହାବିଲ କିଷାନ, ଭରତ କୁମାର ସାହୁ ଶିବିର ପରିଚାଳନା କରିଥିଲେ। ରାଉରକେଲା ଆରଟିଓ ବିଭୁ ରଞ୍ଜନ ସାମନ୍ତସିଂହାର, ଏମ୍‌ଭିଆଇ ମାନସ ରଞ୍ଜନ ପୃଷ୍ଟି, କର୍ଣ୍ଣେଲ ଶଶାଙ୍କ ଚନ୍ଦ୍ରକାନ୍ତ କୁଲକର୍ଣ୍ଣି, ନବମ ବାଟାଲିୟନ୍ ଏନସିସିର କମାଣ୍ଡିଂ ଅଫିସର ଆରିୟା ଜେନାଙ୍କ ସମେତ ବିଭିନ୍ନ ରାଜ୍ୟରୁ ଆସିଥିବା ସମସ୍ତ ଏନ୍‌ସିସି ଅଫିସରମାନେ ସହଯୋଗ କରିଥିଲେ। ଶେଷରେ କ୍ୟାଡେଟମାନଙ୍କୁ ଜୁନିୟର ରକ୍ଷକ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

# ଉପଜିଲାପାଳଙ୍କୁ ଫେରାଦହେଲେ ମାଲିକ

ରାଉରକେଲା,୮।୧୦(ବିପ୍ଲବ ରଞ୍ଜନ ଦାଶ)



ଗାଡି ମାଲିକମାନେ ଉପଜିଲାପାଳଙ୍କୁ ଫେରାଦ ହେଉଛନ୍ତି।

**ନିର୍ବାଚନ ଜନିତ ଗାଡ଼ି ଭଡ଼ା ପ୍ରଦାନ ଦାବି**

ନିର୍ବାଚନ ସମୟରେ ଗାଡ଼ି ଦେଲେ। ନିର୍ବାଚନ ସରିଲା ପରେ ମଧ ଭଡା ମିଳିଲା ନାହିଁ। ଫଳରେ ଗାଡ଼ି ମାଲିକମାନେ ଅସନ୍ତୋଷ ପ୍ରକାଶ କରି ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକଙ୍କୁ ମଙ୍ଗଳବାର ଫେରାଦ ହୋଇଛନ୍ତି। ଗାଡ଼ି ମାଲିକଙ୍କ କହିବା ଅନୁସାରେ, ୬ମାସ ହେଲାଣି ସାଧାରଣ ନିର୍ବାଚନ ସରିଲାଣି। ମାତ୍ର ନିର୍ବାଚନ ପରିଚାଳନା କାର୍ଯ୍ୟରେ ଭଡା ସୂତ୍ରରେ ଲଗାଯାଇଥିବା ସେମାନଙ୍କ ଗାଡିଗୁଡିକର ଭଡା ଟଙ୍କା ପ୍ରଶାସନ ତରଫରୁ ଏଯାଏଁ ପ୍ରଦାନ କରାଯାଉନାହିଁ। ସାଧାରଣ ନିର୍ବାଚନ ସମୟରେ ପୋଲିସ ସମେତ ପରିବହନ ବିଭାଗ ଗାଡି ମାଲିକଙ୍କ କାର୍, ବୋଲେରୋ ଏବଂ ସ୍କର୍ପିଓ ଆଦି ନେଇ ନିର୍ବାଚନ କାର୍ଯ୍ୟରେ ଲଗାଇଥିଲା। ଯେଉଁମାନେ ଗାଡି ଦେବାକୁ ମନା କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ମଧ ଦିଆଗଲା। ଏଣୁ ମାଲିକମାନେ ଭୟରେ ଇଛା ନ ଥାଇ ମଧ ଭଡା ସୂତ୍ରରେ ନିର୍ବାଚନ କାର୍ଯ୍ୟରେ ନିଜ ନିଜର ଗାଡି ଲଗାଇଲେ। ସେତେବେଳେ ସରକାରଙ୍କ ତରଫରୁ ଗାଡ଼ି ମାଲିକଙ୍କୁ କେବଳ ପେଟ୍ରୋଲ ଓ ଡିଜେଲ ଯୋଗାଇ ଦିଆଯାଇଥିଲା। ମାତ୍ର ଗାଡି ଭଡ଼ା ଟଙ୍କା ପ୍ରଦାନ କରାଗଲାନାହିଁ। ଏଣୁ ମାଲିକମାନେ ସେମାନଙ୍କ ଗାଡି ବାବଦ ଭଡା ରାଶି ତୁରନ୍ତ ପ୍ରଦାନ କରିବାକୁ ପାନପୋଷ ଉପଜିଲାପାଳ ନାୟକଙ୍କ ନିକଟରେ ଦାବି କରିଥିଲେ। ସମସ୍ତ ବିଷୟ ଶୁଣିଲା ପରେ ଉପଜିଲାପାଳ ଅତିଶୀଘ୍ର ସେମାନଙ୍କ ଗାଡି ଭଡା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ଗାଡିମାଲିକ ଟୁଲୁ ପଣ୍ଡା, ବାବୁଲି ଗୌଡ, ମନୋଜ ସ୍ୱାଇଁ, ସୁଶାନ୍ତ ନାୟକ, ଅମରେନ୍ଦ୍ର ବେହେରା, ପପୁ ମହାରଣା, ଚନ୍ଦନ ନାୟକ, ନିରଞ୍ଜନ ବାରିକ, ନିପୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଦେବଗଡ଼ ସହର ମଠସାହିସ୍ଥିତ ମା'କନକ ଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ଅବସରରେ ମା'ଙ୍କ କାତ୍ୟାୟନୀ ବେଶ।

# ୨ ସପ୍ତାହ ପରେ ବି ପୋଲିସର ହାତ ଖାଲି

**ଘର ତାଲା ଭାଙ୍ଗି ସୁନା, ଟଙ୍କା ଚୋରି ଘଟଣା**



ଦେବଗଡ଼,୮।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ସଂହଶାଳ ଗ୍ରାମରେ ସ୍ୱଷ୍ଟ ଦିବାଲୋକରେ ତାଲା ଘର ତାଲା ଭାଙ୍ଗି ୨୦୦ ଗ୍ରାମ ସୁନା ଅଳଙ୍କାର ଓ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଚୋରି ଘଟଣାକୁ ଇତିମଧ୍ୟରେ ୧୪ ଦିନ ବିତିଯାଇଛି। ହେଲେ ବାରକୋଟ ପୋଲିସ ଚୋରଙ୍କୁ ଧରିବାରେ ସଫଳ ହୋଇ ନ ଥିବାରୁ ଗୃହକର୍ତ୍ତା ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ପୋଲିସର ସାଧୁତା ଏବଂ କାର୍ଯ୍ୟଦକ୍ଷତା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ପୋଲିସ ଚୋରଙ୍କୁ ଚିହ୍ନଟ କରି ସାରିଥିଲେ ହେଁ ସେମାନଙ୍କ ପ୍ରତି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଭାବଶାଳୀ ଗୋଷ୍ଠୀର ସମର୍ଥନ ରହିଥିବାରୁ ଧରିବାକୁ ଭୟ କରୁଥିବା ସାଧାରଣରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୨୪ରେ ବାରକୋଟ ଥାନା ସିଂହଶାଳ ଗ୍ରାମର କ୍ଷେତ୍ରବାସୀ ଦଳବେହେରା ଓ ପରିବାର ଲୋକଙ୍କ ଅନୁପସ୍ଥିତିରେ ଦୁର୍ବୃତ୍ତ ସ୍ୱଷ୍ଟ ଦିବାଲୋକରେ ଘର ତାଲା ଭାଙ୍ଗି ନଗଦ ଟଙ୍କା ଓ ୨୦୦ ଗ୍ରାମ ସୁନା ଅଳଙ୍କାର ସହ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଚୋରି କରି ନେଇଥିଲେ। ଏ ନେଇ କ୍ଷେତ୍ରବାସୀ ବାରକୋଟ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଚୋରି ସନ୍ଦେହରେ ଜଣେ ନାବାଳକଙ୍କ ସମେତ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ସହ ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାର ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ଥାନାରେ ଅଟକ ଥିବା ୨ ସନ୍ଦିଗ୍ଧଙ୍କ ଘରେ ମଧ୍ୟ ସନ୍ଧାନୀ କୁକୁର ପଶିଥିଲା। ଫଳରେ ଚୋରମାନେ ଧରା ପଡିବାସହ ଚୋରି ଟଙ୍କା ଓ ସୁନା ଅଳଙ୍କାର ସବୁ ଫେରିପାଇବା ନେଇ କ୍ଷେତ୍ରଙ୍କ ପରିବାର ଲୋକେ ଆଶା ବାନ୍ଧିଥିଲେ। ମାତ୍ର ପୋଲିସ ସନ୍ଦିଗ୍ଧମାନଙ୍କୁ ଛାଡି ଦେଇଥିବା ବେଳେ ଇତିମଧ୍ୟରେ ଘଟଣାର ୨ ସପ୍ତାହ ପରେ ବି କାହାରିଙ୍କୁ ଗିରଫ କରିପାରିନାହିଁ। ଏପରି କି କ୍ଷେତ୍ରବାସୀ ଗତ ୪ ତାରିଖରେ ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ରଙ୍କ ଦ୍ୱାରସ୍ଥ ହୋଇ ଚୋରମାନଙ୍କୁ ଗିରଫ କରିବାକୁ ନିବେଦନ କରିଥିଲେ। ହେଲେ ପୋଲିସ ଅଦ୍ୟାବଧି କାହାରିଙ୍କୁ ଗିରଫ କରି ପାରିନାହିଁ। ପୋଲିସର ଏଭଳି ନିଷ୍କ୍ରୀୟତା ଯୋଗୁ ଅପରାଧିମାନେ ଧରା ପଡୁ ନ ଥିବା ସାଧାରଣରେ ଆଲୋଚନା ହେଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, କେତେକ ନିର୍ଦ୍ଦିଷ୍ଟ ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ନିଷ୍କ୍ରିୟତା ଓ ଦୁର୍ନୀତି ଖୋର ମନୋଭାବ ଯୋଗୁ କିଛି ମାସ ହେଲା ବାରକୋଟ ଥାନାଞ୍ଚଳରେ ଚୋରି, ଡକାୟତି, ବଳାତ୍କାର ଓ ମାଡପିଟ ସମେତ ବେଆଇନ ମଦ ଓ ଗଞ୍ଜେଇ ଭଳି ମାଦକ ଦ୍ରବ୍ୟ କାରବାର, କୁକୁଡା ଲଢେଇ ଓ ଜୁଆ ଆଡ୍ଡା ଭଳି ବେଆଇନ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାକୁ ଗମ୍ଭୀରତାର ସହ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ବାରକୋଟ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇନାହିଁ।

# ୨୦୨୪-୨୫ ଖରିଫ ବିପଣନ ଋତୁ ନିମନ୍ତେ ଧାନ କ୍ରୟର ପ୍ରସ୍ତୁତି



ଖରିଫ ବିପଣନ ଋତୁ ନିମନ୍ତେ ଧାନ କ୍ରୟ ନେଇ ଆଲୋଚନା କରାଯାଉଛି।

ଦେବଗଡ଼,୮।୧୦(ଶଶାଙ୍କ ଶେଖର ଝାଙ୍କର)

ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ୨୦୨୪-୨୫ ଖରିଫ ବିପଣଣ ଋତୁ ନିମନ୍ତେ ଧାନ କ୍ରୟର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ଯୋଗାଣ ଅଧିକାରୀ ରଞ୍ଜନକୁମାର ପଣ୍ଡା ୨୦୨୪-୨୫ ଖରିଫ ବିପଣଣ ଋତୁ ନିମନ୍ତେ ଧାନ କ୍ରୟ କିପରି କରାଯାଇ ପାରିବ ସେହି ପ୍ରସ୍ତୁତି ବିବରଣୀ ଉପରେ ଆଲୋକପାତ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, ତିନି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ, ମୁଖ୍ୟ ଜିଲା କୃଷି ଅଧିକାରୀ, ଉପନିବନ୍ଧକ ସମବାୟ ସମିତି ଓ ଯୋଗାଣ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାମଲୀଳା, ରାବଣ ପୋଡ଼ି ମୁଖ୍ୟ ଆକର୍ଷଣ

**୫୧ବର୍ଷରେ ପଡିଆବାହାଲ ଶାରଦୀୟ ଦୁର୍ଗାପୂଜା**

ପଡିଆବାହାଲ,୮।୧୦(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ ପଡିଆବାହାଲରେ ୫୧ତମ ଦୁର୍ଗାପୂଜା ପ୍ରସ୍ତୁତି ଚାଲିଛି। ନୂତନ ଯୁବ କମିଟି ପୂଜାକୁ ସରସ ସୁନ୍ଦର କରିବାକୁ ଯୋଜନା କରିଛି। ୯ ତାରିଖରୁ ୧୩ ତାରିଖ ଯାଏ କୃଷକ ମେଳା, ବିଲ୍ୱବରଣ ଓ କଳସ ବୁଡ଼ାରୁ ପୂଜା ଆରମ୍ଭ ହେବ। ରାମଲୀଳା ସାଙ୍ଗକୁ ରାବଣ ପୋଡ଼ି, ଆତସବାଜି ଏବର୍ଷର ପ୍ରମୁଖ ଆକର୍ଷଣ। ଏହା ସାଙ୍ଗକୁ ରାବଣ ଦରବାର, ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ, ମହିଳା ସଂକୀର୍ତ୍ତନ, ନବପ୍ରତିଭାଙ୍କ ନୃତ୍ୟ ପ୍ରତିଯୋଗିତା ହେବ। ୧୪ ତାରିଖ ସନ୍ଧ୍ୟାରେ ବିସର୍ଜନ ଶୋଭାଯାତ୍ରା ହେବ ବୋଲି ପୂଜା କମିଟି ତରଫରୁ ସୂଚନା ଦିଆଯାଇଛି। ପଡିଆବାହାଲ, ପଧାନପାଲି, ବଡ଼ ଟୁରାଙ୍ଗ, ଖଲିଆପାଲି ପ୍ରଭୃତି ଗ୍ରାମକୁ ନେଇ ମୁକ୍ତାକାଶ ରାମଲୀଳା ପ୍ରଦର୍ଶନ ହେବ। କୃଷକ ମେଳାରେ ନାନା କୃଷି ଯନ୍ତ୍ରପାତି, ସହିତ ଚାଷ ସମ୍ବନ୍ଧୀୟ ଆଲୋଚନା, ପ୍ରଦର୍ଶନୀ ଆଦି ହେବାର କାର୍ଯ୍ୟକ୍ରମ ରହିଛି। ପୂଜା କମିଟି ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସମ୍ପାଦକ ଦେବାନନ୍ଦ ଭୁସାଗର, ସହ ସମ୍ପାଦକ ପ୍ରବୀଣ କୁମାର ସୁପକାର, ବାଦଲ ମହାପାତ୍ର, ଅଶୋକ ରାୟ ପ୍ରମୁଖ ୧୦ଜଣଙ୍କୁ ନେଇ କାର୍ଯ୍ୟକାରୀ କମିଟି ଗଠିତ ହୋଇଛି। ଏହା ସାଙ୍ଗକୁ ବରିଷ୍ଠ ଓ ପୂର୍ବତନ କର୍ମକର୍ତ୍ତା ପ୍ରାୟ ୨୫ ଜଣଙ୍କୁ ନେଇ ଏକ ଉପଦେଷ୍ଟା କମିଟି କାର୍ଯ୍ୟ ତୁଲାଉଛନ୍ତି। ତୋରଣ ଏବଂ ପ୍ରତିମା ପ୍ରସ୍ତୁତି କାମ ଆଗେଇ ଚାଲିଛି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



ସୁରଭି କାର୍ଯ୍ୟକ୍ରମରେ ଜଣେ ଛାତ୍ରୀ ବକ୍ତବ୍ୟ ରଖୁଛନ୍ତି ଏବଂ ମଞ୍ଚାସୀନ ଅତିଥି।

ଦେବଗଡ଼,୮।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଟାପାଲି ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଣ୍ଟାପାଲି କ୍ଲଷ୍ଟରର ସିଆର୍‌ସିସି ପ୍ରଦୀପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଦନ ମୋହନ ପ୍ରଧାନ ଓ ମଖ୍ୟବକ୍ତା ଭାବେ କଣ୍ଟାପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିମନ୍ୟୁ ନନ୍ଦ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସହକାରୀ ଶିକ୍ଷକ ଚନ୍ଦ୍ରକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟାପାଲି କ୍ଲଷ୍ଟର ଅଧୀନ ୯ଟି ବିଦ୍ୟାଳୟର ୧୦୦ଜଣ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନ୍ୟ ପ୍ରତିଯୋଗୀମାନଙ୍କୁ ମଧ୍ୟ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ବୁଟିଆ କିଷାନ, ଗଣେଶ ଚନ୍ଦ୍ର ପତି, ହିମାଦ୍ରୀ କିଷାନ, ପଙ୍କଜିନୀ ନାଏକ, ବିଜୟ କୁମାର ପୃଷ୍ଟି, ଟୁନାଚନ୍ଦ୍ର ପ୍ରଧାନ, ନିରାକାର ସାହୁ, କମଳିନୀ ପ୍ରଧାନ, ମମତା କିଷାନ ଓ କାର୍ତ୍ତୀକ ବେହେରାଙ୍କ ସମେତ କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଗାଇଡ ଶିକ୍ଷକମାନେ ସକ୍ରୀୟ ଭାବେ ସହଯୋଗ କରିଥିଲେ।

## ରେଙ୍ଗାଲି ବନ୍ଧ ଜଳଭଣ୍ଡାରରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

ଦେବଗଡ଼,୮।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ କୁଲସରା ଗ୍ରାମ ନିକଟସ୍ଥ ରେଙ୍ଗାଲି ବନ୍ଧ ଜଳଭଣ୍ଡାର (ବ୍ରାହ୍ମଣୀ ନଦୀ)କୂଳରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ସୁନ୍ଦରଗଡ ଜିଲା ଟିକାୟତପାଲି ଥାନାଞ୍ଚଳର ଅଚ୍ୟୁତ ପ୍ରଧାନଙ୍କ ପୁଅ ଦିବାକର ପ୍ରଧାନ(୪୪)କିଛି ବର୍ଷ ହେଲା ଦେବଗଡ ଜିଲା ବାରକୋଟ ଥାନାଞ୍ଚଳର କୁଲସରା ଗ୍ରାମରେ ଶ୍ୱଶୁର ଘରେ) ସପରିବାର ରହୁଥିଲେ। ଦିବାକର ସୋମବାର ମଧ୍ୟାହ୍ନରେ କ୍ଷର ହେବାକୁ ଯାଉଛନ୍ତି କହି ଘରୁ ବାହାରିଥିବା ବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜି ନ ପାଇବାରୁ ଶେଷରେ ରେଙ୍ଗାଲି ବନ୍ଧ ଜଳଭଣ୍ଡାର ଡକରେ ଖୋଜଖୋଜି କରିଥିଲେ। ଏହି ସମୟରେ ଜଳଭଣ୍ଡାର କଡରେ ଦିବାକରଙ୍କ ଗାମୁଛା ଏବଂ ଚପଲ ପଡିଥିବା ଦେଖିବାକୁ ପାଇଥିଲେ। ଫଳରେ ସେମାନେ ଦିବାକର ବୁଡି ଯାଇଥିବା ଆଶଙ୍କା କରି ପାଣି ଭିତରେ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ମଙ୍ଗଳବାର ମଧ୍ୟାହ୍ନରେ ଦିବାକରଙ୍କ ମୃତଦେହ ଜଳଭଣ୍ଡାର କୂଳରେ ଭାଶୁଥିବା ଦେଖିବାକୁ ପାଇ ଉଦ୍ଧାର କରି ବାରକୋଟ ଥାନା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

## କାଠଗଣ୍ଡି ବୋଝେଇ ଟ୍ରାକ୍ଟର ଜବତ: ଜଣେ ଗିରଫ

ଦେବଗଡ଼,୮।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ ରେଙ୍ଗାଲବେଡା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଭାଲିଆଡିହି ଗ୍ରାମରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମୋଟ ୯୭ଖଣ୍ଡ ମୂଲ୍ୟବାନ କାଠଗଣ୍ଡି ସହିତ ଚୋରା ଚାଲାଣରେ ବ୍ୟବହୃତ ଏକ ଟ୍ରାକ୍ଟର ଜବତ କରାଯାଇଛି। ଏଥିସହ ଉକ୍ତ ଗ୍ରାମର ଶ୍ରୀବତ୍ସ ପ୍ରଧାନଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ପୂର୍ବାହ୍ନରେ ଭାଲିଆଡିହୀ ଗ୍ରାମରୁ ଏକ ଟ୍ରାକ୍ଟର ଯୋଗେ ବିପୁଳ ପରିମାଣର କାଠଗଣ୍ଡି ଚୋରା ଚାଲାଣ ହେଉଥିବା କୌଣସି ସୂତ୍ରରୁ ସୂଚନା ମିଳିଥିଲା। ଏହାପରେ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ ପରେଷ୍ଟର ପ୍ରଦୀପ କୁମାର ଶତପଥି, ଫରେଷ୍ଟ ଗାର୍ଡ ଓ ବିଭାଗୀୟ କର୍ମଚାରୀମାନେ ସେଠାରେ ଅତର୍କୀତ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଉପରୋକ୍ତ କାଠଗଣ୍ଡି ବୋଝେଇ ଟ୍ରାକ୍ଟର(ନଂ.ଓଡି୨୮-୦୧୮୩) ବାଲିଆଡିହୀ ଗ୍ରାମର ଶ୍ରୀବତ୍ସ ପ୍ରଧାନଙ୍କ ଘର ପରିସରରେ ରହିଥିବା ଦେଖି ତାକୁ ଜବତ କରିବା ସହ ରେଙ୍ଗାଲବେଡା ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟକୁ ଆଣିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଶ୍ରୀବତ୍ସଙ୍କୁ ମଧ୍ୟ ଗିରଫ କରିଥିଲା।

# ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ



ଦେବଗଡ଼,୮।୧୦(ଶଶାଙ୍କ ଶେଖର ଝାଙ୍କର)

ବନ ବିଭାଗ ପକ୍ଷରୁ ବନ ବିଭାଗ ସମ୍ମିଳନୀ କକ୍ଷରେ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଇଛି। ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର ଯୋଗଦେଇ ଜିଲାରେ ବିଭିନ୍ନ ଜୀବଜନ୍ତୁମାନଙ୍କ ସୁରକ୍ଷା ନିମନ୍ତେ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯିବା ଉପରେ ଆଲୋକପାତ କରିଥିଲେ। ବୈଠକରେ ଓ ବନ୍ୟ ଉନ୍ନୟନ ନିଗମର ମ୍ୟାନେଜର ଟଙ୍କଧର ବେହେରା, ବନ୍ୟ ସୁରକ୍ଷା ବାରକୋଟ ଲଳିତ ମୋହନ ସାହୁ, ଏସି ଏଫ ଅରୁଣ କୁମାର ବେହେରା, ବନାଞ୍ଚଳ ଅଧିକାରୀ, ଗଜସାଥୀ, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ବନ୍ୟ ସଂରକ୍ଷକ ସ୍ୱାଧୀନତା ସାହାଣୀ ପାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଷଣ୍ଢ ସହିତ ପିଟିହୋଇ ୨ ବାଇକ୍ ଆରୋହୀ ଆହତ







ଦେବଗଡ଼,୮।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳର ହୋଟେଲ ରାହୁଲ ରେସିଡେନ୍ସି ନିକଟରେ ପୁରୁଣା ୪୯ ନମ୍ବର ଜାତୀୟ ରାଜପଥରେ ଏକ ବାଇକ ଦୁର୍ଘଟଣାରେ ୨ଜଣ ଯୁବକ ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଦେବଗଡ ପୌରାଞ୍ଚଳ ୧୦ ନମ୍ବର ୱାର୍ଡ ରଜାମୁଣ୍ଡାର ଦୀପକ ଦେହୁରୀ(୧୯) ଓ ତାଙ୍କ ଘରକୁ କୁଣିଆ ଆସିଥିବା ବାରକୋଟ ଥାନା ଦଣ୍ଡାସିଂହା ଗ୍ରାମର ଅଲେଖ ସାହୁ(୨୬) ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ୪୫ ମିନିଟ ସମୟରେ ଏକ ବାଇକ୍ (ନଂ.ଓଡି ୨୮ବି-୦୮୦୮) ଯୋଗେ ରଜାମୁଣ୍ଡାରୁ ଦେବଗଡ ବଜାରକୁ ଆସୁଥିଲେ। ପୁରୁଣା ୪୯ ନମ୍ବର ଜାତୀୟ ରାଜପଥରେ ଏକ ଷଣ୍ଢ ସେମାନଙ୍କ ସମ୍ମୁଖକୁ ହଠାତ ଦୌଡି ଆସିବାରୁ ସେମାନେ ଷଣ୍ଢ ସହିତ ଧକ୍କା ହୋଇ ରାସ୍ତା ଉପରକୁ ଛିଟିକି ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦୀପକଙ୍କ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଦେବଗଡ ଆଦର୍ଶ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଦଣ୍ଡାସିଂହାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଦେବଗଡ଼,୮।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ଦଣ୍ଡାସିଂହା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦଣ୍ଡାସିଂହା କ୍ଲଷ୍ଟରର ସିଆର୍‌ସିସି ସୁରେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନ ଓ ଡୋଳାମଣି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମଖ୍ୟଅତିଥି ଭାବେ ଦଣ୍ଡାସିଂହା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟଙ୍କଧର ସାହୁ, ସମ୍ମାନିତ ଅତିଥି ଭାବେ କୁସୁମାଞ୍ଜଳୀ ବେହେରା ଓ ହେଲେନ ସ୍ୱାଇଁ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଣ୍ଡାସିଂହା କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନ୍ୟ ପ୍ରତିଯୋଗୀମାନଙ୍କୁ ମଧ୍ୟ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଦୁଷ୍ମନ୍ତ କୁମାର ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଲକ୍ଷ୍ମଣ କୁମାର ବେହେରା କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଶେଷରେ ଭୀମସେନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ଟିକେଶ୍ୱର ଜେନା, ତିଲୋତ୍ତମା ପ୍ରଧାନ, ଶୈବାରଣୀ ପାତ୍ର, ଜମୁନା ସାହୁ, କଲ୍ୟାଣୀ ସାହୁ, ସଞ୍ଜୀବ ବିଶ୍ୱାଳ, ଗୁରୁଚରଣ ପ୍ରଧାନ ଓ ଲିଲିମା ବେହେରାଙ୍କ ସମେତ ସମ୍ପୃକ୍ତ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଗାଇଡ ଶିକ୍ଷକମାନେ ସହଯୋଗ କରିଥିଲେ।



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଅନ୍ତର୍ନିହିତ ଗୁଣାବଳୀ ବିକାଶର ସୁରଭି ଏକ ମାଧ୍ୟମ

**ଗୁରୁସଙ୍ଗରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି**



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ଦେବଗଡ଼,୮।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଗୁରୁସଙ୍ଗ କ୍ଲଷ୍ଟର ପକ୍ଷରୁ ମଙ୍ଗଳବାର ନୀଳାଚଳ ଉଚ୍ଚ ବିଦ୍ୟାଳୟ ଠିଆନାଳ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି କୁମୁଦବନ୍ଧୁ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରକୋଟ ଗୋଷ୍ଠୀ ଚିକିତ୍ସାଳୟ ଡା ଅନ୍ତର୍ଯ୍ୟାମୀ ଦଳବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବଳରାମ ସାହୁ ଓ ସମ୍ମାନିତ ଅତିଥି ଭାବେ ମାଦଳିଆ ସିଆର୍‌ସିସି ଅଜୟ କୁମାର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀ ବିକାଶର ସୁରଭି ଏକ ମାଧ୍ୟମ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ମହନ୍ତ ସଭାର ସଂଯୋଜନା କରିଥିବା ବେଳେ ଶିକ୍ଷକ ବାବୁଲି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ କ୍ଲଷ୍ଟର ଅଧୀନସ୍ଥ ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଙ୍ଗୀତ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ତର୍କ, ସାଧାରଣଜ୍ଞାନ, ସୁନ୍ଦର ହସ୍ତାକ୍ଷର, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ନିପୁଣ ଓଡିଶା କାର୍ଯ୍ୟକ୍ରମରେ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ପୁଲସ୍ତି ସାହୁ, ଗଦାଧର ସାହୁ, ବୀରଭଦ୍ର ସାହୁ, ଅଜୟ କୁମାର ସାହୁ, ଝୁଲେଶ୍ୱର ବେହେରା, ସନାତନ ବେହେରା, ରମେଶ ଚନ୍ଦ୍ର ବେହେରା, ଝସକେତନ ସାହୁ, ଯୋଗିନାଥ ସାହୁ, ଦିଲୀପ କୁମାର ଗଡ଼ନାୟକ, ସଞ୍ଜୟ କୁମାର ଖଟୁଆ ଶିକ୍ଷୟିତ୍ରୀ ବାଲି ବେହେରା, ମୋହିନୀ ପ୍ରଧାନ, ମୋହିନୀ ସାହୁ, କୌଶଲ୍ୟା ନାଏକ, ଡଲି କୈବର୍ତ୍ତ, ସୁଷମା ସାହୁ, ସରୋଜିନୀ ସେଠୀ, ବିଦ୍ୟୁତ୍ ପ୍ରଭା ସ୍ୱାଇଁ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୯/୨୦୨୪ Bhubaneswar, Wednesday, October 9/ 2024

# ହାଇଦ୍ରାବାଦ-ସୁପର ଷ୍ଟାର୍ସ ମ୍ୟାଚ ଆଜି

**ଶ୍ରୀନଗର, ୮।୧୦**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟରେ ବୁଧବାର ଟୋୟମ ହାଇଦ୍ରାବାଦ ଓ ସଦର୍ନ ସୁପର ଷ୍ଟାର୍ସ ମଧ୍ୟରେ ମୁକାବିଲା ହେବ। ସୁପର ଷ୍ଟାର୍ସ ଦଳ ୬ ମ୍ୟାଚରୁ ୫ ବିଜୟ ସହ ୧୦ ପଏଣ୍ଟ ପାଇ ପ୍ଲେ-ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛି। ତେଣୁ ଆସନ୍ତା ମ୍ୟାଚ ଏହି ଦଳପାଇଁ ବିଶେଷ ଗୁରୁତ୍ୱ ବହନ କରୁନାହିଁ। ତେବେ ନିଜର ଶେଷ ଲିଗ୍ ମ୍ୟାଚ ହୋଇଥିବାରୁ ସୁପର ଷ୍ଟାର୍ସ ବିଜୟ ମୋମେଣ୍ଟମ ସହ ପ୍ଲେ ଅଫ୍ ଖେଳିବାକୁ ନିଶ୍ଚିତ ପସନ୍ଦ କରିବ। ଅନ୍ୟପକ୍ଷରେ ହାଇଦ୍ରାବାଦ ଦଳ ୬ ମ୍ୟାଚରୁ ୨ଟିରେ ବିଜୟ ଓ ୩ଟିରେ ପରାଜୟ ବରଣ କରିଥିବାବେଳେ ଗୋଟିଏ ମ୍ୟାଚ ଫଳାଫଳ ବିହିନ ରହିଛି। ଏହି ଦଳ ୫ ପଏଣ୍ଟ ସହିତ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ତେଣୁ ଆଗାମୀ ମ୍ୟାଚ ଏହି ଦଳପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଶୀର୍ଷ ୪ ଦଳ ମଧ୍ୟରେ ସ୍ଥାନ ବଜାୟ ରଖିବାକୁ ହେଲେ ଦଳକୁ ବିଜୟ ଲକ୍ଷ୍ୟରେ ଖେଳିବାକୁ ହେବ। ସଦର୍ନ ହାଇଦ୍ରାବାଦ ଏହାର ପ୍ରଥମ ୨ଟି ମ୍ୟାଚ ଯଥାକ୍ରମେ ଇଣ୍ଡିଆ କ୍ୟାପିଟାଲ୍ସଠାରୁ ୧ ରନରେ




ଏବଂ ଗୁଜରାଟ ଗ୍ରେଟ୍ସଠାରୁ ୮ ଉଇକେଟରେ ହାରିବାପରେ ଗୁଜରାଟ ଗ୍ରେଟ୍ସ ବିପକ୍ଷ ତୃତୀୟ ମ୍ୟାଚ ବର୍ଷାରେ ଧୋଇ ଯାଇଥିଲା। କେବଳ ସେତିକି ନୁହେଁ ମଣିପାଲ ଟାଇଗର୍ସ ବିପକ୍ଷରେ ଖେଳିଥିବା ୪ର୍ଥ ମ୍ୟାଚ ଟାଇ ହୋଇ ଯାଇଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ସୁପର ଓଭରର ସହାୟତା ନିଆ ଯାଇଥିବାବେଳେ ଏଥିରେ ଟାଇଗର୍ସ ବିଜୟୀ ହୋଇଥିଲା। ମାତ୍ର ଏହାପରେ ଦଳ କ୍ରମାଗତ ୨ ମ୍ୟାଚ ଜିତିବାରେ ସକ୍ଷମ ହୋଇଛି ହାଇଦ୍ରାବାଦ। ଲିଗ୍ ପଏଣ୍ଟ ଟେବୁଲର ଶୀର୍ଷ ଦୁଇ ଦଳ ମଧ୍ୟରେ କ୍ୱାଲିଫାୟର-୧ ଚଳିତ ମାସ ୧୨ ତାରିଖରେ ଅନୁଷ୍ଠିତ ହେବ। ତୃତୀୟ ଓ ୪ର୍ଥ ସ୍ଥାନୀୟ ଦଳ ମଧ୍ୟରେ ଏଲିମିନେଟର ୧୩ ତାରିଖରେ ଖେଳାଯିବ। ୧୫ ତାରିଖରେ କ୍ୱାଲିଫାୟର-୧ ପରାଜିତ ଦଳ ଓ ଏଲିମିନେଟରର ବିଜେତା ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟର ଖେଳାଯିବ। କ୍ୱାଲିଫାୟର-୧ ଓ ୨ର ବିଜେତା ମଧ୍ୟରେ ଫାଇନାଲ ୧୭ ତାରିଖରେ ଶ୍ରୀନଗରର ବକ୍ସି ଷ୍ଟାଡିୟମରେ ଅନୁଷ୍ଠିତ ହେବ।

# ସାହାଣୀ କପ୍: ବରଗଡ଼ ଚାମ୍ପିୟନ



ଅତିଥିଙ୍କ ଗହଣରେ ସାହାଣୀ କପ୍ ଫୁଟ୍‌ବଲ୍ ଚାମ୍ପିୟନ ବରଗଡ଼ ଦଳ ।

**ସୁନ୍ଦରଗଡ, ୮।୧୦**
**(ଜୟ ନାରାୟଣ ମେଣ୍ଟୁଳି)**

ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଜିଲା କ୍ରୀଡା ସଂସଦ ଷ୍ଟାଡିୟମରେ ୬୩ତମ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଚମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପଞ୍ଚାୟତ ରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର,ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ,ଓଡିଶା କ୍ରିକେଟ ଆସୋସିଏଶନର ସମ୍ପାଦକ ସଞ୍ଜୟ ବେହେରା, ଫାଓର ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ଭଦ୍ରକ ଜିଲା ସାଧାରଣ ସମ୍ପାଦକ ଧୀରେନ ପଲେଇ, ଫାଓର ଉପସଭାପତି ରବିନାରାୟଣ ପଣ୍ଡା, ଓଡିଶା ଅଲମ୍ପିକ୍ସ ଆସୋସିଏଶନର ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନଯୋଗ ଦେଇଥିଲେ। ୨ୟ ଫାଇନାଲ ମ୍ୟାଚ ବରଗଡ ଓ ମୟୂରଭଞ୍ଜ ମଧ୍ୟରେ ହୋଇଥିଲା। ଏଥିରେ ବରଗଡ଼ ୩-୧ଗୋଲରେ ବିଜୟୀ ହୋଇ ଲଗାତର ୧ମ ଓ ୨ୟ ଫାଇନାଲରେ ବିଜେତା ଭାବେ ଚାମ୍ପିୟନ ହୋଇଛି। ବିଜୟୀ ଦଳକୁ ଏକ ଲକ୍ଷ ଟଙ୍କା ଓ ଉପବିଜେତା ଦଳକୁ ୫୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ବରଗଡ଼ର ବିବେକ ବାଗ୍‌ଙ୍କୁ 'ମ୍ୟାନ ଅଫ ଦ ଫାଇନାଲ' ଏବଂ ଜିତୁ ମୁଦୁଲିଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ୧୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି।







Finance Partners: TVS CREDIT, L&T Finance, SHRIRAM Finance, IDFC FIRST Bank, HDB FINANCIAL SERVICES

#Ex-showroom price of TVS Sport ES variant in Odissa. Prices are subject to change without any prior notice. **Finance at the sole discretion of the financier. Downpayment calculated on on-road price of Odissa base variant. <₹7500 cashback upto 5% of swipe amount on HDFC credit card EMI. >Applicable on low interest rate scheme by TVS CS at their discretion. T&C apply.

TVS 5 YEAR WARRANTY^

FOR ALL BULK/INSTITUTIONAL REQUIREMENTS PLEASE MAIL: corporate.customersupport@tvsmotor.com Authorised Main Dealers: SAMBALPUR: KISHORE TVS: 9778371171, BOLANGIR: RAJALAXMI TVS: 8260437538, BARGARH: SHUBHAMM TVS: 8860625628, ROURKELA: UNIQUE TVS: 8114372182, 8114372181, GURU GOBIND TVS: 9776280701, JHARSUGUDA: MARUTI TVS: 9124590071, 9124590070, SONEPUR: MINERVA TVS: 6370700730, 6370700732, BHAWANIPATNA: RAAJ RAJESWARI TVS: 7682809880; JUNAGARH: MAA BANJARI TVS: 9437939586, 7978323005. Authorised Dealers: BRAJRAJNAGAR:9937077883, DEOGARH:9437392892, MODIPARA: 9337016000, BAMRA:9668005302 KUCHINDA:9777189689, KANTAPALI:9437096134, DHAMA:7735079641, RAIRAKHOL:9937503010 PATNAGARH:9938621078, RAJ KHARIAR:9439144433, KANTABANJI: 8596980487, GAISILAT:7683848645 SAINTALA:9861471371, BANGAMUNDA:9937526500, TUSURA:9437890955, UDANBANDH:9437626855 LATHOR:7008086417, TITILAGARH:9776516666, BELPARA:7008771977, BELPAHAR: 8249880971 NUAPARA:9938098888, BARAGARH:9938739550, ATTABIRA:9583558398, PAIKAMAL:9938119999 BHEDEN:7008822177, GODBAGHA:9438043220, DIPTIPUR:9937119913, PADAMPUR: 8018570957 JAGADALPUR:7974013864, AGALPUR:8658048760, LAIKERA:9938465363, BAGDEHI:9438736989 RAJGANGPUR:9437172724, KUTRA:6370578102, BONAI:9124187787, BADGAON: 9937060901 SABDEGA: 9583907310, SUNDARGARH: 7008604840, JALDA: 9437555007, DUNGRIPALLY: 9937926986 KANTAMAL: 7008225996, BIRMAHARAJPUR: 8018860710, BOUDH: 9668507569, BAUNSUNI: 9938312281 NARLA: 9437707650, KESINGA: 9437625573, CHARBAHAL: 9178236679, M. RAMPUR: 9078855864, SINAPALI: 9937906526 LADUGAON: 8594857691, DHARAMGARH: 9938883405, KALAMPUR: 7008516495.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ